# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୭/୨୦୧୯ (୧୬ ପୃଷ୍ଠା) | Sambalpur, Monday, January 7/ 2019 | ★★

୧୫ଶ ଭାଗ ୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରହମନଙ୍କୁ ୫୨**

ଓସ୍କାର ଏବଂ ଗ୍ରାମୀ ପୁରସ୍କାର ବିଜେତା ସୁନାମଧନ୍ୟ ସ୍ୱର ସଂଯୋଜକ ଏବଂ ଗାୟକ ଏ. ଆର୍. ରହମନ ରବିବାର ୫୨ ବର୍ଷରେ ପଦାର୍ପଣ କରିଛନ୍ତି।

**୦୫ ୧୫**

**କୁଲଦୀପଙ୍କୁ ୫ ଉଇକେଟ ସଫଳତା**

କୁଲଦୀପ ଯାଦବଙ୍କ ୫ଉଇକେଟ ସଫଳତା ବଳରେ ଭାରତ ସିଡ୍‌ନୀରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି।





ଆବୁଧାବି: ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥାଇଲାଣ୍ଡ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର ପରେ ସୁନୀଲ ଛେତ୍ରୀଙ୍କୁ ସାଥି ଖେଳାଳିଙ୍କ ବଧେଇ। ଏହି ମ୍ୟାଚରେ ଭାରତ ୪-୧ ଗୋଲରେ ବିଜୟ ଲାଭ କରିଛି। **(ରିପୋର୍ଟ ଖେଳ ପୃଷ୍ଠା)**

## ବିବାଦୀୟ ମନ୍ତବ୍ୟ କାଳ

# ମନ୍ତ୍ରୀ ପଦରୁ ମହାରଥୀଙ୍କ ଇସ୍ତଫା

ଭୁବନେଶ୍ୱର,୬।୧(ବ୍ୟୁରୋ)

ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚନାର ଶିକାର ହୋଇଥିବା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଶେଷରେ ରବିବାର ନିଜ ମନ୍ତ୍ରୀପଦରୁ ଇସ୍ତଫା ଦେଇଛନ୍ତି। ମହାରଥୀଙ୍କ ଇସ୍ତଫା ଦାବିରେ ଭାଜପା ଓ କଂଗ୍ରେସ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ, ବିକ୍ଷୋଭ ଜାରି ରଖିଥିଲେ। ଏପରି କି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତ ସମୟରେ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ମହାରଥୀ ମନ୍ତ୍ରୀପଦରୁ ହଟିଛନ୍ତି। ମହାରଥୀଙ୍କ ଇସ୍ତଫାପତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିବା ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇଛନ୍ତି। ମହାରଥୀ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିଲେ।

ଗତ ଡିସେମ୍ବର ୨୪ରେ ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲାଜଜ୍ ମାମଲାର ରାୟ ପ୍ରକାଶ କରିଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ସୁକାନ୍ତ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏହାର ଦିନକ ପରେ ମନ୍ତ୍ରୀ ମହାରଥୀ 'ସତ୍ୟର ଜୟ' ହୋଇଛି ଓ ପୀଡ଼ିତା ନ୍ୟାୟ ପାଇଛନ୍ତି ବୋଲି ମହାରଥୀ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ପୀଡ଼ିତାଙ୍କ ପରିବାର, କଂଗ୍ରେସ, ଭାଜପା ଏବଂ ଅନ୍ୟାନ୍ୟ ଗଣସଙ୍ଗଠନ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମହିଳା କଂଗ୍ରେସ ଓ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବ୍ୟାପକ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା, ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ସହ ଅଣ୍ଡା, ଟମାଟୋ ମାଡ଼ କରାଯାଇଥିଲା। ଏପରି କି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରିବାକୁ ଚେଷ୍ଟା କରାଯାଇଥିଲା। ଏହାପରେ ମହାରଥୀ ନିଜ ମନ୍ତବ୍ୟ ପାଇଁ କ୍ଷମାପ୍ରାର୍ଥନା କରିଥିଲେ। ମାତ୍ର ଭାଜପା ଓ କଂଗ୍ରେସ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ଆନ୍ଦୋଳନ ଜାରି ରଖିଥିଲେ। ଧୀରେ ଧୀରେ ମହାରଥୀଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଶନିବାର ବାରିପଦାର ସ୍ୱାଭିମାନ ସମାବେଶରେ ମୋଦି ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ନୀତିକୁ ସମାଲୋଚନା କରି ପିପିଲି ଗଣବଳାତ୍କାର ☞ପୃଷ୍ଠା-୪

### ପିପିଲି ଗଣବଳାତ୍କାର ମାମଲା

- କୃଷକ ସମାବେଶ ପୂର୍ବରୁ ମନ୍ତ୍ରୀପଦ ଗଲା
- ବହିଷ୍କାର ଦାବିରେ ଅଟଳ ଥିଲେ ଭାଜପା, କଂଗ୍ରେସ
- ଦିନକ ପୂର୍ବରୁ ମୋଦି କରିଥିଲେ ସମାଲୋଚନା
- ଗୋଟିଏ ଘଟଣାରେ ଦୁଇଥର ଇସ୍ତଫା



### ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ଦେଇଛି: ମହାରଥୀ

ଚାପରେ ନୁହେଁ, ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ଦେଇଛି। କୌଣସି ପରିସ୍ଥିତିରେ ଦଳ ଉପରେ ଚାପ ପଡୁ, ଏ କଥା ଚାହେଁନାହିଁ ବୋଲି ବିଦାୟୀ କ୍ୟାବିନେଟ୍ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ରବିବାର ଇସ୍ତଫା ଦେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମହାରଥୀ ଏହି ମନ୍ତବ୍ୟ ଦେଇଛନ୍ତି। ଦଳ ଉପରେ କି ଚାପ ପଡ଼ିବାରୁ ଇସ୍ତଫା ଦେବାକୁ ପଡ଼ିଲା ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ହେଲେ ମହାରଥୀ ତାହାର କୌଣସି ଉତ୍ତର ରଖି ନ ଥିଲେ। ମହାରଥୀଙ୍କ ଇସ୍ତଫାର କେଇ ଘଣ୍ଟା ପୂର୍ବରୁ ପିସିସି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଏବଂ ଆଇନଜୀବୀ ନିଶିକାନ୍ତ ମିଶ୍ର ରାଜ୍ୟ ସରକାରଙ୍କ ତଦନ୍ତ ପ୍ରକ୍ରିୟାକୁ ନେଇ ଅଙ୍ଗୁଳି ଉଠାଇଥିଲେ।

ସତ୍ୟପ୍ରକାଶ କହିଥିଲେ ଯେ, ପିପିଲି ପୀଡିତା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଥିବା ପିପିଲିର ତତ୍କାଳୀନ ବ୍ଲକ ଅଧ୍ୟକ୍ଷ ବର୍ତ୍ତମାନର ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ଏବଂ ସମିତିସଭ୍ୟ ଧରଣୀଧର ସାହୁଙ୍କୁ ସାକ୍ଷୀ ଭାବରେ ହାଜର କରାଯାଇଥିଲା, ଯେଉଁମାନେ ଅଦାଲତରେ ନିଜର ମତ ବଦଳାଇ ବିଚାର ପ୍ରକ୍ରିୟାକୁ ବିଭ୍ରାନ୍ତ କରିଥିଲେ। ଏଥିସହିତ ପରୋକ୍ଷରେ ଅଭିଯୁକ୍ତଙ୍କୁ ଖସିଯିବାକୁ ସୁଯୋଗ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ତରବରିଆ ପଦକ୍ଷେପ ନେଇ ପିପିଲି ଥାନାର ତତ୍କାଳୀନ ଆଇଆଇସିଙ୍କୁ ପ୍ରଥମେ ନିଲମ୍ବନ ଏବଂ ପରେ ବହିଷ୍କାର କରିଥିଲେ। ପୀଡ଼ିତାଙ୍କ ପରିବାର ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତ କରିବା ପାଇଁ ବିଧିବଦ୍ଧ ଭାବେ ଆବେଦନ କରିବା ପରେ ମଧ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ, ଯାହା ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ ତଦନ୍ତକୁ ବାଟବଣା କରିଥିଲା। ତେଣୁ ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ପୁନଃ ତଦନ୍ତର ଆବଶ୍ୟକତା ରହିଛି। ଇସ୍ତଫା ଠିକ୍ ଅଛି, କିନ୍ତୁ ବେବିନାଙ୍କୁ ନ୍ୟାୟ ମିଳୁ ବୋଲି ସତ୍ୟପ୍ରକାଶ କହିଛନ୍ତି।

## କ୍ଷତିପୂରଣ ନ ଦେଲେ ଗାଡ଼ି ବାଜ୍ୟାପ୍ତି

ଭୁବନେଶ୍ୱର,୬।୧(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ 'ଓଡ଼ିଶା ମୋଟର ଯାନ (ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ)ନିୟମ-୧୯୬୦'ର ସଂଶୋଧନ କରାଯାଇଛି । ଫଳରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ କ୍ଷତିପୂରଣ ଦେବାକୁ ଏଣିକି ବାଧ୍ୟହେବେ। ଯଦି ସେ କ୍ଷତିପୂରଣ ନ ଦିଅନ୍ତି, ତା'ହେଲେ ତାଙ୍କ ଗାଡ଼ିକୁ ସରକାର ବାଜ୍ୟାପ୍ତି କରି ନିଲାମ କରିପାରିବେ। ଆଉ ସେଥିରୁ ଆଦାୟ ଅର୍ଥକୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରିପାରିବେ। ଏହି ଡ୍ରାଫ୍ଟ ରୁଲ୍ ଅନୁସାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ କୌଣସି କୋର୍ଟ ମୁକୁଳାଇବେ ନାହିଁ। ଯଦି ଗାଡ଼ିର ଆବଶ୍ୟକ ବୀମା ନାହିଁ, ଦୁର୍ଘଟଣା ପରେ ମାଲିକ ଆବଶ୍ୟକ କ୍ଷତିପୂରଣ ଭରଣା ନ କରିଲେ, ସେ ଗାଡ଼ିକୁ ☞ପୃଷ୍ଠା-୪

### ଏବେ ସାଧାରଣ ନିର୍ବାଚନ ହେଲେ ମୋଦିଙ୍କୁ ନିଅଣ୍ଟ ପଡ଼ିବ ୧୫ ଆସନ

# ଏନ୍‌ଡିଏକୁ ମିଳିବନି ସଂଖ୍ୟାଗରିଷ୍ଠତା

ନୂଆଦିଲ୍ଲୀ,୬।୧

ସାଧାରଣ ନିର୍ବାଚନ ପାଇଁ ଜାତୀୟ ରାଜନୀତି ଚଳଚଞ୍ଚଳ। କାରଣ ଆଉ ମାତ୍ର ୪ ମାସ ଗଲେ ଦେଶର ମତଦାତା ସେମାନଙ୍କ ପ୍ରତିନିଧି ବାଛିବେ ଓ କେନ୍ଦ୍ରରେ ଗଢ଼ାହେବ ନୂଆ ସରକାର। ଏଥିଲାଗି ସବୁ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଗଣତନ୍ତ୍ରର ଏହି ମହାପର୍ବରେ ପ୍ରତିଦ୍ୱନ୍ଦ୍ୱିତା କରି ପୁଣିଥରେ ବିଜୟ ଟିକା ପିନ୍ଧିବାକୁ ଶାସକ ଭାଜପା ନାନା ଉପାୟ ପାଞ୍ଚୁଛି। ସେପଟେ ଗୈରିକ ଦଳ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ହାତରୁ କ୍ଷମତା ଛଡ଼ାଇନେବା ପାଇଁ କଂଗ୍ରେସ ନେତୃତ୍ୱ ନେଉଥିବା ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ନୂଆ ରଣନୀତି ସ୍ଥିର କରୁଛି। ଅନ୍ୟପକ୍ଷରେ ଆଉ କେତେକ ବିରୋଧୀ ଦଳ ତୃତୀୟ ମେଣ୍ଟ ଅଥବା ସଂଘୀୟ ସାମ୍ମୁଖ୍ୟ ଗଢ଼ି କ୍ଷମତା ଚାଖିବାର ସ୍ୱପ୍ନ ଦେଖୁଛନ୍ତି। ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳିବେ ତାହା ଏପ୍ରିଲ-ମେ'ରେ ହେବାକୁ ଥିବା ଲୋକ ସଭା ନିର୍ବାଚନର ଜନାଦେଶ କହିବ। ମାତ୍ର ଦେଶରେ ବର୍ତ୍ତମାନ ସ୍ଥିତିରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲେ ଭାଜପାକୁ ମିଳିବ ନାହିଁ ସଂଖ୍ୟାଗରିଷ୍ଠତା। ୫୪୩ ଆସନ ବିଶିଷ୍ଟ ଲୋକ ସଭା ଦଖଲ କରିବାକୁ ହେଲେ କୌଣସି ଦଳ ବା ମେଣ୍ଟକୁ ମ୍ୟାଜିକ୍ ନମ୍ବର ୨୭୨ ଛୁଇଁବାକୁ ପଡ଼ିବ। ମାତ୍ର ଏବେ ଭୋଟ କରାଗଲେ ଏନ୍‌ଡିଏ ପାଇଁ ଏହି କୁହୁକ ସଂଖ୍ୟାରୁ ୧୫ ଆସନ ନିଅଣ୍ଟ ପଡ଼ିବ। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଜନମତ ସର୍ଭେ ରବିବାର ଏଭଳି ଭବିଷ୍ୟବାଣୀ କରିଛି। ୨୦୧୮ ଡିସେମ୍ବର ☞ପୃଷ୍ଠା-୪



### ଇଣ୍ଡିଆ ଟିଭି-ସିଏନ୍‌ଏକ୍ସର ଜନମତ ସର୍ଭେ

- ଭାଜପା ୨୨୩, ଏନ୍‌ଡିଏ ୨୫୭
- କଂଗ୍ରେସ ୮୫, ଉପା ୧୪୬
- ଅନ୍ୟ ଦଳ ୧୪୦
- ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କରାଯାଇଥିଲା ସର୍ବେକ୍ଷଣ

### ଓଡ଼ିଶାରେ ବିଜେଡି ୧୩, ଭାଜପା ୮

ନୂଆଦିଲ୍ଲୀ,୬।୧

ଏବେ ସାଧାରଣ ନିର୍ବାଚନ ହେଲେ ଓଡ଼ିଶାରେ ଶାସକ ବିଜେଡି ୧୩ ଆସନ ଦଖଲ କରିବ ଓ ଭାଜପାକୁ ୮ ଆସନରେ ସଫଳତା ମିଳିବ। ଅନ୍ୟପକ୍ଷରେ କଂଗ୍ରେସ ଏଠାରେ ଖାତା ଖୋଲିପାରିବ ନାହିଁ ବୋଲି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ କରିଥିବା ଜନମତ ସର୍ଭେରୁ ଜଣାପଡ଼ିଛି। ଏହି ସଂସ୍ଥା ପକ୍ଷରୁ ନଭେମ୍ବର ୧୫ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସେତେବେଳେ ରାଜ୍ୟର ୨୧ ଲୋକ ସଭା ଆସନରୁ ବିଜେଡି ୧୬ ଓ ଭାଜପା ୫ ଆସନ ଦଖଲ କରିବ ବୋଲି ମତଦାତା କହିଥିଲେ। ପ୍ରକାଶ ଯେ, ୨୦୧୪ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ୨୦ ଆସନ ଦଖଲ କରିଥିବାବେଳେ ଭାଜପାକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

### ଶଶୀଙ୍କୁ କୃଷି, ରମେଶଙ୍କୁ ପଞ୍ଚାୟତିରାଜ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ପ୍ରଦୀପ ମହାରଥୀଙ୍କ ଇସ୍ତଫା ପରେ ତାଙ୍କ ନିକଟରେ ଥିବା ୨ଟି ବିଭାଗକୁ ଶଶିଭୂଷଣ ବେହେରା ଏବଂ ରମେଶ ମାଝିଙ୍କୁ ପ୍ରଦାନ କରାଯାଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ଥିବା ଶଶିଭୂଷଣ ବେହେରାଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଏସ୍‌ସି,ଏସ୍‌ଟି, ଓବିସି, ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ମାଝିଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ନିର୍ବାଚନ ବର୍ଷ ହୋଇଥିବାରୁ ଉପରୋକ୍ତ ଦୁଇ ମନ୍ତ୍ରୀଙ୍କୁ ଚତୁର୍ଥ ପାଳିର ଶେଷ ଯାଏଁ ଅତିରିକ୍ତ ଦାୟିତ୍ୱରେ ରଖାଯାଇ ନ ପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟ କେତେଜଣ ମନ୍ତ୍ରୀ ମଧ୍ୟ ବିଭିନ୍ନ କାରଣରୁ ବିବାଦୀୟ ହୋଇଛନ୍ତି। ତେଣୁ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସ୍ୱଳ୍ପ ଦିନ ପାଇଁ ମନ୍ତ୍ରିମଣ୍ଡଳ ଅଦଳବଦଳ ହେଉଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।






**ଆଜିର ସମ୍ପାଦକୀୟ**

### ପୁରାଣ ନୁହେଁ, ବିଜ୍ଞାନ

**ଆଜିର ମନ୍ତବ୍ୟ**

"କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପରିବାର ଯୋଗୁ ସବୁକିଛି ପାଇଛନ୍ତି।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ

**କିଛି ତଥ୍ୟ**

ଗତ ୩ ବର୍ଷରେ ବେଆଇନ ଅର୍ଥ କାରବାରରେ ସମ୍ପୃକ୍ତ ଥିବା ଦେଶର ପ୍ରାୟ ୧୧୦ କମ୍ପାନୀ ବିରୋଧରେ ତଦନ୍ତ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। –ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 06.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


# ଏସିପିଙ୍କ ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ସ୍ପେଶାଲ ସ୍କ୍ୱାଡ୍ ମୁଖ୍ୟ ଏସିପି ସଞ୍ଜୀବ ଶତପଥୀଙ୍କ ପୁଅ ଆୟୁଷ ଶତପଥୀ(୧୨)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ସେ ବେକରେ ଜିନ୍ସ ପ୍ୟାଣ୍ଟ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ନୟାପଲ୍ଲୀ ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୬/୧୯) ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ଆୟୁଷ ଅନ୍‌ଲାଇନରେ କୌଣସି ଏକ ଗେମ୍ ଖେଳିବା ପରେ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ତାଙ୍କ ମୋବାଇଲ୍‌କୁ ଜବତ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଏସିପି ସଞ୍ଜୀବ ପରିବାର ସହ ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାର ପୋଲିସ କଲୋନୀ ପ୍ଲଟ୍ ନଂ-ଡି୨୧ରେ ରହୁଛନ୍ତି। ପୁଅ ଆୟୁଷ ଏକ ଘରୋଇ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ସେ ପାଠ ପଢୁ ନ ଥିବାରୁ ଶନିବାର ସନ୍ଧ୍ୟାରେ ତାଙ୍କ ମା' ଗାଳି କରିଥିଲେ। ପରେ ରାତି ପ୍ରାୟ ୧୧ଟା ୩୦ରେ ସେ ଅନ୍‌ଲାଇନ୍‌ରେ କୌଣସି ଏକ ଗେମ୍ ଡାଉନ୍‌ଲୋଡ୍ କରି ଖେଳୁଥିଲେ। ଗେମ୍‌ରେ କିଛି ସମସ୍ୟା ଥିବାରୁ ସେ ବାପାଙ୍କୁ ସମାଧାନ କରିବାକୁ ଡାକିଥିଲେ। ହେଲେ ସଞ୍ଜୀବ କୌଣସି କାର୍ଯ୍ୟରେ ବାହାରକୁ ଚାଲିଯାଇଥିଲେ। ରାତି ପ୍ରାୟ ୧୨ଟାରେ ସଞ୍ଜୀବ ଘରକୁ ଫେରିବା ପରେ ପୁଅକୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ୧୨ ବର୍ଷର ଜଣେ ବାଳକ କିପରି ଆତ୍ମହତ୍ୟା କଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆୟୁଷ ଏଭଳି କେଉଁ ଗେମ୍ ଖେଳୁଥିଲେ ଯେ ସେଥିପାଇଁ ତାଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ିଲା ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି ତାହାକୁ ନେଇ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି।



ଆୟୁଷ (ଫାଇଲ ଫଟୋ)

## ବାଧ୍ୟତାମୂଳକ ହେବ ଡିଏଲ୍ ସହ ଆଧାର ସଂଯୋଗ

ନୂଆଦିଲ୍ଲୀ,୬।୧

ଆଗାମୀ ଦିନରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ଆଧାର ସହ ସଂଯୋଗ ବାଧ୍ୟତାମୂଳକ ହେବାକୁ ଯାଉଛି। କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ରବିବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲଭଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୧୦୬ତମ ଇଣ୍ଡିଆନ ସାଇନ୍ସ କଂଗ୍ରେସରେ ଯୋଗଦେଇ କେନ୍ଦ୍ର ଆଇନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ କହିଛନ୍ତି ଯେ, ଆଧାର ସହ ଡିଏଲ୍‌କୁ ସଂଯୋଗ ବାଧ୍ୟତାମୂଳକ କରିବା ଲାଗି ସରକାର ଖୁବଶୀଘ୍ର ଏକ ବିଲ୍ ଆଣିବାକୁ ଯାଉଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ଜଣେ ଗାଡ଼ି ଚାଳକ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ପଳାଇ ଯାଉଛନ୍ତି ଏବଂ ନକଲ ଡିଏଲ୍ ହାସଲ କରୁଛନ୍ତି। ଏହାଦ୍ୱାରା ସେ ବ୍ୟକ୍ତି ସହଜରେ ଆଇନ ଜାଲରୁ ଖସିଯାଉଛି। ତେବେ ଥରେ ଆଧାର ସଂଯୋଗ ହୋଇଗଲେ ଜଣେ ବ୍ୟକ୍ତି ନିଜର ନାମ ବଦଳାଇପାରିବେ, କିନ୍ତୁ ତାଙ୍କର ବାୟୋମେଟ୍ରିକ୍ସ ବଦଳିବନି। ଏଣୁ ନକଲ ଡିଏଲ୍ ପାଇଁ ☞ପୃଷ୍ଠା-୪



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**

# ସିବିଆଇ ତଦନ୍ତ ଦାବି କରୁଛନ୍ତି ପୀଡ଼ିତା ମା': ଧର୍ମେନ୍ଦ୍ର

- ମୋତେ ଡର ଲାଗୁଛି କହିଲେ କେନ୍ଦ୍ରମନ୍ତ୍ରୀ
- କ୍ରାଇମବ୍ରାଞ୍ଚ କଥା ନ ମାନିଲେ କ୍ଷତି ହେବ କହିଥିଲେ ଓକିଲ
- ପୀଡ଼ିତାଙ୍କ ପରିବାର ପ୍ରତି ବିପଦ ରହିଛି

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ପିପିଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦିଅନ୍ତୁ। ୨୦୧୧ରେ ଘଟିଥିବା ସେହି ଦୁଃଖଦ ଘଟଣା ଆମ ମନକୁ କଷ୍ଟ ଦେଉଛି। ଓଡ଼ିଶା ପୋଲିସ ବିଭାଗ ଜାଣିଶୁଣି ଏହି ଘଟଣାରେ ହାତ ବାନ୍ଧି ଦେଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ନାଁରେ ଅଭିଯୁକ୍ତଙ୍କୁ ଜାଣିଶୁଣି ଖସେଇବାର ଚେଷ୍ଟା କରାଗଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଖୋଦ୍ ପୀଡିତାଙ୍କ ମା' ଦାବି କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ପୀଡିତାଙ୍କ ପରିବାରକୁ ଭେଟି ଫେରିବା ସମୟରେ ରାସ୍ତାରେ କିଛି ଶାସକ ଦଳ ନେତା ଧମକାଇଥିବା ଧର୍ମେନ୍ଦ୍ର ଅଭିଯୋଗ କରିବା ସହ ସେ ଏବେ ଡରିଯାଇଥିବା ମଧ୍ୟ କହିଛନ୍ତି।

ଭାଜପା ରାଜ୍ୟ ମୁଖ୍ୟାଳୟଠାରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପରିବାର ତରଫରୁ ଦୁଇଟି ବଡ ଅଭିଯୋଗ କରାଯାଇଛି। ବଳାତ୍କାର ପରେ ବସ୍ତ୍ରରେ ପ୍ରମାଣ ରହିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଆସିବାବେଳେ ସେହି ବସ୍ତ୍ରକୁ ଅନାଇଲେ ନାହିଁ। କମିଶନ ନିଯୁକ୍ତି ସମୟରେ ବସ୍ତ୍ର ନେଇ ତାଙ୍କ ପରିବାର ଦେଇଥିଲା। ସରକାରଙ୍କ ପକ୍ଷରୁ ଯେଉଁ ଓକିଲ ନିଯୁକ୍ତ ହୋଇଥିଲେ ପୀଡିତା ପରିବାରକୁ କ୍ରାଇମବ୍ରାଞ୍ଚ କଥା ମାନିବାକୁ ବାରମ୍ବାର ପ୍ରବର୍ତ୍ତାଇଥିଲେ। ଏପରି ନ କଲେ ତାଙ୍କର କ୍ଷତି ହେବ ବୋଲି ଓକିଲ କହିଥିବା ପୀଡିତାଙ୍କ ଭାଇ ଜଣାଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ପୀଡିତା ମା'ଙ୍କ ଆଖିରୁ ଏବେ ମଧ୍ୟ ଲୁହ ଶୁଖୁନାହିଁ। ସେ ସିବିଆଇ ତଦନ୍ତ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡିଶା ଗସ୍ତରେ ଆସି ଦେଶବାସୀଙ୍କ ସାମ୍ନାରେ ଏହି ପ୍ରସଙ୍ଗ ଉପସ୍ଥାପିତ କରିଥିଲେ। ଆଜି ପୀଡିତାଙ୍କ ଗାଁରୁ ଫେରିବା ସମୟରେ କିଛି ଶାସକ ଦଳ ଲୋକ ଧମକାଇଥିବାବେଳେ ତାଙ୍କ ଉପରେ ଆକ୍ରମଣ ହେବାର ସମ୍ଭାବନା ଥିବା ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। କେତେଦିନ ପୀଡିତାଙ୍କ ପରିବାରକୁ ସୁରକ୍ଷା ଦେବୁ, ଆସନ୍ତା ନିର୍ବାଚନରେ ଆମେ ପୁଣିଥରେ ନିର୍ବାଚନ ଜିତିବୁ ବୋଲି ଶାସକ ଦଳର କିଛି ଲୋକ ଦୟାନଦୀ ବ୍ରିଜ ଉପରେ ଧମକ ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି। ଏହି ସମୟରେ ପୋଲିସ ସୁରକ୍ଷା ନ ଦେଇ ଚାଲିଯାଇଥିବା ଧର୍ମେନ୍ଦ୍ର ଅଭିଯୋଗ ଆଣିଛନ୍ତି। ଏହାସହ ପୀଡିତାଙ୍କ ପରିବାର ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ ହେବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି। ସେହିପରି ଆଜି ପୋଲିସ ଉପସ୍ଥିତିରେ ପୀଡିତାଙ୍କ ପରିବାରକୁ ଧମକାଯାଇଥିବା ନେଇ ମଧ୍ୟ ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସମ୍ବେଦନଶୀଳ ହୁଅନ୍ତୁ ବୋଲି ଧର୍ମେନ୍ଦ୍ର ନିବେଦନ କରି କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଏକ ଅଡିଓ ଟେପ୍ ଶୁଣାଇଥିଲେ, ଯେଉଁଥିରେ ପୀଡିତାଙ୍କ ମା' କାନ୍ଦିକି କହୁଛନ୍ତି ଯେ, ମନ୍ତ୍ରୀଙ୍କ ଇସ୍ତଫା ମୋ ଝିଅ ପ୍ରତି ଉଚିତ ନ୍ୟାୟ ନୁହେଁ। ଘଟଣାର ସିବିଆଇ ତଦନ୍ତ ହେଉ, ଦୋଷୀଙ୍କୁ ଫାଶି ମିଳୁ, ଏହାପରେ ମୋ ଝିଅକୁ ଉଚିତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ଏହାକୁ ଶୁଣାଇବା ପରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଗତ ୧୯ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ବହୁ ନେତାଙ୍କୁ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସେହିମାନେ ପୁଣି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାର ନଜିର ରହିଛି। ଓଡ଼ିଶା ପୋଲିସ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।






# ମହାରଥୀଙ୍କ ଇସ୍ତଫା ପରେ ପ୍ରତିକ୍ରିୟା



ପିପିଲି ଗଣବଳାତ୍କାର ଘଟଣାକୁ ନେଇ ପ୍ରଦୀପ ମହାରଥୀ କେବଳ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଦେଲେ ଆମେ ଖୁସି ହୋଇପାରିବୁ ନାହିଁ। ଏହା ଖୁସିର ବିଷୟ ନୁହେଁ। ମହାରଥୀ ବହୁ ବାଧ୍ୟବାଧକତାରେ ଇସ୍ତଫା ଦେଇଛନ୍ତି। ଯଦି ୨୦୧୨ରେ ମହାରଥୀ ଏହି ଘଟଣାକୁ ନେଇ ଇସ୍ତଫା ଦେଇଥିଲେ ତେବେ ପୁଣି କାହିଁକି ତାଙ୍କୁ ମନ୍ତ୍ରିମଣ୍ଡଳରେ ରଖାଯାଇଥିଲା। ପୀଡିତା ମା'ଙ୍କ ଦାବି ଅନୁଯାୟୀ ଘଟଣାର ସିବିଆଇ ତଦନ୍ତ ହେଉ। ପୀଡିତାଙ୍କୁ ପ୍ରକୃତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ। ନଚେତ୍ ପୁଣି ମହିଳା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ, ସିବିଆଇ ଅଫିସ୍ ଘେରାଉ କରିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ।

**– ସୁମିତ୍ରା ଜେନା, ମହିଳା କଂଗ୍ରେସ ସଭାପତି**



ଭାଜପା ମୁଖ୍ୟ ଦାବି ଥିଲା ଘଟଣାର ସିବିଆଇ ତଦନ୍ତ କରାଯାଉ। ନୈତିକ ଇସ୍ତଫା କଥା କହି ଶାସକ ଦଳ ନୂଆ ସୁଆଙ୍ଗ ରଚିଛନ୍ତି। ୩ଟି ଦାବିରୁ କେବଳ ମନ୍ତ୍ରୀଙ୍କ ଇସ୍ତଫା କଥା ମାନିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚକୁ ଲଗାଇ ତଥ୍ୟ ନଷ୍ଟ କରିଥିବାରୁ ମହିଳାମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଆମ ଆନ୍ଦୋଳନ କେବଳ ଆରମ୍ଭ ହୋଇଥିଲା। ଆଗକୁ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

**– ପ୍ରଭାତୀ ପରିଡା, ଭାଜପା ମହିଳା ମୋର୍ଚ୍ଚା ସଭାପତି**



ପିପିଲି ଗଣବଳାତ୍କାର ଓ ମୃତ୍ୟୁ ଘଟଣାର ରାୟ ଉପରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମନ୍ତବ୍ୟ ଉଚିତ୍ ନ ଥିଲା। ସାମ୍ବିଧାନିକ ପଦବୀରେ ଥାଇ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହେବା ପରେ ସତ୍ୟର ଜୟ ହୋଇଛି ଓ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି ବୋଲି କହିବା ମହାରଥୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। ଏହି ଘଟଣାରେ ରାଜ୍ୟ ସରକାର ଓ ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୋଧରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ଯେଉଁଥି ପାଇଁ ମହାରଥୀଙ୍କୁ ଇସ୍ତଫା ଦେବାକୁ ପଡ଼ିଲା।

**– ନରସିଂହ ମିଶ୍ର, ବିରୋଧୀ ଦଳ ନେତା**

ମନ୍ତ୍ରୀ ଇସ୍ତଫା ଦେଲେ ଆମର କୌଣସି ଲାଭ ନାହିଁ । ଏହା ତାଙ୍କର ବ୍ୟକ୍ତିଗତ କଥା ଓ ରାଜ୍ୟ ସରକାରଙ୍କର କଥା। ଦୋଷୀ ଦଣ୍ଡ ପାଇବା ଦରକାର।

**– ଅମୂଲ୍ୟ ବେହେରା, ପୀଡ଼ିତାଙ୍କ ଭାଇ**

## ■ ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟସୂଚୀ

# ୧୬ ନୁହେଁ ୧୫ରେ ବଲାଙ୍ଗୀର ଆସିବେ ମୋଦି

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ଓଡିଶା ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଆସନ୍ତା ୧୬ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ୧୫ରେ ମୋଦି ବଲାଙ୍ଗୀର ଗସ୍ତରେ ଆସିବେ। ଏନେଇ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓ ରବିବାର ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାସହ ଏକ ଦଳୀୟ ସମାବେଶକୁ ଉଦ୍‌ବୋଧନ କରିବେ। କନକ କହିଛନ୍ତି ଯେ, ଦୀର୍ଘ ୧୯ ବର୍ଷ ଶାସନ କ୍ଷମତାରେ ଥିବା ସତ୍ତ୍ୱେ ରାଜ୍ୟରେ ଚାଷଜମି ଜଳସେଚିତ ହେବାରେ ବିଫଳ ହୋଇଛି। କେନ୍ଦ୍ର ସରକାରଙ୍କଠାରୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ସତ୍ତ୍ୱେ ଜଳସେଚନ ପାଇଁ ପ୍ରକଳ୍ପ ନିର୍ମାଣର ପ୍ରତିଶ୍ରୁତିକୁ ଶାସକ ଦଳ ଅଦ୍ୟାବଧି ପୂରଣ କରିନାହାନ୍ତି। ଏପରି କି ଗୋଟିଏ ଜଳସେଚନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ମଧ୍ୟ ହୋଇପାରିଲା ନାହିଁ। ସେହିପରି ଓଡିଶାର ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ କୌଣସି ଆନ୍ତରିକତା ପ୍ରଦର୍ଶନ କଲେନାହିଁ। ଶିକ୍ଷକ, ଡାକ୍ତର ଅଭାବ କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଉତ୍କଟ ରୂପ ଧାରଣ କରିବା ସତ୍ତ୍ୱେ ସମସ୍ୟାର ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି କନକ ଅଭିଯୋଗ କରିଛନ୍ତି।

# ନକଲି ଜର୍ଦ୍ଦା କାରଖାନା ଠାବ

## ୬ ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ୨ ବ୍ୟବସାୟୀ ଗିରଫ

**ମହାକାଳପଡା, ୬।୧ (ଡି.ଏନ.ଏ.)**

**ମହାକାଳପଡ଼ା ବ୍ଲକ**
- ବ୍ୟବସାୟୀଙ୍କ ଘରେ ଦେଢ଼ବର୍ଷ ହେଲା ଚାଲିଥିଲା କାରବାର
- ଅବକାରୀ ବିଭାଗ ଓ ପୋଲିସର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ

କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ଅଧୀନ ରାଜଗଡଠାରେ ରବିବାର ଏକ ନକଲି ଜର୍ଦ୍ଦା(ଗୋପାଳ–୬୦) କାରଖାନା ଠାବ ହୋଇଛି। କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାଡ ଓ ମହାକାଳପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏହି କାରଖାନାରୁ ୬ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏଥିସହ ୨ଜଣ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରାଜଗଡ଼ର ସାଜିଦ ରାଜା (୩୪) ଓ ନଛିପଡା ଗ୍ରାମର ସଞ୍ଜୟ ମଲିକ (୪୨)।

ଘଟଣା ମୁତାବକ, କେନ୍ଦ୍ରାପଡ଼ା ଜିଲାରେ ନକଲି ଜର୍ଦ୍ଦା କାରଖାନା ଚାଲୁଥିବା ସନ୍ଦେହ କରି ଦିଲ୍ଲୀସ୍ଥିତ ଗୋପାଳ–୬୦ ଜର୍ଦ୍ଦା କମ୍ପାନୀ ପକ୍ଷରୁ ଏସ୍‌ପିଙ୍କୁ ଅଭିଯୋଗ ହୋଇଥିଲା। ଅସଲି ଜର୍ଦ୍ଦା ପ୍ୟାକେଟ୍‌ଠାରୁ ଏହା କମ୍ ଦରରେ ମିଳୁ ଥିବାରୁ ଜିଲାର ବହୁ ଛୋଟବଡ଼ ଦୋକାନରେ ଏହା ବିକ୍ରି ହେଉଥିବା ଜଣାପଡ଼ିଥିଲା। ତେବେ ରବିବାର କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସ୍ପେଶାଲ ସ୍କ୍ୱାଡ, ମହାକାଳପଡ଼ା ପୋଲିସ ରାଜଗଡ଼ସ୍ଥିତ ସାଜିଦଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଦିଲ୍ଲୀସ୍ଥିତ ଗୋପାଳ ୬୦ ଜର୍ଦ୍ଦା କମ୍ପାନୀର ସାଧାରଣ ପରିଚାଳକ ଓ ଟିମ ଉପସ୍ଥିତ ଥିଲେ। ଚଢ଼ାଉ ସମୟରେ ସାଜିଦଙ୍କ ଘରୁ ୧୦ ବସ୍ତା ଜର୍ଦ୍ଦାପତି, କେମିକାଲ ଜାରକିନ, ଜର୍ଦ୍ଦା ଲେବଲ, ସେଣ୍ଟ କଞ୍ଚାମାଲ, ଯନ୍ତ୍ରାଂଶ ଆଦି ଜବତ କରାଯାଇଥିଲା। ଜବତ ସାମଗ୍ରୀ ବଜାର ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହି ନକଲି କାରବାରରେ ଏକ ବଡ଼ ର୍‍ୟାକେଟ୍ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ଏଥିସହ ସାଜିଦ ଓ ତାଙ୍କ ସହଯୋଗୀ ସଞ୍ଜୟଙ୍କୁ ପୋଲିସ ଗିରଫ କରି ପଚରାଉଚୁରା କରୁଛି। ଏ ନେଇ ୪/୧୯ ନଂ. ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ପୋଲିସ ସ୍କ୍ୱାଡରେ ପିକେ କାନୁନଗୋ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ଦିଲ୍ଲୀସ୍ଥିତ ଗୋପାଳ ଜର୍ଦ୍ଦା କମ୍ପାନୀର ସାଧାରଣ ପରିଚାଳକ କେ.ଏସ୍ ଚୌହାନ ପ୍ରମୁଖ ସାମିଲ ଥିଲେ।

ଏହି ନକଲି କାରଖାନା ଦୀର୍ଘ ଦେଢ଼ବର୍ଷ ହେବ ଚାଲୁଥିବା ବେଳେ ଜର୍ଦ୍ଦାପତି ଓ ଜାରକିନ ଭଦ୍ରକରୁ ଅଣାଯାଉଥିବା ସୂଚନା ମିଳିଛି। ଚଢ଼ାଉ ବେଳେ ରାଜା ଗୋଲଡେନପତିନାମରେକେତୋଟିଜର୍ଦ୍ଦାପାଉଚ୍‌ପୋଲିସରହସ୍ତଗତହୋଇଛି। ଦେଢ଼ବର୍ଷ ଧରି କାରଖାନା ଚାଲିଥିବା ବେଳେ ପୋଲିସ ବା ଅବକାରୀ ବିଭାଗ ଏ ସମ୍ପର୍କରେ ଜାଣି ନ ପାରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ୧୦ ଡିଗ୍ରୀ ତଳେ ୭ସହର

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ସାରା ରାଜ୍ୟରେ ଶୀତ ପ୍ରକୋପ ଜାରି ରହିଛି। ଆସନ୍ତା ଦୁଇଦିନ ଏହିଭଳି ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ୭ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଅନୁଗୋଳରେ ୭.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୯.୮, କେନ୍ଦୁଝର ୮.୮, ସୁନ୍ଦରଗଡ଼ ଓ ଫୁଲବାଣୀ ୮, ଟିଟିଲାଗଡ଼ ୯.୫, ସୋନପୁର ଓ ଦାରିଙ୍ଗବାଡ଼ିରେ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଅନ୍ୟ ସହରଗୁଡ଼ିକରେ ତାପମାତ୍ରା ୧୦ରୁ ୧୪ଡିଗ୍ରୀ ମଧ୍ୟରେ ରହିଥିଲା।

### ଡିଭାଇଡରକୁ ଧକ୍କା ଦେଲା ପିକ୍‌ନିକ୍ ବସ୍ ୨୨ କଲେଜ ଛାତ୍ରୀଛାତ୍ର ଆହତ

**ଖୋର୍ଦ୍ଧା ଅଫିସ,୬।୧:** କଲିକତା-ମାନ୍ଦ୍ରାସ ୧୬ ନଂ. ଜାତୀୟ ରାଜପଥର ଗୋଡିପଡା ଟୋଲଗେଟ୍ ନିକଟରେ ପିକ୍‌ନିକ୍ ବସ ଶନିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଡିଭାଇଡରରେ ପିଟି ହେବା ପରେ ଭାରସାମ୍ୟ ହରାଇ ନିକଟରେ ଥିବା ଏକ ପାନଦୋକାନ କ୍ୟାବିନରେ ମାଡ ହୋଇଥିଲା। ଦୁର୍ଘଟଣାରେ ବସ୍‌ରେ ଯାଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେମାନେ ସୁସ୍ଥ ହୋଇ ରବିବାର ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ, ଜୟ ହନୁମାନ ନାମକ ଘରୋଇ ବସ୍ (ନଂ. ଓଆର୦୧ ଭି ୨୨୫୮)ରେ ଭଦ୍ରକର ଚିତ୍ରେଶ୍ୱର ନାମକ ଏକ ଘରୋଇ ମେସ୍‌ର ୫୨ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବ୍ରହ୍ମପୁରର ତାରାତାରିଣୀକୁ ପିକ୍‌ନିକ୍ କରିବାକୁ ଯାଉଥିଲା। ଟୋଲଗେଟ ନିକଟରେ ଧକ୍କା ହେବାରୁ ବସଟିର ସମ୍ମୁଖ ଭାଗ ଭାଙ୍ଗି ଯାଇଛି। ଆହତମାନଙ୍କୁ ଟୋଲଗେଟ



କର୍ମଚାରୀ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜଙ୍କିଆ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାରେ ଡ୍ରାଇଭରଙ୍କ ଗୋଡ ଭାଙ୍ଗି ଯାଇଥିବା ବେଳେ ସେ ଚିକିତ୍ସାଧୀନ ଅଛନ୍ତି। ଡ୍ରାଇଭର ମଦ୍ୟପାନ କରି ବସ୍ ଚଳାଉଥିବାରୁ ଦୁର୍ଘଟଣା ଘଟିଥିବା ତଦନ୍ତକାରୀ ଅଫିସର ନିରଞ୍ଜନ ରାଉତ କହିଛନ୍ତି। ଖବର ଲେଖାଗଲା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

{ ଆଜି କ'ଣ କେଉଁଠି ସ୍ତରରେ କୌଣସି କାର୍ଯ୍ୟକ୍ରମ ସ୍ଥିରିକୃତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ହୀରାକୁଦ ଡ୍ୟାମ୍‌ରେ ପକ୍ଷୀ ଗଣନା

# ବିଦେଶୀ ପକ୍ଷୀଙ୍କ ଆଗମନ ନେଇ ଆଶାବାଦୀ

**ସମ୍ବଲପୁର,୬।୧(ବ୍ୟୁରୋ)**

ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍‌ରେ ରବିବାର ବିଦେଶାଗତ ପକ୍ଷୀ ଗଣନା କରାଯାଇଛି । ରବିବାର ସକାଳ ୭ଟାରେ ପକ୍ଷୀ ଗଣନା କାମ ଆରମ୍ଭ ହୋଇଥିଲା। ସମ୍ବଲପୁର, ଝାରସୁଗୁଡା ଓ ହୀରାକୁଦ ବନଖଣ୍ଡର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ସମ୍ବଲପୁର ଡିଭିଜନର ୯ଟି ଟିମ୍, ଝାରସୁଗୁଡାର ୬, ହୀରାକୁଦ ବନ୍ୟପ୍ରାଣୀ ବିଭାଗର ୬ଟି ଟିମକୁ ମିଶାଇ ମୋଟ ୨୧ ଟିମ୍ ଗଣନାରେ ସାମିଲ ହୋଇଥିଲେ। ପ୍ରତ୍ୟେକ ଟିମ୍‌ରେ ୨ ଜଣ ବନ କର୍ମଚାରୀ, ଜଣେ ଏନଜିଓ କର୍ମଚାରୀ, ଓ୍ୱୁଏଟି ଛାତ୍ର ରହିଥିଲେ। ତେବେ ଚଳିତ ବର୍ଷ ପାଣିପାଗ ଭଲ ରହିଛି। ଶୀତ ମଧ୍ୟ ଅଧିକ ରହିଛି । ତେଣୁ ଗତବର୍ଷ ଅପେକ୍ଷା ଏଥର ହୀରାକୁଦକୁ ବିଦେଶୀ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢିବା ନେଇ ବନ ବିଭାଗ ଆଶା କରୁଛି । ଚୂଡାନ୍ତ ରିପୋର୍ଟ ଆସିଲା ପରେ ଠିକ ସଂଖ୍ୟା ଜଣା ପଡିବ ବୋଲି ଡିଏଫଓ ସଞ୍ଜିତ କୁମାର କହିଛନ୍ତି ।

ବନ ବିଭାଗ ସୂଚନା ଦେଇଛି ଯେ, ପ୍ରତିବର୍ଷ ଭଳି ଏଥର ମଧ୍ୟ ଗତ ନଭେମ୍ବରରୁ ଏଠାକୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସିଛନ୍ତି। ପୋଚାଡ, ଟୁଫେଡ ଡକ, ବ୍ରାମିନି ଡକ, ନରଦେନ ପିନଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ,ଏସିଆନ ଓପନବିଲ, ଗ୍ରେ ହୀରୋନ, ପରପଲ ହୀରୋଜେନ, କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ଇଣ୍ଡିଆନ ପଣ୍ଡ ହୀରେନ, ଇଣ୍ଡିଆନ ସେଗ, ଲିଟିଲ କରମୋରେଣ୍ଟ, ଗ୍ରେଟ କରମୋରେଣ୍ଟ, ଲିଟିଲ ଗ୍ରେଟ, ଗ୍ରେଟ କ୍ରେଷ୍ଟଟେଡ ଗ୍ରେଟ, କମନ କଟ, ପରପଲ ସ୍ୱାନ, ରେଡ ୱେଟଲେଟ ଲେଫ ୱିନ, ରିଭର ଲେଫୱିନ, ଫ୍ଲୋଭର, ସେଣ୍ଟ ଫ୍ଲୋଭର, ସ୍ନିପ, ଷ୍ଟିଲ୍ଟ, ଗୁଲସ, କିଙ୍ଗଫିସର, ରିଭର ଟ୍ରଷ୍ଟ, ବ୍ଲାକ ବେଲିଆଟ ଟ୍ରଫ୍ଟ ପ୍ରଭୃତି ବିଦେଶାଗତ ପକ୍ଷୀ ଏଠାକୁ ଆସିଥିବା ଚିହ୍ନଟ କରାଯାଇଛି। ଗତ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ପକ୍ଷୀ ଏଠାକୁ ଆସିଥିଲେ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ବଢ଼ିପାରେ। ୨୦୧୭ରେ ୫୭ ପ୍ରଜାତିର ୭୬ ହଜାର ୭୬୮, ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨, ୨୦୧୫ରେ ୬୪ପ୍ରଜାତିର ୫୮ ହଜାର ୯୭, ୨୦୧୪ରେ ୫୪ ପ୍ରଜାତିର ୬୩ ହଜାର ୮୯୨, ୨୦୧୩ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ହୀରାକୁଦ ଆସିଥିବା ରିପୋର୍ଟ ରହିଛି।



ହୀରାକୁଦ ଡ୍ୟାମ୍‌ରେ ପକ୍ଷୀ ଗଣନା ପାଇଁ ବନ କର୍ମଚାରୀମାନେ ଡଙ୍ଗାରେ ଯାଉଛନ୍ତି ।





■ ମାଓବାଦୀଙ୍କ ବର୍ବରକାଣ୍ଡ

# ଠିକାଦାରଙ୍କ କ୍ୟାମ୍ପ ଧ୍ୱଂସ, ଜଗୁଆଳିଙ୍କୁ ହତ୍ୟା

**ଫୁଲବାଣୀ ଅଫିସ/ ଖଜୁରିପଡ଼ା(ଡି.ଏନ.ଏ.), ୬।୧**

କନ୍ଧମାଳ ଜିଲାରେ ମାଓବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି। କିଛିଦିନ ହେଲା ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଇ ଆତଙ୍କ ସୃଷ୍ଟି କରି ଆସୁଥିଲେ। ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଖଜୁରିପଡା ବ୍ଲକ ସୁଡ୍ରୁକୁମ୍ପା ଫାଣ୍ଡି ଅଞ୍ଚଳରେ ବର୍ବରକାଣ୍ଡ ଘଟାଇଛନ୍ତି। ଫାଣ୍ଡିଠାରୁ ୧ କିମି ଦୂର ପାତିଆମ୍ବା ଗ୍ରାମରେ ଥିବା ଜଣେ ଠିକାଦାରଙ୍କ କ୍ୟାମ୍ପ ଧ୍ୱଂସ କରିବା ସହ ଘରୁ ଡାକିନେଇ ଜଗୁଆଳିଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମଲିକପଡା ଗ୍ରାମର ରବୀନ୍ଦ୍ର ମଲ୍ଲିକ। ମାଓବାଦୀମାନେ ମୃତଦେହ ନିକଟରେ ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ଏହା ଗାଡାଙ୍ଗି ଜଙ୍ଗଲରେ ୫ ମାଓବାଦୀଙ୍କ ହତ୍ୟାର ପ୍ରତିଶୋଧ ବୋଲି ସେଥିରେ ଉଲ୍ଲେଖ କରିଛନ୍ତି। ବିକାଶକୁ ବିରୋଧ କରନ୍ତୁ। ଠିକାଦାର ଓ ପୋଲିସ ମିଶି ବିପ୍ଳବୀମାନଙ୍କୁ ହତ୍ୟା କରୁଥିବା ଘଟଣାକୁ କେକେବିଏନ ସଂଗଠନ ବିରୋଧ କରୁଛି ବୋଲି ପୋଷ୍ଟରରେ ଦର୍ଶାଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଧିକାଂଶ ଲୋକ ଘର ଛାଡ଼ି ଅନ୍ୟତ୍ର ଚାଲି ଯାଇଥିବା ଜଣାପଡିଛି।

କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ମାଓବାଦୀମାନଙ୍କର ଏହା ବିକାଶ ବିରୋଧୀ ହିଂସା । ରବୀନ୍ଦ୍ରଙ୍କୁ ସେମାନେ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି। ସମସ୍ତ ମାଓବାଦୀ କେକେବିଏନ ସଙ୍ଗଠନର ଏବଂ ସେମାନେ ଅଣ ଓଡ଼ିଆ । ଶନିବାର ରାତିରେ କିଛି ମହିଳା ମାଓବାଦୀଙ୍କ ସମେତ ପ୍ରାୟ ୨୦ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ପାତିଆମ୍ବାସ୍ଥିତ ଠିକାଦାରଙ୍କ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ସେଠାରେ ୩ ଟ୍ରାକ୍ଟର, ଗୋଟିଏ ମିନିଟ୍ରକ, ରୋଲର ଏବଂ କିଛି ଦୂରରେ ଥିବା ଜେସିବି ମେଶିନ ପୋଡ଼ିଥିଲେ। ଜଙ୍ଗଲକୁ ଫେରିବା ବାଟରେ ସେମାନେ ରବୀନ୍ଦ୍ରଙ୍କୁ ଘରୁ ଉଠାଇ ନେଇ ନିସ୍ତୁକ ମାଡ଼ ମାରିବା ପରେ ଗୁଳି କରି ହତ୍ୟା କରିଛନ୍ତି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ସଦର ଥାନାରେ ୨ଟି ମାମଲା (ନଂ.୨,୩/୧୯) ରୁଜୁ ହୋଇଛି ବୋଲି ଏସ୍‌ପି ସିଂ କହିଛନ୍ତି।

ଅନ୍ୟ ଏକ ବିଶେଷ ସୂତ୍ରରୁ ଜଣାପଡିଛି ଯେ, ସମ୍ପୃକ୍ତ ଠିକାଦାରଙ୍କୁ ମାଓବାଦୀ ଟଙ୍କା ମାଗିଥିଲେ। ଠିକାଦାର କୁଆଡ଼େ କିଛି ଟଙ୍କା ଦେଇଥିଲେ । ଆଉ କିଛି ଟଙ୍କା ଦେବା ବାବଦରେ ପୋଲିସକୁ ଜଣାଇଥିବା ମାଓବାଦୀମାନେ ସନ୍ଦେହ କରି ତାଙ୍କୁ ଟାର୍ଗେଟ କରିଥିଲେ। ଗତ ମେ ୧୩ ତାରିଖ ରାତିରେ ସୁଡ୍ରୁକୁମ୍ପା ନିକଟ ଗାଡାଙ୍ଗି ଜଙ୍ଗଲରେ ଏସଓଜି ଯବାନମାନଙ୍କ କୋମ୍ବିଙ୍ଗ ଅପରେଶନରେ ୫ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ମାଓବାଦୀମାନେ ଚୁପ ରହିଥିଲେ। ସୁଯୋଗ ଦେଖି ଶନିବାର ଏହି ବର୍ବରକାଣ୍ଡ ଘଟାଇଛନ୍ତି। ରବୀନ୍ଦ୍ରଙ୍କୁ ଘରୁ ଡାକି ନେଇ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ପ୍ରମୋଦିନୀ କହିଛନ୍ତି। ଏ ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରି ଦିଆଯିବ ବୋଲି ଧମକ ମିଳିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାରଙ୍କ ଠାରୁ ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି।



ପୋଡ଼ା ଯାଇଥିବା ଗାଡ଼ି।

■ ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ବାପା

- ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ନାଁରେ ଏତଲା ଦେଲେ
- ଯୁକ୍ତିତର୍କ ବେଳେ ଛାତରୁ ସ୍ୱାମୀ ଠେଲି ଦେଇଥିବା ଅଭିଯୋଗ
- ହତ୍ୟା ମାମଲା ରୁଜୁ



ସ୍ୱାମୀ ଲିପନ ଓ ନିକିତା

**କଟକ ଅଫିସ, ୬।୧**

ଜଣାଶୁଣା ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ଛାତରୁ ପଡ଼ିଯିବାରୁ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି ହତ୍ୟା କରିଥିବା ଚାଉଳିଆଗଞ୍ଜ ଥାନାରେ ରବିବାର ରାତି ୮ଟାରେ ଅଭିଯୋଗ ହୋଇଛି। ନିକିତାଙ୍କ ବାପା ସନାତନ ବେହେରା ଏଭଳି ଅଭିଯୋଗ ଆଣିଛନ୍ତି। ସନାତନ ଶନିବାର ପୋଲିସ ଆଗରେ ଲିପନଙ୍କ ବିରୋଧରେ ଏଭଳି ଅଭିଯୋଗ କରିଥିଲେ ମଧ୍ୟ ଲିଖିତ ଏତଲା ଦେଇ ନ ଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ସନାତନ ନିକିତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଛନ୍ତି। ଲିପନ ତାଙ୍କ ମା' ଓ ବାପାଙ୍କ ପ୍ରରୋଚନରେ ପଡ଼ି ନିକିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୪୯୮(ଏ), ୩୦୨, ୩୦୬, ୩୪ ଅନୁଯାୟୀ ଏକ ମାମଲା(୮/୧୯) ରୁଜୁ କରିଛି। ପୋଲିସ ଲିପନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପୋଲିସର ଏକ ଟିମ୍ ନିକିତାଙ୍କ ଘରକୁ ଯାଇ ତଦନ୍ତ କରିଛି। ସେଠାରୁ ନିକିତାଙ୍କ କିଛି ଭଙ୍ଗା ଚୁଡି ଜବତ କରିଛି। ୨୦୧୬ରେ ନିକିତାଙ୍କ ସହ ଲିପନଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେମାନଙ୍କ ଏକ ୫ ମାସର ଝିଅ ଅଛି। କିନ୍ତୁ ନିର୍ଯାତନାରେ ଅତିଷ୍ଠ ହୋଇ ନିକିତା ଗତ ୬ ମାସ ହେବ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳରେ ରହୁଥିବା ବାପା ସନାତନଙ୍କ ଘରେ ରହୁଥିଲେ। ଲିପନ ବେଳେ ବେଳେ ସେଠାକୁ ଆସନ୍ତି। ଶୁକ୍ରବାର ରାତିରେ ଲିପନ ନିକିତାଙ୍କ ପାଖକୁ ଆସିଥିଲେ। ଦୁହେଁ ଘରର ଦ୍ୱିତୀୟ ମହଲାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଲିପନ ନିକିତାଙ୍କୁ ନେଇ ଛାତ ଉପରକୁ ଯାଇଥିଲେ। ଛାତ ଉପରେ ପାଟିତୁଣ୍ଡ ହେବା ମଧ୍ୟରେ ନିକିତାଙ୍କୁ ଲିପନ ଠେଲିଦେବାରୁ ସେ ତଳେ ପଡ଼ିଯାଇଥିଲେ। ସେ ଚାପରେ ରହିଥିବାରୁ ଏପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ସନାତନ ଅଭିଯୋଗରେ ଦର୍ଶାଇଛନ୍ତି।

### ଚାଳିଆରେ ପଶିଗଲା କାର୍, ଦମ୍ପତି ମୃତ

ରାୟଗଡା ଅଫିସ୍, ୬।୧-ରାୟଗଡା ସାଙ୍କେଶ ନିକଟ ୩୨୬ନଂ. ଜାତୀୟ ରାଜପଥ କଡ଼ରେ ଥିବା ଚାଳିଆ ଭିତରକୁ କାର ପଶିଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କର ପରିଚୟ ମିଳିପାରିନାହିଁ । ଦୁର୍ଘଟଣା ପରେ କାର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଓଆର୍.୧୮.ସି-୨୭୬୧ ନମ୍ବର ଏକ କାର୍ ଗୁମ୍ମା ଅଭିମୁଖେ ଯାଉଥିଲା। ଅପରାହ୍ନ ୫ଟା ସମୟରେ ସାଙ୍କେଶ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଚାଳିଆ ଭିତରକୁ ପଶିଯାଇଥିଲା । ଫଳରେ ସେଠାରେ ଥିବା ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଉ ଜଣେ ଗୁରୁତର ଆହତ ହୋଇଥିଲେ । ଲୋକେ ଚାଳିଆ ଭିତରେ ଥିବା ବ୍ୟକ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

■ କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭା

# ସମ୍ବର୍ଦ୍ଧିତ ହେଲେ ୧୧ ଜ୍ୟୋତିର୍ବିଦ୍

**ସୋନପୁର,୬।୧(ନି.ପ୍ର.)**

ସୁବର୍ଣ୍ଣପୁର ଜଗନ୍ନାଥ ମନ୍ଦିର ପରିସରରେ କୋସଲ ଜ୍ୟୋତିର୍ବିଜ୍ଞାନ ପଣ୍ଡିତ ମହାସଭାର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଜ୍ୟୋତିର୍ବିଦ୍ ମେଡେନ୍ କୁମାର ବିଶି ସଭାରେ ଅଧ୍ୟକ୍ଷତା କରିଥିଲେ। ସୁଦର୍ଶନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ଦ୍ୱିତୀୟ ଥର ପାଇଁ ପଣ୍ଡିତ ମହାସଭା, ରାଜ୍ୟସ୍ତରୀୟ ଜ୍ୟୋତିଷ ସମ୍ମିଳନୀ, ପ୍ରତିଭା ସମ୍ମାନ ଓ ରାଜ୍ୟସ୍ତରୀୟ ପଞ୍ଜିକା ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଜ୍ୟୋତିର୍ବିଜ୍ଞାନ ଓ ଧର୍ମଶାସ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ମୁଖ୍ୟବକ୍ତାଭାବେ ଟିକେଶ୍ୱର ଗୁରୁ, ସମ୍ମାନିତ ବକ୍ତା ପ୍ରଭାକର ତ୍ରିପାଠୀ, ଯୋଗେନ୍ଦ୍ର ହୋତା ଓ ପ୍ରକାଶକ ରଞ୍ଜନ କୁମାର ସେନାପତି ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ଭାଗ୍ୟଜ୍ୟୋତି ପରମେଶ୍ୱର ପଞ୍ଜିକା ୨୦୧୯-୨୦କୁ ଲୋକାର୍ପିତ କରିଥିଲେ। ଶ୍ୟାମା ଓଁ ପ୍ରସାଦ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଗୁରୁ ପ୍ରସାଦ ରଥ ବେଦପାଠ କରିଥିଲେ । ବେଦ ପଠନ ଓ ପଣ୍ଡିତ ମହାସଭା ପରେ ଭାଗ୍ୟଜ୍ୟୋତି ଜ୍ୟୋତି ଗବେଷଣା କେନ୍ଦ୍ର କଟକ ପକ୍ଷରୁ ଜ୍ୟୋତିର୍ବିଦ୍ ସୁଦର୍ଶନ ତ୍ରିପାଠୀ, ଜଗନ୍ନାଥ ରଥ, ଉମେଶ ଚନ୍ଦ୍ର ରଥ, କୃଷ୍ଣଚନ୍ଦ୍ର ଦେବତା, ହରିହର ସାହୁ, ଡୋଳାମଣି ତ୍ରିପାଠୀ, ଡ. ସରୋଜ କୁମାର ଦାଶ, ପ୍ରକାଶ ପୂଜାରୀ, ହେମନ୍ତ କୁମାର ଚୌଧୁରୀ, ରଞ୍ଜନ କୁମାର ସେନାପତି ଓ ବିବେକାନନ୍ଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଜିଲା ଓ ଜିଲା ବାହାରର ଜ୍ୟୋତିର୍ବିଦ୍ ଓ କର୍ମକାଣ୍ଡୀ ଯୋଗଦେଇଥିଲେ। ପ୍ରତ୍ୟେପ୍ରଜ୍ଞ ଅନୁଷ୍ଠାନର ସମ୍ପାଦକ ବ୍ରଜେନ୍ଦ୍ର କୁମାର ବିଶି, ସଚ୍ଚିଦାନନ୍ଦ ଦାଶ, ରାଜେନ୍ଦ୍ର କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ଅତିଥି ବୃନ୍ଦ ପଞ୍ଜିକାକୁ ଉନ୍ମୋଚନ କରୁଛନ୍ତି।

**THE KOSALA SCHOOL, Estd-1979**
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632

**KOSALA ENTRANCE TEST 2019-20**

- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)

■ ଅର୍ଥାଭାବରୁ ହୋଇପାରିଲାନି ଶବ ସତ୍କାର

# ୩ ଦିନ ପରେ ପୋତିଦେଲେ ସମ୍ପର୍କୀୟ

**ସଜନାଗଡ଼, ୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଅର୍ଥ ଅଭାବରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ସତ୍କାର କରି ନ ପାରିବାରୁ ଘରେ ୩ ଦିନ ଧରି ପଡି ରହିଥିଲା। ରବିବାର ସମ୍ପର୍କୀୟମାନେ ପହଞ୍ଚି ସତ୍କାର କରି ନ ପାରି ଜଙ୍ଗଲରେ ପୋତି ଦେଇଥିବା ଜଣାପଡିଛି।

ସଜନାଗଡ଼ ବଜାର ୧୯ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ଜଙ୍ଗଲ ଜମିରେ ଏକ ଝୁମ୍ପୁଡିରେ ରହୁନ୍ତି ମକରା ବିନ୍ଧାଣି (୭୨) ଓ ତାଙ୍କ ସ୍ତ୍ରୀ ସୁହାଗୀ (୬୫)। ତାଙ୍କର ଏକମାତ୍ର ପୁଅର ବହୁବର୍ଷ ହେଲା ମୃତ୍ୟୁ ହୋଇଯାଇଛି। ଏହି ଦମ୍ପତି ପାଖ ଦୋକାନରେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ମକରାଙ୍କ ବୟସ ବୃଦ୍ଧି ହେବା ସହ ଦିନକୁ ଦିନ ଅସୁସ୍ଥ ହୋଇପଡିଲେ। ଉଭୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବା ବେଳେ କେବଳ ସରକାରଙ୍କ ୧୦କେଜି ଚାଉଳ ଏକମାତ୍ର ଭରସା ଥିଲା। କିଛିଦିନ ତଳେ ମକରା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ସୁହାଗୀ କାମକରି ମିଳୁଥିବା ଅର୍ଥରେ ସ୍ୱାମୀଙ୍କ ଔଷଧ ସହ ଖାଦ୍ୟ ମଧ୍ୟ ଯୋଗାଡ଼ କରୁଥିଲେ। ଗତ ଶୁକ୍ରବାର ଅପରାହ୍ନ ୩ଟାରେ ମକରାଙ୍କ ମୃତ୍ୟୁ ହୋଇଥିଲା। ସୁହାଗୀ ସ୍ୱାମୀଙ୍କ ମୃତ୍ୟୁ ଖବର ଶନିବାର ସାହିପଡ଼ିଶାଙ୍କ ସହ ନୂଆସାହି ଗ୍ରାମରେ ରହୁଥିବା ଦେଢ଼ଶୁର ମଙ୍ଗଳିଆଙ୍କୁ ଜଣାଇଥିଲେ। ମଙ୍ଗଳିଆ ପହଞ୍ଚି ସାନଭାଇର ମୃତଦେହ ପାଖରେ ଜଗିରହି ସମ୍ପର୍କୀୟଙ୍କୁ ଜଣାଇଥିଲେ। ମାତ୍ର ପଡ଼ୋଶୀ କି ଗ୍ରାମବାସୀ ତାଙ୍କ ନିକଟରେ କେହି ପହଞ୍ଚି ନ ଥିଲେ। ରବିବାର ପୂର୍ବାହ୍ନରେ ସମ୍ପର୍କୀୟମାନେ ପହଞ୍ଚି ଗ୍ରାମବାସୀ ଏବଂ ପଞ୍ଚାୟତ ସହ ଯୋଗାଯୋଗ କରିଥିଲେ। ପଞ୍ଚାୟତ ତରଫରୁ ମଧ୍ୟ କୌଣସି ସହାୟତା ମିଳି ନ ଥିଲା। ସ୍ୱାମୀଙ୍କ ଶବଦାହ ଏବଂ ଶୁଦ୍ଧିକ୍ରିୟା ପାଇଁ ସ୍ତ୍ରୀ ସୁହାଗୀଙ୍କ ନିକଟରେ ଅର୍ଥ ନ ଥିବାବେଳେ ବନ୍ଧୁବର୍ଗଙ୍କ ଆର୍ଥିକ ସ୍ଥିତି ଏତେଟା ଭଲ ନ ଥିବାରୁ ସେମାନେ ମୃତଦେହ ସତ୍କାର କରି ନ ପାରି ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ।

ସୁହାଗୀଙ୍କ କହିବା ଅନୁଯାୟୀ, ସ୍ୱାମୀ ମକରାଙ୍କୁ ପକ୍ଷାଘାତ ହେବା ପରେ ସେ ସ୍ଥାନୀୟ ହୋଟେଲ୍‌ରେ କାମକରି ଗୁଜୁରାଣ ମେଣ୍ଟାଉଥିଲେ। କିଛିଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ମୁନା ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ନିକଟରେ ପହଞ୍ଚି ତାଙ୍କର ଧରମପୁଅ ହେବା ସହ ସମସ୍ତ ଖର୍ଚ୍ଚ, ସେବାଶୁଶ୍ରୂଷା ଏବଂ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ତାଙ୍କ ଘର ସମ୍ମୁଖରେ ଥିବା ଦଖଲ ଜାଗାରେ ଏକ ହୋଟେଲ କରିଥିଲେ। ମକରାଙ୍କ ମୃତ୍ୟୁ ଖବର ପାଇବା ପରେ ମୁନା ହୋଟେଲ ବନ୍ଦ କରି ପଳାଇ ଯାଇଛନ୍ତି। ମୁନା ତାଙ୍କୁ ସାହାଯ୍ୟ ବଦଳରେ ପ୍ରତାରଣା କରିଥିବା ସୁହାଗୀ କାନ୍ଦି କାନ୍ଦି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ତରଫରୁ ଶବଦାହ ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ତତ୍‌କ୍ଷଣାତ୍ ଅର୍ଥରାଶି ମିଳୁଥିବା ବେଳେ ମକରାଙ୍କ କ୍ଷେତ୍ରରେ ଏହା ମିଳି ନ ଥିଲା। ଖବର ପାଇ ପ୍ରଥମେ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଉକ୍ତ ପରିବାରକୁ ୧ହଜାର ଟଙ୍କା ପ୍ରଦାନ କରିଥିଲେ। ଏ ନେଇ ସଜନାଗଡ଼ ସରପଞ୍ଚ ସବିତା ଖାଲପାଲିଆଙ୍କୁ ଯୋଗାଯୋଗ କରାଯିବାରୁ ସେ ଏ ସମ୍ପର୍କରେ କିଛି ଖବର ପାଇ ନ ଥିବା କହିଛନ୍ତି। ନୀଳଗିରି ବିଡିଓ ରାମଦାସ ଟୁଡୁ କହିଛନ୍ତି ଯେ, ମୁଁ ଏ ସମ୍ପର୍କରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଖବର ପାଇଲି। ତତ୍‌କ୍ଷଣାତ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯମୁନା ହେମ୍ବ୍ରମଙ୍କୁ ଜଣାଇବା ସହ ଉକ୍ତ ପରିବାରକୁ ସହାୟତା ଯୋଗାଇବାକୁ ଜଣାଇଛି। ନୀଳଗିରି ବିଧାୟକ ସୁକାନ୍ତ ନାୟକ କହିଛନ୍ତି ଯେ, ସେ ଏ ସମ୍ପର୍କରେ ଖବର ପାଇବା ପରେ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

**ସହାୟତାର ହାତ ବଢ଼ାଇଲେ ଗଣମାଧ୍ୟମ ପ୍ରତିନିଧି, ବିଧାୟକ**





ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ରୁବୁଲ
ପରିବାରବର୍ଗ


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ବର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲରେ ବାପା

# ଝିଅକୁ ଗୋଆରେ ବିକିଦେଲେ ଦଲାଲ

**ଢେଙ୍କାନାଳ ଅଫିସ, ୬।୧**

■ ୫୦ ହଜାର ଟଙ୍କାରେ ବିକ୍ରି କରାଯାଇଛି: ସିଡବ୍ଲ୍ୟୁସି ଅଧ୍ୟକ୍ଷ

■ ଆଇନସେବା ପ୍ରାଧିକରଣ, ଶିଶୁ ସୁରକ୍ଷା ବିଭାଗର ତଦନ୍ତ

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକାଙ୍କୁ ଗୋଆରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ମା'ଙ୍କୁ ହତ୍ୟା ମାମଲାରେ ବାପା ହାଜତରେ ଥିବା ବେଳେ ଦଲାଲମାନେ ସମ୍ପର୍କୀୟଙ୍କ ସହାୟତାରେ କୌଶଳକ୍ରମେ ଝିଅକୁ ୫୦ ହଜାର ଟଙ୍କାରେ ବିକ୍ରି କରିଦେଇଛନ୍ତି। ଏ ନେଇ ଡିସେମ୍ବର ୨୯ରେ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ନିକଟରେ ଅଭିଯୋଗ ପରେ ଜିଲା ଆଇନସେବା ପ୍ରାଧିକରଣ, ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି ଖୋଳତାଡ଼। ଅନ୍ୟପଟେ ଏପରି ସ୍ପର୍ଶକାତର ଘଟଣାରେ ସତ୍ୟତା ଥିବା ସ୍ବୀକାର କରିଛନ୍ତି ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରତାପ କୁମାର ଆଚାର୍ଯ୍ୟ। ନାବାଳିକାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାକୁ ସେ ଜିଲାପାଳ, ଏସ୍‌ପିଙ୍କୁ ଅବଗତ କରାଇଛନ୍ତି।

ଅଭିଯୋଗ ଅନୁଯାୟୀ, ୩ ବର୍ଷ ତଳେ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ନାବାଳିକାଙ୍କ ବାପା ଜେଲ୍‌ରେ ଅଛନ୍ତି। ତାଙ୍କର ୨ ପୁଅ ଓ ୨ ଝିଅ। ସେମାନଙ୍କ ମଧ୍ୟରୁ ଦ୍ୱିତୀୟ ସନ୍ତାନ ହେଉଛନ୍ତି ସମ୍ପୃକ୍ତ ନାବାଳିକା। କିଛି ଦିନ ତଳେ କେତେଜଣ ସମ୍ପର୍କୀୟ ଦଲାଲଙ୍କ ଜରିଆରେ ତାଙ୍କୁ ଗୋଆକୁ ନେଇଯାଇଥିଲେ। ପରିବାର ପକ୍ଷରୁ ଝିଅ ସହିତ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇ ନ ଥିଲା। ସବୁଆଡ଼ୁ ନିରାଶ ହେବାପରେ ଶେଷରେ ସେମାନେ ଝିଅକୁ ଉଦ୍ଧାର ପାଇଁ ସିଡବ୍ଲ୍ୟୁସିର ଦ୍ୱାରସ୍ଥ ହୋଇଥିଲେ।

ଏ ନେଇ ସିଡବ୍ଲ୍ୟୁସି ଅଧ୍ୟକ୍ଷ କୁହନ୍ତି, ଅଭିଯୋଗ ପରେ ନାବାଳିକାଙ୍କ ଗ୍ରାମକୁ ଯାଇ ପରିବାର ଲୋକଙ୍କୁ ପଚରାଉଚୁରା କରାଯାଇଛି। ନାବାଳିକାଙ୍କୁ ୫୦ ହଜାର ଟଙ୍କାରେ ଦଲାଲଙ୍କ ସହାୟତାରେ ଗୋଆରେ ବିକ୍ରି କରାଯାଇଥିବା ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ଏବଂ ଜିଲାପାଳ ଜଣାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଗଜେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶରେ ସଚିବ ଅରୁଣ କୁମାର ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ପାରାଲିଗାଲ ଭଲ୍ୟୁଣ୍ଟିୟର କବିତା ବେହେରା ପ୍ରମୁଖ ନାବାଳିକାଙ୍କ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ସିଡବ୍ଲ୍ୟୁସିଙ୍କ ପତ୍ର ଦେଖିବାପରେ ମହିଳା ଓ ଶିଶୁ ବିଭାଗର ଡିଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ଏହାର ତଦନ୍ତ କରାଯିବ। ନାବାଳିକାଙ୍କୁ କିପରି ଉଦ୍ଧାର କରାଯିବ ସେ ନେଇ ପଦକ୍ଷେପ ନିଆଯିବ। ବେଲଟିକିରି ଶେଲ୍‌ଟର ହୋମରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା, ଧର୍ମାନ୍ତରୀକରଣକୁ ନେଇ ଆଲୋଚନା ଥମି ନ ଥିବାବେଳେ ନାବାଳିକାଙ୍କୁ ବିକ୍ରି କରାଯିବା ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି।

## ଫସଲ ନଷ୍ଟ କଲେ ହାତୀ, ଭୟରେ ଗ୍ରାମବାସୀ

**ରାୟଗଡା ଅଫିସ୍, ୬।୧**

ରାୟଗଡା ଜିଲା ଭିତରକୁ ପଶି ଆସିଛନ୍ତି ଆନ୍ଧ୍ରପ୍ରଦେଶ ହାତୀପଲ । ଏକ ୭ ଜଣିଆ ହାତୀପଲ ରାୟଗଡା ବ୍ଲକ୍ କେରେଡା ପଞ୍ଚାୟତ ଅଞ୍ଚଳରେ ଘୂରି ବୁଲୁଛନ୍ତି । ଏହି ହାତୀପଲରେ ୨ଦନ୍ତା, ୨ଛୁଆ ଓ ୩ ମାଈ ହାତୀ ରହିଛନ୍ତି। ଗତ ଶନିବାର ଆନ୍ଧ୍ରପ୍ରଦେଶ ରାଜ୍ୟର ବୀରଗୋଟାମ ସଂରକ୍ଷିତ ଜଙ୍ଗଲରୁ ଚାଲି ଆସିଛନ୍ତି ଏହି ହାତୀପଲ। ଏମାନେ ନାଗାଳବୀ ନଦୀ ତଟରେ ଥିବା ଗାଁଗୁଡ଼ିକରେ ବ୍ୟାପକ ଫସଲ କ୍ଷୟକ୍ଷତି ଘଟାଇଛନ୍ତି। ଫଳରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ଶନିବାର ରାତି ପ୍ରାୟ ୭ଟା ସମୟରେ ରାୟଗଡାଠାରୁ ୨୫କି.ମି ଦୂର ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳକୁ ଆସିଥିଲେ ହାତୀପଲ । ବୋରୁହାଲୁଆ ଓ ଅଣିଜା ଗ୍ରାମବାସୀ ମିଳିତ ଭାବେ ଘଉଡାଇବାକୁ ଉଦ୍ୟମ କରିଥିଲେ । ଘଉଡାଇବା ସମୟରେ ବୋରୁହାଲୁଆ ଗ୍ରାମର ଜଣେ ଯୁବକ ଆହତ ହୋଇଛନ୍ତି । ହାତୀପଲ ଉକ୍ତ ଅଞ୍ଚଳରେ ଥିବା ଏକ ବୁଦା ନିକଟରୁ ଘୁଞ୍ଚୁ ନ ଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।


# classified

real estate

to-let

**SALE**

ଭୁବନେଶ୍ବର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ବର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Residential plot with revenue road and electricity near Patia Railway Station. 7978441564. D-10368

ଭୁବନେଶ୍ବରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

**New year offer, ଭୁବନେଶ୍ବର ପଟିଆ ରେଲୱେ ଷ୍ଟେଶନ ପାଖରେ କୃଷ୍ଣସରଣପୁର ମୌଜା 100' roadକୁଲାଗି 1200 sqft. 5,90,000/-ରେ ପ୍ଲଟ ମିଳୁଅଛି। (boundary/registration free) 9937542232.** D-65318

ଭୁବନେଶ୍ବର ବାଳକାଟି ବଜାରରୁ 3km. ଦୂରତାରେ 30'ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପାଚେରିସହ ପିଚୁରୋଡ୍‌କୁ ଲାଗି sqft. 480/-, ଜଟଣୀଗେଟ୍‌ରୁ 1km. ଦୂରତାରେ 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65319

1BHK, 2BHK, 3BHK approved flats at Hitech Heaven near Gudiapokhari chowk, Bhubaneswar. 9861219987, 9853426050. D-10407

ନଖରା ପଞ୍ଚବଟୀ mainroad ପାଖରେ immediate ଘରକରିବା ପାଇଁ ଘରବାରି boundary ପଟ୍ଟା ଥିବା plot (ପାଖରେ ଚାରିପଟ ଘର) ମିଳୁଛି। 9178031478. D-64679

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

ସୁନ୍ଦରପଦା Hitech ପାଖରେ 50ft. Revenue ରୋଡଥାଇ 2500 sqft.ର ୩ଟି ଘରବାରି ପାଚେରି individual ପ୍ଲଟ ବିକ୍ରିହେବ। sqft. 600/-. 9777236619. D-65323

Godown available near Infocity, Bhubaneswar. 2000 sqft. single hall. 8763802787. D-63895

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ରୁବୁଲ)
**ଦିବ୍ୟାଂଶୁ ସାହୁ**
ଶୁଭ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ଓ ଶୁଭକାମନା ସହ**
ଠାକୁଜେଜେ-ବଳରାମ ସାହୁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୪୩୩

### ଜନ୍ମଦିନ ଶୁଭେଚ୍ଛା



(ସିପୁ)
**ସାହିଲ୍ ଶେଖର ଜେନା**
ବେରୁହାଁ (ରେତଙ୍ଗ), ଖୋର୍ଦ୍ଧା
ଆଜି ୧୯ତମ ଜନ୍ମତିଥିରେ ପ୍ରଭୁ ଶ୍ରୀମହାବୀରଙ୍କ କୃପାରୁ ତୁମର ଚଲାପଥ କୁସୁମିତ ହେଉ।
**ଶୁଭେଚ୍ଛା ସହ:** ବନ୍ଧୁ ଓ ପରିବାରବର୍ଗ।
ଧ-୬୪୬୮୦

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଏନ୍‌ଡିଏକୁ...

୧୫ରୁ ୨୫ ମଧ୍ୟରେ ସମସ୍ତ ୫୪୩ ଲୋକ ସଭା ଆସନରେ ସର୍ବେକ୍ଷଣ କରାଯାଇଥିଲା। ଏହାର ରିପୋର୍ଟ ଏବେ ପ୍ରକାଶ ପାଇଛି। ଓପିନିୟନ୍ ପୋଲ୍ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏନ୍‌ଡିଏକୁ ୨୫୭ ଆସନ ମିଳିବ, ଯାହାକି ସଂଖ୍ୟାଗରିଷ୍ଠତାଠାରୁ ୧୫ କମ୍। ଅନ୍ୟପକ୍ଷରେ ଉପାକୁ (ଏସ୍‌ପି-ବିଏସ୍‌ପିକୁ ବାଦ୍‌ଦେଇ) ୧୪୬ ଆସନରେ ସଫଳତା ମିଳିପାରେ। ଏପରି ହେଲେ ଉପା ସରକାର ଗଠନ ଲାଗି ବହୁ ପଛରେ (୧୨୬ ଆସନ କମ୍) ପଡ଼ିଯିବ। ଫଳରେ କେନ୍ଦ୍ରରେ କ୍ଷମତା ଦଖଲ ପାଇଁ ଏନ୍‌ଡିଏ କିମ୍ବା ଉପା କେହି ସକ୍ଷମ ହେବେନାହିଁ। ଅର୍ଥାତ୍ କିଙ୍ଗମେକର ଭୂମିକାରେ ଅବତୀର୍ଣ୍ଣ ହେବେ ଅନ୍ୟଦଳ, ଯାହାଙ୍କୁ ୧୪୦ ଆସନରେ ସଫଳତା ମିଳିପାରେ ବୋଲି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ପୂର୍ବାନୁମାନ କରିଛି। ଏହି ଅନ୍ୟ ଦଳଗୁଡ଼ିକ ମଧ୍ୟରେ ରହିଛନ୍ତି ଏସ୍‌ପି, ବିଏସ୍‌ପି, ଏଆଇଏଡିଏମ୍‌କେ, ଟିଏମ୍‌ସି, ଟିଆର୍‌ଏସ୍, ବିଜେଡି, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି, ବାମ ସାମ୍ମୁଖ୍ୟ, ମେହବୁବା ମୁଫ୍ତିଙ୍କ ପିଡିପି, ବଦ୍‌ରୁଦ୍ଦିନ୍ ଅଜମଲଙ୍କ ଏଆଇୟୁଡିଏଫ୍, ଅସାଦୁଦ୍ଦିନ୍ ଓୱାଇସିଙ୍କ ଏଆଇଏମ୍‌ଆଇଏମ୍, ଆଇଏନ୍‌ଏଲ୍‌ଡି, ଏଏପି, ଜେଭିଏମ୍(ପି), ତାମିଲନାଡୁର ଏଏମ୍‌ଏମ୍‌କେ ଏବଂ ସ୍ୱାଧୀନ ଏମ୍‌ପି।

ଏନ୍‌ଡିଏରେ ଭାଜପା, ଶିବସେନା, ଅକାଳୀ ଦଳ, ଜେଡିୟୁ, ମିଜୋ ନ୍ୟାଶନାଲ ଫ୍ରଣ୍ଟ, ଅପ୍‌ନା ଦଳ, ସିକିମ ଡେମୋକ୍ରାଟିକ୍ ଫ୍ରଣ୍ଟ, ରାମବିଳାସ ପାଶ୍ୱାନଙ୍କ ଏଲ୍‌ଜେପି, ମେଘାଳୟର ଏନ୍‌ପିପି, ପଣ୍ଡିଚେରୀର ଆଇଏନ୍‌ଆର୍‌ସି, ପିଏମ୍‌କେ ଏବଂ ନାଗାଲାଣ୍ଡର ଏନ୍‌ଡିପିପି ଅଛନ୍ତି। ଅନ୍ୟପକ୍ଷରେ ଉପାରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସହିତ ଆର୍‌ଜେଡି, ଡିଏମ୍‌କେ, ଟିଡିପି, ଶରଦ ପାୱାରଙ୍କ ଏନ୍‌ସିପି, ଏଚ୍.ଡି. ଦେବେଗୌଡ଼ାଙ୍କ ଜେଡିଏସ୍, ଅଜିତ୍ ସିଂଙ୍କ ଆର୍‌ଏଲ୍‌ଡି, ନ୍ୟାଶନାଲ କନ୍‌ଫରେନ୍ସ, ଆର୍‌ଏସ୍‌ପି, ଜେଏମ୍‌ଏମ୍, ଆଇୟୁଏମ୍‌ଏଲ୍, କେରଳ କଂଗ୍ରେସ (ମଣି) ଏବଂ ଆର୍‌ଏଲ୍‌ଏସ୍‌ପି ସାମିଲ ଅଛନ୍ତି।

ନିକଟରେ ସମାପ୍ତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଏହି ସର୍ବେକ୍ଷଣ କରାଯାଇଥିଲା। ଏଥିମଧ୍ୟରୁ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବାରେ ସକ୍ଷମ ହୋଇଛି। ସେପଟେ ତେଲେଙ୍ଗାନାରେ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଟିଆର୍‌ଏସ୍ ଏବଂ ମିଜୋରାମରେ ଜୋରାମଥାଙ୍ଗାଙ୍କ ନେତୃତ୍ୱାଧୀନ ଏମ୍‌ଏନ୍‌ଏଫ୍ କ୍ଷମତାସୀନ ହୋଇଛି। ଏହା ପୂର୍ବରୁ ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ନଭେମ୍ବରରେ ମଧ୍ୟ ଦେଶବ୍ୟାପୀ ସର୍ଭେ କରିଥିଲା। ଏଥିରେ ଏନ୍‌ଡିଏକୁ ସ୍ପଷ୍ଟ ବହୁମତ ୨୮୧ ଆସନ ମିଳିଥିବାବେଳେ ଉପାକୁ ୧୨୪ ଓ ଅନ୍ୟଙ୍କୁ ୧୩୮ ଆସନରେ ସଫଳତା ମିଳିବା ନେଇ କୁହାଯାଇଥିଲା। ସେବେଠୁ ବର୍ତ୍ତମାନ ଯାଏ ଏନ୍‌ଡିଏର ଆସନ ସଂଖ୍ୟା ୨୪ ହ୍ରାସ ପାଇଥିବାବେଳେ ଉପାକୁ ଅଧିକ ୨୨ ଆସନ ମିଳିଥିବା ସର୍ଭେ ରିପୋର୍ଟ କହୁଛି। ସଦ୍ୟ ରିପୋର୍ଟ ଅନୁସାରେ ଏବେ ନିର୍ବାଚନ ହେଲେ ଏନ୍‌ଡିଏକୁ ୩୭.୧୫%, ଉପାକୁ ୨୯.୯୨% ଏବଂ ଅନ୍ୟ ଦଳଗୁଡ଼ିକୁ ୩୨.୯୩% ଭୋଟ ମିଳିବ। ସେହିପରି ଭାଜପା ୨୨୩ ଆସନରେ

ପ୍ରଥମ ପୃଷ୍ଠାରୁ...

ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହେବ। ଶିବସେନା ୮, ଜେଡିୟୁ ୧୧, ଅକାଳୀ ଦଳ ୫, ଏଲ୍‌ଜେପି ୩, ପିଏମ୍‌କେ ୧, ଏନ୍‌ଡିପିପି ୧, ଏଆଇଏନ୍‌ଆର୍‌ସି ୧, ଏନ୍‌ପିପି ୧, ଏସ୍‌ଡିଏଫ୍ ୧, ଅପ୍‌ନା ଦଳ ୧ ଏବଂ ଏମ୍‌ଏନ୍‌ଏଫ୍ ଗୋଟିଏ ଆସନରେ ସଫଳତା ପାଇବ।

ସର୍ଭେ ଅନୁସାରେ କଂଗ୍ରେସକୁ ୮୫ (୨୦୧୪ ନିର୍ବାଚନଠାରୁ ପ୍ରାୟ ଦୁଇଗୁଣ) ଆସନରେ ସଫଳତା ମିଳିବ। ଡିଏମ୍‌କେ, ୨୧, ଲାଲୁ ଯାଦବଙ୍କ ଆର୍‌ଜେଡି ୧୦, ଏନ୍‌ସିପି ୯, ଜେଏମ୍‌ଏମ୍ ୪, ଜେଡିଏସ୍ ୪, ଆର୍‌ଏଲ୍‌ଡି ୨, ଆର୍‌ଏଲ୍‌ଏସ୍‌ପି ୧, ଆର୍‌ଏସ୍‌ପି ୧, ଆଇୟୁଏମ୍‌ଏଲ୍ ୨, ଟିଡିପି ୪, ଏନ୍‌ସି ୨ ଏବଂ କେରଳ କଂଗ୍ରେସ (ଏମ୍) ଗୋଟିଏ ଆସନ ପାଇବ। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସିକୁ ୨୬ ଆସନ ମିଳିପାରେ। ସେହିପରି ଅଖିଳେଶ ଯାଦବଙ୍କ ଏସ୍‌ପି ୨୦, ମାୟାବତୀଙ୍କ ବିଏସ୍‌ପି ୧୫, ୱାଇଏସ୍‌ଆର୍ କଂଗ୍ରେସ ୧୯, ଟିଆର୍‌ଏସ୍ ୧୬, ବିଜେଡି ୧୩, ଏଆଇଏଡିଏମ୍‌କେ ୧୦, ଏମ୍‌ଏମ୍‌କେ ୪, ବାମ ସାମ୍ମୁଖ୍ୟ ୮, ଏଏପି ୨, ଏଆଇୟୁଡିଏଫ୍ ୨, ପିଡିପି ୧, ଜେଭିଏମ୍(ପି) ୧ ଏବଂ ଏଆଇଏମ୍‌ଆଇଏମ୍ ଗୋଟିଏ ଆସନ ଦଖଲ କରିପାରିବ। ସର୍ବେକ୍ଷଣ ସଂସ୍ଥା ସିଏନ୍‌ଏକ୍ସ ପକ୍ଷରୁ ୫୪୩ ସଂସଦୀୟ ଆସନ (୧,୦୮୬ ବିଧାନସଭା ନିର୍ବାଚନମଣ୍ଡଳୀ)ର ୫୪,୩୦୦ ଲୋକଙ୍କୁ ବିଭିନ୍ନ ପ୍ରଶ୍ନ ପଚରାଯାଇଥିଲା। ପ୍ରତ୍ୟେକ ଲୋକ ସଭା ଆସନର ହାରାହାରି ୧୦୦ ଜଣ ଉତ୍ତର ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୭,୮୩୨ ପୁରୁଷ ଓ ୨୬,୪୦୮ ମହିଳା, ଯେଉଁମାନଙ୍କ ବୟସ ୧୮ରୁ ୬୦ ବର୍ଷ ହେବ।

## ମନ୍ତ୍ରୀ ପଦରୁ...

ଘଟଣାର ପୁନଃ ତଦନ୍ତ କରିବାକୁ ଦାବି କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଘଟଣାକୁ ଗୁରୁତ୍ୱର ସହ ନିଆଯାଉଛି ବୋଲି କହିଥିଲେ। ତେଣୁ ମହାରଥୀ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିବା ଚର୍ଚ୍ଚା ହେଉଛି। ନିଜ ଇସ୍ତଫାକୁ ମହାରଥୀ ନୈତିକତା ଏବଂ ଦଳର ହିତ ପାଇଁ ବୋଲି କହିଥିବାବେଳେ ଦଳୀୟ ନେତୃତ୍ୱଙ୍କ ଚାପ ଯୋଗୁ ସେ ଇସ୍ତଫା ଦେଇଥିବା ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ପୁରୀଠାରେ ମିଶନ୍ ଶକ୍ତି ସମାବେଶ ପୂର୍ବରୁ ଉକ୍ତ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ମହାରଥୀଙ୍କ ଉପରେ ଦଳୀୟ ନେତୃତ୍ୱ ଚାପ ପ୍ରୟୋଗ କରିବାକୁ ଚାହୁଁ ନ ଥିଲେ। ହେଲେ ମିଶନ ଶକ୍ତି ସମାବେଶ ଦିନ ହିଁ ପ୍ରଧାନମନ୍ତ୍ରୀଙ୍କ ସମାଲୋଚନା ଏବଂ ରବିବାର କଂଗ୍ରେସର ଖବରଦାତା ସମ୍ମିଳନୀ ମହାରଥୀଙ୍କ ଅଡୁଆ ବଢାଇଦେଇଥିଲା। ତେବେ ମହାରଥୀଙ୍କ ଏହି ଇସ୍ତଫା ପିପିଲି ଗଣବଳାତ୍କାର ଘଟଣାରେ ପ୍ରଥମ ନୁହେଁ। ଏହା ପୂର୍ବରୁ ମହାରଥୀ ୨୦୧୨ରେ ଇସ୍ତଫା ଦେଇଥିଲେ। ତେବେ ଗୋଟିଏ ଘଟଣାରେ ଜଣେ ମନ୍ତ୍ରୀ ୨ ଥର ଇସ୍ତଫା ଦେବା ବିରଳ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପ୍ରାୟତଃ ଆସନ୍ତା ଏପ୍ରିଲ-ମେ ମାସରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ମହାରଥୀଙ୍କ ଇସ୍ତଫା ସରକାରୀ ଦଳ ବିଜେଡିକୁ ବଡ଼ ଝଟକା ବୋଲି ଆଲୋଚନା ହେଉଛି। ସେହିପରି ବିଜୁ କୃଷକ ଜନତା ଦଳ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ପ୍ରସଙ୍ଗରେ ଆସନ୍ତା ୮ ତାରିଖରେ ନୂଆଦିଲ୍ଲୀଠାରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଉଛି। ଏହାର ୪୮ ଘଣ୍ଟା ପୂର୍ବରୁ କୃଷିମନ୍ତ୍ରୀଙ୍କ ଇସ୍ତଫା ଦଳକୁ ଅଡୁଆରେ ପକାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି।

ସୂଚନାଥାଉ କି, ମହାରଥୀଙ୍କ ପୂର୍ବରୁ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଏବଂ ବ୍ରାହ୍ମଣ ବିରୋଧୀ ମନ୍ତବ୍ୟ ପାଇଁ ଯଥାକ୍ରମେ ଅତନୁ ସବ୍ୟସାଚୀ ନାୟକ ଏବଂ ଦାମୋଦର ରାଉତ ମନ୍ତ୍ରିମଣ୍ଡଳର ବିଦା ହୋଇଛନ୍ତି। ଅତନୁ ନିଜ ଆଡ଼ୁ ଇସ୍ତଫା ଦେଇଥିବାବେଳେ ଦାମୋଦରଙ୍କୁ ମୁଖ୍ୟମନ୍ତ୍ରୀ ବହିଷ୍କାର କରିବାକୁ ପଡିଥିଲା।

## ବାଧ୍ୟତାମୂଳକ....

ଆବେଦନ କଲେ ମଧ୍ୟ ସେ ଏଥିରୁ ବଞ୍ଚିତ ହେବେ। କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' କାର୍ଯ୍ୟକ୍ରମର ପ୍ରଶଂସା କରି ପ୍ରସାଦ କହିଛନ୍ତି ଯେ, ଏହାଦ୍ୱାରା ସହର-ଗ୍ରାମ ମଧ୍ୟରେ ବିଭେଦକୁ ଅନେକାଂଶରେ ଦୂର କରାଯାଇପାରିଛି। ୧୨୩ କୋଟି ଆଧାର କାର୍ଡ ଜାରି କରାଯାଇଥିବା ବେଳେ ଦେଶରେ ଏବେ ୧୨୧ କୋଟି ମୋବାଇଲ ଫୋନ ରହିଛି। ତନ୍ମଧ୍ୟରେ ୪୪.୬ କୋଟି ସ୍ମାର୍ଟଫୋନ ହୋଇଥିବା ବେଳେ ୫୬ କୋଟି ଇଣ୍ଟରନେଟ ବ୍ୟବହାରକାରୀ ରହିଛନ୍ତି। ସେହିପରି ଇ-କମର୍ସ ବ୍ୟବହାର ୫୧ ପ୍ରତିଶତକୁ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି।

## କ୍ଷତିପୂରଣ...

ରିଲିଜ୍ କରାଯାଇ ପାରିବ ନାହିଁ। ଏ କ୍ଷେତ୍ରରେ ଜବତ ଗାଡ଼ିକୁ ସର୍ବସାଧାରଣରେ ନିଲାମ କରିଦିଆଯିବ ବୋଲି ଜଣାପଡିଛି।

ସଡ଼କ ଦୁର୍ଘଟଣା ବୃଦ୍ଧି ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଦୁର୍ଘଟଣା ହାର ହ୍ରାସ ଓ ଏହାର ନିରାକରଣ ସମସ୍ତଙ୍କ ପାଇଁ ବଡ଼ ଆହ୍ୱାନ ସଦୃଶ। ବ୍ୟାପକ ଜନସଚେତନତା ଦ୍ୱାରା ଏହା ସମ୍ଭବ ହୋଇପାରିବ। ଦୁର୍ଘଟଣା ଦ୍ୱାରା ଆହତ, ମୃତ୍ୟୁ ଓ ଅନ୍ୟପକ୍ଷରେ କ୍ଷୟକ୍ଷତି ସମ୍ପର୍କରେ ଗୁରୁତ୍ୱାରୋପ କରିବା ନିହାତି ଆବଶ୍ୟକ। ବୀମା ନ ଥିବା ଗାଡ଼ିର ଦୁର୍ଘଟଣା ପରବର୍ତ୍ତୀ ଅବସ୍ଥାରେ ଚାଳକଙ୍କ ମେଡିକାଲରେ ଭର୍ତ୍ତି ହେବା ଆବଶ୍ୟକତା ପଡ଼ିଥାଏ। ଦୁର୍ଘଟଣା ଦ୍ୱାରା ଯଦି ପ୍ରତିପକ୍ଷର କ୍ଷତି ହୋଇଥାଏ, ତେବେ ସେ କ୍ଷେତ୍ରରେ କ୍ଷତିପୂରଣ ପ୍ରଦାନ କରିବା ଓ ଆଇନଗତ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। କେତେକ କ୍ଷେତ୍ରରେ ଦୁଇଟି ଯାକର ଆବଶ୍ୟକତା ଥାଏ। ଯଦି ଗାଡ଼ିର ତୃତୀୟ ପକ୍ଷର ବୀମା ନ ଥାଏ, ସେ କ୍ଷେତ୍ରରେ ସମସ୍ୟା ଉପୁଜିଥାଏ। ତେଣୁ ଏହି ସଂଶୋଧନ ''ଓଡ଼ିଶା ମୋଟର ଯାନ (ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ)ନିୟମ- ୨୦୧୮''କୁ ନୂତନ ଭାବେ ପ୍ରବର୍ତ୍ତନ କରାଯାଇଛି ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗତ ଡିସେମ୍ବର ୨୮ରେ (ନୋଟିଫିକେଶନ ନଂ.୧୦୭୬୮) ବିଜ୍ଞପ୍ତି ପ୍ରକାଶ କରାଯାଇଛି।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ବିମଳା ମୁଦୁଲି**
ଆବିର୍ଭାବ: ୦୨।୦୫।୧୯୩୩
ତିରୋଧାନ: ୨୮।୧୨।୨୦୧୮
ଆଜିକୁ ୧୧ ଦିନ ହେଲା ତମେ ଆମମାନଙ୍କୁ ଏକା କରି ଚାଲିଗଲ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ। ତୁମର ଶୋକସନ୍ତପ୍ତ ପୁଅ, ବୋହୂ, ନାତି ନାତୁଣୀ, ଝିଅ ଏବଂ ପରିବାରବର୍ଗ।
ଧ-୬୫୪୩୬

### ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



**ସ୍ୱର୍ଗତ ବିଷ୍ଣୁମୋହନ ସେନାପତି**
ମଠସାହି, ଭଦ୍ରକ
ଆବିର୍ଭାବ: ୧୯।୦୮।୧୯୩୮
ତିରୋଧାନ: ୨୦।୧୨।୨୦୧୭
ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କାମନା କରୁଛୁ।
ଇତି-ପତ୍ନୀ-ପ୍ରମିଳା, ବିଜୟ, ଡ.ଜୟନାରାୟଣ, ସଂଜୟ, ଜ୍ୟୋତ୍ସ୍ନାରାଣୀ, ପୁତ୍ରବଧୂ-ପ୍ରଶାନ୍ତ ଓ ପରିବାରବର୍ଗ।
ଧ-୧୦୪୩୨

### ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଭୁବନ ସ୍ୱାଇଁ**
ଆବିର୍ଭାବ: ୧୯୪୫
ତିରୋଧାନ: ୨୮।୧୨।୨୦୧୮
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା ଓ ସାଧୁତା ସବୁବେଳେ ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ହତଭାଗ୍ୟ ପୁତ୍ର-ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୬୩୭୪୮


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ସହିତ କେତୁ କର୍ମସ୍ଥାନରେ ଅବସ୍ଥାନ କରି କର୍ମକ୍ଷେତ୍ରର ଜଟିଳତାକୁ ବହୁଗୁଣିତ କରିପାରିବ। ପାରସ୍ପରିକ ମତଭେଦରୁ ପାରିବାରିକ ଜୀବନରେ ଅଶାନ୍ତି ଉପୁଜିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଏବଂ ସାମୟିକ ମନ ହାଲୁକା ରହିବ। ବିଶେଷତଃ ଅଶ୍ୱିନୀ ନକ୍ଷତ୍ର ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବୃଷ** ପାପଗ୍ରହ ଅଷ୍ଟମସ୍ଥ ହୋଇ ଧନଭାବକୁ ପ୍ରଭାବିତ କରୁଥିବାରୁ ଟଙ୍କା ପଇସା ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ ହେବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଠାତ୍ ଯାତ୍ରା କରିବାକୁ ପଡିପାରେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ରହିପାରନ୍ତି। ତୃତୀୟସ୍ଥ ରାହୁ ସମସ୍ତ ପ୍ରକାରର ରିଷ୍ଟ ଖଣ୍ଡନ କରିବାରେ ମୃଗଶିରା ପାଇଁ ଶୁଭପ୍ରଦ ରହିବେ।

**ମିଥୁନ** ଅଷ୍ଟମଚନ୍ଦ୍ର ପ୍ରଭାବରୁ ଅର୍ଥସମ୍ପର୍କୀୟ କଳହ ଜନିତ ମନ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ଆବଶ୍ୟକତାର ଅପରିହାର୍ଯ୍ୟତା ଦୃଷ୍ଟିରୁ ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଋଣ କରାଇଦେବା ପାଇଁ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** ଅବହେଳା କାରଣରୁ ସ୍ୱାସ୍ଥ୍ୟ ଅବସ୍ଥା ନିମ୍ନଗାମୀ ହେବାର ଅନୁଭବ କରିବେ। ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣାଜନିତ ବାକ୍‌ଯୁଦ୍ଧ ସୃଷ୍ଟି ହୋଇପାରେ। ଆଜିର ଯାତ୍ରା ମଧ୍ୟ ବ୍ୟୟବହୁଳ ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବନି। ତଥାପି ପୁଷ୍ୟା ନକ୍ଷତ୍ର ସକାଶେ ଗତାନୁଗତିକ ରୀତିରେ ଆପଣଙ୍କ କର୍ମପ୍ରବାହ ଆଗକୁ ଆଗକୁ ଗଡି ଗଡି ଚାଲିବ।

**ସିଂହ** ବନ୍ଧୁଙ୍କ ସହ ଆଲୋଚନା, ପରୀକ୍ଷାରେ ସାକ୍ଷାତକାର ପ୍ରବୃତ୍ତି ଦିଗରେ ଉପକୃତ ହେବେ। କର୍ମାଧିପତିଙ୍କ କର୍ମସ୍ଥାନକୁ ଦୃଷ୍ଟି ହେତୁ ପରିସ୍ଥିତି ବିଶେଷ କଷ୍ଟଦାୟକ ହେବନାହିଁ। ତଥାପି ପାପଗ୍ରହ ପ୍ରଭାବିତ ଚନ୍ଦ୍ରଙ୍କ ଦ୍ୱାରା ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପୂର୍ବା ଫାଲଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ।

**କନ୍ୟା** ତୃତୀୟସ୍ଥ ଶୁଭଗ୍ରହ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆଜି ଯାହା ଆରମ୍ଭ କରିବାକୁ ଯାଉଛନ୍ତି ତାହା ମନ୍ଦ ହେବନାହିଁ। କିନ୍ତୁ ଚତୁର୍ଥସ୍ଥ ପାପଗ୍ରହମାନେ ଏକାଧାରରେ କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ହଟଚମଟ ସୃଷ୍ଟି କରିପାରନ୍ତି। ଚିତ୍ରା ନକ୍ଷତ୍ର ପାଇଁ ଆଜିର ଜୀବନଯାତ୍ରା ଭଲରେ ଅତିବାହିତ ହେବ।

**ତୁଳା** କେବଳ ବାହାର ଲୋକମାନଙ୍କ ସହ ସମ୍ପର୍କ ସେତେଟା ଭଲ ରହିବ ନାହିଁ। କିନ୍ତୁ ପରିବାରରେ, ପ୍ରଶାସନିକ ସ୍ତରରେ, ଆଲୋଚନାରେ କିମ୍ବା ଆନୁଷ୍ଠାନିକ କାମରେ ସଫଳତା ଅବଶ୍ୟ ପାଇବେ। ଶୁକ୍ରଙ୍କ ପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ରାଦି ମନୋରଞ୍ଜନ କାର୍ଯ୍ୟରେ ପ୍ରଶଂସିତ ହେବେ। ବିଶାଖା ନକ୍ଷତ୍ର ଦୂରଯାତ୍ରାରୁ ଦୂରେଇ ରହିବାକୁ ମନସ୍ଥ କରିପାରନ୍ତି।

**ବିଛା** ରାଶିରେ ଶୁଭଗ୍ରହ, ଦୈହିକ, ମାନସିକ ଓ ଆର୍ଥିକ ଦିଗ ପାଇଁ ଶୁଭସୂଚକ ରହିବାର ଅନୁମେୟ। କିନ୍ତୁ ସ୍ୱଜନ ବିବାଦ, ପଡୋଶୀଙ୍କ ଅପପ୍ରଚାର ଏବଂ କର୍ମକ୍ଷେତ୍ରରେ ଉଦାସୀନତା ଲାଗିରହିବ। ବ୍ୟକ୍ତିଗତ ଭାବରେ ସମସ୍ୟାମୁକ୍ତ ରହିଥିଲେ ମଧ୍ୟ ଅନ୍ୟମାନଙ୍କ ସକାଶେ ସନ୍ତୁଳିତ ହେବାକୁ ପଡ଼ିପାରେ। ରାଜନୀତିରେ, ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**ଧନୁ** ଆଜିର ଗ୍ରହଯୋଗ ଆପଣଙ୍କୁ ବିବାଦ ସମାଧାନରେ, କ୍ରୟବିକ୍ରୟର ମଧ୍ୟସ୍ଥତାରେ ସଫଳତା ପ୍ରଦାନ କରିବ। ଚନ୍ଦ୍ର ଓ କେତୁ ପ୍ରଭାବରେ କୂଟନୈତିକ ଆଲୋଚନାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। ଅନାବଶ୍ୟକ କଥାବାର୍ତ୍ତା ଅଯଥା ବିବାଦର କାରଣ ହୋଇପାରେ। ଆର୍ଥିକ ଅଭିବୃଦ୍ଧି ଓ ଲକ୍ଷ୍ୟ ହାସଲରେ ଆନନ୍ଦ ଅନୁଭବ କରିପାରନ୍ତି।

**ମକର** ରବିଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସହ ସୁସମ୍ପର୍କ ସ୍ଥାପିତ ହୋଇପାରିବ। ଶୁକ୍ରଙ୍କ ଶୁଭଦୃଷ୍ଟି ଆପଣଙ୍କ ମନକୁ ସୌନ୍ଦର୍ଯ୍ୟାନୁଭୂତି, ମନୋରଞ୍ଜନ, ସ୍ନେହ, ଶ୍ରଦ୍ଧା ସମ୍ବନ୍ଧରେ ଭାବପ୍ରବଣ କରାଇପାରେ। ଫଳରେ ବିଳାସବ୍ୟସନ ଦିଗକୁ ମନ ଢଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**କୁମ୍ଭ** ଏକାଦଶସ୍ଥ ପାପଗ୍ରହ ଆପଣ ଠିକ୍ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବେ। ବିଶେଷ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥତା ହୋଇପାରେ। କର୍ମକ୍ଷେତ୍ରରେ ଭାବିଚିନ୍ତି ସତର୍କତାମୂଳକ ପଦକ୍ଷେପ ନ ନେଲେ ପରେ ପସ୍ତେଇବାକୁ ପଡିବ। ବ୍ୟବସାୟିକ ଉତ୍କର୍ଷତା ସହ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇପାରନ୍ତି।

**ମୀନ** ବୃହସ୍ପତିଙ୍କ ସୁପ୍ରଭାବରେ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି, ସଫଳ ଆଲୋଚନା ମାନସିକ ସ୍ଥିତିକୁ ଦୃଢୀଭୂତ କରିବ। ପାପଗ୍ରହ ପ୍ରଭାବରେ କର୍ମ କ୍ଷେତ୍ରରେ ନୀଚଜାତିର ବ୍ୟକ୍ତିବିଶେଷଙ୍କ ସହ ଉଚ୍ଚବାଚ ଘଟିପାରେ। ଆଜିର ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ରାଜନୈତିକ, ପ୍ରଶାସନିକ ଓ ଅର୍ଥନୈତିକ ସ୍ଥିତି ବାଧାପ୍ରାପ୍ତ ହେବନାହିଁ।

ଆଜି ପୌଷ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଜାନୁୟାରୀ ୭ ତାରିଖ,ରାଶି ନକ୍ଷତ୍ର-ଉତ୍ତରାଷାଢା/ମକର, ସିଂହ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୦ମି. ମଧ୍ୟେ ଘ୧।୧୬ମି. ଗତେ, ଘ୨।୩୮ମି. ମଧ୍ୟେ ଘ୪।୦୦ମି. ଗତେ, ଘ୫।୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୦ମି. ଗତେ, ଘ ୧୦।୩୧ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ୭।୪୮ମି. ଗତେ ଘ୯।୦୯ ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସୋମବାର, ୭ ଜାନୁୟାରୀ, ୨୦୧୯



କେନ୍ଦ୍ରରେ 'ୱାନ୍ ମ୍ୟାନ୍ ଶୋ' ଚାଲିଛି। ଏଥିଯୋଗୁ ଏନ୍‌ଡିଏ ସହଯୋଗୀଙ୍କ ମଧ୍ୟରେ ନୈରାଶ୍ୟ ଭାବ ବଢ଼ିବାରେ ଲାଗିଛି। ଫଳରେ ଭାଜପା ଏକ ବୁଡ଼ିଯାଉଥିବା ଜାହାଜ ପାଲଟିଛି।
-ଶଶୀ ଥରୁର, କଂଗ୍ରେସ ଏମ୍‌ପି



## ସଂକ୍ଷେପରେ

### ୟୁପିର ୩ ମନ୍ତ୍ରୀଙ୍କ ସଚିବ ଜେଲ୍ ଗଲେ

**ଲକ୍ଷ୍ନୌ,୬।୧:** ଦୁର୍ନୀତି ଓ ଲାଞ୍ଚ ନେବା ଅଭିଯୋଗରେ ଉତ୍ତରପ୍ରଦେଶର ୩ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଶନିବାର ରାତିରେ ଜେଲ୍ ପଠାଇ ଦିଆଯାଇଛି। ୩ ସଚିବଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଅନୁକମ୍ପା ଦେଖାଇବା ଲାଗି ସେମାନେ ଲାଞ୍ଚ ଦାବି କରୁଥିବା ଷ୍ଟିଙ୍ଗ୍ ଅପରେଶନରେ ଧରାପଡ଼ିଥିଲେ। ୨୦୧୬ ଡିସେମ୍ବରରେ ଏକ ହିନ୍ଦୀ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ଏହି ଷ୍ଟିଙ୍ଗ୍ ଅପରେଶନ କରାଯାଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ତିନି ବ୍ୟକ୍ତିଗତ ସଚିବ ଓ.ପି. କଶ୍ୟପ, ରାମନରେଶ ତ୍ରିପାଠୀ ଏବଂ ସନ୍ତୋଷ ଅୱସ୍ଥିଙ୍କ ବିରୋଧରେ ହଜରତଗଞ୍ଜ ଥାନାରେ ଏତଲା ଦାଏର କରାଯାଇଥିଲା। କଶ୍ୟପ ଯୋଗୀ ଆଦିତ୍ୟନାଥଙ୍କ କ୍ୟାବିନେଟ ମନ୍ତ୍ରୀ ଓ.ପି. ରାଜଭରଙ୍କ ବ୍ୟକ୍ତିଗତ ସଚିବ ଥିବାବେଳେ ତ୍ରିପାଠୀ ଖଣିମନ୍ତ୍ରୀ ଅର୍ଚ୍ଚନା ପାଣ୍ଡେଙ୍କର ଏବଂ ଅୱସ୍ଥି ଶିକ୍ଷା ଉପମନ୍ତ୍ରୀ ସନ୍ଦୀପ ସିଂଙ୍କ ବ୍ୟକ୍ତିଗତ ସଚିବ ଥିଲେ। ଦୁର୍ନୀତି ନିବାରଣ ଆଇନର ଧାରା ୭ ଅନୁଯାୟୀ ସେମାନଙ୍କ ବିରୋଧରେ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ଜେଲ୍ ପଠାଇ ଦିଆଯାଇଛି।

### ଆତ୍ମହତ୍ୟା କରିଥିବା ଚାଷୀଙ୍କ ଋଣଛାଡ଼ କରିବ ରାଜସ୍ଥାନ



ଅଶୋକ ଗେହଲଟ

**ଜୟପୁର,୬।୧:** ୨୦୧୪ରୁ ୨୦୧୮ ମଧ୍ୟରେ ରାଜସ୍ଥାନରେ ଆତ୍ମହତ୍ୟା କରିଥିବା କୃଷକମାନଙ୍କ ସମସ୍ତ ଋଣ ଛାଡ଼ହେବ। କୃଷିଋଣ ଛାଡ଼ ସମ୍ପର୍କିତ ପଦ୍ଧତି ଅନୁଧ୍ୟାନ ଲାଗି ଗଠିତ ଆନ୍ତଃ ବିଭାଗୀୟ କମିଟି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଏହା ସୁପାରିସ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ଶନିବାର ସହରାଞ୍ଚଳ ବିକାଶ ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ଅଧ୍ୟକ୍ଷତାରେ ବସିଥିବା ପ୍ରଥମ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ସମୟ ମଧ୍ୟରେ ରାଜସ୍ଥାନରେ ପାଖାପାଖି ୭୦ ଜଣ କୃଷକ ଆତ୍ମହତ୍ୟା କରିଥିଲେ। ଗେହଲଟ ସରକାର ଗଢ଼ିବା ପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିବାକୁ ଘୋଷଣା କରିଥିଲେ।

### [ଇତିହାସର ଆଇନାରେ]

### ଜାନୁୟାରୀ ୭ର ପ୍ରମୁଖ ଘଟଣା

୧୯୮୫ ଜାନୁୟାରୀ ୭ରେ ଜାପାନ ଏହାର ପ୍ରଥମ ଆନ୍ତଃଗ୍ରହ ମହାକାଶଯାନ ଏମ୍‌ଏସ୍-ଟିଁ୫ ମହାକାଶକୁ କାଗୋଶିମାରୁ ପ୍ରେରଣ କରିଥିଲା। ଏହା 'ପାୟୋନିର' ବା 'ପାଥ୍-ଫାଇଣ୍ଡର' ନାମରେ ପରିଚିତ ଏହି ଯାନର ପ୍ରକୃତ ନାମ ଥିଲା ସାକିଗେକ୍। ଏହାକୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ଆଣ୍ଡ ଏରୋନଟିକାଲ ସାଇନ୍ସ ଫର ନ୍ୟାଶନାଲ ସ୍ପେସ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି ବିକଶିତ କରିଥିଲା।

୧୯୩୫ ଜାନୁୟାରୀ ୭ରେ ରୋମରେ ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ପିରି ଲାଭାଲ୍ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ବେନିଟୋ ମୁଶୋଲିନୀଙ୍କ ମଧ୍ୟରେ ଫ୍ରାଙ୍କୋ-ଇଟାଲୀଆନ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ହିଟଲରଙ୍କ ପଡିଆରା ଓ ଜର୍ମାନୀର ମେଣ୍ଟ କୂଟନୀତିକୁ ଚ୍ୟାଲେଞ୍ଜ୍ ଦେବା ପାଇଁ ଏହି ଚୁକ୍ତି କରାଯାଇଥିଲା।



# ଲଢ଼େଇ ମଝିରେ ହାଲ୍

ନୂଆଦିଲ୍ଲୀ,୬।୧(ପି.ଟି.)

ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍)କୁ ନେଇ ଦେଶର ରାଜନୀତି ସରଗରମ ହୋଇଛି। ହାଲ୍‌କୁ ସରକାର ଏକ ଲକ୍ଷ କୋଟି ଟଙ୍କା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିବା ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଲୋକ ସଭାରେ କହିଥିବାବେଳେ ସେ ଗୃହକୁ ଭୁଲ ତଥ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଟଙ୍କା ଦିଆଯାଇଥିବାର ଦସ୍ତାବିଜ୍ ପ୍ରତିରକ୍ଷାମନ୍ତ୍ରୀ ପାର୍ଲାମେଣ୍ଟରେ ଉପସ୍ଥାପନ କରନ୍ତୁ ନଚେତ ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

୧ ଲକ୍ଷ କୋଟିରୁ ଗୋଟିଏ ହେଲେ ଟଙ୍କା ମିଳି ନ ଥିବା, ଏପରିକି ଏଭଳି କୌଣସି ନିର୍ଦ୍ଦେଶନାମାରେ ଏପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନ ଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ରାହୁଲ ପ୍ରତିରକ୍ଷାମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। ତେବେ ରାହୁଲ ସମ୍ପୂର୍ଣ୍ଣ ରିପୋର୍ଟ ପଢ଼ିବାକୁ ସୀଥାରାମନ୍ କହିଛନ୍ତି। ଦେଶବାସୀଙ୍କୁ ବିଭ୍ରାନ୍ତ କରୁଥିବା କଂଗ୍ରେସ ଅଧ୍ୟକ୍ଷଙ୍କୁ ଲାଜ ନାହିଁ ବୋଲି ସେ କହିବା ସହ ୨୦୧୪ରୁ ଭାଜପା କ୍ଷମତାକୁ ଆସିବା ପରେ ହାଲ୍‌କୁ ଦିଆଯାଇଥିବା ସମସ୍ତ ଠିକାର ବିବରଣୀ ଟୁଇଟ୍ କରିଛନ୍ତି। ଲୋକ ସଭା ରେକର୍ଡ ଅନୁଯାୟୀ ନିର୍ଦ୍ଦେଶନାମାରେ ସ୍ୱାକ୍ଷର ହୋଇଥିବା କଥା ସୀଥାରାମନ୍ କହିନାହାନ୍ତି। ଏଥିପାଇଁ କାମ ଚାଲିଥିବା ସେ କହିଥିଲେ।

ପାଣ୍ଠି ଅଭାବରୁ ହାଲ୍ ତା'ର କର୍ମଚାରୀଙ୍କୁ ବେତନ ଦେଇପାରୁନାହିଁ। ଏଥିପାଇଁ ହାଲ୍ ୧୦୦୦ କୋଟି ଟଙ୍କା ଋଣ କରିବ ବୋଲି ଶନିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଗୋଟିଏ ମିଛକୁ ଘୋଡାଇବାକୁ ହେଲେ ଅନେକ ମିଛର ସାହାରା ନେବା ଆବଶ୍ୟକ ହୋଇଥାଏ। ପ୍ରଧାନମନ୍ତ୍ରୀଙ୍କ ରାଫାଲ ମିଛକୁ ଘୋଡାଇବାକୁ ଯାଇ ପ୍ରତିରକ୍ଷାମନ୍ତ୍ରୀ ପାର୍ଲାମେଣ୍ଟରେ ମିଛ କହିଥିବା ରାହୁଲ ଅଭିଯୋଗ କରିଥିଲେ। ତେଣୁ ସେ ହାଲ୍‌କୁ ୧ ଲକ୍ଷ କୋଟି ଟଙ୍କା ଦିଆଯିବା ନେଇ ସରକାରୀ ନିର୍ଦ୍ଦେଶନାମା ସୋମବାର ଗୃହରେ ଉପସ୍ଥାପନ କରନ୍ତୁ କିମ୍ବା ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଟୁଇଟ୍ କରିଥିଲେ। ଅନ୍ୟ ପକ୍ଷରେ ସୀଥାରାମନ୍‌ଙ୍କ ଅଫିସ ତରଫରୁ ଟୁଇଟ୍ କରାଯାଇଛି, ରାହୁଲ ପ୍ରକୃତରେ ଏବିସିରୁ ଆରମ୍ଭ କରିବା ଆବଶ୍ୟକ ବୋଲି ତାଙ୍କ ଅଭିଯୋଗରୁ ଜଣାପଡୁଛି। ରିପୋର୍ଟ ନ ପଢ଼ି ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଥିବା ଉଲ୍ଲେଖ କରାଯାଇଛି। ହାଲ୍ ୨୦୧୪ରୁ ୨୦୧୮ ମଧ୍ୟରେ ୨୬,୫୭୦.୮ କୋଟି ଟଙ୍କାର ଠିକା କାମ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ଏବଂ ଆଉ ୭୩ ହଜାର କୋଟି ଟଙ୍କାର କାର୍ଯ୍ୟ ଚୁକ୍ତି ସ୍ୱାକ୍ଷର ହେବାକୁ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭୁଲ୍ ତଥ୍ୟ ପାଇଁ ରାହୁଲ ଗୃହରେ କ୍ଷମା ମାଗିବେ ନା ଇସ୍ତଫା ଦେବେ ବୋଲି ମନ୍ତ୍ରଣାଳୟ ପ୍ରଶ୍ନ କରିଛି।

ରାଫାଲ ବିମାନ ନିର୍ମାଣ ଠିକା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହାଲ୍‌କୁ ଦିଆ ନ ଯାଇ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଦିଆଯାଇଥିବାରୁ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଆସୁଛି। ପ୍ରଧାନମନ୍ତ୍ରୀ ତାଙ୍କର ସୁଟ୍-ବୁଟ୍ ବନ୍ଧୁଙ୍କୁ ସହାୟତା କରିବା ଲାଗି ହାଲ୍‌କୁ ଦୁର୍ବଳ କରିଦେଇଛନ୍ତି ବୋଲି ଶନିବାର ରାହୁଲ ଅଭିଯୋଗ କରିଥିଲେ।

## ଟୁଇଟ୍ ଯୁଦ୍ଧ



କଂଗ୍ରେସ ଅଧ୍ୟକ୍ଷ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ।
-ନିର୍ମଳା ସୀଥାରାମନ୍



ପ୍ରତିରକ୍ଷା ମନ୍ତ୍ରୀ ଗୃହକୁ ମିଛ କହିଛନ୍ତି ।
– ରାହୁଲ ଗାନ୍ଧୀ



# ସୁନାଖଣି ନେଲା ୪୦ ମୁଣ୍ଡ

କୁନ୍ଦୁଜ୍,୬।୧(ଏଏଫ୍‌ପି)

ଆଫଗାନିସ୍ତାନର ଉତ୍ତରପୂର୍ବାଞ୍ଚଳରେ ଥିବା ଏକ ସୁନାଖଣି ରବିବାର ଭୁଶୁଡ଼ି ପଡ଼ିବାରୁ ଅନ୍ୟୁନ ୪୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ ଆହତ ହୋଇଛନ୍ତି। ବଦାଖ୍‌ଶାନ୍ ପ୍ରଦେଶର କୋହିସ୍ତାନ ଜିଲାରେ ଏହି ଦୁର୍ଘଟଣା ଘଟିଛି। ସୁନା ସନ୍ଧାନରେ ଗାଁ ଲୋକମାନେ ନଦୀଶଯ୍ୟାରେ ୨୦୦ ଫୁଟ ଗଭୀର ଗର୍ତ୍ତ ଖୋଳିଥିଲେ। ସେମାନେ ଉକ୍ତ ଗର୍ତ୍ତରେ ଥିବାବେଳେ ଏହାର କାନ୍ଥ ଭୁଶୁଡ଼ି ପଡ଼ିବାରୁ ମାଟିତଳେ ଚାପିହୋଇ ରହିଯାଇଥିଲେ। ଉଦ୍ଧାରକାରୀ ଦଳ ପହଞ୍ଚିବା ବେଳକୁ ଗ୍ରାମବାସୀ କେତେଜଣଙ୍କୁ ମାଟିତଳୁ ବାହାର କରିଥିଲେ। ଆହତମାନଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଛି। ସେମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଖଣି ଭୁଶୁଡ଼ିବାର କାରଣ ଜଣାପଡ଼ିନାହିଁ। ତାଜିକ୍‌ସ୍ତାନ, ଚାଇନା ଓ ପାକିସ୍ତାନକୁ ଲାଗିଥିବା ଏହି ଅଞ୍ଚଳରେ ଶୀତଦିନେ ପ୍ରବଳ ତୁଷାରପାତ ହୋଇଥାଏ। ତେଣୁ ଏହା ଭୂସ୍ଖଳନ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ତେବେ ଖୋଳାଳିମାନେ ପେସାଦାର ଖଣି ଶ୍ରମିକ ନୁହନ୍ତି ବୋଲି ଗଭର୍ନରଙ୍କ ମୁଖପାତ୍ର ନିକ୍ ମହମ୍ମଦ ନାଜାରି କହିଛନ୍ତି।

# ଦୁର୍ଘଟଣାରେ ୧୦ ସାବରିମାଲା ତୀର୍ଥଯାତ୍ରୀଙ୍କ ମୃତ୍ୟୁ



ପୁଦୁକୋଟ୍ଟାଇ,୬।୧

ତାମିଲନାଡୁର ପୁଦୁକୋଟ୍ଟାଇ ଜିଲାର ଥିରୁମାୟାମ୍ ନିକଟରେ ରବିବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ୧୦ ସାବରିମାଲା ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି ଓ ୫ ଜଣ ଆହତ ହୋଇଛନ୍ତି। ଏମାନେ ତେଲେଙ୍ଗାନାରୁ ଭ୍ୟାନ ଯୋଗେ ସାବରିମାଲା ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ରାମେଶ୍ୱରମ୍ ଦର୍ଶନ କରିଥିଲେ। ସେଠାରୁ ଫେରୁଥିବାବେଳେ ଏକ ଟ୍ରେଲର ସମ୍ମୁଖରୁ ଧକ୍କା ଦେଇଥିଲା। ୧୫ ତୀର୍ଥଯାତ୍ରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରି ନାହିଁ। ଟ୍ରେଲର ଡ୍ରାଇଭରଙ୍କ ବେପରୁଆ ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

# ରାଜନାଥ ଭାଜପା ଇସ୍ତାହାର କମିଟି ଅଧ୍ୟକ୍ଷ

### ଲୋକ ସଭା ନିର୍ବାଚନ ପ୍ରସ୍ତୁତି



**ନୂଆଦିଲ୍ଲୀ,୬।୧(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ ପରିଚାଳନା ଲାଗି ଦଳ ପକ୍ଷରୁ ୧୭ଟି କମିଟି ଗଠନ କରାଯାଇଛି। ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଇସ୍ତାହାର (ସଂକଳ୍ପ ପତ୍ର) କମିଟିର ମୁଖ୍ୟ କରାଯାଇଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ପ୍ରଚାର କମିଟି ମୁଖ୍ୟ କରାଯାଇଛି। ଦଳର ଅଧ୍ୟକ୍ଷ ଅମିତ ଶାହ ଏହା ଘୋଷଣା କରିଛନ୍ତି। ଇସ୍ତାହାର କମିଟିରେ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀ, ନିର୍ମଳା ସୀଥାରାମନ୍, ଥାୱରଚାନ୍ଦ ଗେହଲଟ, ରବିଶଙ୍କର ପ୍ରସାଦ, ପୀୟୂଷ ଗୋୟଲ, ମୁଖ୍‌ତାର ଆବାସ ନକ୍‌ଭି, କେ.ଜେ. ଆଲଫୋନ୍ସ, କିରେନ ରିଜିଜୁ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ୨୦ ଜଣ ସଦସ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୟୁପି ଓ ବିହାର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ସୁଶୀଲ ମୋଦି, ଦଳର ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ, ରାମ ମାଧବ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେ, ପୂର୍ବତନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଧ୍ୟ ଇସ୍ତାହାର କମିଟି ସଦସ୍ୟ ରହିଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହ ସମ୍ପର୍କ ଯୋଡ଼ିବା ଲାଗି ଏକ ୧୭ ଜଣିଆ କମିଟିର ମୁଖ୍ୟ ହୋଇଥିବା ବେଳେ ନିର୍ବାଚନ ପାଇଁ ବିଭିନ୍ନ ଲେଖା ପ୍ରସ୍ତୁତି କମିଟିର ମୁଖ୍ୟ ଅଛନ୍ତି ସୁଷମା ସ୍ୱରାଜ। ସେହିପରି ରବିଶଙ୍କର ପ୍ରସାଦ ଦଳର ମିଡିଆ ଗ୍ରୁପ ମୁଖ୍ୟ ଏବଂ ପ୍ରକାଶ ଜାଭଡେକର ବୁଦ୍ଧିଜୀବୀମାନଙ୍କ ବୈଠକ ଆୟୋଜନ କମିଟି ମୁଖ୍ୟ ରହିଛନ୍ତି। ନେତାଙ୍କ ଗସ୍ତ, ସୋସିଆଲ ମିଡିଆ ଡିଲ୍ ଆଦି ପାଇଁ ଭିନ୍ନ ଭିନ୍ନ କମିଟି ଗଢ଼ାଯାଇଛି। ସୋସିଆଲ ମିଡିଆ କମିଟିରେ ଭାଜପା ଉପସଭାପତି ଶ୍ୟାମ ଜାଜୁ ଏବଂ ଅମିତ ମାଳବୀୟଙ୍କ ସମେତ ୧୩ ସଦସ୍ୟ ରହିଛନ୍ତି। ଦଳର ସାଧାରଣ ସମ୍ପାଦକ ସରୋଜ ପାଣ୍ଡେଙ୍କୁ ସରକାରୀ ଯୋଜନା ହିତାଧିକାରୀଙ୍କ ସହ ସମ୍ପର୍କ ରଖିବା ଦାୟିତ୍ୱ ଦିଆଯାଇଛି।

## ଫୁର୍‌ସତ

# ପଦତ୍ୟାଗ କଲେ ମାଲେସିଆ ରାଜା



**କ୍ୱାଲାଲମ୍ପୁର:** ମାଲେସିଆର ପଞ୍ଚଦଶ ରାଜା ସୁଲତାନ ମହମ୍ମଦ ପଞ୍ଚମ ରାଜପଦ ତ୍ୟାଗ କରିଛନ୍ତି। ସେ ରୁଷିଆର ପୂର୍ବତନ ମିସ୍ ମସ୍କୋଙ୍କୁ ବିବାହ କରିଥିବା ଗୁଜବ ପ୍ରଚାରିତ ହେବା ପରେ କିଛି ଦିନ ହେଲା ଛୁଟିରେ ଥିଲେ। ତାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ମହମ୍ମଦ ଇସ୍ତଫା ଦେଇଥିବା ରାଜଭବନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୧୯୫୭ରେ ମାଲେସିଆ ସ୍ୱାଧୀନ ହେବା ପରେ ଇସ୍ତଫା ଦେବାରେ ମହମ୍ମଦ ହେଉଛନ୍ତି ପ୍ରଥମ ରାଜା।

# ରହମନଙ୍କୁ ୫୨



**ମୁମ୍ବାଇ:** ଫିଲ୍ମ ଦୁନିଆର ଜଣେ ସୁନାମଧନ୍ୟ ସ୍ୱର ସଂଯୋଜକ ଏବଂ ଗାୟକ ଭାବେ ପରିଚିତ ଏ ଆର୍ ରହମନ ରବିବାର ୫୨ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କର ଏହି ଶୁଭ ଜନ୍ମଦିବସରେ ସଙ୍ଗୀତ ଜଗତର 'ପ୍ରେରଣା' ଭାବେ ଅଗଣିତ ପ୍ରଶଂସକ, ସଙ୍ଗୀତଜ୍ଞ, ବାଦ୍ୟକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ତାଙ୍କର ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ଓସ୍କାର ଏବଂ ଗ୍ରାମୀ ପୁରସ୍କାର ବିଜେତା ରହମନଙ୍କୁ ଗାୟିକା ଶ୍ରେୟା ଘୋଷାଲ, ଅଭିନେତା ଅନିଲ୍ କପୁର, ଶ୍ୱେତା ପଣ୍ଡିତ ଆଦି ବଲିଉଡ୍‌ର ସେଲିବ୍ରେଟିମାନେ ଟ୍ୱିଟର ଯୋଗେ ଜନ୍ମଦିନର ଶୁଭକାମନା ଦେଇଛନ୍ତି।

## କେମିତି ରହିବ ଆଜିର ପାଗ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୦.୫ |
| ଚାନ୍ଦବାଲି | ୨୫.୯ | ୧୧.୯ |
| କଟକ | ୨୭.୬ | ୧୦.୫ |
| ପାରାଦ୍ୱୀପ | ୨୬.୬ | ୧୩.୨ |
| ଭୁବନେଶ୍ୱର | ୨୮.୦ | ୧୦.୨ |
| ଗୋପାଳପୁର | ୨୭.୬ | ୧୩.୯ |
| ପୁରୀ | ୨୬.୬ | ୧୩.୦ |
| ଅନୁଗୋଳ | ୨୫.୭ | ୭.୬ |
| ବାରିପଦା | ୨୬.୦ | ୧୦.୫ |
| ଝାରସୁଗୁଡ଼ା | ୨୭.୬ | ୯.୮ |
| କେନ୍ଦୁଝର | ୨୫.୭ | ୮.୮ |
| ସମ୍ବଲପୁର | ୨୮.୮ | ୧୦.୦ |
| ସୁନ୍ଦରଗଡ଼ | ୨୩.୦ | ୮.୦ |
| ହୀରାକୁଦ | ୨୭.୧ | ୧୧.୧ |
| ତାଳଚେର | ୩୦.୬ | ୧୦.୧ |
| ଭବାନୀପାଟଣା | ୨୯.୦ | ୧୦.୨ |
| ବଲାଙ୍ଗୀର | --- | --- |
| କୋରାପୁଟ | ୨୬.୨ | ୧୦.୨ |
| ଫୁଲବାଣୀ | ୨୭.୫ | ୮.୦ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୦.୪ | ୧୪.୨ |
| ସୋନପୁର | ୨୬.୦ | ୮.୫ |
| ଦାରିଙ୍ଗିବାଡ଼ି | ୨୪.୩ | ୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରକାଶ ରାଜ୍‌ଙ୍କୁ ସ୍ୱାଗତ କଲେ କମଲ ହାସନ

**ଚେନ୍ନାଇ:** ରାଜନୀତିରେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଇ 'ମକଲ୍ ନିଧି ମାୟିମ୍' ନାମକ ଏକ ଦଳ ଗଠନ କରିଥିବା ସୁପରଷ୍ଟାର କମଲ ହାସନ ଅଭିନେତାରୁ ଫିଲ୍ମ ନିର୍ମାତା ହୋଇଥିବା ପ୍ରକାଶ ରାଜ୍‌ଙ୍କ ରାଜନୈତିକ ଯାତ୍ରାକୁ ସ୍ୱାଗତ କରିଛନ୍ତି। ତାଙ୍କର ସଫଳତା କାମନା କରିବା ସହ 'ଗୁଡ଼ ଲକ୍' ବାର୍ତ୍ତା ଦେଇଛନ୍ତି। ଦକ୍ଷିଣାଞ୍ଚଳ ଚଳଚ୍ଚିତ୍ର ଜଗତର ଅନ୍ୟତମ ଚର୍ଚ୍ଚିତ କଳାକାର ପ୍ରକାଶ ବଲିଉଡ୍‌ରେ ବି ହିଟ୍ ହୋଇଛନ୍ତି। ଇରୁଭର, ଅନ୍ତପୁରମ୍, କାଞ୍ଚିଭରମ୍, ସିଂଘମ୍ ଏବଂ ୱାଣ୍ଟେଡ୍ ଆଦି ସୁପରହିଟ୍ ମୁଭିଜ୍‌ରେ ଉଚ୍ଚକୋଟିର ଅଭିନୟ ତାଙ୍କୁ ଜଣେ ସଫଳ ଅଭିନେତାର ମାନ୍ୟତା ଦେଇଛି। ତାଙ୍କର ଅନେକ ପ୍ରଶଂସକ ମଧ୍ୟ ରହିଛନ୍ତି। ମାତ୍ର ବେଶ୍ କିଛିଦିନ ହେବ ସେ ରାଜନୈତିକ ବିତର୍କରେ ସକ୍ରିୟ ରହି ଚର୍ଚ୍ଚାକୁ ଆସିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରି ତାଙ୍କୁ ଚ୍ୟାଲେଞ୍ଜ୍ ଦେବାକୁ ଯାଇ ଜନମତ ସୃଷ୍ଟିରେ ସେ ଲାଗିପଡ଼ିଛନ୍ତି। ଏହି କ୍ରମରେ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ଲୋକ ସଭା ଆସନରେ ଲଢ଼ିବେ ବୋଲି ପ୍ରକାଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଲେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। —ଶ୍ରୀଅରବିନ୍ଦ



# ପୁରାଣ ନୁହେଁ, ବିଜ୍ଞାନ

ଗାନ୍ଧାରୀଙ୍କ ୧୦୦ ପୁଅ ଥିବା ମହାଭାରତରେ ବର୍ଣ୍ଣନା ରହିଛି। ଏ କଥା ସମସ୍ତଙ୍କୁ ଜଣାଥିଲେ ମଧ୍ୟ ଏମାନଙ୍କ ଜନ୍ମ କିଭଳି ହୋଇଥିଲା ସେ ନେଇ ଭାରତୀୟଙ୍କ ମନରେ ସର୍ବଦା କୌତୂହଳ ସୃଷ୍ଟି ହୋଇଥାଏ। ସମ୍ଭବତଃ ସେହି ରହସ୍ୟ ଉପରୁ ପର୍ଦ୍ଦା ହଟାଇବାକୁ ଚେଷ୍ଟା କରିଛନ୍ତି ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଜି. ନାଗେଶ୍ୱର ରାଓ। ଜାନୁୟାରୀ ୩ରେ ପଞ୍ଜାବର ଜଳନ୍ଧରସ୍ଥିତ ଲଭ୍‌ଲି ପ୍ରଫେଶନାଲ୍ ୟୁନିଭର୍ସିଟି (ଏଲ୍‌ପିୟୁ)ରେ ଅନୁଷ୍ଠିତ ୧୦୬ତମ ଜାତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ, ଏହି କୌରବଙ୍କ ଜନ୍ମ ଷ୍ଟେମ୍ ସେଲ୍ ଗବେଷଣା ଓ ଟେଷ୍ଟ ଟ୍ୟୁବ୍ ଗର୍ଭାଧାନ ପ୍ରକ୍ରିୟା ଯୋଗୁ ହୋଇଥିଲା। ୧୦୦ଟି ମାଟିପାତ୍ରରେ ୧୦୦ ଡିମ୍ବାଣୁ ରଖାଯାଇ ଟେଷ୍ଟ ଟ୍ୟୁବ୍ ପଦ୍ଧତିରେ କୌରବମାନଙ୍କୁ ସଂସାରକୁ ଅଣାଯାଇଥିଲା ବୋଲି ରାଓ କହିଛନ୍ତି। ଆନାଲିଟିକାଲ୍ କେମିଷ୍ଟ୍ରି ପାଠ ପଢ଼ିଥିବା ରାଓ ଆହୁରି କହିଛନ୍ତି ଯେ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଏବେ ଯେଉଁ ଉତ୍କର୍ଷ ଦେଖିବାକୁ ମିଳୁଛି, ତାହା ହଜାର ହଜାର ବର୍ଷ ପୂର୍ବେ ଭାରତରେ ଏହାର ପ୍ରମାଣ ମିଳିସାରିଛି। ରାଓଙ୍କ ଏହି ଅତି ଚତୁର ବାଣୀ ଦ୍ୱାରା ବୁଝାପଡୁଛି ଯେ ରାଜନୈତିକ ପରିବେଶରେ ଆଲୋଚିତ ହିନ୍ଦୁତ୍ୱ ମାନସିକତାକୁ ସୁହାଇଲା ଭଳି ବୈଜ୍ଞାନିକ ତଥ୍ୟ ପ୍ରସ୍ତୁତ କରିବାର ଏକ ଉଦ୍ୟମ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ଗଣେଶଙ୍କ ଦେହରେ ଶୁଣ୍ଢ ଲାଗିବା ଏବଂ କର୍ଣ୍ଣଙ୍କ ଜନ୍ମ ଜେନେଟିକ୍ ସାଇନ୍ସ ଓ କସ୍‌ମେଟିକ୍ ସର୍ଜରି ଯୋଗୁ ହୋଇଥିଲା। ସେତେବେଳେ ଏହାକୁ ନେଇ ଶୁଦ୍ଧ ବିଜ୍ଞାନ ଦିଗରେ କାର୍ଯ୍ୟ କରୁଥିବା ବୈଜ୍ଞାନିକ ମର୍ମାହତ ହୋଇଥିଲେ। ଏବେ ରାଓଙ୍କ ଯୁକ୍ତିକୁ ଦେଖିଲେ ପ୍ରତି ବୈଜ୍ଞାନିକ ପ୍ରକ୍ରିୟାରେ ଧର୍ମ ବା ପୁରାଣ ଲେଖାକୁ ଯୋଡ଼ି ଦିଆଯିବା ଲାଗି ପ୍ରୟାସ କରାଯାଉଛି। ଧର୍ମ ପ୍ରତି ଢଳିବା ଓ ଏହାର ଅଭ୍ୟାସରେ ପଡ଼ିଯାଉଥିବାରୁ ଭାରତୀୟମାନେ ବୈଜ୍ଞାନିକ ଚିନ୍ତାଧାରାଠାରୁ ଦୂରେଇ ଯାଉଛନ୍ତି। ଫଳରେ ଯୁବପିଢ଼ି ତା' ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିପାରୁ ନ ଥିବାରୁ ଭାରତରେ ଅଧିକ ବିଶେଷଜ୍ଞ ସୃଷ୍ଟି ହୋଇପାରୁ ନାହାନ୍ତି। ବାସ୍ତବ ଗବେଷଣା ଦିଗରେ କାର୍ଯ୍ୟ ହେଉ ନ ଥିବାରୁ ଏ ଦେଶରେ ଶୀର୍ଷ ବୈଜ୍ଞାନିକ ସୃଷ୍ଟି ହୋଇପାରୁ ନାହାନ୍ତି ବୋଲି ବିଶ୍ୱ ର୍‍ୟାଙ୍କିଂରୁ ଏବେ ଜଣାପଡ଼ିଛି।

ନିକଟରେ ଆମେରିକାର ଫିଲାଡେଲ୍‌ଫିଆସ୍ଥିତ ବୈଜ୍ଞାନିକ ଓ ଶିକ୍ଷା ଗବେଷଣା ସମ୍ବନ୍ଧୀୟ କ୍ଲାରିଭେଟ ଆନାଲିଟିକ୍ସ ସଂସ୍ଥା ପକ୍ଷରୁ ବିଶ୍ୱର ୪,୦୦୦ ଶୀର୍ଷ ବୈଜ୍ଞାନିକଙ୍କ ସମ୍ପର୍କରେ ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଆମେରିକାର ୨,୬୩୯, ବ୍ରିଟେନ୍‌ର ୫୪୬ ଏବଂ ଚାଇନାର ୪୮୨ ବୈଜ୍ଞାନିକ ଥିବା ବେଳେ ଓଡ଼ିଶାର ସଞ୍ଜୀବ ସାହୁଙ୍କୁ ମିଶାଇ ଭାରତର ମାତ୍ର ୧୦ ଜଣ ରହିଛନ୍ତି। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିରାଟକାୟ ଦେଶରେ ହାତଗଣତି ବୈଜ୍ଞାନିକ ଶୀର୍ଷ ପର୍ଯ୍ୟାୟରେ ପହଞ୍ଚିବା ଚିନ୍ତାର ବିଷୟ। ବିଶ୍ୱସ୍ତରର ବୈଜ୍ଞାନିକ ସୃଷ୍ଟି କରିପାରୁ ନ ଥିବା ଭାରତ ସୁପରପାୱାର ହେବାକୁ ବାହୁସ୍ଫୋଟ ମାରୁଛି। କିନ୍ତୁ ଦେଶରେ ଗବେଷଣା ମନୋବୃତ୍ତି ଛାତ୍ରୀଛାତ୍ରଙ୍କ ମନରେ ସୃଷ୍ଟି କରାଇବାରେ ଉଚ୍ଚଶିକ୍ଷା ବ୍ୟବସ୍ଥା ବିଫଳ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଚିପିଲା ଭଳି ରାଓଙ୍କ ମନ୍ତବ୍ୟକୁ ନିଆଯାଇପାରେ। ଜଣେ ଉଚ୍ଚଶିକ୍ଷିତ କୁଳପତି ହୋଇଥିବା ସତ୍ତ୍ୱେ ତାଙ୍କର ଅବାଞ୍ଛିତ ଯୁକ୍ତି ଭାରତରେ ବୈଜ୍ଞାନିକ ଚିନ୍ତାଧାରାକୁ କୁଠାରାଘାତ କରୁଛି। ଅବଶ୍ୟ ଭାରତୀୟ ବିଜ୍ଞାନ କଂଗ୍ରେସ ସଂଘ ରାଓଙ୍କ ଯୁକ୍ତିକୁ ନିନ୍ଦା କରିବା ସହ ବିଜ୍ଞାନ ଓ ପୁରାଣଶାସ୍ତ୍ରକୁ ମିଶାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛି। ସଂଘର ସଦସ୍ୟ ପ୍ରଫେସର ଗଙ୍ଗାଧର କହିଛନ୍ତି, ଏଭଳି ବିଷୟବସ୍ତୁ ଥିବା ଆଲୋଚନାଚକ୍ର କାହିଁକି ଓ କିପରି ରଖାଯାଇଥିଲା ତାହା ଉପରେ ଅନୁସନ୍ଧାନ କରାଯିବ। ଏହିଭଳି ସମ୍ମିଳନୀରେ କୁହାଯାଉଥିବା ପ୍ରତ୍ୟେକ ବାକ୍ୟ ପଛରେ ବୈଜ୍ଞାନିକ ପ୍ରମାଣ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

ଚାକିରିସର୍ବସ୍ୱ ହୋଇପଡ଼ିଥିବା ଭାରତୀୟ ଯୁବପିଢ଼ି ଗବେଷଣାକୁ ସମୟସାପେକ୍ଷ କହି ସେଥିରୁ ଦୂରେଇ ଯାଉଛି। ପାଶ୍ଚାତ୍ୟରେ ଗବେଷଣା ଓ ଅନୁସନ୍ଧାନ ମନୋବୃତ୍ତି ଉଦ୍ଭାବନ ଓ ଆବିଷ୍କାର ପାଇଁ ପ୍ରେରଣା ଯୋଗାଇଥାଏ। ଭାରତରେ ଏ ଦିଗରେ ପ୍ରୋତ୍ସାହନ ଦେବା ଲାଗି ଗବେଷଣାର କେନ୍ଦ୍ରବିନ୍ଦୁରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଫେସର ନାଗେଶ୍ୱର ରାଓଙ୍କ ଭଳି ବ୍ୟକ୍ତି ଥିଲେ ଏ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ଆଶା କରିବା ବୃଥା। ଦେଖିବାକୁ ଗଲେ ସାଧାରଣ ଚାକିରି କରିବା ପାଇଁ ସମସ୍ତେ ଏଠାରେ ଧାବମାନ। ବୈଜ୍ଞାନିକ ମିଜାଜ ଓ ବାସ୍ତବ ଲକ୍ଷ୍ୟ ନ ରହିଲେ ଗୋଟିଏ ଜାତି ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ। ଫଳରେ ଏ ଦେଶ ଲକ୍ଷ୍ୟବିହୀନ ହୋଇ ଚାଲିଥିବ। କେବଳ ଆମକୁ ଗର୍ବ ଦେଲା ଭଳି ଯେଉଁ କେତେଜଣ ଭାରତୀୟ ବୈଜ୍ଞାନିକ ବା ଗବେଷକଙ୍କୁ ନୋବେଲ ପରି ବିଶ୍ୱସ୍ତରୀୟ ସମ୍ମାନ ବା ପୁରସ୍କାର ମିଳିଛି ସେମାନେ ସମସ୍ତେ ବିଦେଶରେ ରହି ସଫଳ ହୋଇଛନ୍ତି।

ଭାରତର ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ଯୋଗୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଆଗଧାଡ଼ିର ଗବେଷକ ସୃଷ୍ଟି କରିପାରୁ ନାହାନ୍ତି। ଏଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ଆଇଆଇଟି, ଟିଆଇଏଫ୍‌ଆର୍, ଜେଏନ୍‌ୟୁ ଏବଂ ଟିସ୍ ଭଳି ଜଣାଶୁଣା ଶିକ୍ଷା ପ୍ରତିଷ୍ଠାନ ରହିଥିଲେ ସୁଦ୍ଧା ପାକିସ୍ତାନ ଗବେଷଣା ସନ୍ଦର୍ଭ ପ୍ରକାଶ କରିବା ଦିଗରେ ଆଗରେ ଅଛି। ଆମେ କିନ୍ତୁ ତାକୁ ନ୍ୟୂନ ଦୃଷ୍ଟିରେ ଦେଖୁଛୁ। କ୍ଲାରିଭେଟ ଆନାଲିଟିକ୍ସର ତଥ୍ୟ ଅନୁଯାୟୀ ଇଜିପ୍ଟ ଓ ପାକିସ୍ତାନ ଯଥାକ୍ରମେ ୨୧ ଓ ୧୫.୯ ପ୍ରତିଶତ ହାରରେ ଗବେଷଣା କ୍ଷେତ୍ରରେ ଉନ୍ନତି କରିଥିବା ବେଳେ ଚାଇନାରେ ଏହା ୧୫ ପ୍ରତିଶତ ରହିଛି। ହେଲେ ଭାରତ କଥା ଦେଖିଲେ ୨୦୧୭ ତୁଳନାରେ ୨୦୧୮ରେ ମାତ୍ର ୮ ବୃଦ୍ଧି ଘଟିଛି। ଏଥିରୁ ବୁଝିହେଉଛି ଯେ ଭାରତ ଗବେଷଣା କ୍ଷେତ୍ରକୁ କେତେ ଗୁରୁତ୍ୱ ଦେଉଛି। ଏଠି ଆଇଆଇଟି, ଆଇଆଇଏସ୍‌ସି, ଆଇଆଇଏମ୍ ଭଳି ସଂସ୍ଥାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମୁଖ୍ୟ ଲକ୍ଷ୍ୟ ଦେଶ ହେଉ ବା ବିଦେଶରୁ ମୋଟା ଦରମାର ଚାକିରି ଯୋଗାଡ଼ କରିବା। ସେତକ ମିଳିଗଲା ପରେ ସେମାନେ ପାଠ ଓ ଅଭିନବତ୍ୱଠାରୁ ଦୂରକୁ ଯାଉଛନ୍ତି। ପାଶ୍ଚାତ୍ୟ ଦେଶରେ ଦୃଶ୍ୟ ଠିକ୍ ଏହାର ବିପରୀତ। ସେଠାରେ ଛାତ୍ରୀଛାତ୍ରଙ୍କୁ ଗବେଷଣା ପାଇଁ ଆରମ୍ଭରୁ ପ୍ରୋତ୍ସାହିତ କରାଯିବା ସହ ବଡ଼ ସ୍ୱପ୍ନ ଦେଖାଇ ଦିଆଯାଏ। ସେମାନେ ତାହାକୁ ସାକାର କରିବା ଲାଗି ନିରନ୍ତର ପ୍ରୟାସ ଜାରି ରଖନ୍ତି। ଭାରତରେ ପୁରାଣଶାସ୍ତ୍ର ଓ ଧର୍ମୀୟ ଚିନ୍ତାଧାରାରୁ ଉପରକୁ ଉଠି ଗବେଷଣା କରା ନ ଗଲେ କୌରବମାନେ କିଭଳି ଷ୍ଟେମ୍ ସେଲ ପଦ୍ଧତିରେ ଜନ୍ମ ହୋଇଛନ୍ତି ଏବଂ ରାମଚନ୍ଦ୍ରଙ୍କ ସେତେବେଳର ଅସ୍ତ୍ରଶସ୍ତ୍ରକୁ ଏବକାର ଗାଇଡେଡ୍ ମିଜାଇଲ ସହ ତୁଳନା କରାଯାଇଚାଲୁଥିବ। ଫଳରେ ଉତ୍ତରପିଢ଼ି ବିଜ୍ଞାନ ପରିବର୍ତ୍ତେ ପୁରାଣ ଖୋଲି ପଢ଼ିବେ। ଏହାର ପରିବର୍ତ୍ତନ ଅତି ଶୀଘ୍ର ଦରକାର। ଏହି ଜନବହୁଳ ଦେଶକୁ ସମୃଦ୍ଧ କରିବାକୁ ହେଲେ ପୁରାଣ ନୁହେଁ, ବିଜ୍ଞାନର ଆବଶ୍ୟକତା ରହିଛି।



# ସଙ୍କଟରେ କୃଷି ଓ କୃଷକ

ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ କୃଷି ସଂସ୍କୃତିର ସୁଦୀର୍ଘ ପରମ୍ପରାକୁ ଅନୁଶୀଳନ କଲେ ଜଣାଯାଏ, ଏକଦା ଏଠି କୃଷି ଥିଲା ଏକ ସ୍ୱାଧୀନ, ସମ୍ମାନଜନକ ଓ ଲାଭଦାୟକ ବୃତ୍ତି। କୃଷକର ଆର୍ଥିକ ସ୍ୱଚ୍ଛଳତା ଓ ସାମାଜିକ ମର୍ଯ୍ୟାଦାକୁ ଅନୁଭବ କରି ଲୋକେ କହୁଥିଲେ 'ଚାଷ ଅଛି ଯାହାର କି ଆନନ୍ଦ ତାହାର'। ବାସ୍ତବରେ ସେତେବେଳେ ଯାହାର ଯେତେ ବେଶି ଚାଷଜମି ଥିଲା, ତା'ର ସମ୍ମାନ ଓ ପ୍ରତିଷ୍ଠା ଥିଲା ସେତେ ବେଶି। ମାତ୍ର ଯେବେଠାରୁ ଦେଶରେ କୃଷି ବଦଳରେ ଶିଳ୍ପକୁ ପ୍ରଗତିର ପରିଭାଷା କହି ତିଆରି ହେଲା ବିକାଶର ନକ୍ସା, ସେବେଠାରୁ ଚାଷୀ ମୁଣ୍ଡରେ ପଡ଼ିଲା ଚଡ଼କ। ଶିଳ୍ପାୟନର ନାରା ଦେଇ ଚାଷଜମିକୁ ଅକ୍ତିଆର କଲେ କମ୍ପାନୀ କୁବେରମାନେ। ଅଳ୍ପ ଜମିରେ ଅଧିକ ଅମଳ ନିମନ୍ତେ ତିଆରି ହେଲା ସବୁଜ ବିପ୍ଳବର ମେଢ଼। ଦେଶୀ ବିହନ ବୁଡ଼ିବା ସାଙ୍ଗକୁ ଅବସାନ ହେଲା ହଳଲଙ୍ଗଳର ଯୁଗ। ଯାନ୍ତ୍ରିକ ଚାଷର ଚକ୍ରବ୍ୟୂହରେ ପଡ଼ି ଛିନ୍ନଛତ୍ର ହେଲା ଦେଶୀ ଚାଷର ଦୁନିଆ। ଜୈବିକ ସାର ବଦଳରେ ପ୍ରୟୋଗ ହେଲା ରାସାୟନିକ ସାର ଓ ବିଷ। ମାଟିର ଉର୍ବରତା କମି କମି ଯିବାରୁ ବେଧଡ଼କ ଭାବରେ ବଢ଼ିଲା ସାର ପ୍ରୟୋଗର ପରିମାଣ। ଏହାଦ୍ୱାରା ଚାଷୀର ଅମଳ ବଢ଼ିଲା ସତ, କିନ୍ତୁ ଉତ୍ପାଦନ ଖର୍ଚ୍ଚ ଅନୁପାତରେ ମନ୍ଦିରକୁ ବଳିଗଲା ମୁଖଶାଳା। ସବୁଜ ବିପ୍ଳବ ପରେ ଚାଷୀ ପାଇଁ ସବୁଠାରୁ ବଡ଼ ବିପଦ ହୋଇ ଉଭାହେଲା ପ୍ରାକୃତିକ ବିପର୍ଯ୍ୟୟ। କେତେବେଳେ ବଢ଼ିମରୁଡ଼ିରେ ତ କେତେବେଳେ ଚକଡ଼ା ପୋକ ଦାଉରେ ଉଜୁଡ଼ିଗଲା ଚାଷ। ପୂର୍ବରୁ ପ୍ରାକୃତିକ ବିପଦ ଯେ ନ ଥିଲା ତାହା ନୁହେଁ, ମାତ୍ର ସେତେବେଳେ ବଢ଼ିମରୁଡ଼ି ସହିତ ଲଢ଼ି ପାରୁଥିଲା ଦେଶୀ ବିହନ ଓ ଚାଷୀର ଅନୁଭୂତିସିଦ୍ଧ ଜ୍ଞାନକୌଶଳ। ଖେତ ଉଜୁଡ଼ି ଗଲେ ବି କେବେ ହିମ୍ମତ୍ ହାରୁ ନ ଥିଲା ଚାଷୀ। ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ପ୍ରବଳ ପ୍ରାଣଶକ୍ତି ତା' ଭିତରେ ଭରିଥିଲା ଶତ ଦୁର୍ବିପାକ ବିରୋଧରେ ଲଢ଼େଇ କରି ଆଗକୁ ବଢ଼ିବାର ଦମ୍ଭିଲାପଣ। ସେଥିପାଇଁ ବନ୍ୟା ପରବର୍ତ୍ତୀ ଉଜୁଡ଼ା ଖେତକୁ ଦେଖି ଚାଷୀ କହୁଥିଲା – ବଢ଼ି ଏଥର ଖେତ ଉଜାଡ଼ି ଦେଲେ ବି ଆରଥରକୁ ଅଜାଡ଼ି ଦେବ ସୁନାର ଫସଲ। ଏବେ କିନ୍ତୁ ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ସେ ହରେଇ ବସିଲା ପ୍ରାକୃତିକ ବିପର୍ଯ୍ୟୟ ପରେ ଅଣ୍ଟା ସଳଖି ଠିଆହେବାର ଜୁ। ରଣଯନ୍ତାରେ ପଡ଼ି ସେ ଭୁଲିଗଲା ଆପଣା ଶିଙ୍ଗରେ ମାଟିତାଡ଼ି ସ୍ୱାଭିମାନର ସହ ବଞ୍ଚିବାର କଳା। ତେଣୁ ଆମ କୃଷି ସଂସ୍କୃତିର ସ୍ୱର୍ଣ୍ଣିମ ଇତିହାସରେ ଯୋଡ଼ି ହୋଇଗଲା ଏକ କଳଙ୍କିତ ଅଧ୍ୟାୟ– ଯାହାର ନାଁ 'ଚାଷୀ ଆତ୍ମହତ୍ୟା'। ଚାଷୀ ଆତ୍ମହତ୍ୟା ପରି ସମ୍ବେଦନଶୀଳ ଘଟଣାକୁ ସ୍ୱୀକାର କରିବାପାଇଁ ପ୍ରସ୍ତୁତ ନୁହନ୍ତି କୌଣସି ସରକାର। ବରଂ ଚାଷୀ ଆତ୍ମହତ୍ୟା ଚାଷଜନିତ ନୁହେଁ ବୋଲି ପ୍ରମାଣ କରିବା ପାଇଁ ପ୍ରଶାସନର ତଳୁ ଉପର ଯାଏ ତତ୍ପର ହୋଇଉଠନ୍ତି ସମସ୍ତେ। ତେଣୁ ଯେତେ ଯାହା ଯୋଜନା କଲେ ବି ଥମିବାର ନାଁ ଧରୁନି ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଜାରି ରହିଥିବା ଚାଷୀ ଆତ୍ମହତ୍ୟାର ବିଡ଼ମ୍ବିତ ଧାରା। କାରଣ ସରକାର ଯେଉଁଠି ସତ୍ୟକୁ ସ୍ୱୀକାର କରିବା ପାଇଁ କୁଣ୍ଠିତ, ସେଠାରେ କେବେ ବି ବାହାରି ପାରେନି ସମସ୍ୟା ସମାଧାନର ସହଜ ସୂତ୍ର।

ଚାଷର ପ୍ରଥମ ଆବଶ୍ୟକତା ହେଉଛି ଜଳ। ମାତ୍ର ଏଠି ନଈପାଣିକୁ କାରଖାନା ଶୋଷୁଥିବା ବେଳେ ଜମିକୁ ମିଳେନି ଜଳ। ସ୍ୱାଧୀନତାର ୭୨ ବର୍ଷ ପରେ ବି ଓଡ଼ିଶାରେ ୩୩ ପ୍ରତିଶତରୁ ଟପି ପାରିଲାନି ଜଳସେଚିତ ଜମିର ପରିମାଣ। ତେଣୁ ଇନ୍ଦ୍ରଦେବତା ସଦୟ ନ ହେଲେ ମୁଣ୍ଡରେ ହାତଦିଏ ଚାଷୀ। ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ଭରଣା ପାଇଁ ଦେଶରେ ଏବେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା। ବାସ୍ତବତା ଆଧାରରେ ବିଚାର କଲେ ମନେହୁଏ ଏହା ଚାଷୀମାନଙ୍କ କଲ୍ୟାଣ ପାଇଁ ନୁହେଁ, ବରଂ ବୀମା କମ୍ପାନୀଗୁଡ଼ିକୁ ମାଲାମାଲ କରିବା ଏ ଯୋଜନାର ଅସଲ ଉଦ୍ଦେଶ୍ୟ। କେବଳ ଫସଲବୀମା କାହିଁକି କୃଷି ଓ କୃଷକର ବିକାଶ ନିମନ୍ତେ ଦେଶରେ ଯେତେ ଯୋଜନା ହେଉଛି କେଉଁଠି ହେଲେ ତା'ର ସମ୍ପୂର୍ଣ୍ଣ ସୁଫଳ ପାଉନି ପ୍ରକୃତ ହିତାଧିକାରୀ।

ଅର୍ଥନୀତି ବିଶାରଦ ଚାଣକ୍ୟ କହିଥିଲେ, ଦେଶରେ ଅର୍ଥନୀତିର ସନ୍ତୁଳନ ରକ୍ଷାପାଇଁ ଭରିଏ ସୁନାର ମୂଲ୍ୟ ସହିତ ଭରଣେ ଧାନର ମୂଲ୍ୟ ସମାନ ହେବା ଦରକାର। ଏବେ କିନ୍ତୁ ଭରିଏ ସୁନାର ମୂଲ୍ୟ ତୁଳନାରେ ଉଣା ପଡ଼ିବ ପ୍ରାୟ ଆଠ ଭରଣ ଧାନର ମୂଲ୍ୟ। ଚାଷୀ ତା'ର ଶସ୍ୟର ଉପଯୁକ୍ତ ମୂଲ୍ୟ ପାଉ– ଏକଥା ଚାହାନ୍ତି ନାହିଁ ଦେଶର କୌଣସି ସରକାର। ତେଣୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ସ୍ୱାମୀନାଥନ୍ କମିଟି ଦେଇଥିବା ରିପୋର୍ଟକୁ ପ୍ରତ୍ୟେକ ସରକାର ଏଡ଼େଇ ଚାଲିଛନ୍ତି ଅତି ଚତୁରତାର ସହିତ। ବିଡ଼ମ୍ବନାର ବିଷୟ ବେଳେବେଳେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଟପିଯାଏ ଉତ୍ପାଦନ ଖର୍ଚ୍ଚ। ଆହୁରି ଦୁଃଖର ବିଷୟ ହେଉଛି ସରକାର କୁଣ୍ଠାର ସହିତ ଯେଉଁ ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି, ସେତକ ପାଇବାରୁ ବି ବଞ୍ଚିତ ହେଉଛି ଆମ ରାଜ୍ୟର ଚାଷୀ। ଏଠି ଶସ୍ୟ ସଂଗ୍ରହ ପ୍ରକ୍ରିୟାଟି ମଧ୍ୟ ଏଭଳି ଅଭିସନ୍ଧିମୂଳକ ଯେ ସେଥିରେ ପେଷି ହୋଇ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପାଇଁ ବାଧ୍ୟ। ଚାଷୀ କେବଳ ଏଠି ଦୁଚ୍ଛାଟାରେ ଖଟିଖଟି ମରୁଛି, କିନ୍ତୁ ମାଗଣାରେ ଲାଭ ଖାଉଛି ମିଲର, ଦଲାଲ ଓ ସେବା ସମବାୟ ସମିତିର କାର୍ପଟଦାରମାନେ। କେବଳ ବିପର୍ଯ୍ୟସ୍ତ ବିପଣନ ବ୍ୟବସ୍ଥା ନୁହେଁ, ଭଣ୍ଡାରଣ ସମସ୍ୟାକୁ ନେଇ ମଧ୍ୟ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହୁଏ ଚାଷୀ। ଚାଷୀ ଖେତରେ ଯେତେବେଳେ ଟମାଟୋ ପାଚି ନ ଥାଏ ସେତେବେଳେ ତାହା ବଜାରରେ ବିକ୍ରି ହୁଏ ଚଢ଼ା ଦରରେ। ମାତ୍ର ଚାଷୀ ଟମାଟୋ ବଜାରକୁ ଆସିଗଲା ପରେ ତା'ର ଭାଉ ଏମିତି ଖସିଯାଏ ଯେ ବେଳେବେଳେ ତୋଳା ଖର୍ଚ୍ଚ ବି ପାଏନି ଚାଷୀ। ଏହି କାରଣରୁ କେତେବେଳେ ତାହା ଜମିରେ ପଚେ ତ ଆଉ କେତେବେଳେ ଢଳାଯାଏ ରାଜରାସ୍ତାରେ।

ଚାଷୀର ବ୍ୟୟଭାର ଦୃଷ୍ଟିରୁ ସାଧାରଣ ଚାଷୀଟିଏ ବିନା ଋଣରେ ଚାଷ କରିବା ଅସମ୍ଭବ। ମାତ୍ର ଆମ ଦେଶର ଋଣ ଆଦାୟ ପ୍ରକ୍ରିୟାଟି ଏଭଳି ବ୍ୟବସ୍ଥିତ ଯେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ କରିଥିବା ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ସରକାର ବତାଇ ଦିଅନ୍ତି ଖସିଯିବାର ବାଟ। ମାତ୍ର ରଣଯନ୍ତାରେ ପଡ଼ି ଡହଳ ବିକଳ ହେଉଥିବା କ୍ଷୁଦ୍ରଚାଷୀଙ୍କୁ ଦେଖେଇ ଦିଅନ୍ତି ଆତ୍ମହତ୍ୟାର ରାସ୍ତା। କେନ୍ଦ୍ର ହେଉ କି ରାଜ୍ୟ ସବୁ ସରକାର କୃଷି ଓ କୃଷକ ବିରୋଧୀ। ନିର୍ବାଚନ ପୂର୍ବରୁ କୃଷି ଓ କୃଷକର ଉନ୍ନତି ନିମନ୍ତେ ସମସ୍ତେ ଅଜାଡ଼ି ଦିଅନ୍ତି ଅଜସ୍ର ପ୍ରତିଶ୍ରୁତି। ମାତ୍ର ନିର୍ବାଚନ ପରେ ପ୍ରକାଶ ପାଏ ସେମାନଙ୍କ ଚାଷୀ–ବିରୋଧୀ ଚେହେରା। ଏହି କ୍ରମରେ ସ୍ୱାଧୀନତା ଲାଭର ହୀରକ ଜୟନ୍ତୀ ଅର୍ଥାତ୍ ୨୦୨୨ ସୁଦ୍ଧା ଚାଷୀମାନଙ୍କର ରୋଜଗାର ଦି'ଗୁଣିତ କରିବାର ସଂକଳ୍ପକୁ ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ମାତ୍ର ଏସବୁ କେବଳ ତୁଚ୍ଛା ରାଜନୀତି। ଚାଷୀଙ୍କୁ ପାଞ୍ଚହଜାର ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରିଥିଲେ ବର୍ତ୍ତମାନର ସରକାର। କୁଆଡ଼େ ଗଲା ସେ ପ୍ରତିଶ୍ରୁତି। ଏପଟେ ଧାନର ସହାୟକ ମୂଲ୍ୟକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ରାଜ୍ୟ ସରକାର। ମାତ୍ର ସରକାରଙ୍କ କୃଷି ନୀତି ହେଉ କି ପରିବେଶ ନୀତି, କେଉଁଠି ହେଲେ ବି ପ୍ରତିଫଳିତ ହେଉନି ଚାଷୀର ହିତ।

ସାଧାରଣତଃ କୌଣସି ଅସଂଗଠିତ କ୍ଷେତ୍ରକୁ ସେତେବେଶି ଗୁରୁତ୍ୱ ଦେବାକୁ ଚାହାନ୍ତିନି ସରକାର। ମାତ୍ର ଓଡ଼ିଶାରେ ଚାଷୀମାନେ ଯେ ଏବେ ସଙ୍ଗଠିତ ତାହା ସୂଚନା ଦେଇସାରିଛି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଥିବା 'ନବ ନିର୍ମାଣ କୃଷକ ସଙ୍ଗଠନ'। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ଏବେ ଦାନା ବାନ୍ଧି ସାରିଛି କୃଷକ ଆନ୍ଦୋଳନ। କୃଷକମାନଙ୍କ ଦାବିକୁ ଯଥାର୍ଥ କହି ସେମାନଙ୍କ ସମର୍ଥନରେ ଏବେ ଆଗେଇ ଆସିଛନ୍ତି ଅନେକ ରାଜନୈତିକ ଦଳ। କୃଷକ ସଙ୍ଗଠନ ସହ ସେମାନଙ୍କ ନିର୍ବନ୍ଧର ସର୍ତ୍ତରୁ ଜଣାଯାଏ ଚାଷୀ ଆନ୍ଦୋଳନ ଏବେ ପହଞ୍ଚିସାରିଛି ରାଜନୈତିକ ମଞ୍ଚର କେନ୍ଦ୍ର ସ୍ଥଳରେ। ଏହି ଦୃଷ୍ଟିରୁ କୃଷି ଓ କୃଷକ ପ୍ରସଙ୍ଗକୁ ନେଇ ବୋଧହୁଏ ଲଢ଼ାଯିବ ଆଗାମୀ ୨୦୧୯ ସାଧାରଣ ନିର୍ବାଚନ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୪୫୫୦୮



# ଡଙ୍ଗାବୁଡ଼ି ଓ ଆମ ସରକାରୀ ଆଇନ

ସୁଧୀର କୁମାର ନାୟକ

ଗତବର୍ଷ ଡିସେମ୍ବରରେ ମହାନଦୀ ପୋଲ ଉପରେ ଘଟିଥିବା ବସ୍ ଦୁର୍ଘଟଣା ଏବଂ ଚଳିତବର୍ଷ ଆରମ୍ଭରୁ କେନ୍ଦ୍ରାପଡ଼ା ଜିଲାର ଡଙ୍ଗାବୁଡ଼ି ୨ଟି ଯାକ ଅତ୍ୟନ୍ତ ମର୍ମାନ୍ତକ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ଆମ ଦେଶରେ ଓଡ଼ିଶା ପ୍ରଥମ ଥିଲାବେଳେ ଲଗାତାର ଡଙ୍ଗାବୁଡ଼ି ମୃତ୍ୟୁ ସୂଚାଇ ଦିଏ ଯେପରି ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସବୁକିଛି ଆଇନ ତୁଚ୍ଛା। ନୂଆବର୍ଷ ଭୋଜି ସାରି ମହାକାଳପଡ଼ା ବ୍ଲକର ହୁକିଟୋଲା ଦ୍ୱୀପରୁ ହସିଣା ଗାଁର ୮ଟି ପରିବାର ଲୋକେ ହସଖୁସିରେ ଏକ ଦେଶୀ ମାଛଧରା ଡଙ୍ଗାରେ ଘରକୁ ଫେରୁଥିଲେ। ମହାନଦୀ ଶାଖା ବଡ଼ିଘର ନଦୀ ଦେଇ ଆସୁଥିବା ଏହି ଡଙ୍ଗାଟି ସନ୍ଧ୍ୟା ସମୟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୯ଜଣ ଲୋକଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଜଣେ ଶିଶୁ ନିଖୋଜ ଅଛନ୍ତି। ସାନ ନିପାଣିଆ ଗାଁର ଦୁଇ ନାବାଳିକା ଭଉଣୀ ନବମ ଶ୍ରେଣୀର ଛାତ୍ରୀ ସବିତା ଓ ପୂର୍ଣ୍ଣିମା ଭାସିଯାଉଥିବା ଲୋକଙ୍କ ମଧ୍ୟରୁ ଅନ୍ଧାର ରାତିରେ ପ୍ରଖର ସ୍ରୋତ ଓ କୁମ୍ଭୀରପ୍ରବଣ ନଦୀକୁ ଡେଇଁ ୧୩ଜଣଙ୍କୁ କୂଳକୁ ଟାଣି ଆଣି ନିଶ୍ଚିତ ମୃତ୍ୟୁରୁ ଉଦ୍ଧାର କରିଥିଲେ। ଜୀବନକୁ ପାଣି ଛଡ଼ାଇ ସେମାନେ ଯେଉଁ ସାହସିକ କାର୍ଯ୍ୟ କଲେ ଯେତେ ପ୍ରଶଂସା କଲେ ବି କମ୍ ହେବ। ତେବେ ଏପରି ବାରମ୍ବାର ନୌକା ଦୁର୍ଘଟଣା କାହିଁକି ଘଟୁଛି? ଗତବର୍ଷ ଜୁନ୍ ମାସରେ ଚିଲିକାରେ ଡଙ୍ଗା ବୁଡ଼ି ୬ଜଣଙ୍କର ମୃତ୍ୟୁ ହେବା ପରେ ସରକାର ଜୁନ୍ ୨୩ରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ସେଥିରେ ରାଜ୍ୟ ବୋଟ୍ ନିୟମ ଓ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କଡ଼ା ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଆଇନ କିପରି କାର୍ଯ୍ୟକାରୀ ହେଉଛି ତାହା ଜଳଜଳ ଦଶୁଛି।

ରାଜ୍ୟ ସରକାରଙ୍କ ନୌପରିବହନ ବ୍ୟବସ୍ଥା ଏକ ସଙ୍କଟାପନ୍ନ ସ୍ଥିତିରେ ଗତି କରୁଛି। ଡଙ୍ଗାବୁଡ଼ି ରୋକିବା ସହ ଯାତ୍ରୀମାନଙ୍କ ନିରାପତ୍ତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ୨୦୦୪ରେ ସ୍ୱତନ୍ତ୍ର ବୋଟ୍‌ରୁଲ୍ସ ପ୍ରଣୟନ କରିଥିଲେ। କୌଣସି ଜଟିଳ ସମସ୍ୟାର ସମାଧାନ ପାଇଁ ନୂତନ ଆଇନ କରିବାଟା ହୁଏତ ସହଜ ହୋଇପାରେ। କିନ୍ତୁ ତାକୁ କାର୍ଯ୍ୟକାରୀ କରିବାଟା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମାନସିକତା ଉପରେ ନିର୍ଭର କରିଥାଏ। ହାଇକୋର୍ଟ ନୌକା ଦୁର୍ଘଟଣା ଉପରେ ଏକ ଜନସ୍ୱାର୍ଥର ମାମଲା ଶୁଣାଣି କରି ଯାତ୍ରୀବାହୀ ଡଙ୍ଗାର ନିରାପତ୍ତା ପାଇଁ ରାଜ୍ୟ ସରକାରଙ୍କୁ ଏକ ନୋଟିସ କରିଥିଲେ। ସେହିପରି ୨୦୧୬ ଡିସେମ୍ବର ୧୦ରେ ବ୍ରହ୍ମପୁର ରମ୍ଭା ଚିଲିକାରେ ଡଙ୍ଗା ବୁଡ଼ିଯିବାରୁ ୨ଜଣ ଶିଶୁ ସମେତ ୪ଜଣଙ୍କର ମୃତ୍ୟୁ ହୋଇଥିଲା। ସେହି ଡଙ୍ଗାବୁଡ଼ି ଘଟଣା ତଦନ୍ତ କରି ପ୍ରଶାସନ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ହୁଏତ ସେହିଦିନଠାରୁ ଅନ୍ୟ ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ଖୋଲାଖୋଲି ନିୟମ ଉଲ୍ଲଂଘନ କରୁ ନ ଥାନ୍ତେ। ରାଜ୍ୟରେ ଦୈନିକ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ଘାଟରେ ଯାତାୟାତ ପାଇଁ ଡଙ୍ଗା ଉପରେ ନିର୍ଭର କରିଥାନ୍ତି। ସରକାରୀ ତଥ୍ୟ ଅନୁସାରେ ରାଜ୍ୟର ୭୪୭ଟି ଘାଟରେ ପାଖାପାଖି ୨୫ଶହ ନୌକା ଚଳପ୍ରଚଳ କରିଥାନ୍ତି। ତାହା ମଧ୍ୟରୁ ୬୦%ରୁ ଅଧିକ ଡଙ୍ଗାର ଲାଇସେନ୍ସ ନାହିଁ। ଅଧାରୁ ଅଧିକ ବୋଟ୍‌ରେ ଲାଇଫ୍ ସେଭ୍ ଜ୍ୟାକେଟ୍ ରହୁ ନ ଥିବା ବେଳେ ବିନା ଅନୁମତି ତଥା କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରୁଛନ୍ତି। ବିନା ପ୍ରଶିକ୍ଷଣରେ ଶହ ଶହ ବୋଟ୍ ଚାଳକ ଯାତ୍ରୀମାନଙ୍କୁ ବୋହୁଛନ୍ତି। ନିୟମ ଅନୁସାରେ ବୋଟ୍‌ମ୍ୟାନ୍ ଏବଂ ବୋଟ୍‌ଗୁଡ଼ିକ ବୀମାଭୁକ୍ତ ହେବା ବାଧ୍ୟତାମୂଳକ ଥିବାବେଳେ ଅଧିକାଂଶ ବୋଟ୍‌ର ଫିଟ୍‌ନେସ୍ ନାହିଁ କିମ୍ବା ବୀମାଭୁକ୍ତ ନୁହେଁ। ସେଥିପାଇଁ କୌଣସି ସ୍ଥାନରେ ଡଙ୍ଗା ବୁଡ଼ିଗଲେ, ମୃତ ଯାତ୍ରୀଙ୍କ ସମ୍ପର୍କୀୟମାନେ ବୀମା ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ରିପୋର୍ଟ ଅନୁସାରେ ଚଳିତବର୍ଷ ରାଜ୍ୟର ୧୫ଶହରୁ ଅଧିକ ଯାତ୍ରୀବାହୀ ବୋଟ୍ ସେମାନଙ୍କ ଲାଇସେନ୍ସ ନବୀକରଣ କରିନାହାନ୍ତି। ରାଜ୍ୟରେ କିଛି ଘାଟରେ ଦୁଇକୂଳକୁ ଦୌଡ଼ି ଲଗାଇ ସର୍କସ ପରି ଡଙ୍ଗା ଧରି ଯାତ୍ରୀମାନଙ୍କୁ ଅତି ବିପଜ୍ଜନକ ଭାବେ ନେବାଆଣିବା କରାଯାଉଛି। ୨୦୧୪ ମସିହାରେ ବାଣିଜ୍ୟ ଓ ପରିବହନ କମିଶନର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ବୋଟ୍ ଚଳାଚଳର ତଦାରଖ କରିବା ପାଇଁ ସ୍ଥାନୀୟ ବିଡିଓମାନଙ୍କୁ ଏନ୍‌ଫୋର୍ସମେଣ୍ଟ ଅଫିସର ଭାବେ କ୍ଷମତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା ଦ୍ୱାରା ବିଧିବଦ୍ଧ ଭାବେ ବୋଟ୍ ପଞ୍ଜୀକରଣ କ୍ଷମତା ଦିଆଗଲା। ଅଧିକାଂଶ ଡଙ୍ଗା ମାଲିକ ଏପରି ବିଭାଗ ସହ ପରିଚିତ ନୁହନ୍ତି। ତେବେ ସମ୍ପୂର୍ଣ୍ଣ ଡଙ୍ଗା ଚଳାଚଳ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ଯେଉଁ ବିଭାଗମାନଙ୍କର ଦାୟିତ୍ୱ ରହୁଛି, ସେମାନଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ।

କେତେକ ପର୍ଯ୍ୟଟନ ସ୍ଥଳୀରେ ବିଦେଶୀ ପର୍ଯ୍ୟଟକମାନେ ଆମର ପୁରୁଣାକାଳିଆ ଡଙ୍ଗାରେ ଯାତ୍ରା କରିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଚିଲିକା ଏବଂ କାଳିଜାଇ ପରି ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ଏପରି କିଛି ଦେଶୀଡଙ୍ଗା ଚଳପ୍ରଚଳ କରୁଛି, ଯେଉଁଥିରେ ଏକ ପ୍ରକାର ପୁରୁଣା ମୋଟର ସାଇକେଲ ଇଞ୍ଜିନ ସଂଯୋଗ କରାଯାଇଛି। ବୋଟ୍ ଚାଲୁଥିବାବେଳେ କୌଣସି ବି ମୁହୂର୍ତ୍ତରେ ଇଞ୍ଜିନ୍ ବନ୍ଦ ହୋଇଯାଇ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ଥାଏ। ସ୍ଥାନୀୟ ପ୍ରଶାସନ ଏପରି ଡଙ୍ଗା ବିଷୟରେ ଅବଗତ ଥାଇ ମଧ୍ୟ ଅଙ୍କୁଶ ଲଗାଉ ନାହାନ୍ତି। ସବୁ ପଞ୍ଜୀକୃତ ନୌକାର ଯାତ୍ରୀ ପରିବହନ ପାଇଁ ଯେ ଫିଟ୍‌ନେସ୍ ଅଛି ତାହା ବି ନୁହେଁ। ସରକାରୀ ତଥ୍ୟ ଅନୁସାରେ ୧୦ ବର୍ଷରେ ଡଙ୍ଗାବୁଡ଼ି ଯୋଗୁ ୨୦୦ରୁ ଅଧିକ ଲୋକଙ୍କର ଜୀବନହାନି ଘଟିଛି।

ବୋଟ୍ ଚାଳକମାନଙ୍କ ସଂଖ୍ୟା ଅନୁସାରେ ରାଜ୍ୟର ସରକାରୀ ତାଲିମ ପ୍ରତିଷ୍ଠାନ ନାହିଁ। ଭଦ୍ରକ ଜିଲା ଚାନ୍ଦବାଲିରେ ରାଜ୍ୟର ଏକମାତ୍ର ବୋଟ୍ ଚାଳକ ତାଲିମ ପ୍ରତିଷ୍ଠାନ ଅଛି, ହେଲେ ସେଠାରେ ମାତ୍ର ୩୦ଟି ସିଟ୍ ରହିଛି। ରାଜ୍ୟର ୯୦%ରୁ ଅଧିକ ନାଉରିଆ ପୁରୁଷାନୁକ୍ରମେ ଡଙ୍ଗା ଚଳାଉଛନ୍ତି। ପ୍ରତ୍ୟେକ ଡଙ୍ଗାକୁ ଜିପିଏସ୍ ସିଷ୍ଟମ୍ ଦ୍ୱାରା ନିୟନ୍ତ୍ରିତ କରିବାର ବ୍ୟବସ୍ଥାକୁ କରାଯିବା ସହ ବୋଟ୍ ଚାଳକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ କର୍ମଶାଳା ଆୟୋଜନ କରାଯିବା ଉଚିତ।

ମୋ:୯୯୩୮୦୮୦୨୯୪

## ଏଇ ଭାରତରେ

ଅଙ୍କ ଶିଶୁ ପୋଷ୍ୟ ସନ୍ତାନ ହୋଇ ବିଦେଶ ଚାଲିଗଲେ ନିଜ ଜନ୍ମମାଟିକୁ ଚିହ୍ନିବା ମୁସ୍କିଲ। ସେ ନିଜର ମାତାପିତାଙ୍କୁ ଜାଣିପାରନ୍ତି ନାହିଁ। ଆଉ କେହି ନିଜ ଜନ୍ମମାଟିରେ ପାଦ ଦେବାକୁ ବ୍ୟାକୁଳ ହୁଅନ୍ତି। ଭାରତରେ ୪୩ ବର୍ଷ ତଳେ ଜନ୍ମହୋଇ ଡାନିଶ ଦମ୍ପତି ଦ୍ୱାରା ପୋଷ୍ୟ ସନ୍ତାନ ଭାବେ ଜୀବନ ବିତାଇଥିବା ଜଣେ ବ୍ୟକ୍ତି ବର୍ତ୍ତମାନ ତାଙ୍କ ମାତାପିତା, ଜ୍ଞାତି କୁଟୁମ୍ବଙ୍କୁ ଖୋଜି ଜନ୍ମମାଟି ଭାରତରେ ପହଞ୍ଚିଛନ୍ତି। ରାଜକୁମାର ନାମକ ଏହି ବ୍ୟକ୍ତି ୧୯୭୫ରେ ତାମିଲନାଡୁର କୋଏମ୍ବାଟୁର ନିକଟବର୍ତ୍ତୀ ଥୋଣ୍ଡାମୁଥୁରଠାରେ ଜନ୍ମଗ୍ରହଣ କରିଥିଲେ। ଜନ୍ମହେବା ପରେ ତାଙ୍କୁ ବ୍ଲୁ ମାଉଣ୍ଟେନ୍ ଚିଲ୍‌ଡ୍ରେନ୍‌ସ ହୋମ୍‌କୁ ହସ୍ତାନ୍ତର କରାଯାଇଥିଲା। ୧୮ମାସର ହୋଇଥିବା ବେଳେ ତାଙ୍କୁ ଡାନିଶ ଦମ୍ପତି ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ମା' ଛାଡି ଚାଲିଯିବା ଏବଂ ପିତା ଲାଳନପାଳନ କରି ନ ପାରିବାରୁ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଗଲା ବୋଲି ଚୁକ୍ତିପତ୍ରରେ ଉଲ୍ଲେଖ ରହିଥିବା ରାଜକୁମାର ପ୍ରକାଶ କରିଛନ୍ତି। ବର୍ତ୍ତମାନ ରାଜକୁମାର ଡାନିଶ୍‌ରେ କାସ୍ପର ଆଣ୍ଡର୍ସନ୍ ନାମରେ ପରିଚିତ। କାସ୍ପର ତାଙ୍କ ପରିବାର ଏବଂ ଆତ୍ମୀୟଙ୍କ ପରିଚୟ ପାଇବା ଲାଗି ଗଣମାଧ୍ୟମର ଆଶ୍ରୟ ନେଇଛନ୍ତି। ଜାନୁୟାରୀ ୨୧ରେ ଭାରତ ଛାଡିବା ପୂର୍ବରୁ ଆତ୍ମୀୟଙ୍କୁ ଭେଟିବେ ବୋଲି ସେ ଆଶା ରଖିଛନ୍ତି।

### ଚିରନ୍ତନୀ

ଜୀବନ–ସମସ୍ୟା ଯେଣୁ ଦିନୁଁ ଦିନୁଁ ହୁଅଇ ଜଟିଳ
ଆଚାର–ବିଧାନ–ଗ୍ରନ୍ଥି ହେଉଅଛି ଅଧିକ ଶିଥିଳ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୪

- ଧାର୍ମିକ, ମୌଳିକତାବାଦ, ଉଗ୍ରପନ୍ଥୀ କାର୍ଯ୍ୟକଳାପ ଏବଂ ଆତଙ୍କବାଦ ବିରୋଧରେ ମିଳିତ ସଂଗ୍ରାମ ନିମନ୍ତେ ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ୬ଟି ରାଜିନାମା ସ୍ୱାକ୍ଷରିତ।
- ଉଗାଣ୍ଡାରେ ଏକ ଟ୍ରେନ୍ ଦୁର୍ଘଟଣାରେ ୩୭ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୩୦– ବାଂଲାଦେଶ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କର ଚତୁର୍ଥ ଥର ପାଇଁ ନିରଙ୍କୁଶ ବିଜୟ।

୩୧– ଓଡ଼ିଆ ଆଇଏଏସ୍ ଅଧିକାରୀ ସୁଧୀରଞ୍ଜନ ମହାନ୍ତି ମଧ୍ୟପ୍ରଦେଶର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ।

ଜାନୁୟାରୀ ୧।୨୦୧୯– ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ହେବା ପରେ ମଧ୍ୟ ଉଭୟ ରାଜ୍ୟର ଗୋଟିଏ ହାଇକୋର୍ଟ ଥିଲା, ଯାହା ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ ଥିଲା। ଏବେ ଆନ୍ଧ୍ରପ୍ରଦେଶ ପାଇଁ ଅଲଗା ହାଇକୋର୍ଟ ପ୍ରତିଷ୍ଠା ହେବା ସହ ସି. ପ୍ରବୀଣ କୁମାର ଏହାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହୋଇଥିବା ବେଳେ ଟି.ବି. ରାଧାକୃଷ୍ଣନ୍ ତେଲେଙ୍ଗାନା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଛନ୍ତି।

* ବିଶିଷ୍ଟ ବଲିଉଡ୍ ଅଭିନେତା କାଦର ଖାନ୍‌ଙ୍କ ୮୧ ବର୍ଷ ବୟସରେ ପରଲୋକ।

୨– କେନ୍ଦ୍ରୀୟ ମାଲିରେ ସଶସ୍ତ୍ର ଡୋଜୋନ ଶିକାରୀ ଓ କୃଷକଙ୍କ ମଧ୍ୟରେ ସଂଘର୍ଷ ଘଟି ୩୭ ଜଣଙ୍କ ମୃତ୍ୟୁ।

୩– ଅଷ୍ଟମ ଯାଏ ପିଲାଙ୍କୁ ଫେଲ ନ କରିବା ନିୟମ ବଦଳାଇବାକୁ ଆସିଥିବା ବିଲ୍ ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କଲା।

୪– ଲୋକ ସଭାରେ ଆଧାର ସଂଶୋଧନ ବିଲ୍ ଗୃହୀତ।

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | 5 | 1 | | 8 | C | | | | | | | |
| E | | | | D | A | 1 | | 7 | | | | | | C |
| 0 | | 2 | | | | | 4 | | D | | | | | 6 |
| | 7 | | C | 9 | | | D | | | | | 5 | | |
| | 8 | | | | | E | 0 | 6 | A | | 7 | | | 1 |
| | | | | | | 0 | E | 4 | 9 | | | | | |
| 6 | | | E | 4 | 7 | | 3 | | | B | | | | |
| | B | 1 | | 3 | | | | | 4 | | | 6 | 0 | |
| | | | | 2 | | | | 5 | E | | | | 4 | A |
| | 9 | | | | | | | C | | 6 | 8 | | | |
| 2 | | 3 | | 6 | | 9 | | | | | | C | | |
| 8 | | | 3 | A | 9 | B | | | | | D | | | 2 |
| 1 | | | | | | | | 0 | B | | | | | |
| C | 4 | | | | B | 3 | A | | 7 | | 0 | | | |
| | | | | E | C | | 1 | | 8 | | 2 | | 3 | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | 8 | C | 2 | 9 | B | D | 3 | 7 | 6 | E | 4 | 1 | 0 |
| 2 | 0 | 3 | D | 6 | B | E | 4 | 7 | 1 | C | A | 5 | 9 | 8 |
| 9 | C | 1 | 3 | 7 | 8 | 6 | 5 | 2 | 0 | B | 4 | E | D | A |
| 7 | 6 | E | 0 | 4 | 5 | C | 1 | A | 8 | 9 | D | B | 3 | 2 |
| B | D | 4 | 1 | A | E | 0 | 8 | 9 | 5 | 2 | 3 | 7 | 6 | C |
| 1 | 2 | A | 7 | 0 | 4 | 9 | E | 6 | C | 8 | B | D | 5 | 3 |
| 3 | 7 | D | 6 | 1 | C | 2 | B | 8 | E | A | 5 | 0 | 4 | 9 |
| 6 | 4 | 5 | 9 | E | D | A | 0 | C | 2 | 3 | 1 | 8 | 7 | B |
| E | B | 9 | 8 | 3 | A | D | 7 | 5 | 4 | 0 | 6 | 2 | C | 1 |
| C | 8 | 0 | B | 5 | 2 | 4 | 3 | 1 | D | 7 | 9 | 6 | A | E |
| 0 | 9 | 7 | 5 | C | 1 | 8 | A | 4 | B | D | 2 | 3 | E | 6 |
| 4 | E | 6 | 2 | 8 | 7 | 3 | 9 | D | A | 1 | 0 | C | B | 5 |
| 5 | 1 | 2 | A | D | 3 | 7 | C | B | 6 | E | 8 | 9 | 0 | 4 |
| 8 | 3 | C | 4 | B | 0 | 1 | 6 | E | 9 | 5 | 7 | A | 2 | D |
| D | A | B | E | 9 | 6 | 5 | 2 | 0 | 3 | 4 | C | 1 | 8 | 7 |

ଗତକାଲିର ଉତ୍ତର

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କୁ ବସ୍‌ଭଡ଼ାରେ ରିହାତି

ମହାଶୟ,

ବହୁଦିନ ହେଲା ଆମେ ବରିଷ୍ଠ ନାଗରିକମାନେ ସରକାରଙ୍କୁ ଗଣମାଧ୍ୟମ ଜରିଆରେ ଜଣାଉଛୁ ଯେ ପଡ଼ୋଶୀ ରାଜ୍ୟଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କୁ ବସ୍‌ରେ ଯାତାୟାତ କରିବା ପାଇଁ ଅଧା ଭଡ଼ା ଦେବାକୁ ପଡ଼େ। ସେମାନଙ୍କୁ ବହୁ ସମୟରେ ରାଜ୍ୟର ବିଭିନ୍ନ ତୀର୍ଥ ସ୍ଥାନ, ଡାକ୍ତରଖାନା ଓ ବନ୍ଧୁମାନଙ୍କ ଘରକୁ ଯିବାକୁ ପଡ଼େ। ବୟସ୍କ ନାଗରିକମାନେ ପ୍ରାୟତଃ କାର୍ଯ୍ୟକ୍ଷମ ନୁହନ୍ତି। ତେଣୁ ସେମାନଙ୍କର କୌଣସି ଆୟ ନ ଥାଏ। ସେହି ଦୃଷ୍ଟିରୁ ସେମାନେ ସମ୍ପୂର୍ଣ୍ଣ ବସଭଡ଼ା ବହନ କରିବାକୁ ଅକ୍ଷମ। ତେଣୁ ଆମ ରାଜ୍ୟରେ ମଧ୍ୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ବସ୍ ଭଡ଼ା ଅଧା କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।

ବିଧାନ ଚନ୍ଦ୍ର ଜେନା, ଜିଜିପି କଲୋନୀ, ଭୁବନେଶ୍ୱର

### କୁକୁଡ଼ା ମଡ଼କ

ମଣିଷଙ୍କ ପରି ପଶୁପକ୍ଷୀଙ୍କୁ ମଧ୍ୟ ରୋଗ ଆକ୍ରମଣ କରିଥାଏ। ଚିକିତ୍ସା ଅଭାବରୁ ଆକ୍ରାନ୍ତ ପକ୍ଷୀମାନେ ମୃତ୍ୟୁମୁଖରେ ପଡିଥାନ୍ତି। ସେହି ମର୍ମରେ ଏ ବର୍ଷ ଚିଲିକା ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ କୁକୁଡାଙ୍କଠାରେ ବାର୍ଡ ଫ୍ଲୁ ଦେଖାଦେଇଛି। କୁକୁଡା ମଡ଼କରୁ ରକ୍ଷା କରିବା ପାଇଁ ବାର୍ଡ ଫ୍ଲୁରେ ଆକ୍ରାନ୍ତ କୁକୁଡାଙ୍କ ସହ ସେ ଅଞ୍ଚଳର ଅନ୍ୟ କୁକୁଡାଙ୍କୁ ମାରି ମାଟିରେ ପୋତିଦିଆଯାଉଛି। ଏଥିସହ ଭୁବନେଶ୍ୱରର ବସ୍ତି ଅଞ୍ଚଳର କୁକୁଡାଙ୍କୁ ପ୍ରତିଷେଧକମୂଳକ ଟିକା ଦିଆ କାମ ଜୋର୍‌ସୋରରେ ଚାଲିଛି। ମଣିଷମାନଙ୍କ ଜୀବନ ରକ୍ଷା ପାଇଁ ଅସୁସ୍ଥ କୁକୁଡ଼ାଙ୍କ ସହ ସୁସ୍ଥ କୁକୁଡାଙ୍କୁ ମାରି ପୋତିଦେବା ସମୀଚୀନ ନୁହେଁ। ମଣିଷଙ୍କ ପରି କୁକୁଡାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ଭାବେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ପ୍ରମୋଦ ମିଶ୍ରଙ୍କ ସହ ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆଲୋଚନା

ସମ୍ବଲପୁର,୬।୧(ବ୍ୟୁରୋ)-ସମ୍ବଲପୁର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ପ୍ରମୋଦ ମିଶ୍ରଙ୍କୁ ସର୍କିଟ ହାଉସରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ସଦସ୍ୟମାନେ ଭେଟି ଆଲୋଚନା କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବାକୁ ଏହି ପ୍ରତିନିଧି ଦଳ ଦାବି କରିଛନ୍ତି । ସମ୍ବଲପୁରୀ ଭାଷା, ସାହିତ୍ୟ, ନୃତ୍ୟ, ଗୀତ, ନାଟକ, ବାନ୍ଧକଳା ଆଦି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ପାଇଛି। ସମ୍ବଲପୁରୀ ଭାଷାରେ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟ ମଧ ରଚନା ହୋଇଛି । ଏପରିକି ଏହାକୁ ରଚନା କରିଥିବା କବି ଓ ଲେଖକମାନଙ୍କୁ କେନ୍ଦ୍ର ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ତେଣୁ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରାଯାଉ । ସମ୍ବଲପୁରୀ ଶାଢ଼ୀ କପଡାର ନକଲି ସାମଗ୍ରୀ ବଜାରରେ ବିକ୍ରି କରାଯାଉଛି । ଫଳରେ ଏଥିରେ ନିର୍ଭର କରୁଥିବା କାରିଗରମାନଙ୍କର ଜୀବିକା ପ୍ରଭାବିତ ହେଉଛି । ତେଣୁ ସମ୍ବଲପୁରୀ ଛାପା କପଡାର ବିକ୍ରି ଉପରେ ପ୍ରତିବନ୍ଧକ ଲଗାଇବା ଲାଗି କେନ୍ଦ୍ର ସରକାର ଆଇନ ପ୍ରଣୟନ କରନ୍ତୁ। ଗୁରୁ ସତ୍ୟନାରାୟଣ ବହିଦାରଙ୍କ ନାମରେ ସମ୍ବଲପୁରୀ ଗବେଷଣା ଉପରେ ଏକ ପ୍ରଦର୍ଶନୀ କେନ୍ଦ୍ର ପ୍ରତିଷ୍ଠା କରାଯାଉ। ବରଗଡ ଜିଲାରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ସେଠାରେ ଏକ କ୍ୟାନ୍ସର ଡାକ୍ତରଖାନା ନିର୍ମାଣ କରାଯାଉ ବୋଲି ଅନୁଷ୍ଠାନର ଆବାହକ ଭବାନୀ ଶଙ୍କର ଭୋଇ, ସଂଯୋଜକ ମାନସ ରଞ୍ଜନ ବକ୍ସି, ଶାଶ୍ୱତ ପଣ୍ଡା, ସୁବୋଧ ଦୋରା, ଆଭାଷ ପଣ୍ଡା ପ୍ରମୁଖ ପ୍ରମୋଦ ମିଶ୍ରଙ୍କଠାରେ ଦାବିକରିଛନ୍ତି।

ଜସନେ୍ ଗୌସୁଲ୍ ୱରା କାର୍ଯ୍ୟକ୍ରମ

# ମାନବିକତା ପ୍ରଦର୍ଶନ କରିବାକୁ ଆହ୍ୱାନ

**ବାମରା, ୬।୧ (ସ୍ୱ.ପ୍ର.)**

ବାମରାସ୍ଥିତ ଡୁମେରମୁଣ୍ଡାଠାରେ ଇସଲାମ୍ ଧର୍ମ ଅନୁଯାୟୀ ଗୌସପାକଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଜସନେ ଗୌସୁଲ୍ ୱରା କାର୍ଯ୍ୟକ୍ରମ ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୌସିୟା କମିଟି ଡୁମେରମୁଣ୍ଡା ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟାଟାନଗରରୁ ହଜରତ୍ ମୌଲାନା ଇନ୍ତେକାବ୍ ରଜା ବରକତି ଯୋଗଦେଇ ଇସଲାମ୍ ଧର୍ମର ପ୍ରମୁଖ ଅନୁଯାୟୀ ଗୌସପାକଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଚରିତ୍ର ଅନୁସରଣ କରି ସମସ୍ତଙ୍କ ଚଳିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସାହଜାଦ୍ ସମ୍ବଲପୁରୀ ଯୋଗ ଦେଇ ଗୌସପାକଙ୍କ ବାର୍ତ୍ତା ମିଛ ନ କହିବା, ଭଲ ବାଟରେ ଚାଲିବା, ନିଶା ଦ୍ରବ୍ୟରୁ ଦୂରେଇ ରହିବା ଓ ଶାନ୍ତିର ବାର୍ତ୍ତା ଦେବା ସହ ଇସଲାମ୍ ଧର୍ମରେ ମାନବିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଇସଲାମ୍ ଧର୍ମାବଲମ୍ବୀଙ୍କୁ ହିଂସା ଛାଡି ମାନବିକତା ଆପଣେଇବା କଥା ବୋଲି ନିଜ ମନ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥି ଭାବେ ମଦରସା ଅସରଫିଆ ଅଜିଜି ଝାରସୁଗୁଡାର ଇମାମ୍ ହଜରତ୍ ମୁଫ୍ତି ଅଫସାର ଓ ରାଜଗାଙ୍ଗପୁରର ହାଜି ହଜିବୁର୍ ରହମାନ୍ ପ୍ରମୁଖ ଯୋଗ ଦେଇଥିଲେ । ବାମରା ମସଜିଦ୍ ଇମାମ୍ ମୌଲାନା ମହମ୍ମଦ ଇଜହାର ଆଲମ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୌଲାନା ସେରାଜୁଲ୍ ହୁଦା, ହାଫିଜ୍ ଫିରଦୋସ, ହାଫିଜ ମୁଜଫର୍ ଓ ମୌଲାନା ମହମ୍ମଦ ଅକତର୍ ଗୀତ (ନାତ୍) ମାଧମରେ ଗୌସପାକଙ୍କ ପ୍ରଶଂସା, ଜୀବନୀ ଓ ବାର୍ତ୍ତା ଗାନ କରିଥିଲେ । ଶେଷରେ ମୌଲାନା ନିସାର ଧନ୍ୟବାଦ ପ୍ରଦାନ କରିଥିଲେ । ଗୌସିଆ କମିଟିର ମହମ୍ମଦ ଅସଗର,ଏମଡି କଲ୍ଲୁ, ତନ୍‌ବୀର ହସନ, ଅସପାକ୍ ଖାନ୍, ଶେକ ଇସାକ୍, ମୁନ୍ନା ଖାନ୍, ଫଣ୍ଟୁସ ଖାନ୍, ଏମଡି ଅଜହର୍, ମୁଜଫର ଆଲାହସନ, ସେରାଜୁଲ ହସନ ଓ ଜୈଦୁଲ ହସନ ପ୍ରମୁଖ ସହଯୋଗ କରିଥିଲେ ।



ବାମରା ଡୁମେରମୁଣ୍ଡାରେ ଗୌସପାକଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ଜସନେ ଗୌସୁଲ୍ ୱରା କାର୍ଯ୍ୟକ୍ରମରେ ଅତିଥିମାନେ ।

# ସୁନା ଦୋକାନରୁ ଠକେଇ ବେଳେ ଯୁବକ ଗିରଫ





ଯୋଗେଶ ଚୌହାନ (ବାମ)। ଜବତ ହୋଇଥିବା ୨ଟି ମୋବାଇଲ, ରସିଦ, ନକଲି ସୁନା ଖଣ୍ଡ, ୨ଟି ସୁନା ଚେନ୍।

**କୁଚିଣ୍ଡା,୬।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡାର ଏକ ଅଳଙ୍କାର ଦୋକାନରୁ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏହି ଯୁବକ ଜଣକ ନକଲି ସୁନା ବିସ୍କୁଟ ଦେଖାଇ ତା ବଦଳରେ ୫ଟି ସୁନା ମାଳି ନେବାକୁ ଉଦ୍ୟମ କରୁଥିଲେ। ପୋଲିସ ଗିରଫ କରିଥିବା ଏହି ଯୁବକ ଜଣକ ହେଲେ ହରିୟାଣା ଗୁରୁଗାଁ ସେକ୍ଟର- ୧୫ ନିବାସୀ ଯୋଗେଶ ଚୌହାନ (୨୭)। ତେବେ ସୁଯୋଗ ଦେଖି ଅଭିଯୁକ୍ତଙ୍କ ସହ ଥିବା ଅନ୍ୟ ୨ ସହଯୋଗୀ ଫେରାର ହୋଇଯାଇଛନ୍ତି । ଶନିବାର ଯୋଗେଶ ଏକ ସୁନା ବିସ୍କୁଟ ଧରି କୁଚିଣ୍ଡାର ଅମ୍ବିକା ଅଳଙ୍କାର ଦୋକାନରେ ପହଞ୍ଚି ଥିଲେ। ଏହି ସୁନା ବିସ୍କୁଟ୍‌କୁ ସେ ଦୋକାନ ମାଲିକ ଉମାକାନ୍ତ ସାହୁଙ୍କୁ ଦେଖାଇଥିଲେ। ଏହାକୁ ସେ ବାଲେଶ୍ୱରର ମହାଲକ୍ଷ୍ମୀ ନାମକ ଏକ ଦୋକାନରୁ କିଣିଥିବା ରସିଦ ମଧ ଦେଖାଇଥିଲେ। ତେବେ ଏହି ସୁନା ବିସ୍କୁଟ ବଦଳରେ ସେ ସୁନାମାଳି ନେବାକୁ ଚାହିଁଥିଲେ । କଥାବାର୍ତ୍ତା ବେଳେ ଦୋକାନ ମାଲିକ ସନ୍ଦେହ କରି ପୋଲିସକୁ ଭିତିରିଆ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୋଗେଶଙ୍କୁ ଥାନାକୁ ନେଇଥିଲା। ପଚରାଉଚୁରା ବେଳେ ଯୋଗେଶ ଠକେଇ କରୁଥିବା ନେଇ ମାନି ଯାଇଥିଲେ। ତାଙ୍କର ଅନ୍ୟ ୨ ଜଣ ସହଯୋଗୀ ମଧ ସାଙ୍ଗରେ ରହନ୍ତି। ଯୋଗେଶ ସୁନା ଦୋକାନକୁ ଗଲେ ସେମାନେ ବାହାରେ ରହି ପରିସ୍ଥିତି ଉପରେ ନଜର ରଖନ୍ତି ବୋଲି ସେ ପୋଲିସକୁ ସୂଚନା ଦେଇଥିଲେ । ସମ୍ଭବତଃ ପୋଲିସ ଆସୁଥିବା ଜାଣିପାରି ସେମାନେ ଦୋକାନ ଆଗରୁ ଫେରାର ମାରିଥିଲେ। ଅନ୍ୟପକ୍ଷେ ଜେରାବେଳେ ଯୋଗେଶ ବଡବିଲର ଦୁଇଟି ସୁନା ଦୋକାନରୁ ସମାନ ଢଙ୍ଗରେ ଠକେଇ କରିଥିବା ସ୍ୱୀକାର କରିଛନ୍ତି। ଯୋଗେଶଙ୍କଠାରୁ ପୋଲିସ ଜବତ କରିଥିବା ସୁନା ବିସ୍କୁଟକୁ ଯାଞ୍ଚ ପରେ ତମ୍ବାର ଖଣ୍ଡ ଉପରେ ସୁନା ପ୍ରଲେପ ଦିଆଯାଇଥିବା ଜଣାପଡିଲା । ପୋଲିସ ତାଙ୍କଠାରୁ ୨ଟି ମୋବାଇଲ, ରସିଦ, ନକଲି ସୁନା ଖଣ୍ଡ, ୨ଟି ସୁନା ଚେନ୍ ଜବତ କରିଛି। କୁଚିଣ୍ଡା ଥାନାରେ ଏ ନେଇ ଏକ ମାମଲା ( ନଂ. ୧/୧୯) ରୁଜୁ ହୋଇଛି।

# ହିନ୍ଦୁମାନେ ସଂଗଠିତ ହେବାକୁ ଆହ୍ୱାନ



ରେଢ଼ାଖୋଲ ରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

**ରେଢ଼ାଖୋଲ,୬।୧(ଡି.ଏନ.ଏ.)**

ଅଯୋଧାରେ ଶ୍ରୀରାମ ମନ୍ଦିର ନିର୍ମାଣରେ ବିଳମ୍ବ ହେଉଛଛି। ଦେଶରେ ଅରାଷ୍ଟ୍ରୀୟ ଶକ୍ତିର ପାଦୁର୍ଭାବ ଦେଖା ଦେଉଛି । ଲକ୍ଷ୍ମଣା ନନ୍ଦ ସରସ୍ୱତୀଙ୍କ ଭଳି ସାଧୁଙ୍କୁ ହତ୍ୟା କରାଯାଉଛି। ଗୋହତ୍ୟା ବନ୍ଦ ହେଉନି। ଏଣୁ ଏସବୁର ପ୍ରତିବାଦ ଓ ହିନ୍ଦୁମାନଙ୍କ ମଧରେ ହିନ୍ଦୁତ୍ୱ ଭାବନା ଜାଗରଣ କରିବା ଉଦ୍ଦେଶ୍ୟରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରେଢ଼ାଖୋଲ ରାମ ମନ୍ଦିର ପ୍ରାଙ୍ଗଣରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ହିନ୍ଦୁ ସମ୍ମିଳନୀରେ ରେଙ୍ଗାଳି ଚକାମୁଣ୍ଡା ଓଁ କାର ଆଶ୍ରମର ମଠାଧୀଶ ଜୟପାଳ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ ପ୍ରଧାନ ମୁଖ୍ୟବକ୍ତା, ପ୍ରାନ୍ତ ସହ ସଂପାଦକ ରାଜୀବ ଶତପଥୀ, ସମ୍ବଲପୁର ବିଭାଗ ସମ୍ପାଦକ ହରିଶଙ୍କର ହୋତା, ରଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସମ୍ବଲପୁର ଜିଲା କାର୍ଯ୍ୟବାହ ରାମକୃଷ୍ଣ ନାୟକ, ସମ୍ବଲପୁର ଜିଲା ବ୍ୟବସ୍ଥା ପ୍ରମୁଖ ଖଗେଶ୍ୱର ବେହେରା, ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକାରୀ ରେଢ଼ାଖୋଲ ଶାଖା ସଭାପତି ଗଣପତି ବେହେରା, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ହିନ୍ଦୁମାନେ ସଂଗଠିତ ହେବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ସୁରଥ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସୁବାସ ପ୍ରଧାନ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ ରାମମନ୍ଦିରଠାରୁ ସାଧୁସନ୍ଥଙ୍କ ଗହଣରେ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତା ଶୋଭାଯାତ୍ରାରେ ସହର ପରିକ୍ରମା କରି ବସଷ୍ଟାଣ୍ଡସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ଗଣ୍ଡଗୋଳରୁ ମାରପିଟ୍

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନା ମାନେଶ୍ୱର ଗ୍ରାମରେ ଦୁଇ ଜଣଙ୍କ ମଧ୍ୟରେ ମାଡପିଟ ହୋଇଛି । ସଦର ଥାନାରେ ଉଭୟ ପକ୍ଷର ଅଭିଯୋଗ କ୍ରମେ ୫/୧୮ ଓ ୬ /୧୮ରେ ମଦନ ପୂଜାରୀ ଓ ଗୋପି ପୂଜାରୀଙ୍କ ନାମରେ ପୃଥକ ପୃଥକ ୨ଟି ମାମଲା ରୁଜୁ ହୋଇଛି। ମାନେଶ୍ୱର ଗ୍ରାମରେ ମାନଧାତା ବାବା ମନ୍ଦିରରେ ନଡିଆ ବିକ୍ରି ଉପରେ ବୈଠକ ହେବାର ଥିଲା। ଏହି ବୈଠକରେ ଯୋଗ ଦେବା ପୂର୍ବରୁ ନଡିଆ ବିକ୍ରି କରୁଥିବା ଗୋପି ଓ ଫେନି ଦୋକାନ କରିଥିବା ମଦନଙ୍କ ମଧ୍ୟରେ ମାଡପିଟ ହୋଇଥିଲା । ଏଥିରେ ଗୋପିଙ୍କ ମୁହଁରେ ଆଘାତ ଲାଗିଛି । ପୋଲିସ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଚିକିତ୍ସା କରାଇଛି । ସଦର ଥାନା ଅଧିକାରୀ ସୁରେଶ ସାହୁ କହିଛନ୍ତି ଯେ ଉଭୟ ପକ୍ଷର ଅଭିଯୋଗ କ୍ରମେ ୨ଟି ମାମଲା ରୁଜୁ ହୋଇଛି ।

କେଶାଇବାହାଲରେ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଗୁଦରାପଡାର ବିକାଶ କ୍ଲବ ବିଜୟୀ



କେଶାଇବାହାଲରେ ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ବାମରା, ୬।୧ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ୍ କେଶାଇବାହାଲଠାରେ ରବିବାର ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ଟୁର୍ନାମେଣ୍ଟରେ ଜୁନିୟରରେ ୩୦ଜଣ ଓ ସିନିୟରରେ ୧୪୦ ଜଣ ଭାଗ ନେଇଥିଲେ। ଉଦଘାଟନୀ ମ୍ୟାଚ ଗୁଦରାପଡାର ବିକାଶ କ୍ଲବ ଓ କେଶାଇବାହାଲର ଜତିନ ବେହେରାଙ୍କ ମଧରେ ଅନୁଷ୍ଠିତ ହୋଇଥିଲା। ଗୁଦରାପଡାର ବିକାଶ କ୍ଲବ ୧୯-୨୧ରେ ବିଜୟୀ ହୋଇଥିଲେ। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ରଜନୀକାନ୍ତ ପଟେଲ, ଉପେନ୍ଦ୍ର ପଟେଲ, ତପେଶ୍ୱର ବେହେରା, ହିମାଂଶୁ ପଟେଲ, ଶଙ୍କର ବେହେରା, ଶାନ୍ତିଲତା ଟପ୍ପୋ, ଗଣେଶ ପଟେଲ ଓ ସତ୍ୟଜିତ ନାଏକ ପ୍ରମୁଖ ଯୋଗ ଦେଇଥିଲେ । ନିହାର କୁମରା ରେଫରୀ ଭାବେ ଯୋଗ ଦେଇଥିଲେ । ରାଜତିଲକ ରାୟ, ଆଶିଷ ଚୌଧୁରୀ, ରିଙ୍କୁ ବେହେରା, ଅଭିନାଷ ରାଉତ, ଲିଙ୍କନ ସାହୁ, ଟିଙ୍କୁ ବେହେରା, ଶୁଭମ ନାଏକ, ଛୁନୁ ମାଝୀ, ଜଗା ଦାସ ଓ ସ୍ୱାଧୀନା ନାଏକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଦେଓଗାଁରେ ମହିଳା କଂଗ୍ରେସ ମହାସଭା

**ଧମା, ୬।୧ (ଡି.ଏନ.ଏ)**

ମାନେଶ୍ୱର ବ୍ଲକ ଦେଓଗାଁଠାରେ ରବିବାର ମହିଳା କଂଗ୍ରେସର ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲା କଂଗ୍ରେସ ସମ୍ପାଦିକା ଆଡଭୋକେଟ ସୁରଜିନି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମହାସଭାରେ ଅଞ୍ଚଳର ଏକହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ। ଆଶଫ ଅଲ୍ଲି ଖାନ୍ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ଦେଓଗାଁ ପଞ୍ଚାୟତ କଂଗ୍ରେସ ସଭାପତି ଦାମ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝାରୁ କୁମ୍ଭାର, ଜୋନ-୨ ମହିଳା କଂଗ୍ରେସ ସଭାନେତ୍ରୀ ଝରଣା ଭୋଇ, ଧରଣୀ ସାହୁ, ଶ୍ରୀକାନ୍ତ ବାଦି, ଭାଗୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ନୂତନ କର୍ମୀଙ୍କୁ ଫୁଲତୋଡା ଦେଇ ଦଳରେ ଯୋଗଦାନ ପାଇଁ ସ୍ୱାଗତ କରାଯାଇଥିଲା।



ସମ୍ବଲପୁର ସର୍କିଟ ହାଉସରେ ଖବରଦାତା ସମ୍ମିଳନୀରେ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଉଛନ୍ତି ।

# ଭିଭିପ୍ୟାଟ ମେଶିନ ବ୍ୟବହାର ପାଇଁ ସଚେତନତା କରାଯିବ

**ସମ୍ବଲପୁର,୬।୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ସମୟରେ ଇଭିଏମ ସହିତ ଭିଭିପ୍ୟାଟ (ଭୋଟର ଭେରିଫେବୁଲ ପେପର ଅଡିଟ ଟ୍ରାଲଏ) ମେଶିନ ବ୍ୟବହାର କରାଯିବ। ସର୍କିଟ ହାଉସରେ ଖବରଦାତା ସମ୍ମିଳନୀରେ ଜିଲାପାଳ ସମର୍ଥ ବର୍ମା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ମେଶିନ ମାଧ୍ୟମରେ ଭୋଟ ଦେଲା ପରେ ଏକ ଚିରକୁଟ ଦେଖା ଦେଇଥାଏ। ପ୍ରାର୍ଥିଙ୍କ କ୍ରମିକ ସଂଖ୍ୟା, ନାମ ଓ ସଙ୍କେତ ୭ ସେକେଣ୍ଡ ପାଇଁ ରହିଥାଏ । ପରେ ତାହା ଭିଭିପ୍ୟାଟରେ ଅନୁବନ୍ଧିତ ବାକ୍ସରେ ରହିବ । ଏହା ବ୍ୟାଟାରି ଚାଳିତ। ଜିଲାର ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜନୈତିକ ଦଳଗୁଡିକର ପ୍ରତିନିଧି ରହି ପରୀକ୍ଷା କରାଯାଇଛି । ଜିଲାର ସମସ୍ତ ଭୋଟରଙ୍କୁ ବ୍ୟବହାର ଓ ଜାଣିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବ । ରାଜସ୍ୱ ଗ୍ରାମ ଗୁଡିକରେ କାର୍ଯ୍ୟକ୍ରମ କରାଯିବ । ସ୍ଥାନୀୟ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଅଧିକାରୀ ଉପସ୍ଥିତ ରହିବେ । ଜିଲାର ୪ଟି ନିର୍ବାଚନ ମଣ୍ଡଳୀ ପାଇଁ ୨୫ଟି ସଚେତନ ଦଳ ଗଠନ କରାଯାଇଛି । ଏହି ଦଳରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୪ ଜଣ ସରକାରୀ କର୍ମଚାରୀ ଅଛନ୍ତି । ଏଥିପାଇଁ ବିଭିନ୍ନ ବିଭାଗରୁ ୧୨୫ ଜଣ ସରକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ଜିଲାପାଳ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ଅଜୟ କୁମାର ଜେନା, ଉପ ଜିଲାପାଳ ପ୍ରଦୀପ କୁମାର ସାହୁ, ବ୍ରଜ କିଶୋର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦିଲୀପ କୁମାର ସାମନ୍ତରାୟ, ଅତିରିକ୍ତ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ଥିଲେ ।

## ମଦରେ ବିଷ ଦେଇ ହତ୍ୟା ମାମଲା: ଜେଲ ଗଲେ ଅଭିଯୁକ୍ତ

**ନାକଟିଦେଉଳ,୬।୧(ଡି.ଏନ.ଏ.)**



ଅଭିଯୁକ୍ତ ରାଜକିଶୋର ଖୁରା ।

ନାକଟିଦେଉଳ ଥାନା ଅନ୍ତର୍ଗତ ଗୌଡ଼ପଡ଼ା ଗ୍ରାମରେ ଗତ ଗୁରୁବାର ବିଷାକ୍ତ ମଦ ପିଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ମାମଲାରେ ପୋଲିସ ସେହି ଗ୍ରାମର ରାଜକିଶୋର ଖୁରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସେହି ଗ୍ରାମର ଫକିର ଖୁରାଙ୍କ ସହ ଅଭିଯୁକ୍ତ ରାଜକିଶୋରଙ୍କ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ରହିଥିଲା। ରାଜକିଶୋର ପ୍ରତିଶୋଧ ନେବାକୁ ଯାଇ ବୁଧବାର ରାତିରେ ଫକୀରଙ୍କ ଘର ସାମନାରେ ଏକ ବିଦେଶୀ ମଦ ବୋତଲରେ ବିଷ ମିଶାଇ ଚାଖଣା ସହିତ ପାଣିପାଉଚ ମଧ ଏକ ପଲିଥିନରେ ରଖି ଦେଇଥିଲା । ଫକୀର ଗୁରୁବାର ସକାଳୁ ଏହାକୁ ପାଇ ଲୋଭ ସମ୍ବରଣ କରି ପାରି ନ ଥିଲେ। ସେ ତାଙ୍କର ଅନ୍ୟ ୨ ଜଣ ବନ୍ଧୁ ସେହି ଗ୍ରାମର କପିଳେଶ୍ୱର ବାଦୀ ଓ କିସିଣ୍ଡା ଥାନା ଅନ୍ତର୍ଗତ ମହୁଲପାଲି ଗ୍ରାମର ପବିତ୍ର ଦୀପଙ୍କୁ ମମଦ ପିଇବାକୁ ଡାକିଥିଲେ। ସେ ଦୁହେଁ ପହଞ୍ଚିବା ପରେ ସମସ୍ତେ ଏକାଠି ମିଶି ସେହି ମଦ ପିଇଥିଲେ । କିଛିଘଣ୍ଟା ପରେ ସେମାନଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହେବାରୁ ନାକଟିଦେଉଳ ମେଡ଼ିକାଲକୁ ନିଆଯାଇଥିଲା । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ନିଆଯାଇଥିଲା । ତେବେ ସେଠାରେ କପିଳେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଫକିର ଖୁରା ଏବେ ମଧ ଚିକିତ୍ସାଧୀନ ଅଛନ୍ତି। ଘଟଣା ଦିନ ପବିତ୍ର ଦୀପଙ୍କ ନିଜ ଘରେ ମୃତ୍ୟୁ ଘଟିଛି। ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରିଥିଲା ବୋଲି ଥାନା ଆଇଆଇସି ନିର୍ମଳା ତ୍ରିପାଠୀ କହିଛନ୍ତି ।

# ସଫଳତା ପାଇବାକୁ ଏକାଗ୍ରତା ରଖି ଆତ୍ମସମୀକ୍ଷା କର { ନୂଆଁରମ୍ପେଲା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ଦିବସ




ନୂଆଁରମ୍ପେଲା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ।

**ରେଙ୍ଗାଲି, ୬।୧ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ନୂଆଁରମ୍ପେଲା ହାଇସ୍କୁଲରେ ଦୁଇ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଚାଲିଛି। ରବିବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ଅଧିବେସନରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଦୀପକ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରାସର ଭାରତୀର ପୂର୍ବତନ ନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ, ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଅଶ୍ୱିନୀ ମିଶ୍ର, ଡିପିସି କଳ୍ପନା ପଣ୍ଡା, ଅଧାପିକା ମନ୍ଦାକିନୀ ଶତପଥୀ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବହୁମୁଖି ଶିକ୍ଷା ଏବଂ ହାଇସ୍କୁଲସ୍ତରରେ ଏହାର ଉପାଦେୟତା ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପଢା ପ୍ରତି ଏକାଗ୍ରତା ରଖି ଆତ୍ମ ସମୀକ୍ଷା କଲେ ସଫଳତା ନିଶ୍ଚୟ ମିଳିବ ବୋଲି ମୁଖ୍ୟ ଅତିଥି କୁଳପତି ଛାତ୍ରୀଛାତ୍ରଙ୍କୁ କହିଥିଲେ । ମଞ୍ଚରେ କମିଟିର ଅଧକ୍ଷ ରାମସହାୟ ପଣ୍ଡା, ସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁ ମଞ୍ଚାସୀନ ଥିଲେ । ଦ୍ୱିତୀୟ ଅଧିବେଶନରେ ତିନି ଜଣ ପୁରାତନ ଅବସରପ୍ରାପ୍ତ ଶିକ୍ଷକ ଏବଂ ବର୍ତ୍ତମାନ ହାଇସ୍କୁଲରେ କାର୍ଯ୍ୟରତ ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକମାନଙ୍କୁ ସ୍କୁଲର ପୁରାତନ ଏବଂ ଏବେର ଛାତ୍ରୀଛାତ୍ରମାନେ ପୁଷ୍ପମାଲ୍ୟ ଦେଇ ତିଲକ ଲଗାଇ ପୂଜାର୍ଚ୍ଚନା କରିଥିଲେ । ସମସ୍ତ ପୁରାତନ ଏବଂ ଏବେର ଶିକ୍ଷକମାନଙ୍କୁ ସମ୍ମାନୀତ କରାଯାଇଥିଲା । ଶିକ୍ଷାନୁଷ୍ଠାନର ବିଭିନ୍ନ ବ୍ୟାଚର ଟପ୍ପରମାନଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା । ତୃତୀୟ ଅଧିବେସନରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଯୋଗ ଦେଇଥିଲେ। ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, କମିଟିର ଅଧକ୍ଷ ରାମସହାୟ ପଣ୍ଡା, ସାଧାରଣ ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲ, ପ୍ରଧାନ ଶିକ୍ଷୟିତ୍ରୀ ମାନିନି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ରେଙ୍ଗାଲି ବ୍ଲକ କଂଗ୍ରେସ ସଭାପତି ସୁବାସ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ରମାକାନ୍ତ ବିଶ୍ୱଳ ଅତିଥି ପରିଚୟ ଦେଇ ସ୍ୱାଗତ ଭାଷଣ ଦେଇଥିଲେ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଚାଷୀଙ୍କ ପାଖରେ ପହଞ୍ଚୁନି କୃଷି ଜ୍ଞାନକୌଶଳ

**ସଂଘିଯୁବା, ୬।୧ (ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୭୮ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନଚାଷ ମୁଖ୍ୟ ଫସଲ। ହେଲେ ଅଞ୍ଚଳର କୃଷକମାନଙ୍କୁ କୃଷିଭିତ୍ତିକ ତାଲିମ୍ ଓ ବୈଷୟିକ ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ପାରମ୍ପରିକ ପ୍ରକ୍ରିୟାରେ ଚାଷକୁ ଆପଣାଇ ଚାଷ ଜାରି ରଖିଥିବା ବେଳେ ଆଧୁନିକ କୃଷି ପଦ୍ଧତିର ସୁଫଳ ପାଇ ପାରୁନାହାଁନ୍ତି। ବହୁବର୍ଷ ହେଲା ଏଠାରେ ଗ୍ରାମସେବକ ପଦପଦବୀମାନ ଖାଲି ପଡ଼ିଛି। ଫଳରେ ସ୍ଥାନୀୟ କୃଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ କୃଷିକର୍ମଣ ତାଲିମ କାର୍ଯ୍ୟକ୍ରମ ଦିଆଯାଇ ପାରୁନାହିଁ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଧାନ ଓ ଅନ୍ୟାନ ଫସଲ କରିବା ପାଇଁ ପ୍ରୋତ୍ସାହିତ କରୁଛୁ। ମାତ୍ର ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ବୃହତ୍ ଅଞ୍ଚଳର ହଜାର ହଜାର ଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ଓ ଜ୍ଞାନକୌଶଳ ଯୋଗାଇ ଦେବା କଷ୍ଟକର ହେଉଛି। ଏଣୁ ଖାଲିଥିବା ପଦବୀଗୁଡ଼ିକ ଯଥାଶୀଘ୍ର ପୂରଣ କରାଗଲେ ଚାଷୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ।

ସହୋଦୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

# ବରଗଡ଼ ବିକାଶ ସ୍କୁଲ ଚାମ୍ପିୟନ




ରବିବାର ସମ୍ବଲପୁର ବିକାଶ ସ୍କୁଲ ପରିସରରେ ଆୟୋଜିତ ସହୋଦୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ବରଗଡ ବିକାଶ ସ୍କୁଲ ଟ୍ରଫି ସହ ।

**ସମ୍ବଲପୁର, ୬।୧ (ବ୍ୟୁରୋ)**

ସିବିଏସଇ ସହୋଦୟ ଆନ୍ତ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ୨୦୧୮-୧୯ ରବିବାର ସମ୍ବଲପୁର ଶାସନସ୍ଥିତ ବିକାଶ ସ୍କୁଲ ଖେଳ ପଡିଆଠାରେ ଉଦଯାପିତ ହୋଇଯାଇଛି । ବରଗଡ ବିକାଶ ସ୍କୁଲ ଚାମ୍ପିୟନ ଟ୍ରଫି ହାସଲ କରିଛି । ସେହିପରି ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ରନର୍ସ ଅପ୍ ହୋଇଛି । ବରଗଡ ବିକାଶ ସ୍କୁଲ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା । ୯୯ ରନର ବିଜୟ ଲକ୍ଷ୍ୟ ନେଇ ବୈଦିକ ଦଳ ପଡିଆକୁ ଓହ୍ଲାଇଥିଲା । କିନ୍ତୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୬୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ଯଦ୍ୱାରା ବରଗଡ ବିକାଶ ୨୯ ରନରେ ବିଜୟ ହାସଲ କରିଥିଲା । ବୈଦିକ ସ୍କୁଲର ଶ୍ରେଷ୍ଠ ସିଂ ମ୍ୟାନ ଅଫ୍ ଦ ଟୁର୍ନାମେଣ୍ଟ ଟ୍ରଫି ହାସଲ କରିଥିଲେ । ବିକାଶ ଗ୍ରୁପର ଅଧ୍ୟକ୍ଷ ଡି. ମୂରଲୀକ୍ରିଷ୍ଣା ମୁଖ୍ୟଅତିଥି, ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସହୋଦୟ କମ୍ପ୍ଲେକ୍ସ ପଶ୍ଚିମ ଓଡିଶା ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଲ, ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଆରଏନ୍ ଦାସ, ସମ୍ବଲପୁର ବିକାଶ ପ୍ରଶାସନିକ ଅଧିକାରୀ ଜି. ନରେନ୍ଦ୍ର, ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ଡ. ବି.ସି. ପାଣ୍ଡେ ଟୁର୍ନାମେଣ୍ଟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଟୁର୍ନାମେଣ୍ଟରେ ପଶ୍ଚିମ ଓଡିଶାର ବିଭିନ୍ନ ସ୍କୁଲର ମୋଟ ୧୫ଟି ଦଳ ଭାଗ ନେଇଥିଲେ । ବିକାଶ ସ୍କୁଲ ଶାରୀରିକ ଶିକ୍ଷା ମୁଖ୍ୟ ଆମୋଦ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପକୃତ ଶତ୍ରୁଦ୍ୱାରା ଶତ୍ରୁକୁ ଉଦ୍ଧାରି**
**ପାଦକୁ କଣ୍ଟାରେ କଣ୍ଟା କାଢ଼ି ଦେଲା ପରି**
**ସଂସାରେ କେହି କାହାର ନୁହେଁ ଶତ୍ରୁମିତ୍ର**
**ଶତ୍ରୁ ମିତ୍ର କାର୍ଯ୍ୟ ହେତୁ ହୁଅନ୍ତି ଚିହ୍ନିତ ।**

କଣ୍ଟାକୁ କଣ୍ଟାରେ କାଢ଼ିଲା ପରି ଉପକୃତ ଶତ୍ରୁ ଦ୍ୱାରା ଶତ୍ରୁ ସହ ମୁକାବିଲା କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସଂସାରରେ କେହି କାହାର ଜନ୍ମରୁ ଶତ୍ରୁ କି ମିତ୍ର ହୋଇ ନ ଥାନ୍ତି। କାର୍ଯ୍ୟ କରିବାର ଧାରା ବା ଶୈଳୀ ଦ୍ୱାରା ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହ ଶତ୍ରୁ କି ମିତ୍ର ରୂପେ ବିବେଚିତ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ପଡ଼ିଲା ଖଇଞ୍ଚ**
**କିଏ ସେ କହେ ଖାଇଯାଇଛି**
**ମୁହଁଟା ଫୁଲାଇ ଦେଇଛି ।**

କେତେକ ବ୍ୟକ୍ତି ସଦାବେଳେ ମୁହଁଟାକୁ ଓହଳେଇ ବସିଥାନ୍ତି। ସତେ ଯେମିତି ତାଙ୍କର କିଏ କ'ଣ ଖାଇଯାଇଛି କି ନେଇଯାଇଛି। ତୁଚ୍ଛାକଥା ଶୁଣି ମୁହଁ ଫୁଲେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରିଆମାଳ,୬।୧(ଡି.ଏନ.ଏ.)**

ରିଆମାଳ ଥାନା ଅନ୍ତର୍ଗତ ସାନ ସିମଲେଇ ଗ୍ରାମର ଜଣେ ବ୍ୟକ୍ତି ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୃଷ୍ଣ ଚାରଦିଆ(୫୦)। କୃଷ୍ଣ ଶନିବାର ରାତିରେ ନିଜ ଭଣଜାଙ୍କ ଘରକୁ ଯାଇଥିଲେ। ସେଠାରେ ରାତିରେ ଖାଇ ଶୋଇଥିଲେ। ହେଲେ ରବିବାର ସକାଳୁ କୃଷ୍ଣ ଘରେ ନଥିବା ଭଣଜାଙ୍କ ପରିବାର ଲୋକେ ଦେଖିବାକୁ ପାଇଥିଲେ। ପରେ ଖୋଜାଖୋଜି ପରେ ଗାଁ ମୁଣ୍ଡରେ ଥିବା ଏକ ଗଛରେ କୃଷ୍ଣଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକେ ରିଆମାଳ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦେବଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ରିଆମାଳ ପୋଲିସ ଏକ ମୃତ୍ୟ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବେଗୁନିଆରେ ହାତୀ ଆତଙ୍କ, ବ୍ୟାପକ ନଷ୍ଟ

**ରିଆମାଳ,୬।୧(ଡି.ଏନ.ଏ.)**

ରିଆମାଳ ବ୍ଲକ ଅନ୍ତର୍ଗତ ବେଗୁନିଆନାଳୀ ଗ୍ରାମରେ ହାତୀ ଉପଦ୍ରବ ଦେଖା ଦେଇଛି। ଶନିବାର ରାତିରେ ରେଢାଖୋଲ କରିଡର୍ ଅଞ୍ଚଳରୁ ଏକ ହାତୀ ଗାଁରେ ପଶି ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀଟି ସନ୍ତୋଷ ପ୍ରଧାନଙ୍କ ଘର ନଷ୍ଟ ଭାଙ୍ଗିଥିବାବେଳେ କଦଳୀ ଓ ବାଉଁଶ ଗଛ ଗୁଡିକୁ ନଷ୍ଟ କରିଦେଇଛି। ସେହିପରି ଗ୍ରାମର ଗୋଲବଦନ ରଣା, ମାର୍କଣ୍ଡ ରଣାଙ୍କ ଘର ଭାଙ୍ଗିଥିବାବେଳେ ଡିଲେଶ୍ୱର ସାହୁ ଓ ଜୟଦେବ ସାହୁଙ୍କ ବଗିଚା ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ବନବିଭାଗ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି ହୋଇଛି।

# କଂଗ୍ରେସର ଜାଗରଣ ସମାବେଶ ଏପାଖ ସେପାଖ...

### ବିଜୁ ପୁଅଙ୍କୁ ରୋଜଗାର, ଓଡ଼ିଶା ପୁଅ ବେକାର

**ବଲାଙ୍ଗୀର ଅଫିସ, ୬।୧**

ଦୀର୍ଘ ୧୮ବର୍ଷ ହେଲା ବିଜୁବାବୁଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ରୋଜଗାର ଦେଇ ଓଡିଶାବାସୀ ନିଜର ଲକ୍ଷାଧିକ ଶିକ୍ଷିତ ପୁଅଙ୍କୁ ବେକାର କରିଛନ୍ତି। ଓଡ଼ିଶାରେ ଶିକ୍ଷିତ ଯୁବତୀ, ଯୁବକଙ୍କୁ ନିଯୁକ୍ତି ନାହିଁ। ଶିକ୍ଷାନୁଷ୍ଠାନରେ ଶିକ୍ଷକ ନାହିଁ। ଡାକ୍ତରଖାନାରେ ଡାକ୍ତର ନାହିଁ। ଚାଷୀ ନ୍ୟାୟ ପାଉନାହିଁ। ପରିଶ୍ରମୀ ମଜ୍ଜୁରିଆ ଉଚିତ୍ ମଜ୍ଜୁରୀ ପାଉନାହିଁ । ଚାକିରୀ ଖଣ୍ଡେ ପାଇଁ ଅନ୍ୟ ରାଜ୍ୟକୁ ଯାଇ ନିର୍ଯାତିତ ହେଉଛି । ହେଲା ସତ୍ତ୍ୱେ ଓଡିଶାବାସୀ ବିଜୁ ବାବୁଙ୍କ ପୁଅକୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀ କରିବା ବାସ୍ତବିକ ବିଚିତ୍ର ଲାଗୁଛି ବୋଲି କଂଗ୍ରେସ ଜାଗରଣ ସମାବେଶରେ ଦିଲ୍ଲୀରୁ ଆସିଥିବା ବରିଷ୍ଠ କଂଗ୍ରେସ ପ୍ରବକ୍ତା ମୋହନ ପ୍ରକାଶ କହିଥିଲେ।

### ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କର

ବଲାଙ୍ଗୀରରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା କରିବାକୁ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଦାବି କରଛନ୍ତି । କଂଗ୍ରେସ ଜାଗରଣ ସମାବେଶରେ ହାଇକୋର୍ଟ ବେଞ୍ଚ ଦାବି ସପକ୍ଷରେ କହି ସେ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ଏହା ସହିତ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, କଣ୍ଟାବାଞ୍ଜିରେ ୱାଗନ କାରଖାନା, ବଲାଙ୍ଗୀର ବାଇପାସ୍, ଏଫ୍‌ସିଆଇ ଜରିଆରେ ଧାନ ସଂଗ୍ରହ କରିବାକୁ ଦାବି କରିଥିଲେ ।

### ଅପ୍‌କି ବାର୍ ଦୂର୍ ସେ ନମସ୍କାର୍

ଅପ୍‌କି ବାର୍ ମୋଦୀ ସରକାର ନାରା ଦେଇ କ୍ଷମତା ଦଖଲ କରିବା ପରେ ଦେଶକୁ ବିକ୍ରି କରିବାକୁ ଚାଲିଥିବା ନରେନ୍ଦ୍ର ମୋଦୀ ଦେଶର ଅଗଣିତ ଚାଷୀ, ଗରିବ, ନିଷ୍ପେସିତ, ମଜ୍ଜୁରିଆ, ଶିକ୍ଷିତ ଯୁବବର୍ଗଙ୍କୁ କେବଳ ପ୍ରତାରଣା ଛଡା ଆଉ କିଛି ଦେଇନାହାନ୍ତି ବୋଲି କହିଥିଲେ। ଏଥର ୨୦୧୯ରେ ପୁଣି ଲୋକଙ୍କୁ ଠକିବା ପାଇଁ ଯୋଜନା କରୁଛନ୍ତି। ଏଣୁ ଏଥର ମୋଦୀ ନିର୍ବାଚନୀ ପ୍ରଚାରରେ ଆସିଲେ ଅପ୍‌କୀ ବାର୍ ଦୂର ସେ ନମସ୍କାର କରିଦେବ ବୋଲି ଜାଗରଣ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ କଂଗ୍ରେସ ନେତା ମୋହନ ପ୍ରକାଶ କହିଥିଲେ।

### ନିରଞ୍ଜନ ହେବେ କଂଗ୍ରେସର ଆଗାମୀ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର ଜାଗରଣ ସମାବେଶରେ ଯୋଗଦେଇଥିବା ବହୁ କଂଗ୍ରେସ ନେତା ୨୦୧୯ ନିର୍ବାଚନରେ କଂଗ୍ରେସ ରାଜ୍ୟ କ୍ଷମତାକୁ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । କିଛି ନେତା ଅତି ଉତ୍ସାହିତ ହୋଇ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ନାରାବାଜି କରିଥିଲେ। ନେତାଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ଖୋଦ୍ ନିରଞ୍ଜନ ଖୁସିରେ ଗଦ୍‌ଗଦ୍ ହେଉଥିବା ଦେଖାଯାଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ ନେତାଙ୍କ ଏଭଳି ଉକ୍ତିକୁ ନେଇ କିଛି କଂଗ୍ରେସ କର୍ମୀ ଭିନ୍ନ ମତ ଦେଇ ଏପ୍ରସଙ୍ଗରେ ଏବେଠୁ ଅଯଥା ଷଣ୍ଢ ପୂରାଯାଉଛି ବୋଲି ଆଲୋଚନା କରାଯାଉଥିବା ଦେଖାଯାଇଥିଲା।

### ମୋଦି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ

ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାକୁ ଆସି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ବିରୋଧୀଦଳ ନେତା ନରସିଂହ ମିଶ୍ର ଆହ୍ୱାନ କରିଥିଲେ । ପଛୁଆ ଅଞ୍ଚଳ ଭାବେ ପରିଗଣିତ ବଲାଙ୍ଗୀର ଜିଲାର ଉନ୍ନତି ପାଇଁ ସ୍ପେଶାଲ ପ୍ୟାକେଜ୍ ଘୋଷଣା କଲେ ଅଞ୍ଚଳର ବିକାଶ ହେବ ବୋଲି ସେ କହିଥିଲେ।

### ସମରେନ୍ଦ୍ର କଲେ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ

ଏଆଇସିସି ସଦସ୍ୟ ତଥା ବିଧାୟକ ନରସିଂହ ମିଶ୍ରଙ୍କ କନିଷ୍ଠ ପୁଅ ଆଜିର ଜାଗରଣ ସମାବେଶରେ ନିଜ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି । ବିଭିନ୍ନ ସ୍ଥାନରୁ ଲୋକଙ୍କୁ ସଙ୍ଗଠିତ କରି ସୁଚାରୁରୂପେ ସମାବେଶ କରାଯାଇଥିବାରୁ ବରିଷ୍ଠ କଂଗ୍ରେସ ନେତାମାନେ ସମରେନ୍ଦ୍ରଙ୍କ ନେତୃତ୍ୱକୁ ସ୍ୱୀକୃତି ଦେଇ ପ୍ରଶଂସା କରିଥିଲେ। ଏହି ପ୍ରଶଂସା ଭିତରେ ତାଙ୍କ ଆଗାମୀ ନିର୍ବାଚନରେ ଲଢ଼ିବାକୁ ଏକ ପ୍ରକାଶ ସମ୍ମତି ଓ ସମର୍ଥନ କରାଯାଉଥିବା ସ୍ପଷ୍ଟ ବାରି ହୋଇପଡୁଥିଲା।

### ବିଜେଡିରୁ କଂଗ୍ରେସକୁ ଡେଇଁଲେ ରମା

ବିଜେଡି ପ୍ରାର୍ଥୀ ଭାବେ ରମାକାନ୍ତ ସେଠ୍ ୨୦୦୯ରେ ଲୋଇସିଂହା ବିଧାୟକ ହୋଇଥିଲେ । ତେବେ ୨୦୧୪ରେ ତାଙ୍କ ସ୍ଥାନରେ ଯୋଗେନ୍ଦ୍ର ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ରାମାକାନ୍ତଙ୍କ ରାଜନୈତିକ ଜୀବନ ଶେଷ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା । ତେବେ ଦୀର୍ଘ ପ୍ରାୟ ସାଢ଼େ ୪ ବର୍ଷର ନିରବତା ପରେ ହଠାତ୍ ରମାକାନ୍ତ ବିଜେଡି ଛାଡି କଂଗ୍ରେସର ଜାଗରଣ ସମାବେଶକୁ ଆସି ବିଧିବଦ୍ଧ ଭାବେ ଦଳରେ ଯୋଗଦେଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରମାକାନ୍ତଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ତେବେ ୨୦୧୯ ନିର୍ବାଚନରେ ତାଙ୍କର କ'ଣ ଭୂମିକା ରହିବ ତାହା ଚର୍ଚ୍ଚାର ବିଷୟ ହୋଇଛି।

### ସମାବେଶକୁ ନେଇ ବିଜେଡି, ଭାଜପା ଶିବିରରେ ଛନକା

କଂଗ୍ରେସର ଜାଗରଣ ସମାବେଶ ୨୦୧୯ ନିର୍ବାଚନୀ ମାହୋଲକୁ ସରଗରମ କରିଦେଇଛି। ସହସ୍ରାଧିକ ଲୋକ ଓ ବରିଷ୍ଠ ନେତାଙ୍କ ସମାଗମ କଂଗ୍ରେସ ଶିବିରରେ ଉତ୍ସାହ ଆଣିଥିବା ବେଳେ ପ୍ରତିପକ୍ଷ ଭାଜପା ଓ ବିଜେଡି ଶିବିରରେ ଶିହରଣ ଖେଳାଇ ଦେଇଛି। ବିଶେଶ କରି ଜାନୁୟାରୀ ମାସରେ ବଲାଙ୍ଗୀର ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନଙ୍କ କାର୍ଯ୍ୟକ୍ରମ ଥିବାରୁ ଉଭୟ ଭାଜପା ଓ ବିଜେଡି ଶିବିରରେ ଭିନ୍ନ ଆଲୋଚନା ହେଉଛି । କଂଗ୍ରେସ ସମାବେଶରେ କେତେ ଜନସମାବେଶ ହୋଇଥିଲା ତାକୁ ନେଇ ଗଣିତ କରିବାରେ ବ୍ୟସ୍ତ ହୋଇପଡିଛନ୍ତି।

### ରାଜତନ୍ତ୍ରର ଚେରକୁ ଉପାଡି ଫିଙ୍ଗି ଦିଆଯିବ

ବଲାଙ୍ଗୀରର ବିକାଶ ବିରୋଧୀ ରାଜତନ୍ତ୍ରର ଚେରକୁ ବଲାଙ୍ଗୀରରୁ ଉପାଡି ଫିଙ୍ଗି ଦିଆଯିବ ବୋଲି ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଜାଗରଣ ସମାବେଶରେ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠାରେ ବାଧା ଉପୁଯାଉଥିବା ଶକ୍ତି ଏବେ ବଲାଙ୍ଗୀରର ଜୀବନରେଖା ଲୋୟର ସୁକ୍‌ତେଲ ପ୍ରକଳ୍ପ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମାତ୍ର ସେମାନେ ଏହାକୁ ଅଟକାଇ ପାରିବେ ନାହିଁ । ମେଡିକାଲ କଲେଜ ଭଳି ବଲାଙ୍ଗୀରରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନିଶ୍ଚିତ କାର୍ଯ୍ୟକାରୀ କରାଯିବ। ଆଗକୁ ବଲାଙ୍ଗୀରର ବିକାଶରେ ବାଧା ଉପୁଯାଇବାକୁ ଚେଷ୍ଟା କଲେ ପରିଣତି ଭୟାବହ ହେବ ବୋଲି ମିଶ୍ର ଖୋଲା ଚେତାବନୀ ଦେଇଛନ୍ତି।

# ସହଯୋଗ ନଗର କଲୋନୀର ବାର୍ଷିକ ଉତ୍ସବ

**ସମ୍ବଲପୁର,୬।୧(ବ୍ୟୁରୋ)**

ବୁଢ଼ାରଜା ସହଯୋଗନଗର କଲୋନୀ (ପରିବାର)ର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୫୦ ପରିବାର ସାମିଲ ହୋଇଥିଲେ । ପ୍ରଫୁଲ୍ଲ ପାଢ଼ୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶ୍ରୀବନ୍ତ ଦାଶ ସହଯୋଗନଗର ଇତିହାସ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କଲ୍ୟାଣ କୁମାର ଗୁପ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ । ଅଞ୍ଚଳର କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା । ଚିତ୍ରାଙ୍କନ, ମ୍ୟୁଜିକାଲ୍ ଚେୟାର, ରୋଷେଇ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟା ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା ।



ରବିବାର ବୁଢ଼ାରଜା ସହଯୋଗନଗର କଲୋନୀ ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

# ଜିଲା କଂଗ୍ରେସରେ ସ୍ୱାଗତ ସମାରୋହ

**ସମ୍ବଲପୁର, ୬।୧ (ବ୍ୟୁରୋ)**

ଜିଲା କଂଗ୍ରେସ କମିଟି କାର୍ଯ୍ୟାଳୟରେ ରବିବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲା ମହିଳା ସଭାନେତ୍ରୀ ସୁତାପା ମିତ୍ରଙ୍କୁ ମହିଳା କଂଗ୍ରେସ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ଜିଲା କଂଗ୍ରେସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଦାଶ ଓ ସମ୍ପାଦିକା ସୁରେଖା ସାହୁ, ଆଶଫ ଅଲ୍ଲି ଖାନ୍, ଆଶୁତୋଷ ସ୍ୱାଇଁ, ବିଜୟ ଭୂୟାଁ, ନିରଞ୍ଜନ ତ୍ରିପାଠୀ, ଆଦିତ୍ୟ ନାଥ, ମହମ୍ମଦ ଅଜଗର ଅଲ୍ଲି, ଜୟରାମ ବନିଆଁ, ମହମ୍ମଦ ଜୁବେର୍, ସୁରମା ସାହୁ, ନିୟତି ସେନ୍, ବିଜୟଲକ୍ଷ୍ମୀ ବେହେରା, ରେଣୁ କରିମ୍ ପ୍ରମୁଖ ନୂତନ ଜିଲା ମହିଳା ସଭାନେତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।



ସମ୍ବଲପୁର ଜିଲା କଂଗ୍ରେସର ମହିଳା ସଭାନେତ୍ରୀ ସୁତାପା ମିତ୍ରଙ୍କୁ ପୁଷ୍ପଗୁଚ୍ଛ ଦିଆଯାଉଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।



ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୭ ଜାନୁୟାରୀ, ୨୦୧୯



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ରାଧାକଥା ପ୍ରବଚନ ଆରମ୍ଭ

**ଭେଡ଼େନ, ୬।୧ (ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ରାଧାକଥା ପ୍ରବଚନ ଆରମ୍ଭ ହୋଇଛି। ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ଦିବ୍ୟାନନ୍ଦ ଜୀ ମହାରାଜ ପ୍ରବଚକ ଭାବେ ଯୋଗଦେଇ ଭକ୍ତ ଓ ଭଗବାନଙ୍କ ଅମୂଲ୍ୟ ବାର୍ତ୍ତା ସମ୍ପର୍କରେ ପ୍ରବଚନ ପ୍ରଦାନ କରୁଛନ୍ତି । ଆସନ୍ତା ୯ ତାରିଖରେ ଏହା ଉଦ୍‌ଯାପିତ ହେବ ।

### ଚୋରାମଦ କାରବାର ବିରୋଧରେ ଫେରାଦ

**ବରଗଡ଼ ଅଫିସ୍,୬।୧:** ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମର ମହିଳାମାନେ ପୁଣି ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ଗ୍ରାମର ମହିଳାଙ୍କ ଏଭଳି ଆନ୍ଦୋଳନ ଯୋଗୁ ପୂର୍ବରୁ ଗ୍ରାମରେ ଚୋରାମଦ କାରବାର ବନ୍ଦ ରହିଥିଲା । ମାତ୍ର ଗ୍ରାମରେ ଚୋରାମଦ ବେପାରୀମାନେ ପୁଣି ସକ୍ରିୟ ହୋଇ ପଡ଼ିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ମହିଳାମାନେ ଶନିବାର ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ। ଗ୍ରାମରେ ଚାଲିଥିବା ଚୋରାମଦ କାରବାର ବନ୍ଦ କରିବା ପାଇଁ ସେମାନେ ସ୍ମାରକପତ୍ରରେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି ।

### ଶିଶୁ ମନ୍ଦିରର ବନବିହାର

**ଝାରବନ୍ଧ, ୬।୧ (ଡି.ଏନ.ଏ):** ବରଗଡ ଜିଲା ଝାରବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ବନବିହାର ଓ ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଝାରବନ୍ଧ ନିକଟସ୍ଥ ଐତିହାସିକ ଗୁମ୍ଫା ଶିମୁଲିଖୋଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପରିଚାଳନା କମିଟି ସଭାପତି ମୋହନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ଶିକ୍ଷାବିକାଶ ସମିତି ପଶ୍ଚିମ ସମ୍ଭାଗର ସଦସ୍ୟ ରାମଚନ୍ଦ୍ର ଡନସନା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟ ଘନଶ୍ୟାମ ବନଛୋର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ବ୍ରଜକିଶୋର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



### ଗୌରାଙ୍ଗ ମଠରେ ବକୁଳ ଯାତ୍ରା ଉଦ୍‌ଯାପିତ

**ଗଣ୍ଡତୁରୁମ, ୬।୧ (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶରିପାଲି ସ୍ଥିତ ଗୌରାଙ୍ଗ ମଠରେ ବକୁଳ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି । ମଠ ମହନ୍ତ ଗଙ୍ଗାଧର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ରାମାୟଣ ପାରାୟଣ ବ୍ୟାସ ରୋଶନ ପୁରୋହିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଚନ୍ଦ୍ରଶେଖର ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅଷ୍ଟ ପ୍ରହର ନାମଯଜ୍ଞରେ ଭାଙ୍ଗକୁଦ ଏବଂ ଭବାନିପାଲି ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । ଏହି ଅବସରରେ ସୁନାରୀ ବେର୍ଣ୍ଣି ମଠର ମହନ୍ତ ତ୍ୟାଗୀ ମହାରାଜ, ଅନନ୍ତ ଦାଶ, ଗୋପାଳ ଦାଶ, ଭଗବାନ ଦାଶ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଗ୍ରାମର ଦୃତିଆ ସେଟ, ଆନନ୍ଦ ଦାଶ, ଦାଶରଥି ପରିଡା, ତୁଳସୀ ଦାଶ, ମନବୋଧ ସାହୁ, ସୁରଥ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୪ ଦିନ ପରେ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା

# ଶେଷ ପର୍ଯ୍ୟାୟରେ ରିହର୍ସାଲ

**ବରଗଡ଼ ଅଫିସ୍,୬।୧**

ଆଉ ମାତ୍ର ୪ ଦିନ ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ। ମହୋତ୍ସବରେ ଏଥର ଶ୍ରୀକୃଷ୍ଣ, ବଳରାମ ଓ ଶ୍ରୀରାଧା ଭୂମିକାରେ ନବାଗତ ଶିଶୁ କଳାକାରମାନେ ଅଭିନୟ କରିବେ । ସେହିପରି ଯଶୋଦା, ଦେବକୀ, ଇନ୍ଦୁମତୀ, ପଦ୍ମାବତୀ, ହେତୀ, ପ୍ରହେତୀ ଭଳି ନାରୀ ଚରିତ୍ରର କଳାକାରମାନେ ମଧ୍ୟ ନବାଗତ । ଫଳରେ ନବାଗତ କଳାକାରଙ୍କୁ ନେଇ ଅଭିନୟର ପୂର୍ବାଭ୍ୟାସକୁ ଏବେଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ନବାଗତ ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(ଶ୍ରୀକୃଷ୍ଣ) ଏବଂ ଆଶୁତୋଷ କୁମାର ବିର୍ତ୍ତିଆ(ବଳରାମ) ରବିବାର ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣମଣ୍ଡପକୁ ଆସି କଂସବଧ ଦୃଶ୍ୟର ପୂର୍ବାଭ୍ୟାସ କରିଥିଲେ । କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ଏବଂ ଅନ୍ୟ କଳାକାରମାନେ ଉପସ୍ଥିତ ଥିବାବେଳେ କଳାକାର ସମନ୍ୱୟ ସମିତିର ଉପଦେଷ୍ଟା ନକୁଳ ବାଦୀ କଂସବଧ ଅଭିନୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା କଳାକାରଙ୍କୁ ଦିଗଦର୍ଶନ ଦେଇ ଆସୁଥିବାବେଳେ ଏଥର ମହୋତ୍ସବରେ କିଛି ନୂତନ ଦୃଶ୍ୟାଭିନୟ କରିବାର ଲକ୍ଷ୍ୟ ରହିଥିବା ସେ କହିଛନ୍ତି ।



ବରଗଡ଼ ଧନୁଯାତ୍ରା ପାଇଁ ଆଖଡ଼ାଶାଳରେ କଂସବଧ ଦୃଶ୍ୟର ରିହର୍ସାଲ ଚାଲିଛି ।

## ଭାଜପାର ଓଡ଼ିଶା ମାଗୁଛି ଜବାବ ରଥର ଶୁଭାରମ୍ଭ

**ପଦ୍ମପୁର, ୬।୧ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଯମଲା ଗ୍ରାମରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଦ୍ୱାରା ରାଜ୍ୟ ବ୍ୟାପୀ ଚାଲିଥିବା ଓଡିଶା ମାଗୁଛି ଜବାବ କାର୍ଯ୍ୟକ୍ରମ ରଥର ଶୁଭାରମ୍ଭ ହୋଇଛି । ଏହାକୁ ବିଧାୟକ ପ୍ରଦୀପ ପୁରୋହିତ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାରେ ଶାସନ କରି ଆସୁଥିବା ବିଜୁ ଜନତା ଦଳ ସରକାରର ଅପାରଗତା, ଦୁର୍ନୀତି, ରାଜ୍ୟରେ ଅରାଜକତା, ବେରୋଜଗାରୀ, ନାରୀ ନିର୍ଯାତନା, ଚାଷୀ ଆତ୍ମହତ୍ୟା ଆଦି ପ୍ରସଙ୍ଗକୁ ନେଇ ଜନସାଧାରଣଙ୍କୁ ସଚେତନ କରାଯାଉଛି । ବରଗଡ ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ ଜିଲା ପରିଷଦ ସଦସ୍ୟ ସନ୍ତୋଷ ମେହେର, ସମିତି ସଭ୍ୟ ଟୁନା ଦନସନା, ଗୋପାଳ ମହାପାତ୍ର, ମଣ୍ଡଳ ସଭାପତି ନିରାକାର ବରିହା, ଶ୍ରୀକାନ୍ତ ପାଣିଗ୍ରାହୀ, ନଗର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ମେହେର, ରାହାସ ବିହାରୀ ସାହୁ, ରାଜେଶ ବହିଦାର, ସରୋଜ ସାମଲ, ଭାରତ ମେହେର, ସତ୍ୟବାନ ପ୍ରଧାନ, ଗହଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## କୁଲିତା ସମାଜର ବାର୍ଷିକସଭା

**ଝାରବନ୍ଧ, ୬।୧ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଚଣ୍ଡିଭଟା କେନ୍ଦ୍ର କୁଲିତା ସମାଜର ବାର୍ଷିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଭଟା ରାମଚଣ୍ଡି ଭବନଠାରେ ଅନୁଷ୍ଠିତ ସଭାରେ ଚଣ୍ଡିଭଟା କେନ୍ଦ୍ର ସଭାପତି ବାସୁଦେବ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କୋତନା କେନ୍ଦ୍ରର ସଭାପତି ତୁଳସୀରାମ ପ୍ରଧାନ, ଛୋଟଅନକି କେନ୍ଦ୍ରର ଉପେନ୍ଦ୍ର ବାରିକ, ହେମନ୍ତ ସାହୁ, ଭୁବନେଶ୍ୱର ପ୍ରଧାନ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ପାଦକ ସୁରେନ୍ଦ୍ର ପ୍ରଧାନ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦକ ଦୁର୍ବାଦଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜରେ ଶିକ୍ଷାର ଉନ୍ନତି, ସାମାଜିକ ସଂସ୍କାର, କୁସଂସ୍କାର ଦୂରିକରଣ ବିଷୟରେ ଆଲୋଚନା ହୋଇଥିଲା ।

## କୁଲିଆରିରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗ ଦେଇଥିବା ସାଧୁସନ୍ଥମାନେ ।

**ଗାଇସିଲେଟ, ୬।୧ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ କୁଲିଆରି ଗ୍ରାମରେ ୧୦୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହା ଗତ ତାରିଖରେ ସ୍ୱାମୀ ବଳେଶ୍ୱରାନନ୍ଦଜୀ ସରସ୍ୱତୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତ୍‌ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ସମେତ ନବ ପ୍ରଭାତ ଆଶ୍ରମ, ଛତିଶଗଡ କୁଶରଙ୍ଗି ଗୁରୁକୁଳ ଆଶ୍ରମ ସହଯୋଗ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ଗୀତିନାଟ୍ୟ, ସଞ୍ଚାର, ପ୍ରବଚନ ହୋଇଥିଲା। ଯଜ୍ଞକାର୍ଯ୍ୟରେ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ, ବଳଦେବାନନ୍ଦ ସରସ୍ୱତୀ, କୁଞ୍ଜଦେବ ମନୀଷୀ, ଆଚାର୍ଯ୍ୟ କୃଷ୍ଣଦେବ ଯୋଗଦେଇ ଯଜ୍ଞକର୍ତ୍ତାମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସେହିପରି ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ପୂଜକ ଲଳିତ କୁମାର ପଣ୍ଡାଙ୍କ ଉଦ୍ୟମରେ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଉଦ୍ଧବ ତ୍ରିପାଠୀ ମୁଖ୍ୟ ପୁରୋହିତ, ପଣ୍ଡିତ ସରୋଜ ପାଣିଗ୍ରାହୀ, ସନ୍ତୋଷ ପୁରୋହିତ, ରାମଚନ୍ଦ୍ର ପୁରୋହିତ, ପରୀକ୍ଷିତ ପୁରୋହିତ, ନବିନ ତ୍ରିପାଠୀ ଆହୁତି ପ୍ରଦାନ କରିଥିଲେ । ପ୍ରଶାନ୍ତ ପୁରୋହିତ, ନିରୋଜ ପାଢୀ, ଆଦିତ୍ୟ ପଣ୍ଡା, ଦେବାନନ୍ଦ ପୁରୋହିତ, ଲେକୁ ଡୁଡୁକା, ବଂଶୀଧର ସାହୁ, ଶରତ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସୁନ୍ଦରାକାଣ୍ଡ ପରାୟଣରେ ରାମଚନ୍ଦ୍ର ପୁରୋହିତ ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ଜଗଦାନନ୍ଦ ପଣ୍ଡା, ଅମ୍ବିକା ତ୍ରିବେଦୀ, ହରିହର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ୧୯୯୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ବିଜେପୁର, ୬।୧ (ଡି.ଏନ.ଏ)**

ବିଜେପୁର ବ୍ଲକ ଯୋଖିପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ରବିବାର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୯୯୭ ମ୍ୟାଟ୍ରିକ ବ୍ୟାଚ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଧର୍ମରାଜ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର କୁମାର ଦାଶ, ସୁବାଷ ଚନ୍ଦ୍ର ପଟେଲ, ଶଙ୍କର ସାହୁ, ସରୋଜ ସାହୁ, ବଲ୍ଲଭ ସାହୁ, ମନୋଜ ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜୁ ବାଗ ସ୍ୱାଗତ ଭାଷଣ, ସୁଶାନ୍ତ ଦାଶ ଉଦ୍ଦେଶ୍ୟ ଜ୍ଞାପନ ଓ ଦେବେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଯୁବକବି କୁମର ମହାନନ୍ଦ କବିତା ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ନିରଞ୍ଜନ ବାଗ, ଦିଲୀପ ମହାନନ୍ଦ, ସୁଶାନ୍ତ ଭୋଇ, ରାଜୁ ବାଗ, ନୀଳିମା ମହାପାତ୍ର, ସସ୍ମିତା ଦାଶ, ଗୀତାଞ୍ଜଳି ବାରିକ, ଗୀତା ସାହୁ ପ୍ରମୁଖ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସଂଯମତା ସହକାରେ ସାଧନା ଓ ଅଧ୍ୟବସାୟ ଅବ୍ୟାହତ ରହିଲେ ଲକ୍ଷ୍ୟ ହାସଲ ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଥିଲା । ନିରୋଜ ସାହୁ ମଞ୍ଚ ପରିଚାଳନା ଓ ସୁବିଧା ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅତାବିରାରେ ଜନପରାମର୍ଶ ପଦଯାତ୍ରା




ଭାଜପା ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରିଛନ୍ତି ।

**ଜାମଟିକ୍ରା, ୬।୧ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା, ବାବେବିରା ଓ ପଲସାପାଲି ଗ୍ରାମରେ ଭାଜପା ଅତାବିରା ମଣ୍ଡଳ ପକ୍ଷରୁ ଜନପରାମର୍ଶ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯିବା ସହ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଦଳୀୟ କର୍ମୀ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ପଦଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଭାଜପା ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ପୂର୍ବତନ ବ୍ଲକ ଚେୟାରମ୍ୟାନ ଚିତ୍ତରଞ୍ଜନ ଭୋଇ, ପ୍ରମୋଦ ରଥ, ଦଶରଥ ଭୋଇ, ଯୁବରାଜ ପଧାନ, ସୁଦାମ ଭୋଇ ପ୍ରମୁଖ ସାମିଲ ଥିଲେ ।




ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ସତଲମା କଲେଜର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ

**ବରପାଲି, ୬।୧ (ଡି.ଏନ.ଏ)**

ବରପାଲି ବ୍ଲକ ଅନ୍ତର୍ଗତ ସତଲମା କଲେଜର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ ଦିନିଆ ରୌପ୍ୟ ଜୟନ୍ତୀ ମହୋତ୍ସବ ରବିବାର ସକାଳେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଛାତ୍ରମାନେ ଏକ ଶୋଭାଯାତ୍ରାରେ ବରପାଲି ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଉତ୍ସବ ସ୍ଥଳରେ ସ୍ଥାପନ କରିବା ପରେ ଜୟନ୍ତ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ବତନ କଲେଜ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର ସମ୍ମାନୀତ ଅତିଥି ଓ ପ୍ରାକ୍ତନ ଅଧ୍ୟାପକ ଘନଶ୍ୟାମ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଲୋକବନ୍ଧୁ ପଧାନଙ୍କ ସଂଯୋଜନାରେ ଅଧ୍ୟାପିକା ଚେତନା ପଧାନ ବିବରଣୀ ପାଠ କରିଥିଲେ । ଶିକ୍ଷାର ବିକାଶ ଓ ଅଗ୍ରଗତି ଉପରେ ଅତିଥିମାନେ ମତାମତ ଦେଇଥିଲେ । ମହୋତ୍ସବର ଦ୍ୱିତୀୟ ଅଧିବେଶନରେ ଆଧ୍ୟାତ୍ମିକତା ଆଧାରିତ ସାମାଜିକ ସଂସ୍କାର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟା ବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ଓ ପ୍ରାକ୍ତନ ପ୍ରଫେସର ତଥା ଗ୍ରନ୍ଥକାର ଛାୟାକାନ୍ତ ଷଡଙ୍ଗୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ସୋହେଲା ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସୋହେଲା,୬।୧(ଡି.ଏନ.ଏ)**

ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍କୁଲର ଖେଳ ପଡିଆଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରମାନେ ଶୋଭାଯାତ୍ରାରେ ଦୁର୍ଗାମନ୍ଦିରରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ । ଏହାପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଛାତ୍ରମାନଙ୍କ ମଧ୍ୟରେ ଦଶମ ଶ୍ରେଣୀର ଛାତ୍ର ଶମ୍ଭୁ ସେଠ ଚାମ୍ପିୟନ ହୋଇଥିବାବେଳେ ମ୍ୟୁଜିକ ଚେୟାରରେ ଶିକ୍ଷୟିତ୍ରୀ ଅନୁରାଧା ସ୍ୱାଇଁ ବିଜୟିନୀ ହୋଇଥିଲେ । ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ ସଭାପତିତ୍ୱ କରିଥିଲେ । ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ବରିଷ୍ଠ ନାଗରିକ ଟଙ୍କଧର ଝାଙ୍କର, ସ୍କୁଲର ଅଭିଭାବକ ଏବଂ ଶିକ୍ଷକ ସଂଘ ସଭାପତି ସୁଦୀପ୍ତ ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସ୍କୁଲର ଖେଳ ଶିକ୍ଷକ ସୁଦାମ ପଧାନ ଖେଳ ପରିଚାଳନା କରିଥିଲେ । ମଧୁପୁର ଖ୍ରୀଷ୍ଟଜ୍ୟୋତି ହାଇସ୍କୁଲର ଖେଳ ଶିକ୍ଷକ ମୀନକେତନ ପାଣିଗ୍ରାହୀ ଓ ଗର୍ଭଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ଗୋପାଳ ସାହୁ ସହଯୋଗ କରିଥିଲେ । ପୁରସ୍କାର ବିତରଣ ପରେ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# କ୍ରିକେଟ: କଳାମାଟି ଦଳ ଚାମ୍ପିୟନ

**ଭେଡ଼େନ, ୬।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅରେଇଗୁଡ଼ି ଠାରେ ଚାଲିଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଳାମାଟି ଦଳ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍‌ରେ ଏହି ଦଳ ମହାକୁରଟିକ୍ରା ଦଳକୁ ୪୯ ରନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କଳାମାଟି ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲା । ଜବାବରେ ମହାକୁରଟିକ୍ରା ଦଳ ୧୦ ଓଭରରେ ୪ ଉଇକେଟ ହରାଇ ୫୯ ରନ କରିବାକୁ ସମର୍ଥ ହୋଇଥିଲା। ଏହାପୂର୍ବରୁ ଖେଳା ଯାଇଥିବା ପ୍ରଥମ ସେମିଫାଇନାଲରେ ମହାକୁରଟିକ୍ରା ଦଳ ଦେକୁଲବା ଦଳକୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦେକୁଲବା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ କରିଥିଲା। ଏହାର ଜବାବରେ ମହାକୁରଟିକ୍ରା ଦଳ ୯.୫ ଓଭରରେ ୪ ଉଇକେଟ ହରାଇ ୮୫ ରନ୍ କରି ମ୍ୟାଚ୍ ଜିତିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଳାମାଟି ଦଳ ଅରେଇଗୁଡ଼ିକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କଳାମାଟି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୧ରନ କରିଥିଲା। ଏହାର ଜବାବରେ ଅରେଇଗୁଡ଼ି ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୧ରନ କରିବାକୁ ସମର୍ଥ ହୋଇଥିଲା । ବିଜୟୀ ଦଳର ସୁଜିତ ବାଗଙ୍କୁ ମ୍ୟାନ ଅଫ ଦି ଫାଇନାଲ, ସୁଜିତ ଡ଼ାକୁଆଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରମେଶ କର୍ଣ୍ଣ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ସରପଞ୍ଚ ସୁନୀଲ କୁମାର ମେହେର, ରାଜେଶ କରନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ମହେନ୍ଦ୍ର ମେମୋରିଆଲ**
- ସୁଜିତ ବାଗ ମ୍ୟାନ ଅଫ ଦି ଫାଇନାଲ
- ସୁଜିତ ଡାକୁଆ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ



ଅରେଇଗୁଡ଼ିରେ ଖେଳା ହୋଇଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ମ୍ୟାଚର ଅତିଥି ଓ ଖେଳାଳି ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ଜାନୁୟାରୀ ୭/୨୦୧୯



ସମସ୍ତ ଧର୍ମ ଛାଡ଼ି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
- ବ୍ୟାସଦେବ



## ସଂକ୍ଷେପରେ

### ପ୍ରଧାନପାଟ ଲୋଗୋ ପାଇଁ ଡିଜାଇନ୍ ଆହ୍ୱାନ

ଦେବଗଡ଼, ୬।୧(ସ୍ୱ.ପ୍ର.): ଫେବୃୟାରୀ ୧୧ ଠାରୁ ୧୫ତାରିଖ ପର୍ଯ୍ୟନ୍ତ ଉତ୍ସବ ପ୍ରଧାନପାଟ -୨୦୧୯ ଆୟୋଜିତ ହେବ । ଏଥିପାଇଁ ପ୍ରସ୍ତୁତି ବୈଠକରେ ଉତ୍ସବରେ ପ୍ରତ୍ୟେକ ବର୍ଷ ସ୍ଥାୟୀ ଲୋଗୋ ବ୍ୟବହାର କରାଯିବା ପାଇଁ ନିଷ୍ପତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କଠାରୁ ଲୋଗୋ ପାଇଁ ଡିଜାଇନ୍ ଆହ୍ୱାନ କରାଯାଉଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ନିଜ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଲୋଗୋ ଡିଜାଇନ୍ ଜାନୁୟାରୀ ୨୨ସୁଦ୍ଧା ଜିଲା ସଂସ୍କୃତି ପରିଷଦର ସମ୍ପାଦକ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ । ଏତଦ୍ ବ୍ୟତୀତ ଅନଲାଇନ ustsavpradhanpatdeogarh@gmail.comରେ ପଠାଇପାରିବେ । ଚୟନ କମିଟି ଦ୍ୱାରା ଲୋଗୋ ଡିଜାଇନ୍ ଚୟନ କରାଯିବ । କମିଟି ଦ୍ୱାରା ଚୟନ କରାଯାଇଥିବା ଲୋଗୋ ପ୍ରସ୍ତୁତିକାରୀଙ୍କୁ ଉତ୍ସବ ପ୍ରଧାନପାଟ ସମୟରେ ପୁରସ୍କୃତ କରାଯିବ ।

### କବାଡି ଖେଳାଳି ଚୟନ ପ୍ରକ୍ରିୟା

ଦେବଗଡ,୬।୧(ସ୍ୱ.ପ୍ର.): ଦେବଗଡ଼ ଜିଲାସ୍ତରୀୟ ସିନିୟର କବାଡି ଖେଳାଳୀ ଚୟନ ପ୍ରକ୍ରିୟା ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରେ ଦେବଗଡ ଜିଲା ଆଥେଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିନିୟର ପୁରୁଷ ବର୍ଗରେ ୪୦ଜଣ ଏବଂ ମହିଳା ବର୍ଗରେ ୧୭ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ଶିବିରରେ ଚୟନ ହୋଇଥିବା ଖେଳାଳୀମାନେ ଆସନ୍ତା ଜାନୁୟାରୀ ୧୧ରୁ ୧୩ପର୍ଯ୍ୟନ୍ତ ଗଜପତି ଜିଲାର ପାରଳାଖେମୁଣ୍ଡିଠାରେ ହେବାକୁ ଥିବା ୪୬ତମ ରାଜ୍ୟସ୍ତରୀୟ ସିନିୟର କବାଡି ପ୍ରତିଯୋଗିତାରେ ଦେବଗଡ ଜିଲାରୁ ପ୍ରତିନିଧିତ୍ୱ କରିବେ ବୋଲି ସାଧାରଣ ସମ୍ପାଦକ ଧୃରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଚୟନ ପ୍ରକ୍ରିୟାରେ ଜିଲା କ୍ରୀଡା ସଂଘର କବାଡି ସମ୍ପାଦକ ସୁବାସଚନ୍ଦ୍ର ଭୋଇ, ସହ ସମ୍ପାଦକ ପ୍ରଦୀପ ଅମାନ୍ତ, ମନୋଜ ଆଚାର୍ଯ୍ୟ,ସହ ସମ୍ପାଦିକା ରଞ୍ଜିତା ମିଶ୍ର, ଅକ୍ଷୟ ବେହେରା, ସୂର୍ଯ୍ୟକାନ୍ତ ଭୋଇ, ଡିଲେଶ୍ୱର ପ୍ରଧାନ, ଚନ୍ଦନ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ମନ୍ତ୍ରିମଣ୍ଡଳରୁ ବିଦା: ୨୦୦୦ରୁ ଏପର୍ଯ୍ୟନ୍ତ...

ଭୁବନେଶ୍ୱର, ୬।୧(ବ୍ୟୁରୋ): ୨୦୦୦ ମସିହାରୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶାସନ କରୁଛନ୍ତି। ଇତିମଧ୍ୟରେ ବିଭିନ୍ନ କାରଣରୁ ବହୁ ମନ୍ତ୍ରୀ ବିଦା ହୋଇଥିବାବେଳେ ଅନେକ ମଧ୍ୟ ଇସ୍ତଫା ମଧ୍ୟ ଦେଇଛନ୍ତି। ପ୍ରତି ପାଳିରେ ଏକାଧିକ ମନ୍ତ୍ରୀ ଇସ୍ତଫା ଦେବାର ନଜିର ରହିଛି।

**୨୦୦୦-୦୪**

ବିଜେଡି ସରକାରର ପ୍ରଥମ ପାଳିରେ ପ୍ରଥମେ ପ୍ରଶାନ୍ତ ନନ୍ଦ, ନଳିନୀ ମହାନ୍ତି ଏବଂ କମଳା ଦାସଙ୍କୁ ଛାୟା ଦୁର୍ନୀତି ଅଭିଯୋଗରେ ଇସ୍ତଫା ଦେବା ପାଇଁ କୁହାଯାଇଥିଲା। ଏହାପରେ ଅଦ୍ୱୈତ ପ୍ରସାଦ ସିଂ ମଧ୍ୟ ନବୀନଙ୍କ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିଲେ। ସେ ସମୟରେ ରାଷ୍ଟ୍ରମନ୍ତ୍ରୀ ଥିବା ଦେବୀ ପ୍ରସାଦ ମିଶ୍ର ଏବଂ ଅମର ଶତପଥୀ ମଧ୍ୟ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିଥିଲେ। ଏକଦା ଗଞ୍ଜାମ ରାଜନୀତିରେ ଟାଇଗର ବୋଲାଉଥିବା ରାମକୃଷ୍ଣ ପଟ୍ଟନାୟକ ବିଜେଡିରେ ପ୍ରଭାବଶୂନ୍ୟ ହୋଇପଡ଼ିଥିଲେ। ତାଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ କାଢ଼ିନିଆଯାଇ କୃଷି ବିଭାଗ ପ୍ରଦାନ କରାଯାଇଥିଲା। ତେଣୁ ସେ ନିଜଆଡୁ ଇସ୍ତଫା ଦେଇଥିଲେ। ନିର୍ଦ୍ଧାରିତ ସମୟର ପ୍ରାୟ ବର୍ଷକ ପୂର୍ବରୁ ପ୍ରଥମ ପାଳିର ସରକାରକୁ ଭାଙ୍ଗି ଦିଆଯାଇଥିଲା। ୨୦୦୪ରେ ରାଜ୍ୟରେ ଏକସଙ୍ଗରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଲଗାତର ଦ୍ୱିତୀୟଥର ପାଇଁ ବିଜେଡି-ଭାଜପା ମେଣ୍ଟ ରାଜ୍ୟରେ କ୍ଷମତାସୀନ ହୋଇଥିଲା।

**୨୦୦୪-୦୯**

ଏହି ସମୟରେ ମେଣ୍ଟ ସରକାର ଥିଲେ ବି କେବଳ ବିଜେଡିରୁ ମନ୍ତ୍ରୀ ହୋଇଥିବା ନେତା ବିବାଦୀୟ ହୋଇଥିଲେ। ସର୍ବପ୍ରଥମେ ରବି ନାରାୟଣ ନନ୍ଦ ଏବଂ ପରବର୍ତ୍ତୀ ସମୟରେ କାଳନ୍ଦୀ ବେହେରାଙ୍କୁ ଭିନ୍ନ ଭିନ୍ନ କାରଣରୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେହିପରି ୨୦୦୬ ମଧ୍ୟଭାଗରେ ଦାମୋଦର ରାଉତ, ବିଜୟଶ୍ରୀ ରାଉତରାୟ, ନଗେନ୍ଦ୍ର ପ୍ରଧାନ, ବଳଭଦ୍ର ମାଝି, ପରେ ପୁଅର ମାର୍କ ଜାଲିଆତି ପ୍ରସଙ୍ଗରେ ବିଷ୍ଣୁ ଦାସଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାକୁ ପଡ଼ିଥିଲା। ସେହିପରି ବିଧାନସଭା ଲେଡି ମାର୍ଶଲ ଗାୟତ୍ରୀ ପଣ୍ଡା-ତତ୍କାଳୀନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କୁ ନେଇ ହୋଇଥିବା ବିବାଦରେ ଦେବାଶିଷ ନାୟକଙ୍କ ସଂପୃକ୍ତି ଅଭିଯୋଗରେ ତାଙ୍କୁ ମନ୍ତ୍ରୀପଦରୁ ବିଦା ହେବାକୁ ପଡ଼ିଥିଲା। ଏପରି କି ବାଚସ୍ପତି ପଦରୁ ମହେଶ୍ୱର ମହାନ୍ତି ମଧ୍ୟ ଇସ୍ତଫା ଦେଇଥିଲେ। ଉକ୍ତ ପାଳିରେ ଶେଷଥର ପାଇଁ ପଦ୍ମନାଭ ବେହେରା ମଧ୍ୟ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିଲେ।

**୨୦୦୯-୧୪**

୨୦୦୯ ନିର୍ବାଚନରେ ବିଜେଡି ଭାଜପାର ହାତ ଛାଡ଼ି ଦେଇଥିଲା। ପ୍ରଥମଥର ପାଇଁ କିଛି ଛୋଟ ଦଳ ସହ ଆସନ ବୁଝାମଣା କରି ଲଗାତର ତୃତୀୟଥର ପାଇଁ କ୍ଷମତାସୀନ ହୋଇଥିଲା। ଏହି ପାଳିର ମଧ୍ୟଭାଗରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଡାଲି ଦୁର୍ନୀତି ଅଭିଯୋଗରେ ଇସ୍ତଫା ଦେଇ ବିବାଦୀୟ ହୋଇଥିଲେ। ଏହି ସମୟରେ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କୁ ଦଳର ଦ୍ୱିତୀୟ କ୍ଷମତା କେନ୍ଦ୍ର ବୋଲି କୁହାଯାଉଥିଲା। ୨୦୧୨ ମସିହା ମେ'ର ବହୁଚର୍ଚ୍ଚିତ ମିଡ୍‌ନାଇଟ୍ ଅପରେଶନ ମନ୍ତ୍ରିମଣ୍ଡଳ ମାନସାଙ୍କୁ ବିଗାଡ଼ି ଦେଇଥିଲା। ସାରଦା ନାୟକ, ଅଞ୍ଜଳି ବେହେରା ଏବଂ ସଞ୍ଜୀବ ସାହୁ ପ୍ରମୁଖ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିଲେ। ସେହିବର୍ଷ ଅଗଷ୍ଟରେ ହୋଇଥିବା ମନ୍ତ୍ରିମଣ୍ଡଳ ଅଦଳବଦଳରେ ପ୍ରଫୁଲ୍ଲ ଘଡ଼େଇ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ ଏବଂ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ମଧ୍ୟ ମନ୍ତ୍ରୀପଦରୁ ହାତ ଧୋଇବାକୁ ପଡିଥିଲା। ଏହାପରେ କଟକ-ଖୋର୍ଦ୍ଧା ମଦମୃତ୍ୟୁରେ ଅନଙ୍ଗ ଉଦୟ ସିଂଦେଓ, ପିପିଲି ଗଣବଳାତ୍କାର ଘଟଣାରେ ପ୍ରଦୀପ ମହାରଥୀ, ବର୍ଷାସୋନି ଯୌତୁକଜନିତ ମାମଲାରେ ରଘୁନାଥ ମହାନ୍ତିଙ୍କୁ ମନ୍ତ୍ରୀ ପଦରୁ ବିଦା ହେବାକୁ ପଡିଥିଲା। ସେହିପରି ମନ୍ତ୍ରିମଣ୍ଡଳରେ ଥିବା ବରିଷ୍ଠ ବିଜେଡି ନେତା କଳ୍ପତରୁ ଦାସ ଏବଂ ସରୋଜିନୀ ହେମ୍ବ୍ରମ୍ ଇସ୍ତଫା ଦେଇ ରାଜ୍ୟ ସଭାକୁ ଯାଇଥିବା ନଜିର ରହିଛି।

**୨୦୧୪-୧୯**

୨୦୧୪ରେ ହୋଇଥିବା ସାଧାରଣ ନିର୍ବାଚନରେ ବିଜେଡି ପୂର୍ବଥର ଅପେକ୍ଷା ଅଧିକ ଆସନରେ ଜିତିଥିଲା। ଚତୁର୍ଥ ପାଳି କ୍ଷମତା ନେବାର ପ୍ରାୟ ୨ ବର୍ଷ ପରେ ବହୁଚର୍ଚ୍ଚିତ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ପଡିଥିଲା। ଏହାପରେ ୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ଆଶାନୁରୂପ ପ୍ରଦର୍ଶନ କରି ନ ଥିଲା। ମନ୍ତ୍ରିମଣ୍ଡଳରୁ ଏକାଧିକ ନେତାଙ୍କୁ ବାଦ୍ ଦିଆଯିବା ସହ ସଙ୍ଗଠନରେ ବ୍ୟାପକ ପରିବର୍ତ୍ତନ କରାଯାଇଥିଲା। ବାଦ୍ ପଡିଥିବା ମନ୍ତ୍ରୀମାନେ ହେଉଛନ୍ତି- ଦେବୀପ୍ରସାଦ ମିଶ୍ର, ଅରୁଣ ସାହୁ, ପ୍ରଦୀପ କୁମାର ଅମାତ, ପ୍ରଦୀପ ପାଣିଗ୍ରାହୀ, ସଞ୍ଜୟ ଦାସବର୍ମା, ପୁଷ୍ପେନ୍ଦ୍ର ସିଂଦେଓ, ଲାଲବିହାରୀ ହିମିରିକା, ପ୍ରଣବ ପ୍ରକାଶ ଦାସ ଏବଂ ସୁଦାମ ମାର୍ଣ୍ଡି। ସେହିପରି ବ୍ରାହ୍ମଣଙ୍କ ଉଦ୍ଦେଶ୍ୟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିଲେ ଦାମୋଦର ରାଉତ। ଏଥିପାଇଁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ଏହାପରେ ଗତ ଡିସେମ୍ବରରେ ପିପିଲି ବଳାତ୍କାର ଓ ହତ୍ୟାର ରାୟ ପ୍ରକାଶ ପାଇଥିଲା। ଏହାକୁ ସତ୍ୟର ଜୟ ବୋଲି ମତ ରଖିଥିଲେ ମନ୍ତ୍ରୀ ମହାରଥୀ, ଯାହାକୁ ନେଇ ରବିବାର ତାଙ୍କୁ ଇସ୍ତଫା ଦେବାକୁ ପଡିଛି।

### ରେଙ୍ଗାଲିରେ ଶ୍ୟାମ ମହୋତ୍ସବ

ରେଙ୍ଗାଲି, ୬।୧ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଶ୍ୟାମ ମହୋତ୍ସବ ଆୟୋଜନ କରାଯାଇଥିଲା । ରେଙ୍ଗାଲି ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଶ୍ୟାମ ମହୋତ୍ସବରେ ଶ୍ୟାମ ମହାପ୍ରଭୁଙ୍କୁ ପୂଜା କରାଯାଇଥିଲା । ଏହି ଅବସରରେ ନିଶାନ ଶୋଭାଯାତ୍ରା ବାହାରି ରେଙ୍ଗାଲି ସହର ପରିକ୍ରମା କରିଥିଲା ।

### ରେଙ୍ଗାଲିରେ ନୂଆ ଥାନା ଅଧିକାରୀ

ରେଙ୍ଗାଲି,୬।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନାରେ ସୁରୁବାବୁ ଛତ୍ରିଆ ନୂତନ ଥାନା ଅଧିକାରୀ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ତରଭା ଥାନାରେ କାର୍ଯ୍ୟରତ ଥିଲେ। ପୂର୍ବରୁ ରେଙ୍ଗାଲି ଥାନାରେ ଥିବା ବାଳକୃଷ୍ଣ କଅଁରଙ୍କ ସ୍ଥାନରେ ସେ ଯୋଗ ଦେଇଛନ୍ତି। ରେଙ୍ଗାଲି ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ବାତାବରଣ ପାଇଁ ସବୁବେଳେ ଆଇନ ଶୃଙ୍ଖଳା ରକ୍ଷା କରାଯିବ ବୋଲି ନୂତନ ଥାନା ଅଧିକାରୀ କହିଛନ୍ତି ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ର ସମାବେଶ




ରେଢ଼ାଖୋଲସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ ଛାତ୍ର ସମାବେଶରେ ଉପସ୍ଥିତ ଅତିଥିବୃନ୍ଦ।

ରେଢ଼ାଖୋଲ,୬।୧(ଡି.ଏନ.ଏ.)

ରେଢ଼ାଖୋଲସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗତ ୩ ଦିନ ଧରି ଅନୁଷ୍ଠିତ ୩୩ତମ ମଣ୍ଡଳସ୍ତରୀୟ ଛାତ୍ର ସମାବେଶ ରବିବାର ଉଦ୍‌ଯାପିତ ହୋଇଛି। ସମ୍ବଲପୁର, ବରଗଡ, ବୌଦ୍ଧ ଜିଲାର ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ପ୍ରଫୁଲ୍ଲ କୁମାର ପଣ୍ଡା ଉଦ୍‌ଯାପନୀ ସମାବେଶରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ବିଶିକେସନ ଦେହୁରୀ, ମୁଖ୍ୟ ବକ୍ତା ଭାବେ ବରଗଡ ଜିଲା ପାଠଚକ୍ର ଆବାହକ ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଗୋପିନାଥ ଖିଲାରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଦସ୍ୟ ରମେଶ ଚନ୍ଦ୍ର ପାଣିଗ୍ରାହୀ, ହାଇସ୍କୁଲ ସମ୍ପାଦକ ସୁନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ସଂଗତି ମଣ୍ଡଳ ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କୁ ନେଇ ମିନିଷ୍ଟାଡିଅମରେ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ମାତୃ ପତାକା ଅବତରଣ, ମନ୍ତ୍ରପାଠ ସହ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା। ବିଭିନ୍ନ ଦିବସରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା।

### ଖ୍ୟଣ୍ଡା ରାମମନ୍ଦିର ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ବୈଠକ

ଧମା,୬।୧(ଡି.ଏନ.ଏ)

ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ଖ୍ୟଣ୍ଡା ଗ୍ରାମରେ ରାମମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା ସକାଶେ ରବିବାର ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଦ୍ଧବ ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠା ଉତ୍ସବ ପରିଚାଳନା ପାଇଁ ଏହି ଅବସରରେ ଏକ ଏକର କମିଟି ଗଠନ କରାଯାଇଥିଲା । ଏଥିରେ କୋଷାଧ୍ୟକ୍ଷ ଭାବେ ସାହେବ ଭୋଇ ଓ ଯାଦବ ସେଠଙ୍କୁ ଚୟନ କରାଯାଇଛି। ସଦସ୍ୟ ଭାବେ ଗଙ୍ଗାଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଗିରିଗୋବର୍ଦ୍ଧନ ପଣ୍ଡା, କମଳଲୋଚନ ପଣ୍ଡା, ଭଗବାନ ପୁରୋହିତ, ଭକ୍ତବନ୍ଧୁ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମହାପାତ୍ର, ରାମ ଷଡଙ୍ଗୀ, ଶଙ୍କରଲାଲ ଅଗ୍ରୱାଲ, ବୁଦ୍ଧଦେବ ସିଂ, ମଦନଲାଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

## ଅବନିଶ ପଣ୍ଡାଙ୍କୁ ଲାଲା ଶ୍ରୀରାମ ଜାତୀୟ ପୁରସ୍କାର



ସମ୍ବଲପୁର, ୬।୧ (ବ୍ୟୁରୋ)

ଅନ୍ତର୍ଜାତୀୟ କାଗଜ ବିଶେଷଜ୍ଞ ଡ. ଅବନିଶ ପଣ୍ଡାଙ୍କୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ କେମିକାଲ ଇଞ୍ଜିନିୟର୍ସ ପକ୍ଷରୁ ଲାଲା ଶ୍ରୀରାମ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସମ୍ବଲପୁର ନିବାସୀ ଡ. ଅବନିଶ ଜିଲାସ୍କୁଲ, ରେଭେନ୍ସା କଲେଜ, ମାଡ୍ରାସ ବିଶ୍ୱବିଦ୍ୟାଳୟର ଏସି କଲେଜ ଅଫ ଟେକ୍ନୋଲୋଜିରୁ କେମିକାଲ ଇନିୟରିଂରେ ବିଟେକ୍ ହାସଲ କରିବା ପରେ ସେ ଜର୍ମାନୀରେ କାଗଜ ଶିଳ୍ପ ଉପରେ ଡକ୍ଟରେଟ ହାସଲ କରିଥିଲେ । ନରୱେର ଟେକ୍ନିକାଲ ବିଶ୍ୱବିଦ୍ୟାଳୟରୁ ପିଜି କରିବା ପରେ ସେ ଫିନ୍‌ଲ୍ୟାଣ୍ଡ, ସ୍ୱିଡ଼େନ୍ ଓ ଜର୍ମାନୀରେ ପ୍ରାରମ୍ଭିକ ଚାକିରୀ ଜୀବନ ଆରମ୍ଭ କରିଥିଲେ । ଆମନ୍ତ୍ରଣ କ୍ରମେ ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ, ହିନ୍ଦୁସ୍ତାନ ପେପର କର୍ପୋରେସନରେ ଯୋଗଦେଇ ଏହାର ବୋର୍ଡ଼ ମେମ୍ବର ହୋଇପାରିଥିଲେ। ସେଣ୍ଟ୍ରାଲ ପଲପ ଏଣ୍ଡ ପେପର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠାରେ ମୁଖ୍ୟ ଭୂମିକା ଗ୍ରହଣ କରି ଏହାର ନିର୍ଦ୍ଦେଶକ ହୋଇଥିଲେ। ତାଙ୍କ ପ୍ରଚେଷ୍ଟା କ୍ରମେ ଜୟପୁରରେ ହ୍ୟାଣ୍ଡମେଡ଼ ପେପର ଓ ରିର୍ଚ୍ଚ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପ୍ରତିଷ୍ଠା କରାଯାଇଥିଲା । ଇଟାଲୀ ଓ ତୁର୍କୀରେ କାଗଜ ଶିଳ୍ପରେ ସେ ପରାମର୍ଶଦାତା ନିଯୁକ୍ତି ହୋଇଥିଲେ । ୟୁଏନଡ଼ିପି ପାଇଁ ମଧ୍ୟ ସେ ପରାମର୍ଶଦାତା ଥିଲେ । ଭାରତରେ କାଗଜ ଶିଳ୍ପର ଆଧୁନିକୀକରଣ ତାଙ୍କ ନେତୃତ୍ୱରେ ହୋଇଥିଲା । କାଗଜଶିଳ୍ପରେ ତାଙ୍କର ସାମଗ୍ରୀକ ଅବଦାନ ଯୋଗୁ ତାଙ୍କୁ ଭାରତୀୟ କାଗଜ ପ୍ରସ୍ତୁତକାରୀ ସଂଗଠନ ପକ୍ଷରୁ ୧୯୯୨ରେ ଶ୍ରେଷ୍ଠ ବୈଜ୍ଞାନିକର ଗୌରବ ପ୍ରଦାନ ସହ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲା । ସେ ଅଣକାଠ ଫାଇବର କ୍ଷେତ୍ରରେ ଓ ଶକ୍ତି ସଂକ୍ରାନ୍ତ କାର୍ଯ୍ୟରେ ମଧ୍ୟ ଅନେକ ଗବେଷଣା ଓ ପରାକାଷ୍ଠା ପ୍ରଦର୍ଶନ କରି ବହୁ ପୁରସ୍କାର ହାସଲ କରିଛନ୍ତି । ତେଣୁ ତାଙ୍କର ଆନ୍ତର୍ଜାତିକ ଖ୍ୟାତି ରହିଛି । ତାଙ୍କୁ ଡ଼ୋଏନ୍ ଅଫ ପେପର ଇଣ୍ଡଷ୍ଟ୍ରି ଆଖ୍ୟା ଦିଆଯାଇଛି ।






ରବିବାର ସମ୍ବଲପୁର ଗୁଡେଶ୍ୱର ମନ୍ଦିର ପରିସରରେ ଡୁମାଲ ସମାଜର ବାର୍ଷିକ ଉତ୍ସବରେ ରଙ୍ଗୋଲି ପ୍ରତିଯୋଗିତା । ଡୁମାଲ ସମାଜ ବାର୍ଷିକ ଉତ୍ସବରେ ପୁରସ୍କୃତ ପ୍ରତିଯୋଗୀମାନେ ଅତିଥିଙ୍କ ସହ ।

### ଡୁମାଲ ସମାଜର ବାର୍ଷିକ ଉତ୍ସବ

ସମ୍ବଲପୁର, ୬।୧ (ବ୍ୟୁରୋ)

ସମ୍ବଲପୁର ଡୁମାଲ ସମାଜର ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ରବିବାର ଗୁଡେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମାଁ ମାହେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ସନ୍ତୋଷ କୁମାର ପ୍ରଧାନ ପୂଜାକାର୍ଯ୍ୟ ତୁଲାଇଥିଲେ । ଏହାପରେ ଚିତ୍ରାଙ୍କନ, ରଙ୍ଗୋଲି, ମ୍ୟାଜିକ ଚେୟାର ପ୍ରତିଯୋଗିତା ହୋଇଥିଲା । ଅନୁଷ୍ଠାନ ସଭାପତି ଶିବ ପ୍ରଧାନଙ୍କ ଅଧ୍ୟକ୍ଷତା ଓ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ସୂର୍ଯ୍ୟକୁମାର ମେଣ୍ଡୋଲି, ଡ. ରବି କର୍ମୀ, ବାମନଚରଣ ପ୍ରଧାନ, ରଞ୍ଜନ କୁମାର ଡାଙ୍ଗ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱନାଥ ପ୍ରଧାନ, କଳ୍ପେଶ୍ୱର ପ୍ରଧାନ, ଫକୀର ପ୍ରଧାନ, ସୁଶାନ୍ତ କୁମାର ମହାକୁଡ, ହରିହର ଡାଙ୍ଗ, ଫକୀର ମେଣ୍ଡୋଲି, ପ୍ରଦୀପ ପ୍ରଧାନ, ଶଙ୍କର ମହାକୁଡ, ରବି ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜସ୍ମିନ ନାୟକ, ପ୍ରତିଭା ଖମାରୀ, ରାଜନନ୍ଦନ ମହାକୁଡ, ଶ୍ୱେତାଞ୍ଜଳି ଗାଈଗରିଆ, ନମିତା ପ୍ରଧାନ, ତୃପ୍ତି ପ୍ରଧାନ, ଐଶ୍ୱର୍ଯ୍ୟା ପ୍ରଧାନ ଓ ସସ୍ମିତା ପ୍ରଧାନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା ।



ରବିବାର ସମ୍ବଲପୁର ଭିଏସଏସ ଷ୍ଟାଡିୟମରେ ରେଫରିମାନେ ଶୁକ୍ରୁ ଓରାମଙ୍କୁ ଶ୍ରେଷ୍ଠ ଖେଳାଳୀଭାବେ ପୁରସ୍କୃତ କରୁଛନ୍ତି ।

## ଫଟୋରେ ଖବର





ରବିବାର ସମ୍ବଲପୁର ଜେଲ ଛକଠାରେ ପରିବେଶ ମୁକ୍ତ ବାର୍ତ୍ତା ନେଇ ସାଇକେଲ ଯାତ୍ରାରେ ଆସିଥିବା ସୟଦ ଫୈଜଲ୍ ଅଲ୍ଲିଙ୍କୁ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଓ ଅନ୍ୟମାନେ ଫୁଲମାଳ ଦେଇ ଶୁଭେଚ୍ଛା ଜଣାଉଛନ୍ତି (ବାମ)। କ୍ଷେତରାଜପୁର ରୋଟାରି କ୍ଲବ (ୱେଷ୍ଟ)ରେ ରବିବାର ମାଗଣା ଚିକିତ୍ସା ଶିବିର ଚାଲିଛି।

### ଫୁଟବଲ ଟୁର୍ନାମେଣ୍ଟରେ ରେଲୱେ ବିଜୟୀ

ସମ୍ବଲପୁର, ୬।୧ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ତଥା ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ରେଲୱେ ବନାମ ଗେୁଙ୍ଗୁଟିପାଲି ମଧ୍ୟରେ ଚିତ୍ତାକର୍ଷକ ମ୍ୟାଚ ହୋଇଥିଲା । ଦୁଇ ଦଳ ମଧ୍ୟରେ ୧-୧ ଗୋଲ ହୋଇ ମ୍ୟାଚ ଶେଷ ହୋଇଥିଲା । ତେଣୁ ଟାଇବ୍ରେକର ପଦ୍ଧତିରେ ରେଲୱେ ୫-୩ ଗୋଲରେ ବିଜୟୀ ହୋଇଥିଲା। ରାଜାରାମ ଓରାମ, ନନ୍ଦ କିଶୋର ନାୟକ, ପଦ୍ମ ନାୟକ, ଲକ୍ଷ୍ମଣ ନାଥ ମ୍ୟାଚ ପରିଚାଳନା କରିଥିଲେ। ଗେଙ୍ଗୁଟିପାଲିର ଶୁକ୍ରୁ ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା ।

# ପେଟର ଗ୍ୟାସ୍



ଡା. ନିତ୍ୟାନନ୍ଦ ସ୍ୱାଇଁ

''ପେଟ ଗଣ୍ଡଗୋଳରୁ ତାହା ଅମ୍ଳ, ବଦହଜମି ଆଦି ଯାହା ହୋଇଥାଉ ନା କାହିଁକି, ଗ୍ୟାସ୍ ସୃଷ୍ଟି ହୋଇପାରେ। ବେଶି ଖାଇବା, କମ୍ ଖାଇବା, ବେଶି ପରିମାଣର ତେଲ, ଘିଅ, ଚର୍ବି ଓ ମସଲାମସଲି ଖାଇବା, ଅନିୟମିତ ଖାଇବା, ରାସ୍ତାକଡ଼ ଦୋକାନରେ ଖାଇବା ଇତ୍ୟାଦି ଗ୍ୟାସ୍ ସୃଷ୍ଟିକୁ ପ୍ରୋତ୍ସାହନ ଦେଇଥାଏ।''





ଆମ ଭିତରୁ ଅନେକେ ହେଉଛନ୍ତି ଗ୍ୟାସ୍-ସର୍ବସ୍ୱ। ସେମାନଙ୍କ ମଥା, ପାଟି, ପେଟ ସର୍ବତ୍ର ଗ୍ୟାସ! ଏହି ଗ୍ୟାସ୍ ପେଟରୁ କେତେବେଳେ ମଥାକୁ ଉଠିଥାଏ ତ କେତେବେଳେ କୁଆଡ଼େ ଛାତିକୁ ଧକ୍କା ମାରେ। ପୁଣି କେତେବେଳେ ଊର୍ଦ୍ଧ୍ୱଗାମୀ-ନିମ୍ନଗାମୀ-ପାର୍ଶ୍ୱଗାମୀ ହୋଇ କୁଆଡ଼େ ମୁକ୍ତିର ପଥ ଖୋଜିଥାଏ। ବଡ଼ ମଜାର କଥା ହେଲା, ଏହି ଗ୍ୟାସ୍‌କୁ କେହି କେବେ ଦେଖିନି। ପ୍ରଶ୍ନ ଉଠେ, ପେଟରେ ଗ୍ୟାସ୍ ଥିବାଟା କଥା କ'ଣ ସତ? ହଁ, ସତ। ସ୍ୱାଭାବିକ ଅବସ୍ଥାରେ ଗ୍ୟାସ୍‌ର ଗତିଶୀଳତା ତଥା ଶବ୍ଦ ଅନୁଭବ ମଧ୍ୟ କରିହୁଏ। ମାତ୍ର କ'ଣ ଥାଏ ସେହି ଗ୍ୟାସ୍‌ରେ? ଥାଏ ଅମ୍ଳଜାନ, ଯବକ୍ଷାରଜାନ, ଉଦ୍‌ଜାନ, ମିଥେନ୍ ଓ କାର୍ବନ ଡାଇଅକ୍‌ସାଇଡ୍ ବା ଅଙ୍ଗାରକାମ୍ଳ। ଏତଦ୍‌ବ୍ୟତୀତ ସେଥିରେ ଇଣ୍ଡଲ୍, ସ୍କାଟଲ୍, ଆମୋନିଆ, ହାଇଡ୍ରୋଜେନ୍ ସଲ୍‌ଫାଇଡ ଏବଂ ମିଥାଇଲ୍ ମର୍‌କାପ୍‌ଟାନ୍ ଇତ୍ୟାଦି ମଧ୍ୟ ରହିଥାଏ।

ବାହାରର ବାୟୁରୁ ପେଟ ଭିତରକୁ ପ୍ରବେଶ କରିଯାଏ ଅମ୍ଳଜାନ ଓ ଯବକ୍ଷାରଜାନ। ବାୟୁକୁ ଢୋକିଲେ ଆମେ ଏହି ଗ୍ୟାସ୍ ଦୁଇଟିକୁ ପାଇଥାଉ। ଢୋକି ହୋଇଯାଇଥିବା ବାୟୁରୁ ପାଖାପାଖି ୮୦ ପ୍ରତିଶତ ହେଉଛି ଯବକ୍ଷାରଜାନ ଏବଂ ୯୯ ଶତାଂଶ ହେଉଛି ଅମ୍ଳଜାନ, ଯବକ୍ଷାରଜାନ, ଉଦ୍‌ଜାନ, ମିଥେନ୍ ଓ ଅଙ୍ଗାରକାମ୍ଳ। ଅଙ୍ଗାରକାମ୍ଳ ଓ ଯବକ୍ଷାରଜାନ ମଧ୍ୟ ରକ୍ତରୁ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଥାଏ। ଖାଦ୍ୟ ହଜମ, ଜୀବକୋଷରେ ଖାଦ୍ୟର ଚୟାପଚୟ ଓ ବୃହଦନ୍ତ୍ରରେ ଜୀବାଣୁମାନଙ୍କ ପ୍ରକ୍ରିୟା ଯୋଗୁ ବି କେତେକ ଗ୍ୟାସ୍, ବିଶେଷକରି ମିଥେନ୍, ଇଣ୍ଡଲ, ସ୍କାଟଲ୍, ଆମୋନିଆ, ହାଇଡ୍ରୋ ସଲ୍‌ଫାଇଡ୍ ଇତ୍ୟାଦି ଜାତ ହୋଇ ଅନ୍ତ୍ରନଳୀ ଭିତରକୁ ଯାଇଥାଏ।

ପେଟ ଗଣ୍ଡଗୋଳରୁ ତାହା ଅମ୍ଳ, ବଦହଜମି ଆଦି ଯାହା ହୋଇଥାଉ ନା କାହିଁକି, ଗ୍ୟାସ୍ ସୃଷ୍ଟି ହୋଇପାରେ। ବେଶି ଖାଇବା, କମ୍ ଖାଇବା, ବେଶି ପରିମାଣର ତେଲ, ଘିଅ, ଚର୍ବି ଓ ମସଲାମସଲି ଖାଇବା, ଅନିୟମିତ ଖାଇବା, ରାସ୍ତାକଡ଼ ଦୋକାନରେ ଖାଇବା ଇତ୍ୟାଦି ଗ୍ୟାସ୍ ସୃଷ୍ଟିକୁ ପ୍ରୋତ୍ସାହନ ଦେଇଥାଏ।

ଶିଶୁଟିଏ ମା' ସ୍ତନରୁ କ୍ଷୀର ଖାଇବାବେଳେ କିଛି କିଛି ବାୟୁ ଢୋକି ହେଉଥିବାରୁ ଶିଶୁ କ୍ଷୀର ଖାଇସାରିବା ପରେ ତାକୁ ଛାତିରେ ଆଉଜେଇ ଧରି ତା'ର ପିଠି ଥାପୁଡ଼େଇବା ନିମନ୍ତେ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ଏପରି କଲେ ତା' ପାକସ୍ଥଳୀକୁ ଯାଇଥିବା କିଛି ବାୟୁ ଏଉଡ଼ି ଭାବରେ ପାକସ୍ଥଳୀରୁ ବାହାରି ଆସେ। ଫଳରେ ଶିଶୁଟି ଆରାମ ଅନୁଭବ କରେ। ପାକସ୍ଥଳୀରୁ ଗ୍ୟାସ୍ ନିମ୍ନଗାମୀ ହୋଇ ପ୍ରବେଶ ପରେ କ୍ଷୁଦ୍ରାନ୍ତ୍ର ଓ ବୃହଦନ୍ତ୍ର ଭିତରକୁ। ସେଠାରେ ଅନ୍ୟ କେତେକ ଗ୍ୟାସ୍ ତାହା ସହ ମିଶି ମଳଦ୍ୱାର ବାଟେ ନିଷ୍କାସିତ ହୋଇଯାଏ।

ଜଣେ ସାଧାରଣ ସୁସ୍ଥ ବ୍ୟକ୍ତି ପ୍ରତିଦିନ ମଳଦ୍ୱାର ବାଟେ ନିଷ୍କାସନ କରିଥାଏ ୪୦୦ରୁ ୧୨୦୦ ମିଲିଲିଟର ଗ୍ୟାସ। ସ୍ୱାଭାବିକ ଭାବରେ ଏହି ଗ୍ୟାସ୍ ନିଷ୍କାସିତ ହୋଇଗଲେ ପେଟରେ କୌଣସି ଅସ୍ୱସ୍ତି ଉପୁଜେନି। କିନ୍ତୁ ଏହା ନିଷ୍କାସିତ ହୋଇ ନ ପାରିଲେ କି ଅତିରିକ୍ତ ଗ୍ୟାସ୍ ଜାତହେଲେ ପେଟ ଫାମ୍ପି ସୃଷ୍ଟି ହୁଏ ସମସ୍ୟା। ଏହି ସମସ୍ୟାରୁ ମୁକ୍ତ ହେବା ନିମନ୍ତେ କେହି କେହି ବାରମ୍ବାର ଏଉଡ଼ି ମାରି ଗ୍ୟାସ୍‌କୁ ପାଟିବାଟେ ବାହାର କରିଦେବା ନିମନ୍ତେ ଚେଷ୍ଟା ଚଳେଇଥାନ୍ତି। ମାତ୍ର ଏପରି କରିବା ଫଳରେ ଗ୍ୟାସ୍ ତ ବାହାରି ପାରେନି, ବରଂ ପ୍ରତିଥରର ଏଉଡ଼ି ସମୟରେ କିଛି କିଛି ବାୟୁ ସ୍ୱତଃ ଢୋକି ହୋଇ ଅସ୍ୱସ୍ତିକୁ ବଢ଼େଇଦିଏ।

**ପେଟର ଗ୍ୟାସ୍ ମଥା ଭିତରକୁ ପଶିପାରେନି**

ଅନେକେ ପ୍ରାୟତଃ ଅଭିଯୋଗ ବାଢ଼ିଥାନ୍ତି ଯେ ସେମାନଙ୍କ ପେଟରୁ ଗ୍ୟାସ୍ ଉଠି ମୁଣ୍ଡକୁ ଧରୁଛି। ଦେହର ଅନ୍ୟ ଅଂଶକୁ ମାରୁଛି ମଧ୍ୟ। ମନେରଖିବା ଉଚିତ ଯେ ପାକସ୍ଥଳୀରେ ଅମ୍ଳ ତିଆରି ହୁଏ ସିନା, ପାକସ୍ଥଳୀରେ କୌଣସି ଅବରୋଧ ନ ଥିଲେ ସେଠାରେ ଗ୍ୟାସ୍ ତିଆରି ହୋଇ ନ ଥାଏ। ଗ୍ୟାସ୍ ତିଆରି ହୁଏ କ୍ଷୁଦ୍ର ଅନ୍ତ୍ରନଳୀର ଶେଷାଂଶ ଏବଂ ବୃହଦନ୍ତ୍ରରେ। ଅନ୍ତ୍ରନଳୀରେ ଥିବା ଗ୍ୟାସ୍ ଊର୍ଦ୍ଧ୍ୱଗାମୀ ହୋଇ ଏଉଡ଼ି ଭାବରେ ପାଟି ବାଟେ ବାହାରିଯାଇ ପାରେନା। ଏହା ମଧ୍ୟ ଉପରକୁ ଉଠି ମଥାକୁ ଧକ୍କା ଦେଇପାରେନା। ବରଂ ଅତିବେଶି ହେଲେ ଓ ପେଟ ଓ ଛାତିରେ ଚାପ ପକେଇ ବ୍ୟଥାର ଉଦ୍ରେକ କରିପାରେ। ଏଉଡ଼ିରେ ପାଟିବାଟେ ଯେଉଁ ଗ୍ୟାସ୍ ବାହାରିଯାଏ, ସେଇଟା ଆଦୌ ଗ୍ୟାସ୍ ନୁହେଁ; ତାହା ଖାଦ୍ୟ ସହ ଢୋକି ହୋଇ ପାକସ୍ଥଳୀକୁ ଯାଇଥିବା ବାୟୁ। ସୁତରାଂ ପେଟ ଭିତରେ ଥିବା ଗ୍ୟାସ୍ ନିମ୍ନଗମନ ବ୍ୟତୀତ ଊର୍ଦ୍ଧ୍ୱଗମନ ଓ ପାର୍ଶ୍ୱଗମନ ଯଦି ସମ୍ଭବ ନୁହେଁ, ତେବେ ପେଟର ଗ୍ୟାସ୍ ମୁଣ୍ଡକୁ ଉଠିବା କି ତାହା ଦେହର ଅନ୍ୟାନ୍ୟ ଅଂଶକୁ ଆଘାତ ଦେବା ବା ମାରିବା ସମ୍ଭବ ହେବ ଅବା କିପରି? ଏପରି ଧାରଣାର କୌଣସି ବୈଜ୍ଞାନିକ ଭିତ୍ତି ନାହିଁ। ଏହା କେବଳ ମନର କଳ୍ପନା ମାତ୍ର। କାରଣ ପେଟ ଓ ମସ୍ତିଷ୍କକୁ କୌଣସି ଗ୍ୟାସବାହୀ ନଳୀ ସଂଯୁକ୍ତ କରି ନ ଥାଏ। ତେଣୁ ପେଟର ଗ୍ୟାସ୍ ମସ୍ତିଷ୍କକୁ ଯିବ କେଉଁବାଟେ? ହେଲେ ମନର ଭ୍ରାନ୍ତ ଭାବନା ହିଁ ଅନେକଙ୍କୁ କାବୁକରି ବଡ଼ କଲବଲ କରି ଚାଲିଛି।

ତେବେ ଗ୍ୟାସ୍ ଯୋଗୁ ଅସ୍ୱସ୍ତି ବଢ଼ିଗଲେ ଆଣ୍ଟାସିଡ୍ ଔଷଧ ଓ ବ୍ୟଥା ନିବାରକ ଔଷଧ ଖିଆଯାଇପାରେ। ଏଥିପାଇଁ ଅନେକେ ଏନ୍‌ଜାଇମ୍ ଥିବା ଔଷଧମାନ ଖାଇବା ଅତି ସାଧାରଣ। କିନ୍ତୁ ଗ୍ୟାସ୍‌କୁ ମୁକାବିଲା କରିବାରେ ଏନ୍‌ଜାଇମ୍ ଔଷଧଗୁଡ଼ିକ ବିଶେଷ ଫଳପ୍ରଦ ହୋଇ ନ ଥାଏ। ଯେଉଁମାନେ ଏଭଳି ଔଷଧ ଖାଇଥାନ୍ତି, ସେମାନେ କେବଳ ମାନସିକ ଶାନ୍ତିଲାଭ ନିମନ୍ତେ ହିଁ ଖାଇପାରନ୍ତି। ଉଦରରେ ବାୟୁବୃଦ୍ଧି ହେଲେ କିଛି ସମୟ ଚଲାବୁଲା କରିବା ଦ୍ୱାରା କିମ୍ବା ଶୋଇଯାଇ ବାମ-ଡାହାଣ ଓ ଡାହାଣ-ବାମ ହୋଇ କଡ଼ ଲେଉଟାଇବା ଦ୍ୱାରା ମଳଦ୍ୱାରବାଟେ ପେଟରୁ ଗ୍ୟାସ୍ ବାହାରିଯିବା ସୁଗମ ହୋଇଥାଏ। ପେଟରେ ଗରମ ସେକ ଦେଲେ କି ଏନିମା ନେଲେ ବି ଉପକାର ମିଳେ। ଚିତ୍ ହୋଇ ଶୋଇ, ଗୋଡ଼ ଦୁଇଟିକୁ ଆଣ୍ଠୁ ପାଖରେ ଭାଙ୍ଗି ପେଟ ଉପରେ ବାରମ୍ବାର ଚାପି ଧରିଲେ ଆରାମ ମିଳିପାରେ।

**ଗ୍ୟାସ୍ ସୃଷ୍ଟିକାରୀ ଖାଦ୍ୟ**

କେତେକ ଧରଣର ଖାଦ୍ୟ ଖାଇଲେ ବେଶି ଗ୍ୟାସ୍ ଜାତ ହୋଇଥାଏ। ଯେଉଁସବୁ ଖାଦ୍ୟ ବେଶି ଗ୍ୟାସ୍ ଜାତକରେ, ସେଗୁଡ଼ିକ ମଧ୍ୟରେ ଚୋକଡ଼ ମିଶା ଅଟାର ରୁଟି, ବୋଳ ଚାଉଳ ଭାତ, ବିନ୍‌ସ, ବୁଟ, ମଟର, ହରଡ଼, ମୁଗ, ବିରି, କୋଳଥ ଓ ମସୁର ଡାଲି, ବନ୍ଧାକୋବି, ଫୁଲକୋବି, ବ୍ରୋକୋଲି, ପିଆଜ, କଦଳୀ, ଆପଲ, ଶାଗ ଓ ସବୁଜ ପନିପରିବା ଆଦି ପ୍ରଧାନ। ଏଗୁଡ଼ିକରୁ ମିଳିଥାଏ ଅଧିକ ଖାଦ୍ୟତନ୍ତୁ। ବିଶେଷକରି 'ଭର୍ବାସ୍କୋଜ୍', 'ଷ୍ଟାକିଓଜ' ଓ 'ରାଫିନୋଜ୍' ଭଳି ହଜମ ହୋଇପାରୁ ନଥିବା ଶ୍ୱେତସାର ଜାତୀୟ ଖାଦ୍ୟକୁ ବୃହଦନ୍ତ୍ରର ଜୀବାଣୁମାନେ ବିନିଯୋଗ କରି ଜାତ କରିଥାନ୍ତି ବାଷ୍ପଶୀଳ ଚର୍ବିଳ ଅମ୍ଳ। ପୁଣି ଜୀବାଣୁମାନଙ୍କ ଦ୍ୱାରା ପୁଷ୍ଟିସାରର ପଚନ ହୋଇ ବାହାରିଥାଏ ଆମୋନିଆ ଓ ହାଇଡ୍ରୋଜେନ୍ ସଲ୍‌ଫାଇଡ୍। କେତେକଙ୍କଠାରେ କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ହଜମ ହୋଇପାରେନି। ଏପରି ଖାଦ୍ୟ ଖାଇଲେ ସେମାନଙ୍କ ପେଟରେ ବେଶି ଗ୍ୟାସ୍ ଜମେ। ପେଟରେ କୃମି ହୋଇଥିଲେ ବି ଅଧିକ ଗ୍ୟାସ୍ ସୃଷ୍ଟି ହୁଏ।

ଖାଦ୍ୟକୁ ଭଲ ଭାବରେ ଚୋବେଇ ଖାଇଲେ ଗ୍ୟାସ୍ ଜାତ ହେବାର ସମ୍ଭାବନା ହ୍ରାସ ପାଏ। ଦିନମାନ ଭିତରେ ଆଠ ଦଶ ଗିଲାସ ପାଣି ପିଇଲେ କୋଷ୍ଠକାଠିନ୍ୟ ଦୂର ହୋଇ ଗ୍ୟାସ୍ ସୃଷ୍ଟି କମିଯାଏ। ଯେଉଁମାନଙ୍କଠାରେ ଅଧିକ ଗ୍ୟାସ୍ ଜାତ ହୋଇଥାଏ, ସେମାନେ ସାଲାଡ଼, ବେଶି ତେଲମସଲା, ଶୁଖିଲା ଫଳ, ବହଳିଆ ଡାଲି ଇତ୍ୟାଦି ଖାଇବା ମନା। ଗ୍ୟାସ୍ ସୃଷ୍ଟିକାରୀ ଖାଦ୍ୟଦ୍ରବ୍ୟ ଖାଇବା ମଧ୍ୟ ବାରଣ। ନିଷ୍କାସିତ ବାୟୁ ଗନ୍ଧ ହେଉଥିଲେ ମାଛ, ମାଂସ, ଅଣ୍ଡା, କ୍ଷୀର, ଛେନା ଆଦି ପୁଷ୍ଟିସାର ପ୍ରଧାନ ଖାଦ୍ୟ ଖାଇବା କମେଇ ଦେଲେ ଉପକାର ମିଳେ। ରସୁଣ ଖାଇଲେ ଗ୍ୟାସ୍ ଜମିବାରୁ ଉପଶମ ମିଳିପାରେ।

ମନେ ରଖିବାର କଥା ଯେ ପେଟରେ ଗ୍ୟାସ୍ ଜାତ ହେବା ଏବଂ ମଳଦ୍ୱାରବାଟେ ତାହା ବାହାରିଯିବା ସମସ୍ତଙ୍କଠାରେ ଘଟିଥାଏ। ଶିଶୁ, ପିଲା, ପୁରୁଷ, ମହିଳା ସମସ୍ତଙ୍କଠାରେ ଗ୍ୟାସ ସୃଷ୍ଟି ହେବା ଏବଂ ନିଷ୍କାସିତ ହେବା ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା।

*-'ଅଭୀପ୍‌ସା', ସେକ୍ଟର-୬,
ଅଭିନବ ବିଡ଼ାନାସୀ, କଟକ-୧୪
ମୋ : ୯୪୩୭୭୬୬୧୧୭*

## ସ୍ୱାସ୍ଥ୍ୟ ସୂଚନା

-ଏକ ସନ୍ତୁଳିତ ଜୀବନଶୈଳୀ ଆମକୁ ଅନେକାଂଶରେ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଖାଦ୍ୟପେୟ, ବ୍ୟାୟାମ, ଯୋଗ ଏବଂ ଯୋଜନାବଦ୍ଧ କାମ ଉପରେ ଗୁରୁତ୍ୱ ଦିଅନ୍ତୁ।

-ଯଦି ଗୋଟିଏ ସ୍ଥାନରେ ବସି ଅଧିକ ସମୟ କାମ କରିବାର ଅଛି ତେବେ କିଛି ସମୟ ଅନ୍ତରାଳରେ ଚଲାବୁଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

-ଦୃଷ୍ଟିଶକ୍ତିଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜର ଚକ୍ଷୁ ପରୀକ୍ଷା କରାଇ ନେବା ଭଲ। ଚକ୍ଷୁରେ ଯଦି କିଛି ସମସ୍ୟା ଦେଖାଦିଏ କିମ୍ବା ତାହାର ଲକ୍ଷଣ ବିଷୟରେ ପ୍ରାକ୍ ସୂଚନା ମିଳେ ତେବେ ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

-ରାତିରେ ଶୋଇବାକୁ ଯିବା ପୂର୍ବରୁ ପାଦଦ୍ୱୟକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

-ରାତିରେ ଶୋଇବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଆବଶ୍ୟକ।

-ବୟସ ବଢ଼ିବା ସହ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ ଡାଇବେଟିସ୍, ବ୍ଲଡପ୍ରେସର ପରି ସମସ୍ୟା ସହ ଜଡିତ ତେବେ ଏଥିପ୍ରତି ବିଶେଷ ନଜର ଦିଅନ୍ତୁ।



## ନ୍ୟୁରୋଷ୍ଟିମ୍ୟୁଲେଟର ଡିଭାଇସ୍




ପାର୍କିନସନ ପରି ସ୍ନାୟୁଗତ ରୋଗର ଏକ ସହଜ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏ ବିଷୟରେ ଗବେଷଣା କରି ଶେଷରେ ସଫଳ ହୋଇଛନ୍ତି। ସେମାନେ ପ୍ରସ୍ତୁତ କରିଥିବା ନ୍ୟୁରୋଷ୍ଟିମ୍ୟୁଲେଟର ଡିଭାଇସ୍ ଦ୍ୱାରା ପାର୍କିନସନ ପରି ସମସ୍ୟାର ଚିକିତ୍ସା ପ୍ରଣାଳୀ ଆହୁରି ସହଜ ହୋଇପାରିବ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। 'ଏହି ଡିଭାଇସ୍ ମସ୍ତିଷ୍କର କାର୍ଯ୍ୟଧାରାକୁ ସଠିକ ଭାବରେ କରାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ବିଶେଷଭାବରେ ପାର୍କିନସନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲେ ତାହାର ଚିକିତ୍ସା ପାଇଁ ଏହାକୁ ବ୍ୟବହାର କରାଯାଇପାରିବ। ଉକ୍ତ ଡିଭାଇସ୍‌ରେ ଏପରି ଶକ୍ତି ରହିଛି ଯାହା ସ୍ନାୟୁଗୁଡ଼ିକୁ ପୂର୍ବାପେକ୍ଷା ଚଳଚଞ୍ଚଳ କରାଇଥାଏ, ଯାହାଫଳରେ ମସ୍ତିଷ୍କର କାର୍ଯ୍ୟଧାରାରେ ବାଧା ସୃଷ୍ଟି ହୋଇ ନ ଥାଏ ବୋଲି ପ୍ରକାଶ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସ୍ନାୟୁଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର ଡା. ରିକି ମୁଲେର।'

## ଧୂମପାନ ପରିତ୍ୟାଗ ପାଇଁ ଆପ୍‌ସ

ଧୂମପାନ ଏପରି ଏକ ଅଭ୍ୟାସ ଯାହା ପରୋକ୍ଷରେ ଅନେକ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। କେତେକ ଏହାର ବଶବର୍ତ୍ତୀ ହୋଇ ଅକାଳରେ ମୃତ୍ୟୁର ସାମନା କରିବାର ଅନେକ ନଜୀର ରହିଛି। ତେବେ ଏହାଠାରୁ କିପରି ନିଜକୁ ଦୂରେଇ ରଖିବେ ସେଥିପାଇଁ କେତେକ ଉପାୟ ରହିଛି। ତେବେ ଧୂମପାନ ପରି ଅଭ୍ୟାସଠାରୁ ନିଜକୁ କିପରି ଦୂରେଇ ରଖିବେ ସେଥିପାଇଁ ଆଉ ଏକ ଉଦ୍ୟମ ଆରମ୍ଭ କରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ପାଖାପାଖି ଦୁଇବର୍ଷ ଧରି ସେମାନେ ଏକ ଗବେଷଣା ଆରମ୍ଭ କରିଛନ୍ତି। ଧୂମପାନ ପରିତ୍ୟାଗ ପାଇଁ ସେମାନେ ଏକ ପ୍ରକାର ଆପ୍ସ ପ୍ରସ୍ତୁତରେ ଲାଗିପଡିଛନ୍ତି। ଏହି ଆପ୍ସ ପ୍ରସ୍ତୁତ ହୋଇଗଲେ ତାହାକୁ ଅନୁସରଣ କରି ଧୂମପାନ ସହ ଜଡିତ ଜଣେ ବ୍ୟକ୍ତି ଏଭଳି ଅଭ୍ୟାସକୁ ଧୀରେ ଧୀରେ ପରିତ୍ୟାଗ କରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



# ଗଛ ବତିଖୁଣ୍ଟ

''କେତେ ସାମୁଦ୍ରିକ ମାଛ, ଜଳଜୀବ ଓ ବୀଜାଣୁ ରାତିରେ ଚକ୍‌ମକ୍ କରିଥାନ୍ତି। ସେମାନଙ୍କଠାରେ ଏଭଳି ପଦାର୍ଥ ଥାଏ। ସିଙ୍ଗାପୁରର ଜାତୀୟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆହୁରି ଅନେକ ମାଛଙ୍କଠାରେ ଜିନୀୟ ପରିବର୍ତ୍ତନ ଆଣି ସେମାନଙ୍କ ଦେହରେ ଏ ପ୍ରକାର ଜେଲିଫିସ୍, ସାମୁଦ୍ରିକ ପୋହଳା ଆଦିଙ୍କ ଠାରୁ ଏ ପ୍ରକ୍ରିୟା ଜାତକାରୀ ଜିମ୍ ନେଇ ଅନ୍ୟ ମାଛଙ୍କଠାରେ ଭରିଦେବା ଫଳରେ ତାଙ୍କ ଦେହରୁ ଆଲୋକ ବାହାରୁଛି।''



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଜୁଳୁଜୁଳିଆ ପୋକ ଲାଞ୍ଜରେ ଆଲୁଅ ଆମେ ସମସ୍ତେ ଦେଖିଛୁ। ସେହିପରି ବିଲୁଆ ପାଟିରୁ ମଧ୍ୟ ତାହା ବାହାରିବାର ଆମେ ଜାଣୁ। ଆଗେ ଲୋକେ ତାହାକୁ ଡାହାଣୀ ଆଲୁଅ ବୋଲି ଭାବୁଥିଲେ। ପ୍ରକୃତରେ ଏହି 'ଶୀତଳ ଆଲୋକ' ବାହାରିଥାଏ। ଲ୍ୟୁସିଫେରିନ୍ ନାମକ ରସାୟନ ଯେତେବେଳେ ଲ୍ୟୁସିଫେରିଜ୍ ନାମକ ଏଞ୍ଜାଇମ୍‌ର ଉପସ୍ଥିତିରେ ବାୟୁରେ ଥିବା ଅମ୍ଳଜାନ ସଂସ୍ପର୍ଶରେ ଆସେ ସେତେବେଳେ ରସାୟନଟିର ଜାରଣ ଘଟେ ଏବଂ ତହିଁରୁ ଆଲୁଅ ବାହାରେ। କୋଏଞ୍ଜାଇମ୍- ଏ ବୋଲି ଆଉ ଏକ ପଦାର୍ଥ ମଧ୍ୟ ଏ ପ୍ରକ୍ରିୟାରେ ସହାୟତା କରିପାରେ।

କେତେକ ସାମୁଦ୍ରିକ ମାଛ, ଜଳଜ ଜୀବ ଓ ବୀଜାଣୁ ରାତିରେ ଚକ୍‌ମକ୍ କରିଥାନ୍ତି। ସେମାନଙ୍କଠାରେ ଏଭଳି ପଦାର୍ଥଥାଏ। ସିଙ୍ଗାପୁରର ଜାତୀୟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆହୁରି ଅନେକ ମାଛଙ୍କଠାରେ ଜିନୀୟ ପରିବର୍ତ୍ତନ ଆଣି ସେମାନଙ୍କ ଦେହରେ ଏପ୍ରକାର ଜେଲିଫିସ୍, ସାମୁଦ୍ରିକ ପୋହଳା ଆଦିଙ୍କଠାରୁ ଏ ପ୍ରକ୍ରିୟାଜାତକାରୀ ଜିମ୍ ନେଇ ଅନ୍ୟ ମାଛମାନଙ୍କଠାରେ ଭରିଦେବା ଫଳରେ ତାଙ୍କ ଦେହରୁ ଆଲୋକ ବାହାରୁଛି। ଏବେ ଏ ଦିଗରେ ଆଉ ଗୋଟିଏ ପାଦ ଆଗକୁ ଯାଇଛନ୍ତି ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ। ସେମାନେ ବିଶେଷ ଧରଣର ନାନୋକଣିକାମାନ ଗଛର ପତ୍ରରେ ଭରି ଏ କାର୍ଯ୍ୟ ସାଧନ କରୁଛନ୍ତି। ଫଳରେ ତହିଁରୁ ବାହାରୁଛି ଶୀତଳ ଆଲୁଅ, ଯାହାକି ସେମାନେ କାମ କରୁଥିବା ସ୍ଥାନକୁ ଆଲୋକିତ କରୁଛି। ତେବେ ଏ ପ୍ରକ୍ରିୟାର ଉନ୍ନତି ଘଟିଲେ ତାହାର ବ୍ୟବସାୟୀକରଣ ସମ୍ଭବ ହୋଇପାରିବ। ଏ ଶକ୍ତି ଉପନ୍ନ ହେବ ଗଛର ଚୟାପଚୟ ପ୍ରକ୍ରିୟାରୁ। ଅତଏବ ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ହେବ ସକାରାତ୍ମକ।

ଏ ପ୍ରକାର ଆଲୋକ ପ୍ରଦାନକାରୀ ଗଛ ସୃଷ୍ଟି ପାଇଁ ବୈଜ୍ଞାନିକମାନେ ଅଲଗା ଅଲଗା ପ୍ରକାର ନାନୋ କଣିକାକୁ ଲ୍ୟୁସିଫେରିନ୍, ଲ୍ୟୁସିଫେରିଜ୍ ଓ କୋଏଞ୍ଜାଇମ୍-ଏର ବାହକ ରୂପେ ବ୍ୟବହାର କରିଥିଲେ। ''ନାନୋ ଲେଟରସ୍'' ଗବେଷଣା ପତ୍ରିକାରେ (ଜୁଲାଇ, ୨୦୧୮) ପ୍ରକାଶିତ ଏକ ନିବନ୍ଧରେ ସେମାନେ ସୂଚାଇଛନ୍ତି ଯେ, ଲ୍ୟୁସିଫେରେଜ୍ ବହନ କରୁଥିବା ନାନୋ କଣିକାଗୁଡ଼ିକ ତିଆରି ହୋଇଥିଲା ସିଲିକାରେ। ଏହାର ବ୍ୟାସ ଥିଲା ପ୍ରାୟ ୧୦ ନାନୋମିଟର। ଅନ୍ୟପକ୍ଷରେ, ଲଗୁରିଫେରିନ୍ ଓ କୋଏଞ୍ଜାଇମ୍-ଏଇ ବାହକ ରୂପେ କାର୍ଯ୍ୟ କରୁଥିବା ନାନୋ କଣିକାଗୁଡ଼ିକ ଥିଲା ଅପେକ୍ଷାକୃତ ବଡ଼। ସେଗୁଡ଼ିକ ଯଥାକ୍ରମେ ତିଆରି କରାଯାଇଥିଲା 'ପିଏଲ୍‌ଜିଏ' ନାମକ ପଲିମର୍ ଏବଂ 'ଚିଟୋସାନ୍'ରୁ।

ଏହି ବାହକ କଣିକାଗୁଡ଼ିକୁ ବୈଜ୍ଞାନିକମାନେ ତାଙ୍କ ପରୀକ୍ଷାରେ ଏକ ଦ୍ରବଣ ମଧ୍ୟରେ ପ୍ରଲମ୍ବିତ କରି ରଖିଥିଲେ। ତପ୍ରରେ ଛୋଟ ଛୋଟ ଗଛଗୁଡ଼ିକୁ ତହିଁରେ ଗୁଡ଼ାଇ ଅତ୍ୟଧିକ ଚାପର ସମ୍ମୁଖୀନ କରାଇଲେ। ଫଳରେ କଣିକାଗୁଡ଼ିକ ପତ୍ରରେ ଥିବା 'ଷ୍ଟୋମାଟା' ନାମକ ସୂକ୍ଷ୍ମ ଛିଦ୍ର ଦେଇ ତନ୍ମଧ୍ୟକୁ ପ୍ରବେଶ କଲେ। ଲାଗୁରିଫେରିନ୍ ଓ କୋଏଞ୍ଜାଇମ୍-ଏ ବହନକାରୀ କଣିକାଗୁଡ଼ିକ ପତ୍ରର ଏକ ଆଭ୍ୟନ୍ତରୀଣ ସ୍ତର 'ମେସୋଫିଲ୍'ର ବାହ୍ୟ ଜୀବକୋଷୀୟ ସ୍ଥାନରେ ଜମା ହୋଇ ରହିବା ପାଇଁ ଗଦା ହୋଇଥିଲା। ତେଣୁ ସେଗୁଡ଼ିକ ତାହା କଲେ। ଅନ୍ୟପକ୍ଷରେ, ଲଗୁସିଫେରେଜ୍‌ବାହୀ ସାନ ସାନ କଣିକାଗୁଡ଼ିକ 'ମେସୋଫିଲ୍' ଗଠନ କରୁଥିବା ଜୀବକୋଷ ମଧ୍ୟକୁ ପ୍ରବେଶ କଲେ।






ଏହାପରେ 'ପିଏଲ୍‌ଜିଏ' କଣିକାରୁ ଲଗୁରିଫେରିନ୍ ନିର୍ଗତ ହୋଇ ତାହା ଜୀବକୋଷ ମଧ୍ୟକୁ ପ୍ରବେଶ କଲା। ସେଠାରେ ଥିବା ଲଗୁରିଫେରେଜ୍ ଏହାକୁ କୋଏଁଜାଇମ୍- ଏଇ ଉପସ୍ଥିତିରେ ଆଲୋକ ସୃଷ୍ଟି କରିବାରେ ସାହାଯ୍ୟ କଲା। ଏବେ ପ୍ରାଥମିକ ଅବସ୍ଥାରେ ତିଆରି ହୋଇଥିବା ଏ ପ୍ରକାର ଗଛ ପ୍ରାୟ ୪୫ ମିନିଟ୍ ଧରି 'ଶୀତଳ ଆଲୋକ' ପ୍ରଦାନ କରିପାରୁଛି।

ବୈଜ୍ଞାନିକମାନେ ଆଶା କରନ୍ତି ଯେ, ଏସବୁ ପ୍ରକ୍ରିୟାର ବିକାଶ ଘଟିଲେ ଏଭଳି ଗଛମାନ ସୃଷ୍ଟି କରାଯାଇପାରିବ, ଯାହାକୁ ରାସ୍ତାକଡ଼ରେ ଲଗାଇଲେ ବତିଖୁଣ୍ଟର ଆଉ ଆବଶ୍ୟକ ପଡ଼ିବ ନାହିଁ ଏବଂ ଏଭଳି ଗୃହପାଳିତ ପଶୁ ସୃଷ୍ଟି କରାଯାଇପାରିବ, ଯେଉଁମାନଙ୍କୁ ଘରେ ରଖିଲେ ବିଜୁଳି ଆଲୁଅର ଆବଶ୍ୟକତା କମିଯିବ। ଅତଏବ ଶକ୍ତିତ୍ରୟ ସଂଗେ ସଂଗେ ପ୍ରଦୂଷଣ ହ୍ରାସ ପାଇବ। ଏବଂ ବାରମ୍ବାର ବିଦ୍ୟୁତ୍ କାଟିବାର ଅସୁବିଧା କିଛି ମାତ୍ରାରେ ଲାଘବ ହୋଇପାରିବ।

*-ଉଷାନିବାସ, ଖଣ୍ଡଗିରି ବିହାର
ଭୁବନେଶ୍ୱର-୭୫୧୦୩୦,
ମୋ: ୯୯୩୭୯୮୫୭୬୭*

## ଭିଟାମିନ୍ 'ଡି'

ଆମ ଶରୀର ପାଇଁ ଭିଟାମିନ୍ 'ଡି'ର ଆବଶ୍ୟକତା କେତେ ତାହା କହିବା ବାହୁଲ୍ୟ। ଏହାର ଅଭାବରେ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଇଥାଏ। ବିଶେଷଭାବରେ ଏହାର ପରିମାଣ କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ ଏବଂ ଶରୀରରେ କ୍ୟାଲସିୟମ ପରିମାଣ କମିଯାଏ। ଅପରପକ୍ଷରେ ହାର୍ଟ ଆଟାକ, କିଡ୍‌ନୀରେ ଷ୍ଟୋନ୍ ଆଶଙ୍କା ମଧ୍ୟ ରହିଛି। ତେଣୁ ଏହି ଭିଟାମିନ କିପରି ଶରୀରରେ ସନ୍ତୁଳିତ ଅବସ୍ଥାରେ ରହିବ ସେ ନେଇ ଆମେ ସଚେତନ ରହିବା ଦରକାର। ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳ ସମୟରେ ଯଦି ଆମେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ କଡ୍ ଲିଭର ଅଏଲ, ସୋୟାଜାତୀୟ ଖାଦ୍ୟ, ମାଛ, ଓଷ୍ଟେୟର, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ, ଛତୁରେ ଏହି ଭିଟାମିନ୍ ଭରିରହିଛି।



## ସଂକ୍ଷେପରେ

### ସିବିଡିଟିକୁ ଟିକସ ହ୍ରାସ ଚିନ୍ତା

ଆଦାୟ ବଢ଼ାଇବାକୁ ଦେଲା ନିର୍ଦ୍ଦେଶ




**ନୂଆଦିଲ୍ଲୀ,୬-୧:** ଟିକସ ଆଦାୟ କ୍ରମାଗତ ହ୍ରାସ ପାଇବାକୁ ନେଇ ଏବେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି । ୨୦୧୮-୧୯ ଆର୍ଥିକ ବର୍ଷ ଶେଷ ହେବାକୁ ଆହୁରି ୩ ମାସ ଥିବା ବେଳେ ଟିକସ ଆଦାୟର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନାହିଁ। ଏନେଇ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଆୟକର ବିଭାଗକୁ ନିର୍ଦ୍ଦେଶ ଜାରି କରିଛି। ସିବିଡିଟି ଅଧକ୍ଷ ସୁଶୀଲ ଚନ୍ଦ୍ରା ପତ୍ର ଲେଖି ସମସ୍ତ ମୁଖ୍ୟ ଆୟକର ଆୟୁକ୍ତଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଗତ ଆର୍ଥିକ ବର୍ଷରେ ଡିସେମ୍ବର ସୁଦ୍ଧା ୧୪.୯ ପ୍ରତିଶତ ଟିକସ ଆଦାୟ ହୋଇଥିବା ବେଳେ ଅଦ୍ୟାବଧି ଆଦାୟ ପରିମାଣ ୧୩.୬ ପ୍ରତିଶତ ରହିଛି। ଟିକସ ଖିଲାପକାରୀଙ୍କ ବିରୋଧରେ ଆବଶ୍ୟକ ପଡିଲେ କାର୍ଯ୍ୟାନୁଷ୍ଠାନ ପାଇଁ ସିବିଡିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଟିକସ ଖିଲାପକାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରି ଏହାକୁ ନିଲାମ ମାଧମରେ ଟିକସ ଆଦାୟ କରିବାକୁ ନିର୍ଦ୍ଦେଶରେ କୁହାଯାଇଛି।

### ମନପସନ୍ଦର ଚ୍ୟାନେଲ ଚୟନ ଲାଗି ମିଳିଲା ମାସେ ସମୟ

**ନୂଆଦିଲ୍ଲୀ,୬-୧:** ଟିଭିରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ ପାଇଁ ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ ଇଣ୍ଡିଆ(ଟ୍ରାଇ) ମାସେ ସମୟ ବଢାଇଛି। ପୂର୍ବରୁ ଉପଭୋକ୍ତାଙ୍କୁ ନିଜ ମନପସନ୍ଦର ଚ୍ୟାନେଲ ଚୟନ ପାଇଁ ଡିସ୍ ଓ କେବୁଲ ଅପରେଟରମାନଙ୍କୁ ଡିସେମ୍ବର ୨୯ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା ଯାହାକୁ ଏବେ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବଢାଇ ଦିଆଯାଇଛି । ଅର୍ଥାତ୍ ଟ୍ରାଇର ନୂଆ ନିୟମ ଫେବୃୟାରୀ ପହିଲାରୁ ଲାଗୁହେବ। ନୂଆ ନିୟମ ଅନୁସାରେ, କେତେକ ପ୍ୟାକ୍ ବଦଳରେ ଦର୍ଶକ ମନପସନ୍ଦର ଚ୍ୟାନେଲ ଚୟନ କରିବାର ସୁବିଧା ପାଇବେ। ପ୍ରତ୍ୟେକ ଚ୍ୟାନେଲର ସର୍ବାଧିକ ମୂଲ୍ୟ ସୀମା ୧୯ ଟଙ୍କା ରହିବ ଯାହା ବର୍ତ୍ତମାନ ୬୦ ଟଙ୍କା ରହିଛି।

### ଏପ୍ରିଲ ପହିଲାରୁ ଅର୍ଥନୈତିକ ଜନଗଣନା

୧୫ ଲକ୍ଷଙ୍କୁ ଦିଆଯାଉଛି ତାଲିମ

**ନୂଆଦିଲ୍ଲୀ,୬-୧:** ଆସନ୍ତା ଏପ୍ରିଲ ପହିଲାରୁ ଦେଶରେ ସପ୍ତମ ଅର୍ଥନୈତିକ ଜନଗଣନା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୧୫ ଲକ୍ଷ ଅଧିକାରୀଙ୍କୁ ତାଲିମ ଦିଆଯାଉଛି । ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଏମାନେ ତାଲିମ ନେଉଛନ୍ତି। ସେମାନେ ଆଗାମୀ ଜନସଂଖ୍ୟା ଜନଗଣନାରେ ମଧ କାର୍ଯ୍ୟ କରିବେ। ୧୯୭୭ରୁ ଆରମ୍ଭ ହୋଇଥିବା ଅର୍ଥନୈତିକ ଜନଗଣନା ଏପର୍ଯ୍ୟନ୍ତ ୬ ଥର ହୋଇଛି । ୩ ଲକ୍ଷ ସାଧାରଣ ସେବା କେନ୍ଦ୍ରରେ ସେମାନଙ୍କୁ ତାଲିମ ଦିଆଯାଉଛି।

---

"ଇତିହାସ କହୁଛି,ସାଧାରଣ ନିର୍ବାଚନ ହେଲେ ଗ୍ରାମୀଣ ଅର୍ଥନୀତିରେ ଅଭିବୃଦ୍ଧି ଘଟେ। ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀ ଲାଭାନ୍ୱିତ ହୁଅନ୍ତି।

– କେକି ମିସ୍ତ୍ରୀ, ସିଇଓ, ଏଚ୍‌ଡିଏଫ୍‌ସି



"ଚଳିତ ବର୍ଷ ଓୟୋ ସାରା ଦେଶରେ ୫୦୦ ଟାଉନହାଉସ ହୋଟେଲ ପ୍ରତିଷ୍ଠା କରିବାକୁ ଯାଉଛି। ଇତିମଧ୍ୟରେ ୬୮ ଟାଉନହାଉସ ହୋଟେଲ ପ୍ରତିଷ୍ଠା କରାଯାଇଛି।

– ଅଙ୍କିତ ଟଣ୍ଡନ, ସିଓଓ, ଓୟୋ ଟାଉନହାଉସ



---

ଏୟାରପୋର୍ଟ ଭଳି ଷ୍ଟେଶନରେ ହେବ ସୁରକ୍ଷା ଯାଞ୍ଚ

# ଟ୍ରେନ ଛାଡ଼ିବାର ୨୦ ମିନିଟ ପୂର୍ବରୁ ପହଞ୍ଚିବାକୁ ହେବ

**ନୂଆଦିଲ୍ଲୀ,୬-୧**

- ଆଲ୍ଲାହାବାଦ, ହୁବଲି ଷ୍ଟେଶନରେ ପାଇଲଟ ଭିତ୍ତିରେ ଆରମ୍ଭ ହେବ
- ବ୍ୟବହୃତ ହେବ ଅତ୍ୟାଧୁନିକ ଜ୍ଞାନକୌଶଳ
- ପ୍ରକଳ୍ପ ସଫଳ ହେଲେ ୨୦୨ ଷ୍ଟେଶନରେ ଲାଗୁ ହେବ ବ୍ୟବସ୍ଥା



ଆଗାମୀ ଦିନରେ ରେଳ ଷ୍ଟେଶନରେ ସୁରକ୍ଷା ଯାଞ୍ଚ କଡ଼ାକଡ଼ି ହେବାକୁ ଯାଉଛି। ବିମାନବନ୍ଦର ଭଳି ଏଠାରେ ସୁରକ୍ଷା ଯାଞ୍ଚ କରାଯିବ। ଏଥିପାଇଁ ଭାରତୀୟ ରେଲୱେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଏଥିପାଇଁ ଯାତ୍ରୀମାନଙ୍କୁ ଟ୍ରେନ ଛାଡ଼ିବାର ୨୦ ମିନିଟ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ ହେବ। ନଚେତ୍ ଦ୍ୱାର ବନ୍ଦ କରିଦିଆଯିବ। କାରଣ ଏହା ପରେ ଷ୍ଟେଶନ ଦ୍ୱାର ବନ୍ଦ ହୋଇଯିବ ଏବଂ ସୁରକ୍ଷା ଯାଞ୍ଚ ଆରମ୍ଭ ହେବ। ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର କରି ଏଭଳି ବ୍ୟବସ୍ଥା ଏବେ ଆଲ୍ଲାହାବାଦ ରେଳ ଷ୍ଟେଶନରେ ଲାଗୁ କରାଯାଇଛି। ସେଠାରେ କୁମ୍ଭମେଳା କାରଣରୁ ବହୁ ସଂଖ୍ୟାରେ ଯାତ୍ରୀ ପହଞ୍ଚିବାର ସମ୍ଭାବନା ରହିଛି।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କର୍ଣ୍ଣାଟକର ହୁବଲି ରେଳ ଷ୍ଟେଶନରେ ମଧ ଏଭଳି ବ୍ୟବସ୍ଥା ଲାଗୁ କରାଯିବ। ଉକ୍ତ ଦୁଇଟି ଷ୍ଟେଶନରେ ଏହା ପାଇଲଟ ପ୍ରକଳ୍ପ ଭାବରେ ଆରମ୍ଭ କରାଯିବ। ଏହାପରେ ଦେଶର ୨୦୨ଷ୍ଟେଶନରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ରେଲୱେ ସୁରକ୍ଷା ଫୋର୍ସ ଡିଜିପି ଜେନେରାଲ ଅରୁଣ କୁମାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ବ୍ୟବସ୍ଥାରେ ରେଳ ଷ୍ଟେଶନକୁ ଚାରିପଟୁ ସିଲ୍ କରିଦିଆଯିବ। ସର୍ବପ୍ରଥମେ ରେଳ ଷ୍ଟେଶନର ସମସ୍ତ ଖୋଲା ସ୍ଥାନଗୁଡିକୁ ଚିହ୍ନଟ କରାଯିବା ପରେ ପଏଣ୍ଟଗୁଡିକ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯିବ। ଅତି ଖୋଲାସ୍ଥାନଗୁଡିକୁ ପାଚେରି ସାହାଯ୍ୟରେ ବନ୍ଦ କରିଦିଆଯିବ ଓ କେତେକ ପଏଣ୍ଟକୁ ରେଲୱେ ପ୍ରୋଟେକ୍ସନ ଫୋର୍ସ(ଆର୍‌ପିଏଫ୍) ଜଗିବେ। ଖାଲି ଏତିକି ନୁହେଁ ଷ୍ଟେଶନର କେତେକ ସ୍ଥାନରେ ଅସ୍ଥାୟୀ ଦ୍ୱାର ତିଆରି କରାଯିବ। ଅରୁଣ କୁମାର କହିଛନ୍ତି ଯେ, ପ୍ରତ୍ୟେକ ପ୍ରବେଶ ଦ୍ୱାରରେ ରାଣ୍ଡମ(ଯାହାକୁ, ଯେତେବେଳେ ଇଚ୍ଛା) ସୁରକ୍ଷା ଯାଞ୍ଚ କରାଯିବ। ତେବେ ବିମାନବନ୍ଦର ଭଳି ଟ୍ରେନ ଯାତ୍ରୀଙ୍କୁ ଘଣ୍ଟାଏ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ ପଡିବନି। ସେମାନଙ୍କୁ ସୁରକ୍ଷା ଯାଞ୍ଚ ଲାଗି ୧୫ରୁ ୨୦ ମିନିଟ୍ ପୂର୍ବରୁ ଷ୍ଟେଶନରେ ପହଞ୍ଚିବାକୁ ହେବ। ସେ କହିଛନ୍ତି ଯେ, ସୁରକ୍ଷା ସ୍ତର ଆହୁରି କଡ଼ାକଡ଼ି ହେବ, କିନ୍ତୁ ସୁରକ୍ଷାକର୍ମୀଙ୍କ ସଂଖ୍ୟା ବୃଦ୍ଧି ହେବ ନାହିଁ। ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଉଥିବାରୁ କର୍ମଚାରୀ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ୨୦୧୬ରେ ରେଲୱେ ପକ୍ଷରୁ ମଞ୍ଜୁର କରାଯାଇଥିବା ଏକୀକୃତ ସୁରକ୍ଷା ବ୍ୟବସ୍ଥା ଅନ୍ତର୍ଗତରେ ଉକ୍ତ ପଦକ୍ଷେପ ନିଆଯାଉଛି।

## ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଖାଲି ହେବ ବହୁ ପଦ

**ନୂଆଦିଲ୍ଲୀ,୬-୧**

**ଜିଏମ୍‌ରେ ୯୫%,ଡିଜିଏମ୍‌ରେ ୭୫, ଏଜିଏମ୍‌ରେ ୫୮%ଅବସର ନେବେ**

ଚଳିତବର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଜୁନିୟର ଓ ମଧମ ସ୍ତରରେ ଅବସର ଯୋଗୁ ବହୁ ପଦ ଖାଲିପଡିବାକୁ ଯାଉଛି। ଏହାକୁ ଯଥାଶୀଘ୍ର ପୂରଣ କରିବାକୁ ଆର୍ଥିକ ବ୍ୟାପାର ସଂସଦୀୟ କମିଟି ନିର୍ଦ୍ଦେଶ ଦେଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୨୦୧୯-୨୦ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଜିଏମ୍‌ରେ ୯୫%, ଡେପୁଟି ଜିଏମ୍‌ରେ ୭୫% ଓ ଅତିରିକ୍ତ ଜିଏମ୍ ସ୍ତରରେ ୫୮% ଅଧିକାରୀ ଅବସର ନେବେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ପର୍ସୋନେଲ୍ ସିଲେକ୍ସନର ଡାଟା ଅନୁଯାୟୀ କିରାଣି, ପ୍ରୋବେଶନେରୀ ଅଫିସର ଓ ସ୍ୱତନ୍ତ୍ର ଅଧିକାରୀ ପଦରେ ନିଯୁକ୍ତି ଦିନକୁ ଦିନ କମିବାରେ ଲାଗିଛି। ବ୍ୟାଙ୍କଗୁଡିକ ନିଯୁକ୍ତି ହ୍ରାସ କରିବା ସହ ବିନା ପ୍ରୋତ୍ସାହନରେ ଦୀର୍ଘ ସମୟ ଧରି କାମ କରିବାର ବାଧବାଧକତା ଓ ଚାପ ଯୋଗୁ ପ୍ରାର୍ଥୀମାନେ ଏ ଦିଗରେ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି କମିଟି ତାଙ୍କ ରିପୋର୍ଟରେ ଦର୍ଶାଇଛି। ବ୍ୟାପକ ହାରରେ ଅବସର ଯୋଗୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ସେକ୍ଟର ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି କମିଟି ଦର୍ଶାଇ ତୁରନ୍ତ ନିଯୁକ୍ତି ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି।

## ଆଧାର ଯୋଗୁ ୯୦ହଜାର କୋଟି ସଞ୍ଚୟ: ଜେଟ୍‌ଲୀ

**ନୂଆଦିଲ୍ଲୀ,୬-୧**

ଆଧାରକୁ ଗେମ୍ ଚେଞ୍ଜର ଦର୍ଶାଇ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି ଯେ, ଏହାଦ୍ୱାରା ଯେତିକି ସଞ୍ଚୟ ହେଉଛି, ସେହି ଅର୍ଥରେ ୩ଟି ଆୟୁଷ୍ମାନ ଭାରତ ଯୋଜନାକୁ ସହଜରେ ଲାଗୁ କରାଯାଇପାରିବ। 'ବେନିଫିଟ୍ସ ଅଫ୍ ଆଧାର-ହୋୟାର ଇଟ୍ ଷ୍ଟାଣ୍ଡସ ଟୁଡେ' ଶୀର୍ଷକ ଫେସ୍‌ବୁକ୍ ପୋଷ୍ଟରେ ଜେଟ୍‌ଲୀ ଦର୍ଶାଇଛନ୍ତି ଯେ, ସବ୍‌ସିଡି ପ୍ରଦାନ ବେଳେ ଆଧାର ବ୍ୟବହାର ଯୋଗୁ ୨୦୧୮ ମାର୍ଚ୍ଚ ସୁଦ୍ଧା ଦେଶର ୯୦ ହଜାର କୋଟି ଟଙ୍କା ସଞ୍ଚୟ ହୋଇଛି। ଏହାଦ୍ୱାରା ଜାଲିଆତି, ଭୂତ ହିତାଧିକାରୀଙ୍କୁ ଦୂର କରାଯାଇପାରିଛି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଆଧାର ପ୍ରତି ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିଷ୍ପତ୍ତି କାରଣରୁ ଏହାର ସଫଳ ରୂପାୟନ ହୋଇପାରିଛି ବୋଲି ଜେଟ୍‌ଲୀ ଲେଖିଛନ୍ତି। ଡିଜିଟାଲ ଡିଭିଡେଣ୍ଡ ରିପୋର୍ଟ ପ୍ରସ୍ତୁତ କରି ବିଶ୍ୱବ୍ୟାଙ୍କ ଆକଳନ କରିଛି ଯେ, ଭାରତ ଆଧାର ବ୍ୟବହାର ଯୋଗୁ ପ୍ରତିବର୍ଷ ୭୭ ହଜାର କୋଟି ଟଙ୍କା ସଞ୍ଚୟ କରିପାରିବ।

ଜିଏସ୍‌ଟିରେ ଅତିରିକ୍ତ ବିପର୍ଯ୍ୟୟ ସେସ

## କେରଳ ଅନୁରୋଧକୁ ମନ୍ତ୍ରିଗୋଷ୍ଠୀର ମଞ୍ଜୁରୀ

**ନୂଆଦିଲ୍ଲୀ,୬-୧**

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ଅତିରିକ୍ତ ୧% ସେସ୍ ଲାଗୁ କରିବା ନେଇ କେରଳ ପକ୍ଷରୁ ହୋଇଥିବା ଅନୁରୋଧକୁ ରବିବାର ବସିଥିବା ମନ୍ତ୍ରିଗୋଷ୍ଠୀ ବୈଠକରେ ମଞ୍ଜୁରୀ ମିଳିଛି। ଜାନୁୟାରୀ ୧୦ରେ ଜିଏସ୍‌ଟି ପରିଷଦର ୩୨ତମ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ପରିଷଦ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିବା ପରେ ଅତିରିକ୍ତ ବିପର୍ଯ୍ୟୟ ସେସ୍ ଲାଗୁ କରିବାରେ କେରଳ ଦେଶର ପ୍ରଥମ ରାଜ୍ୟ ହେବ ବୋଲି ଜଣାପଡିଛି। ସାମଗ୍ରୀ ଓ ସେବାର ମୂଲ୍ୟ ଉପରେ ଅତିରିକ୍ତ ୧% ସେସ୍ ଲାଗୁ କରିବାକୁ ଆଗାମୀ ଦୁଇବର୍ଷ ପାଇଁ ରାଜ୍ୟକୁ ଅନୁମତି ଦିଆଯିବ ବୋଲି କେରଳ ଅର୍ଥମନ୍ତ୍ରୀ ଥୋମାସ୍ ଆଇଜାକ ବୈଠକ ପରେ ସୂଚନା ଦେଇଛନ୍ତି। କେଉଁ ଟିକସ ଉପରେ ଅତିରିକ୍ତ ଟିକସ ଲାଗୁ ହେବ ସେ ଉପରେ କେରଳ ନିଷ୍ପତ୍ତି ନେବ ବୋଲି ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

ପ୍ରାକୃତିକ ବିପର୍ଯ୍ୟୟ କ୍ଷେତ୍ରରେ ଅତିରିକ୍ତ ସେସ୍ ଲାଗୁ ନେଇ କୌଣସି ରାଜ୍ୟପକ୍ଷରୁ ଯଦି ଜିଏସ୍‌ଟି ପରିଷଦକୁ ଅନୁରୋଧ କରାଯାଏ, ନିର୍ଦ୍ଦିଷ୍ଟ ରାଜ୍ୟକୁ ଅନୁମତି ଦିଆଯିବ କି ନାହିଁ ସେ ଉପରେ ପରିଷଦ ନିଷ୍ପତ୍ତି ନେବ ବୋଲି ବିହାର ଉପମୁଖ୍ୟ ମନ୍ତ୍ରୀ ସୁଶିଲ ମୋଦି କହିଛନ୍ତି।

## ୬୯ ବିଦେଶୀ ଶାଖା ବନ୍ଦ କରିବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ନୂଆଦିଲ୍ଲୀ,୬-୧**

ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ବିଦେଶରେ ଥିବା ସେମାନଙ୍କର ୬୯ ଶାଖାକୁ ହ୍ରାସ କରିବେ। ଶାଖା ହ୍ରାସ ତଥା ପୁଞ୍ଜି ସଞ୍ଚୟ ପଦକ୍ଷେପ ଅନ୍ତର୍ଗତ ବ୍ୟାଙ୍କଗୁଡ଼ିକ ଏଭଳି ପଦକ୍ଷେପ ହାତକୁ ନେଇଛନ୍ତି। ମୋଟ ୨୧୬ ବିଦେଶୀ ଅପରେସନ୍ସକୁ ହ୍ରାସ କରିବା ଲାଗି ଗତ ବର୍ଷ ବ୍ୟାଙ୍କଗୁଡ଼ିକ ପକ୍ଷରୁ ବିଚାରକୁ ନିଆଯାଇଥିଲା। ବର୍ତ୍ତମାନ ସୁଦ୍ଧା ୩୫ ବିଦେଶୀ ଶାଖାକୁ ବନ୍ଦ କରାଯାଇଥିବାବେଳେ ୬୯ ଶାଖାକୁ ହ୍ରାସ କରିବା ଲାଗି ପଦକ୍ଷେପ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଲାଭ କରୁ ନ ଥିବା ଶାଖାଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ସମାନ ସହରରେ ଥିବା ନିକଟବର୍ତ୍ତୀ ଶାଖାଗୁଡ଼ିକୁ ଏକୀକରଣ କରିବା ଉପରେ ବର୍ତ୍ତମାନ ପ୍ରାଥମିକତା ଦିଆଯାଉଥିବା ଅଧିକାରୀ ଜଣକ କହିଛନ୍ତି।

ଆର୍‌ବିଆଇକୁ ନେପାଳ ରାଷ୍ଟ୍ର ବ୍ୟାଙ୍କର ଚିଠି

## ୧୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ନୋଟ୍‌କୁ ବୈଧ ଘୋଷଣା କର

**କାଠମାଣ୍ଡୁ,୬-୧**

ଭାରତରେ ଜାରି ୧୦୦ରୁ ଅଧିକ ମୂଲ୍ୟର ନୂଆ ନୋଟ୍‌କୁ ନେପାଳରେ ଆଇନସମ୍ମତ କରିବା ଲାଗି ସେ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଚିଠି ଲେଖିଛି। ରବିବାର ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ନେପାଳ ରାଷ୍ଟ୍ର ବ୍ୟାଙ୍କ(ଏନ୍‌ଆର୍‌ବି) ଶୁକ୍ରବାର ଏ ସମ୍ପର୍କରେ ଆର୍‌ବିଆଇକୁ ପତ୍ର ଲେଖିଛି। ଏଥିରେ କୁହାଯାଇଛି ଯେ, ଭାରତରେ ପ୍ରଚଳିତ ନୂଆ ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍‌କୁ ନେପାଳରେ ବୈଧ ଘୋଷଣା କରାଯାଉ। ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ(ଫେମା) ଅଧୀନରେ ବିଜ୍ଞପ୍ତି ପ୍ରକାଶ କରିବାକୁ ଏନ୍‌ଆର୍‌ବି ଅନୁରୋଧ କରିଛି। ଏହାଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ଭାରତୀୟ ଟଙ୍କା ନେପାଳରେ ସ୍ୱୀକାରଯୋଗ୍ୟ ହୋଇପାରିବ। ଏହାଦ୍ୱାରା ନେଣଦେଣ ସୁବିଧାଜନକ ହେବ। ବର୍ତ୍ତମାନ ନେପାଳରେ ୧୦୦ ଟଙ୍କା ପର୍ଯ୍ୟନ୍ତ ଭାରତୀୟ ନୋଟ୍ ପ୍ରଚଳନକୁ ଆର୍‌ବିଆଇ ସ୍ୱୀକୃତି ଦେଇଛି। ଭାରତରେ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ ହୋଇଯାଇଛି। ଆର୍‌ବିଆଇ ପକ୍ଷରୁ ଫେମା ବିଜ୍ଞପ୍ତି ଜାରି କରି ସେତେବେଳେ କୁହାଯାଇଥିଲା ଯେ, ପ୍ରତ୍ୟେକ ନେପାଳ ନାଗରିକ ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଏଭଳି ନୋଟ୍ ନିଜ ପାଖରେ ରଖିପାରିବେ।

## ଏଟିଏମ୍ ସମସ୍ୟା ଦୂରକର: ସଂସଦୀୟ କମିଟି

**ନୂଆଦିଲ୍ଲୀ,୬-୧**

ଏଟିଏମ୍ ସହ ଜଡ଼ିତ ଅସୁବିଧାଗୁଡିକୁ ଦୂର କରିବା ଲାଗି ଏକ ସଂସଦୀୟ କମିଟି ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏଟିଏମ୍ ବନ୍ଦ ହେବା କାରଣରୁ ଅଧିକାଂଶ ସମୟରେ ଗ୍ରାହକଙ୍କୁ ନଗଦ ସଙ୍କଟର ସାମ୍ନା କରିବାକୁ ପଡ଼ିଥାଏ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଆର୍ଥିକ ବ୍ୟାପାର ସ୍ଥାୟୀ ସଂସଦୀୟ କମିଟି ପକ୍ଷରୁ କୁହାଯାଇଛି। ଏହାଛଡ଼ା ଅଧିକ ସଂଖ୍ୟାରେ ଏଟିଏମ୍ ପ୍ରତିଷ୍ଠା କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉ କି, ଆର୍‌ବିଆଇ ରିପୋର୍ଟ ଅନୁଯାୟୀ ଗତବର୍ଷ ସେପ୍ଟେମ୍ବର ସୁଦ୍ଧା ଦେଶରେ ୨,୨୧,୪୯୨ ଏଟିଏମ୍ ରହିଛି। ଏଗୁଡ଼ିକ ମଧ୍ୟରୁ ୧,୪୩,୮୪୪ ଏଟିଏମ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ହୋଇଥିବା ବେଳେ ୫୯,୬୪୫ଟି ଘରୋଇ ବ୍ୟାଙ୍କର ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ସେହିଭଳି ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ (ଡିଏମ୍‌ଏଫ୍) ଥିବା ଅଞ୍ଚଳରେ ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ବାବଦକୁ ବାଧତାମୂଳକ ଖର୍ଚ୍ଚ ପାଇଁ ରହିଥିବା ଅର୍ଥକୁ ଠିକ୍ ଭାବେ ବ୍ୟୟ କରୁଛନ୍ତି କି ନାହିଁ ସେ ଉପରେ ମଧ ସଂସଦୀୟ କମିଟି ଗୁରୁତ୍ୱାରୋପ କରିଛି। ଏହି ପ୍ରସଙ୍ଗକୁ ଠିକ୍ ଭାବେ ତର୍ଜମା କରିବା ଆବଶ୍ୟକ ବୋଲି କମିଟି ସରକାରଙ୍କୁ କହିଛି। ଖଣି ଥିବା ସ୍ଥାନଗୁଡ଼ିକରେ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ହେବାର ନିୟମ ରହିଛି। ଅପରପକ୍ଷରେ ସିଏସ୍‌ଆର୍ ବାବଦ ଅର୍ଥ ଯଦି ଠିକ୍ ଭାବେ ଖର୍ଚ୍ଚ ହୁଏ ତାହା ଅଞ୍ଚଳବାସୀଙ୍କ ଲାଗି ଅଧିକ ଲାଭ ପ୍ରଦାନ କରିବ ବୋଲି କମିଟିର ଅଧକ୍ଷ ଚିନ୍ତାମଣି ମାଲବ୍ୟ କହିଛନ୍ତି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
Regd.Office: Janpath, Bhubaneswar-751022, Telephone: (0674) 2542230, Fax:(0674) 2542964, Website: www.optcl.co.in, CIN:U4102OR2004SGC007553

NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

e-TENDER NOTICE No.: SCRIPS PMU-04/2018-19, Dt.07.01.2019

**ODISHA POWER TRANSMISSION CORPORATION LTD (OPTCL),** Bhubaneswar, invites bids (in e- tendering mode only) under single stage two-envelop system from reputed Turnkey Contractors for **Engineering, Supply, Erection and Commissioning of 2x160 MVA, 220/132KV & 2x63 MVA 132/33 KV, 220/132/33 KV GIS Grid Substation at BALIANTA (BENUPUR) and associated 220 KV LILO O/H Transmission line (LILO on the proposed 220 KV D/C line from Pratapsasan to Nuapada-Cuttack at Loc No. 131-132 Bentapur) using monopole D/C towers (Line length is approximately 12 Kms) & 132 KV O/H Transmission line from Balianta GIS S/S upto Gangua canal using 220 KV D/C monopole towers (Line length is approximately 8 Kms) Against the tender SCRIPS PMU-04/2018-19 at an Estimated Cost of ₹ 177.86 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL".** Complete set of bidding documents are available on **"www.tenderwizard.com/ OPTCL" portal from Dt.(07.01.2019)/(11.00)AM up to Dt.(07.02.2019)/ (12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note:** Bidders are requested to regularly visit OPTCL website/Tender Portal only for amendment/errata /corrigendum (if any) and any other information regarding the tender, as the same shall be published only on OPTCL website/Tender Portal.

**Chief General Manager (SCRIPS-PMU)**
CR-Advt.No.- 72/18-19 Email-scripspmu@optcl.co.in
Please connect us: optcl.odisha optcl_odisha energyodisha

ଓଡ଼ିଶା ସରକାର
ଜଙ୍ଗଲ ଓ ପରିବେଶ ବିଭାଗ

**ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର : ୨୦୧୮-୧୯**

ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପରିବେଶ ସୁରକ୍ଷା ତଥା ପରିବେଶ ସମ୍ପର୍କରେ ଜନସଚେତନତା ସୃଷ୍ଟି କ୍ଷେତ୍ରରେ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ / ଶିକ୍ଷାନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉତ୍ସାହିତ କରିବା ପାଇଁ ଯଥାକ୍ରମେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଏ । ଆସନ୍ତା ୫ ଜୁନ୍, ୨୦୧୯ ବିଶ୍ୱ ପରିବେଶ ଦିବସରେ ପ୍ରତି ବ୍ଲକରୁ ଏକ ଗ୍ରାମ /ଅନୁଷ୍ଠାନ / ଶିକ୍ଷାନୁଷ୍ଠାନକୁ ଏକ ମାନପତ୍ର ସହ ଟ୧୦,୦୦୦/- (ଦଶ ହଜାର ଟଙ୍କା) **"ପ୍ରକୃତି ମିତ୍ର"** ପୁରସ୍କାର ଏବଂ ଜଣେ ବ୍ୟକ୍ତିଙ୍କୁ ଏକ ମାନପତ୍ର ସହ ଟ୫,୦୦୦/- (ପାଞ୍ଚ ହଜାର ଟଙ୍କା) **"ପ୍ରକୃତି ବନ୍ଧୁ"** ପୁରସ୍କାର ପ୍ରଦାନ କରାଯିବ । ମନୋନୟନ ଫର୍ମର ନମୁନା ତଥା ନିୟମାବଳୀ Centre for Environmental Studies ର Website www.cesorissa.orgରୁ ବା ସଂପୃକ୍ତ ଜିଲ୍ଲା ପରିବେଶ ସମିତିର ସମ୍ପାଦକ କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ **ତା୧୦/୦୧/୨୦୧୯ରିଖରୁ ତା୧୬/୦୨/୨୦୧୯ରିଖ** ମଧରେ ମିଳିପାରିବ । ନିର୍ଦ୍ଧାରିତ ଫର୍ମରେ ମନୋନୟନଗୁଡିକ ଆନୁସଙ୍ଗିକ ପ୍ରମାଣପତ୍ର ସହ **ତା୧୬/୦୨/୨୦୧୯ରିଖ** ସୁଦ୍ଧା ସମ୍ପୃକ୍ତ ଜିଲ୍ଲାପାଳ / ସମ୍ପାଦକ, ଜିଲ୍ଲା ପରିବେଶ ସମିତିଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ,
ଜଙ୍ଗଲ ଓ ପରିବେଶ ବିଭାଗ

OFFICE OF THE TAHASILDAR
BIRMAHARAJPUR, DIST.- SUBARNAPUR
QUOTATION / TENDER CALL NOTICE
No. 47 / Dated. 04.01.2019

Sealed quotations /tenders are invited from interest reputed Travel Agencies /Tour Operators or private individuals having for providing 01 (One) no. of Non AC/AC Diesel driven vehicle preferably Xylo /Bolero, which shall conform to the Terms and Condition (Annex-I) for official use in Tahasil Office, Birmaharajpur on monthly rent basis.

1) The vehicle must be in Road Worthy condition, shall not be more than 3 years old (Preference will be given to new vehicle with reasonable price) from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of up to date tax payment PAN No. etc. which are mandatory for plying of vehicle.
2) The Driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3) The Driver should be well behaved, gentle and obedient in nature.
4) Earnest Money Deposit (EMD):- A sum of Rs.9000/- (Rupees Nine thousand) only shall be deposited by the intending bidders in shape of Account Payee Bank Draft drawn in favour of the Tahasildar, Birmaharajpur and submitted along with the tender as security deposit. After completion of tender process, the amount will be refunded to unsuccessful bidders. BID submitted without EMD will summarily be rejected.
5) The monthly rate of hire charge be quoted separately in the general bid information (Annex-II) (excluding fuel and lubricants).
6) The vehicle must achieve a fuel efficiency of 12 kms. per ltr AC/Non AC both.
7) The details of the make and year of manufacture of the vehicle, registration no. mileage (Kms covered per litre) and name of the Driver with Driving licence No. and period of validity should be specially provided in the general bid information to be furnished with the Quotation/Tender (Annex-II).
8) The interested service providers may submit the sealed tender document completed in all respect along with EMD and other requisite documents on or before 28.01.2019 upto 4.00PM (in working days only). The tender shall be opened on 29.01.2019 at 3.30PM in presence of the bidders or their authorised representative.
9) The application form of Tender containing General Bid information and Terms and conditions for Hiring of Vehicle etc. will be available with Tahasil Office, Birmaharajpur on payment of Rs.100/- from 05.01.2019 to 28.01.2019 by 1.00PM from cash section excluding Sunday & holiday or can be downloaded from District Website www.subarnapur.nic.in case the application form is downloaded from District Website/DIO N.I.C., Subarnapur, the applicant shall furnish a Demand Draft for an amount of Rs. 100/- (Rupees One hundred) only in favour of Tahasildar, Birmaharajpur payable at Birmaharajpur towards the cost of application along with the application.
10) The authority reserve the right to cancel the whole tender or any bid without assigning any reason thereof.

*Sd./- Tahasildar, Birmaharajpur*



ପୁଣେରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭାଗ ନେବାକୁ ମନୋନୀତ ହୋଇଥିବା ଓଡ଼ିଶା ଜୁଡୋ ଦଳ।

# ୧୯୬୪ ପରେ ଭାରତର ପ୍ରଥମ ବିଜୟ

**ଏସିଆନ କପ୍ ଫୁଟ୍‌ବଲ**

ଆବୁଧାବି, ୬।୧ (ପି.ଟି.)

ସୁନୀଲ ଛେତ୍ରୀଙ୍କ ଡବଲ ଗୋଲ ସହାୟତାରେ ଭାରତ ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଥାଇଲାଣ୍ଡକୁ ୪-୧ ଗୋଲରେ ହରାଇ ଦେଇଛି। ୧୯୬୪ ପରେ ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଏସିଆନ କପ୍‌ରେ ଦ୍ୱିତୀୟ ଥର ଖେଳୁଥିବା ଛେତ୍ରୀଙ୍କର ଏହାଥିଲା ୧୦୫ତମ ମ୍ୟାଚ। ସେ ୨୭ତମ (ପେନାଲ୍ଟି) ଓ ୪୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏହା ହେଉଛଇ ତାଙ୍କର ୬୭ତମ ଗୋଲ। ଫଳରେ ବର୍ତ୍ତମାନ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ ସେ ଦ୍ୱିତୀୟ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ଅଲ୍ ନାହ୍ୟାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଦଳ ପକ୍ଷରୁ ଅନ୍ୟ ଦୁଇଟି ଗୋଲ ମିଡ୍ ଫିଲ୍ଡର ଅନିରୁଦ୍ଧ ଥାପା ଏବଂ ଦ୍ୱିତୀୟାର୍ଦ୍ଧ ବଦଳ ଖେଳାଳି ଜେଜେ ଲାଲ୍‌ପେଖଲୁଆ ଯଥାକ୍ରମେ ୬୮ତମ ଓ ୮୦ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ରବିବାର ଦୁଇଟି ଗୋଲ ସ୍କୋର ଦ୍ୱାରା ୩୪ ବର୍ଷୀୟ ଛେତ୍ରୀ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କୁ ଅତିକ୍ରମ କରିଯାଇଛନ୍ତି। ମେସି ତାଙ୍କର ୧୨୮ ଅନ୍ତର୍ଜାତୀୟ ମ୍ୟାଚରେ ୬୫ ଗୋଲ ସ୍କୋର କରିଛନ୍ତି। ପର୍ତ୍ତୁଗାଲ୍ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୧୫୪ ମ୍ୟାଚରେ ସର୍ବାଧିକ ୮୫ ଗୋଲ ସ୍କୋର କରି ସବୁଠାରୁ ଆଗରେ ରହିଛନ୍ତି। ଗ୍ରୁପ୍ ଏ'ର ଏହି ମ୍ୟାଚରେ ଥାଇଲାଣ୍ଡ ଅଧିନାୟକ ତଥା ଷ୍ଟ୍ରାଇକର ତିରାସିଲ ଡାଙ୍ଗ୍‌ଡା ତାଙ୍କ ଦଳ ପକ୍ଷରୁ ଏକମାତ୍ର ଗୋଲ ଖେଳର ୩୩ତମ ମିନିଟ୍‌ରେ ଦେଇଥିଲେ। ଭାରତ ଆଗକୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ବିପକ୍ଷରେ ଖେଳିବାକୁ ଥିବା ଦୁଇଟି ମ୍ୟାଚ ମଧ୍ୟରୁ ଯଦି ଗୋଟିଏ ଡ୍ର ରଖେ ତେବେ ନକ୍‌ଆଉଟ୍ ରାଉଣ୍ଡକୁ ଉନ୍ନୀତ ହୋଇପାରିବ।

■ ଜାତୀୟ ସିନିୟର ଟେବୁଲ ଟେନିସ

# ମହିଳା ଟିମ ଇଭେଣ୍ଟରେ ପଶ୍ଚିମବଙ୍ଗ ଚାମ୍ପିୟନ

କଟକ ଅଫିସ,୬।୧

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ମହିଳା ଟିମ୍ ଇଭେଣ୍ଟରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଛି । ଫାଇନାଲରେ ପଶ୍ଚିମବଙ୍ଗର ଖେଳାଳିମାନେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି)ର ଅନ୍ତର୍ଜାତୀୟ ପ୍ରତିଭାମାନଙ୍କ ଉପରେ ଭାରି ପଡ଼ିଥିଲେ । ଏପରିକି ମନିକା ବାତ୍ରା ଓ ମୌମା ଦାସ ପରାଜୟର ସମ୍ମୁଖୀନ ହୋଇଛନ୍ତି । ୩-୧ ସେଟ୍‌ରେ ବିଜୟୀ ହୋଇ ପଶ୍ଚିମବଙ୍ଗ ମହିଳା ଦଳ ଏହି ସଫଳତା ପାଇଛି । ପ୍ରଥମ ସେଟରେ ପଶ୍ଚିମବଙ୍ଗ ବିଜୟୀ ହୋଇଥିଲା। ପଶ୍ଚିମବଙ୍ଗର ମୌସୁମୀ ପଲ ୧୧-୮, ୧୧-୫, ୧୩-୧୫, ୬-୧୧, ୧୨-୧୦ ପଏଣ୍ଟରେ ମନିକାଙ୍କୁ ହରାଇଥିଲେ । ଦ୍ୱିତୀୟ ସେଟରେ ପିଏସପିବିର ମାଧୁରିକା ପାଟେକର ବିଜୟୀ ହୋଇ ଖେଳକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ । ମାଧୁରିକା ୧୧-୮, ୧୧-୩, ୧୧-୧୩, ୧୧-୮ ପଏଣ୍ଟରେ ପଶ୍ଚିମବଙ୍ଗର କ୍ରୀତିକା ସିହ୍ନାଙ୍କୁ ପରାସ୍ତ କରିଥିଲେ। ମାତ୍ର ଏହା ପରବର୍ତ୍ତୀ ୨ଟି ଯାକ ସେଟ ପଶ୍ଚିମବଙ୍ଗ ସପକ୍ଷରେ ଯାଇଥିଲା । ପିଏସ୍‌ପିବିର ମୌମା ଓ ମନିକା ଏହି ୨ଟି ଯାକ ସେଟ ହାରିଥିଲେ । ମୌମାଙ୍କୁ ଆୟିକା ମୁଖାର୍ଜୀ, ମନିକାଙ୍କୁ ମୌସୁମୀ ହରାଇଥିଲେ । ସିଙ୍ଗଲ୍ସ ଇଭେଣ୍ଟର ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସଚିବ ଡି.ପି ବାଗଚୀ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସମ୍ପାଦକ ଏମ୍.ପି. ସିଂ, ଉପଦେଷ୍ଟା ଧନରାଜ ଚୌଧୁରୀ, ଉପସଭାପତି ବି.କେ. ବାୱା, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ଏଲ.ଏନ. ଗୁପ୍ତା, ଉପସଭାପତି ସଞ୍ଜୟ ସିଂ, ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ।

# ବିକାଶ ଗ୍ରାଉଣ୍ଡରେ ଗୋଆକୁ ଭେଟିବ ଓଡ଼ିଶା

**ରଣଜୀ ଟ୍ରଫି**

କଟକ ଅଫିସ,୬।୧

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ରଣଜୀ ଟ୍ରଫି ୨୦୧୮-୧୯ ସିଜନର ଅନ୍ତିମ ରାଉଣ୍ଡ ପର୍ଯ୍ୟାୟ ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଲିଟ ଗ୍ରୁପ୍-ସି'ରେ ସ୍ଥାନିତ ଓଡ଼ିଶା ଏହିକ୍ରମରେ ଏହାର ଅନ୍ତିମ ମୁକାବିଲାରେ ଗୋଆକୁ ଭେଟିବ। ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଘରୋଇ ମାଟିରେ ସିଜନର ଅନ୍ତିମ ମ୍ୟାଚ୍‌କୁ ଜିତିବାର ଲକ୍ଷ୍ୟ ରହିଛି ବୋଲି ଓଡ଼ିଶା ଦଳର ନୂଆ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିବା ଶୁଭ୍ରାଂଶୁ ସେନାପତି କହିଛନ୍ତି। ଅଧିନାୟକ ଭାବେ ଶୁଭ୍ରାଂଶୁଙ୍କ ପାଇଁ ଏହା ପ୍ରଥମ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍। ଓଡ଼ିଶା ୮ଟି ମ୍ୟାଚ୍ ଖେଳି ୩ ବିଜୟ, ୩ ପରାଜୟ ଓ ୨ଟି ଡ୍ର ସହ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଚଳିତ ରଣଜୀ ସିଜନରେ ବିକାଶ ଗ୍ରାଉଣ୍ଡରେ ଏହା ଓଡ଼ିଶାର ଦ୍ୱିତୀୟ ମ୍ୟାଚ୍। ପୂର୍ବରୁ ରାଜସ୍ଥାନ ବିପକ୍ଷରେ ଏଠାରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୫୬ ରନ୍‌ର ଇନିଂସ ସତ୍ତ୍ୱେ ଓଡ଼ିଶା ମାତ୍ର ୩୫ ରନ୍‌ରେ ପରାସ୍ତ ହୋଇଥିଲା। ଖରାପ ଫର୍ମ ଲାଗି ଗୋଆ ବିପକ୍ଷ ମ୍ୟାଚ୍‌ରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଉଇକେଟ୍‌କିପର ପି. ରୋଶନ କୁମାରଙ୍କୁ ବାଦ୍ ଦିଆଯାଇଛି।


**GOVT. OF ODISHA** 1082-A

**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

**'e' Procurement Notice No.CELMB 77 OF 2018-19**

1. Name of the work : Anti Sea Erosion Work to Protect Saline Embankment and mouth of river Bahuda. (Package-IV from village Sunapur Bhagyadevi Temple to Fishery Jetty & Anataraypur to Patisonepur) under NABARD Assistance RIDF-XXIV.
2. Amount put to Tender : Rs.8,77,64,664.00
3. Bid Document Cost : Rs.10,000.00 (online)
4. E.M.D : Rs.8,77,700.00 (online)
5. Class of Contractor : Special Class & Super Class
6. Period of Completion : 15 calendar months (456 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB BEID 04 of 2018-19 | 11.01.2019 10.00 hrs | 28.01.2019 17.00hrs | 29.01.2019, 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

**Sd./- Chief Engineer FC & Basin Manager**
**Lower Mahanadi Basin**

32252/11/0094/1819



ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢ଼ନ୍ତୁ ସମସ୍ତେ ବଢ଼ନ୍ତୁ

OFFICE OF THE DISTRICT PROJECT COORDINATOR

**SAMGRA SIKSHYA, SUBARNAPUR**
**E-mail: dpcsonepuropepa@nic.in**
**Ph: 06654-220551/ 06654-220514(Fax)**

**No. 12** **Date 04.01.19**

**CORRIGENDUM**

In partial modification of the O/O No. 2731 dtd 29.12.2018 the reservation for PH category (Part Time Instructor (Art Education)) shall be read as 4% in place of 3% for ortho/Deaf.

The error occurred due to typographical mistake. The other criteria will remain the same.

**Sd./- District Project Coordinator**
**Samgra Sikshya, Subranapur**



**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.), E.H.T. (O&M) DIVISION, JODA, P.O.: Boneikala, Dist.- Keonjhar, PIN: 758038 (ODISHA)**
PHONE/FAX NO.: 7328829375, Email: ehtm.div.jod@optcl.co.in, CIN: U40102OR2004SGC007553

Letter No. 1583 Dated: 05.01.19

**TENDER CALL NOTICE NO.-07/2018-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha / Military / Railways & having valid IT PAN Card / GST certificate for the work of "Construction of Borewell (Rotary type) DTH method of 200mm dia at Grid substation Polaspanga" under EHT (O&M) Division, Joda. Cost of Tender paper: Rs.2100/-, EMD= Rs. 4800/-. Sale of tender documents from dt.09.01.2019 to 18.01.2019. Last Date of submission of tender: 19.01.2019 upto 1.00PM. Date of opening of tender: 21.01.2019 at 3.30PM. For details visit our website: www.optcl.co.in.

Corrigendum if any will be published in the OPTCL website only.

*Sd./- Dy. General Manager (Elect.), EHT (O&M) Division, Joda*



**OFFICE OF EXECUTIVE ENGINEER**
**MINOR IRRIGATION DIVISION, NABARANGPUR**

Letter No.05 Dt. 03.01.2019

**GOVERNMENT OF ODISHA e-Procurement Notice**

**Bid Identification No. EEMIDNGPUR- 08 /2018-19**
E-mail ID ;-mingpur@yahoo.in, Ph No. 06858222130

1. Name of work :- Construction of Check Dams in different Blocks of Nabarangpur District
2. Total Number of work :- 24 (Twenty Four)
3. Estimated cost :- Varies from Rs. 17.26 lakhs to Rs. 35.85 lakhs
4. Class of Contractor :- "D", "C" & "B"
5. Tender paper Cost(Online) :- - Rs. 6,000 /-
6. Bid Security (Online) :- Varies from Rs. 17,300/- to Rs. 35,900/- as per DTCN
7. Period of Completion :- 6 (Six) Calender Months
8. Availability of Bid Document :- From 10.01.2019, 10.00 AM to 21.01.2019, 5.00 PM in website (www.tendersorissa.gov.in)
9. Last date & Time of receipt of Bid :- 21.01.2019 at 5.00 PM through online
10. Date of opening of Bid documents :- 22.01.2019 at 11.00 A.M in the office of the EE, M.I.Division, Nabarangpur
11. Date of Lottery, if required :- 01.02.2019 at 11.00AM in the office of the EE, M.I.Division, Nabarangpur
12. Name and address of the OIT :- Executive Engineer, M.I.Division, Nabarangpur At/P.O:- Nabarangpur District Nabarangpur, PINCODE 764059

Further details can be seen from the Government of Odisha Web-Site :-**www.tendersorissa.gov.in**.

No.1075-A

**Sd./- Executive Engineer**
**M.I. Division, Nabarangpur**

32294/11/0011/1819



OFFICE OF THE CDM & PUBLIC HEALTH OFFICER, NAYAGARH

**(DISTRICT PROGRAMME MANAGEMENT UNIT)**
**Department of Health & Family Welfare, Orissa, PO/Dist: Nayagarh, Pin: 752069**

**TENDER CALL NOTICE**

**Advt. No.: 04/18-19** **Dt.: 05.01.2019**

Sealed tenders are invited in plain paper from the Firm/ Agency/ Company having valid GST registration certificate, EPF, ESI, PAN card, Valid Labour License etc. for selection outsourcing agency for provision of **Bio-Medical Waste Management for Nayagarh** under the administrative control of CDM & PHO, Nayagarh. The detailed Term and Condition, Criteria etc. thereof can be downloaded from the official website of Nayagarh district i.e. www.nayagarh.nic.in. The downloaded tender papers should be accompanied with a Demand Draft of Rs. 1,000/- in favour of ZSS BMWM, Nayagarh from any nationalized bank. The tenders should be submitted through Regd. Post/Speed Post/ Courier only to the office of the undersigned within 12.30 PM of date 28.01.2019. The tenders will be opened on 28.01.2019 at 3.00 PM in the presence of the tenderers or their authorized agents. The Authority reserves the rights to accept or reject any or all the tenders without assigning any reason thereof.

**Sd./- CDM & Public Health Officer, Nayagarh**



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**K.B.K.MINOR IRRIGATION CIRCLE-I, BHAWANIPATNA**

**'e' Procurement Notice**

**Bid Identification No. SEKBKMIC-I / 06 / 2018-19**
sekbkmi@yahoo.co.in
**No. 2844 // KBKMIC-I // date – 31.12.2018**

No.1081-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1 Name of the work :- Construction work
2 No. of Works :- 05 ( Five) Nos.
3 Estimated cost :- Approximately from Rs.199.89 lakhs to Rs.343.79 lakhs
4 Period of completion :- 04(Four) Calendar months
5 Date and Time of availability of bid documents in the portal :- From 08.01.2019 (10.00 AM) to 22.01.2019 up to (5.00 PM)
6 Last date / time of receipt of bids in the portal :- 22.01.2019 (5.00 PM)
7 Date of opening of Bid :- 24.01.2019 at 11.00 A.M onwards
8 Date of receipt of bid cost and bid security on online payment mode :- From dt.08.01.2019 to 22.01.2019 up to (5.00 PM)
9. Date of Transparent Lottery (if cases arise) :- 05.02.2019 at 11.00 A.M. onwards
10. Name and address of the OIT :- Superintending Engineer, K.B.K.M.I. Circle-I, Bhawanipatna

Further details can be seen from the e-Procurement market place **http://tendersodisha.gov.in**.

**Sd./- Sananta Patanaik**
**Superintending Engineer**
**K.B.K.M.I.Circle-I, Bhawanipatna**

32262/11/0005/1819



ZILLA SWASTHYA SAMITI GANJAM, BERHAMPUR

No. 371 Date: 05.01.19

**TENDER CALL NOTICE**

Sealed tenders are invited in the prescribed format from the registered firms / agencies for supply of Immunization logistics & Indelible Marker Pen for IPPI-2019. Details about the items, specifications, terms & conditions can be downloaded from the district NIC website http://ganjam.nic.in under CDM & PHO link. Sealed tenders along with tender paper cost of Rs. 1000/- and EMD money of Rs. 10,000/- in favour of "ZSS (Misc.) Account, Ganjam (A/C No.30249462288)" should reach in the office of the CDM & PHO Ganjam by 15.01.2019 (05.00 PM) through Registered Post / Speed Post only and the tender will be open on the date 16.01.2019 (12.30 PM) in presence of bidders or their authorized representative. The sealed cover should be super-scribed on the top of the envelope as **"Tender for Supply Red Bag / Black Bag/ Zipper Bag / Twin bucket / Indelible Marker Pen / Anaphylaxis Kit"**. The authority reserves the right to accept or reject any or all the tenders without assigning any reason thereof.

**Sd./- Chief District Medical & Public Health Officer, Ganjam**



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARIPADA IRRIGATION CIRCLE, BARIPADA**
'e' mail – sebicbpd@gmail.com, Telephone No. 06792 - 240055

1084-A

**'e' Procurement Notice No. SEBIC – 05 /2018-19**

| Procurement officer | Name of work | Bid identifi-cation No. | Cost of work (Rs.in lakhs) | Bid security (Rs.) EMD | Cost of Bid Docu-ments (Rs.) | Class of con-tractor | Period of com-pletion | Bid documents availability On-line for bidding | | Date of opening of Technical bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Baripada Irrigation Circle, Baripada | Improvement to Diversion weir of Baldiha Irrigation Project | SEBIC MID-01 OF 2018-19 | 307.37 | 3,07,400 | 10,000 | 'A' Class & Spl. Class | 04 (four) Calendar months | 09.01.2019 From 10.00AM | 24.01.2019 Upto 05.00PM | 25.01.2019 at 11.00AM |

Further details conditions can be seen from the Govt. website www.tendersorissa.gov.in

32162/11/0009/1819 *Superintending Engineer, Baripada Irrigation Circle, Baripada*



# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

**No. RDM-LAA-BLS-0017-2018/ 41218 R&DM, Dated 06.11.2018**

**No. III-81:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଢୋଲପୁର, ଥାନା- ନୀଳଗିରି ସଂ.୯୬, ତହସିଲ- ନୀଳଗିରି, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୬.୫୫୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟକେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ଢୋଲପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୦.୪୭୫ | ଏ. ୬.୫୫୮ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଅତିରିକ୍ତ ଶାସନ ସଚିବ

**LAND SCHEDULE**

**Land Acquisition for excavation of Salandi Left Main Canal of Anandapur barrage Project of Vill- Dholapur, P.S.- Nilagiri No.- 96, Tahasil- Nilagiri, Dist.- Balasore**

**L.A. Case No.- 45/17**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ- ପିତା, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅନ୍ତର୍ଯ୍ୟାମୀ ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୦ | ଶାରଦ ଅଣ ଜଳସେଚିତ-୧ | ୦.୧୧୯ | ୦.୧୧୯ |
| ୨ | ୧୩ | ଅଶ୍ୱିନୀ କୁମାର ପାତ୍ର, ତପନ କୁମାର ପାତ୍ର, ମନୋଜ କୁମାର ପାତ୍ର, ପି: କୈଳାସ ଚନ୍ଦ୍ର ପାତ୍ର, ପଦ୍ମିନୀ ପାତ୍ର, ସ୍ୱା: କୈଳାସ ଚନ୍ଦ୍ର ପାତ୍ର, ଜିତେନ୍ଦ୍ର ପାତ୍ର, ନରେନ୍ଦ୍ର ପାତ୍ର, ପି: ଭିକାରି ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୭ | ଶାରଦ ଅଣ ଜଳସେଚିତ-୨ | ୦.୨୫୯ | ୦.୦୨୦ |
| | | | ୭୪୪ | ଶାରଦ ଅଣ ଜଳସେଚିତ-୨ | ୦.୫୧୨ | ୦.୫୧୨ |
| ୩ | ୧୫ | ଉପେନ୍ଦ୍ର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୦/୮୬୨ | ଶାରଦ ଅଣ ଜଳସେଚିତ-୧ | ୦.୨୨୭ | ୦.୨୨୭ |
| ୪ | ୨୯ | କୈଳାସ ଚନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ନିରଞ୍ଜନ ବେହେରା, ପି: ଗଜେନ୍ଦ୍ର ବେହେରା, ଜା: କପୁଡ଼ିଆ, ବା: ବାଉଁଶବଣିଆ | ୭୪୩ | ଶାରଦ ଅଣ ଜଳସେଚିତ-୨ | ୦.୪୦୫ | ୦.୪୦୫ |
| | | | ୭୬୧ | ଶାରଦ ଅଣ ଜଳସେଚିତ-୨ | ୦.୧୫୮ | ୦.୦୩୦ |
| | | | ୭୬୩ | ଶାରଦ ଅଣ ଜଳସେଚିତ-୨ | ୦.୧୩୧ | ୦.୦୮୧ |
| ୫ | ୩୪ | ଗଣେଶ୍ୱର ସାହୁ, ରତ୍ନାକର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସର୍ବେଶ୍ୱର ସାହୁ, ପି: ନାରାୟଣ ସାହୁ, ଜା: ଗୁଡ଼ିଆ, ବା: ହାଟସାହି | ୭୪୨ | ଶାରଦ ଅଣ ଜଳସେଚିତ-୨ | ୦.୨୮୪ | ୦.୨୮୪ |
| ୬ | ୫୦ | ଚତୁର୍ଭୁଜ ସ୍ୱାଇଁ, ନାଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ପି: ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | ୭୬୪ | ଶାରଦ ଅଣ ଜଳସେଚିତ-୨ | ୦.୧୨୪ | ୦.୧୦୪ |
| ୭ | ୫୭ | ଜାନକୀ ବେହେରା, ସ୍ୱା: କେଶବ ବେହେରା, ଜା: କୁମ୍ଭାର, ବା: ବାଲିଓରା | ୭୩୮ | ଶାରଦ ଅଣ ଜଳସେଚିତ-୨ | ୦.୪୮୭ | ୦.୧୦୦ |
| ୮ | ୬୮ | ପଦ୍ମଲୋଚନ ପାତ୍ର, ପି: ଜୟକୃଷ୍ଣ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୬ | ଶାରଦ ଅଣ ଜଳସେଚିତ-୧ | ୦.୧୪୮ | ୦.୦୪୮ |
| | | | ୭୧୭ | ଶାରଦ ଅଣ ଜଳସେଚିତ-୧ | ୦.୧୭୮ | ୦.୧୭୮ |
| ୯ | ୭୫ | ପ୍ରାଣବନ୍ଧୁ ସ୍ୱାଇଁ, ପି: ପ୍ରସାଦ ସ୍ୱାଇଁ, ଜା: ଖଣ୍ଡାୟତ, ବା: ରାଇପୁର | ୭୧୫ | ଶାରଦ ଅଣ ଜଳସେଚିତ-୧ | ୦.୩୭୬ | ୦.୦୧୬ |
| ୧୦ | ୭୯ | ପୂର୍ଣ୍ଣେନ୍ଦୁ ଦାସ, ନିର୍ମଳେନ୍ଦୁ ଦାସ, ଶୁଭେନ୍ଦୁ ଦାସ, ବିଷ୍ଣୁଦତ୍ତ ଦାସ, ପି: ଗୌରାଙ୍ଗ ଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ବାଉଁଶବଣିଆ | ୭୪୪/୮୫୭ | ଶାରଦ ଅଣ ଜଳସେଚିତ-୨ | ୦.୦୫୯ | ୦.୦୫୦ |
| ୧୧ | ୮୫ | ବଂଶୀଧର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯/୮୬୦ | ଶାରଦ ଅଣ ଜଳସେଚିତ-୧ | ୦.୧୦୯ | ୦.୧୦୯ |
| ୧୨ | ୮୭ | ବାଇଧର ପ୍ରଧାନ, ପି: ହେମେନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୩ | ଶାରଦ ଅଣ ଜଳସେଚିତ-୨ | ୦.୪୭୭ | ୦.୩୫୭ |
| ୧୩ | ୯୪ | ବିଜୟ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ପି: ଗୋପାଳ ପ୍ରଧାନ, ମାଳତୀ ପ୍ରଧାନ, ସ୍ୱା: ଗୋପାଳ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୨ | ଶାରଦ ଅଣ ଜଳସେଚିତ-୨ | ୦.୪୭୯ | ୦.୪୭୯ |
| ୧୪ | ୧୦୨ | ବୈଷ୍ଣବ ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯ | ଶାରଦ ଅଣ ଜଳସେଚିତ-୧ | ୦.୨୫୨ | ୦.୨୫୨ |
| ୧୫ | ୧୦୪ | ଭଗବାନ ସ୍ୱାଇଁ, ପି: କୁଶ ସ୍ୱାଇଁ, ଜା: ଖଣ୍ଡାୟତ, ବା: ରାଇପୁର | ୭୧୪ | ଶାରଦ ଅଣ ଜଳସେଚିତ-୧ | ୦.୧୦୯ | ୦.୧୦୯ |
| | | | ୭୧୮ | ଶାରଦ ଅଣ ଜଳସେଚିତ-୧ | ୦.୨୩୨ | ୦.୨୧୨ |
| ୧୬ | ୧୦୬ | ଭରତ ଚନ୍ଦ୍ର ବେହେରା, ପି: କୃଷ୍ଣ ଚନ୍ଦ୍ର ବେହେରା, ଜା: କୁବେର, ବା: ବାଉଁଶବଣିଆ | ୭୪୧ | ଶାରଦ ଅଣ ଜଳସେଚିତ-୨ | ୧.୫୮୬ | ୦.୬୨୦ |
| ୧୭ | ୧୧୦ | ମନୋରଞ୍ଜନ ପରିଡ଼ା, ପି: ଭୋଳାନାଥ ପରିଡ଼ା, ଜା: ତନ୍ତି, ବା: ବାଉଁଶବଣିଆ | ୭୨୧ | ଶାରଦ ଅଣ ଜଳସେଚିତ-୧ | ୦.୭୪୧ | ୦.୭୪୧ |
| ୧୮ | ୧୧୬ | ମାଗୁଣି ପଣ୍ଡିତ, ପି: ଧର ପଣ୍ଡିତ, ଜା: ଖଦାଳ, ବା: ହାଟସାହି | ୭୬୫ | ଶାରଦ ଅଣ ଜଳସେଚିତ-୨ | ୦.୩୨୯ | ୦.୦୨୦ |
| ୧୯ | ୧୨୨ | ବାଲି ଓରା ପଞ୍ଚାୟତ ସମିତି ମଧ୍ୟଇଂରାଜୀ ବିଦ୍ୟାଳୟ ମାର୍ଫତ୍ ଚେୟାରମ୍ୟାନ୍ ରଘୁନାଥ ଲେଙ୍କା, ପି: ପଦନ ଲେଙ୍କା, ଜା: ଖଣ୍ଡାୟତ, ବା: ବାଲିଓରା | ୭୭୦ | ଶାରଦ ଅଣ ଜଳସେଚିତ-୨ | ୦.୪୧୦ | ୦.୦୪୦ |
| ୨୦ | ୧୨୬ | ରତ୍ନମଣି ଜେନା, ସ୍ୱା: ରାମଚନ୍ଦ୍ର ଜେନା, ଜା: ଖଣ୍ଡାୟତ, ବା: ବାଲିଓରା | ୭୨୫ | ଶାରଦ ଅଣ ଜଳସେଚିତ-୨ | ୦.୩୫୮ | ୦.୩୪୦ |
| ୨୧ | ୧୩୪ | ରାଜେନ୍ଦ୍ର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯/୮୬୧ | ଶାରଦ ଅଣ ଜଳସେଚିତ-୧ | ୦.୧୦୪ | ୦.୧୦୪ |
| ୨୨ | ୧୪୧ | ରାମଚନ୍ଦ୍ର ରାଉତ, ଯଶୋଦା ପ୍ରଧାନ, ପି: ଗଙ୍ଗାଧର ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୨ | ଶାରଦ ଅଣ ଜଳସେଚିତ-୧ | ୦.୧୯୧ | ୦.୦୧୫ |
| | | | ୭୧୮/୮୪୩ | ଶାରଦ ଅଣ ଜଳସେଚିତ-୧ | ୦.୦୫୪ | ୦.୦୫୪ |
| | | | ୭୨୪ | ଶାରଦ ଅଣ ଜଳସେଚିତ-୨ | ୦.୧୬୮ | ୦.୦୪୮ |
| ୨୩ | ୧୪୩ | ରାମଚନ୍ଦ୍ର ଦାସ, ପି: କୃଷ୍ଣ ଦାସ, ଜା: ଖଣ୍ଡାୟତ, ବା: ବାଉଁଶବଣିଆ | ୭୪୫ | ଶାରଦ ଅଣ ଜଳସେଚିତ-୨ | ୦.୬୪୫ | ୦.୨୨୦ |
| ୨୪ | ୧୪୬ | ରାହୁଳ କୁମାର ପାତ୍ର, ଜଗଦିଶ କୁମାର ପାତ୍ର, ପି: ମନୋରଞ୍ଜନ ପାତ୍ର, ଜା: ପାତ୍ରତନ୍ତି, ବା: ଛୋଟକାନପୁର | ୭୬୫/୮୯୦ | ଶାରଦ ଅଣ ଜଳସେଚିତ-୨ | ୦.୨୦୦ | ୦.୧୦୦ |
| ୨୫ | ୧୮୦/୬ | ଶୁଭେନ୍ଦୁ ସ୍ୱାଇଁ, ପି: ଚତୁର୍ଭୁଜ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | ୭୬୪/୮୮୮ | ଶାରଦ ଅଣ ଜଳସେଚିତ-୨ | ୦.୧୬୧ | ୦.୧୬୧ |
| | | | ୭୬୪/୮୮୯ | ଶାରଦ ଅଣ ଜଳସେଚିତ-୨ | ୦.୧୪୧ | ୦.୧୪୧ |
| ୨୬ | ୧୮୦/୧୧ | ଅନନ୍ତ କୁମାର ବେହେରା, ସୁଶାନ୍ତ କୁମାର ବେହେରା, ପି: ମହେନ୍ଦ୍ର ବେହେରା, ଜା: ତନ୍ତି, ବା: ବାଲିଓରା | ୭୯୧/୮୩୫ | ଶାରଦ ଅଣ ଜଳସେଚିତ-୨ | ୦.୧୦୯ | ୦.୧୦୯ |
| ୨୭ | ୧୮୦/୧୬ | ରାମଚନ୍ଦ୍ର ରାଉତ, ପି: ଗଙ୍ଗାଧର ରାଉତ, ଜା: ଖଣ୍ଡାୟତ, ବା: ଢୋଲପୁର | ୭୨୦/୮୬୩ | ଶାରଦ ଅଣ ଜଳସେଚିତ-୧ | ୦.୧୫୩ | ୦.୧୫୩ |
| | | | | ମୋଟ | ୧୦.୪୭୫ | ୬.୫୫୮ |

24001/14/0557/1819

“ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନର ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଜରୁରୀ ବୋଲି ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଚେତେଶ୍ୱର ପୂଜାରା ସମଗ୍ର ବିଶ୍ୱକୁ ଦେଖାଇ ଦେଇଛନ୍ତି। -ପ୍ରବୀଣ ଆମ୍ରେ, ପୂର୍ବତନ କ୍ରିକେଟର



“ କୋହଲିଙ୍କୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ, ସିରିଜ ପୂର୍ବରୁ ସମଗ୍ର ଅଷ୍ଟ୍ରେଲିଆ ଟିମ୍ ସେ ଦିଗରେ ଧ୍ୟାନ ଦେଇଥିଲା, ବୋଧହୁଏ ସେଥିପାଇଁ ପୂଜାରାଙ୍କୁ ଖେଳିବା ସହଜ ହୋଇଥିଲା।-ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର



## ସଂକ୍ଷେପରେ

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ

**କଟକ ଅଫିସ, ୬।୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରବିବାରଠାରୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୬୯ ରନ୍‌ରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ରବୀନ୍ଦ୍ର ଭାରତୀ ଟସ୍ ଜିତି ବନାରସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓପନର ବିବେକ କୁମାରଙ୍କ ୮୭ ରନ୍ ବଳରେ ଦଳ ସମସ୍ତ ଉଇକେଟ ହରାଇ ୧୯୩ ରନ୍ କରିଥିଲା। ଜବାବରେ ରବୀନ୍ଦ୍ର ଭାରତୀ ୧୨୪ ରନ୍‌ରେ ଅଲ୍‌ଆଉଟ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଡିଡିୟୁ ଗୋରଖପୁର ବିଶ୍ୱବିଦ୍ୟାଳୟ ଏକତରଫା ଭାବେ ଆସାମ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ବିଶ୍ୱବିଦ୍ୟାଳୟ ମାତ୍ର ୩୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଦଳର ୮ ଜଣ ଖେଳାଳି ଖାତା ଖୋଲିପାରି ନ ଥିଲେ। ବିନା ଉଇକେଟରେ ଗୋରଖପୁର ବିଜୟ ଲକ୍ଷ୍ୟ ହାସଲ କରିଛି। ଡ୍ରିମ୍‌ସ ଗ୍ରାଉଣ୍ଡରେ ଏପିଏସ୍ ବିଶ୍ୱବିଦ୍ୟାଳୟ ଓ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏପିଏସ୍ ୧୮୯ ରନ୍‌ରେ ଏହି ମ୍ୟାଚ୍‌କୁ ଜିତିଛି। କାର୍ତ୍ତିକ ଉପାଧ୍ୟାୟ (୫୭ ରନ୍), ଶୁଭମ୍ ମିଶ୍ର (୬୪ ରନ୍), ଜି. ଚନ୍ଦନ (୪୨ ରନ୍)ଙ୍କ ସହାୟତାରେ ଏପିଏସ୍ ୩ ଉଇକେଟ ହରାଇ ୨୨୩ ରନ୍ କରିଥିଲା। ମାତ୍ର ଓପି ଜିନ୍ଦଲ ୩୪ ରନ୍‌ରେ ସମସ୍ତ ଉଇକେଟ ହରାଇ ଶୋଚନୀୟ ପରାଜୟ ବରଣ କରିଛି। ସର୍ଗୁଜା ବିଶ୍ୱବିଦ୍ୟାଳୟ ଓ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ମ୍ୟାଚ୍ ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିଲା। ନର୍ଥ ବେଙ୍ଗଲ ଏହି ମ୍ୟାଚ୍‌କୁ ୬ ଉଇକେଟରେ ଜିତିଛି। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ ଓ ଗୌହାଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ରୋମାଞ୍ଚକ ମ୍ୟାଚ୍‌ରେ ଗୌହାଟି ୨ ଉଇକେଟରେ ବିଜୟୀ ହୋଇଥିଲା।

### ଓଡ଼ିଶା ପୁରୁଷ ଦଳର ଲଗାତର ୨ୟ ବିଜୟ

**ଭୁବନେଶ୍ୱର, ୬।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟର ଭବନଗରରେ ଚାଲିଥିବା ୬୯ତମ ଜାତୀୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ଲଗାତର ୨ୟ ବିଜୟ ହାସଲ କରିଛି। ଗ୍ରୁପ୍-ଏଫ୍'ରେ ସ୍ଥାନ ପାଇଥିବା ଓଡ଼ିଶା ପୁରୁଷ ଦଳ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ୯୭-୩୨ ପଏଣ୍ଟର ବୃହତ ବ୍ୟବଧାନରେ ତ୍ରିପୁରାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ରୁଦ୍ରକାନ୍ତ ସାହୁ ସର୍ବାଧିକ ୨୧ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ଶନିବାର ଆସାମକୁ ୭୭-୬୫ ପଏଣ୍ଟରେ ହରାଇଥିଲା। ସୋମବାର ଓଡ଼ିଶା ୨ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ସକାଳେ ଝାଡ଼ଖଣ୍ଡକୁ ଏବଂ ଅପରାହ୍ନରେ ମଧ୍ୟପ୍ରଦେଶକୁ ଭେଟିବ ବୋଲି କୋଚ୍ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

### ଟେଷ୍ଟ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

**କେପ୍ ଟାଉନ୍, ୬।୧(ପି.ଟି.):** ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୯ ଉଇକେଟ ବିଜୟୀ ହୋଇଛି। ଉଭୟ ବୋଲିଂ ଓ ବ୍ୟାଟିଂ ଦମ୍‌ଦାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ବାଜି ମାରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ପ୍ରଥମ ଇନିଂସରେ ୧୦୩ ରନର ଶତକୀୟ ପାଳି ଖେଳିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ପ୍ରଥମ ଇନିଂସରେ ୧୭୭ ରନ ସଂଗ୍ରହ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୩୧ ରନ ସଂଗ୍ରହ କରି ଅଲଆଉଟ ହେବା ସହ ୨୫୪ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୭୦.୪ ଓଭରରେ ୨୯୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ମାତ୍ର ୪୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ଅନ୍ତିମ ଦିବସରେ ୯.୫ ଓଭରରେ ଗୋଟିଏ ଉଇକେଟ ହରାଇ ୪୩ ରନ କରି ବିଜୟ ହାସଲ କରିଥିଲା। ଓପନର ଡିନ୍ ଏଲଗାର ୨୪ ଓ ଡୁପ୍ଲେସି ୩ ରନ କରି ଅପରାଜିତ ରହିଥିଲେ। ଥେଉନିସ୍ ଡି ବ୍ରୁଏନ୍ ୪ ରନ କରି ଆଉଟ ହୋଇଥିବା ବେଳେ ହାସିମ ଅମଲା ୨ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ପାକିସ୍ତାନ ତରଫରୁ ମହମ୍ମଦ ଆବାସ ଗୋଟିଏ ଉଇକେଟ ହାସଲ କରିଥିଲେ।

■ ସିଡ୍‌ନୀ ଟେଷ୍ଟ: ବର୍ଷା, ଆଲୋକ ଅଭାବ ଯୋଗୁ ଚତୁର୍ଥ ଦିବସ ଖେଳ ବାଧାପ୍ରାପ୍ତ

# ଅଷ୍ଟ୍ରେଲିଆ ଫଲୋଅନ୍, ବିଜୟ ପଥରେ ଭାରତ

ସିଡ୍‌ନୀ, ୬।୧(ପି.ଟି.)

ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ବିଜୟ ପଥରେ ଅଗ୍ରସର ହୋଇଛି ଟିମ୍ ଇଣ୍ଡିଆ। ବର୍ଷା ଏବଂ ଆଲୋକ ଅଭାବ ଯୋଗୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟର ୪ର୍ଥ ଦିବସରେ ମାତ୍ର ୨୫.୨ ଓଭର ଖେଳ ସମ୍ଭବ ହୋଇଛି। ଏହା ସତ୍ତ୍ୱେ ଭାରତୀୟ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌କୁ ୩୦୦ ରନ୍‌ରେ ସୀମିତ ରଖିଛନ୍ତି। ଫଳରେ କୌଣସି ଦ୍ୱିଧା ନ କରି ଘରୋଇ ଦଳକୁ ଫଲୋଅନ୍ ଡାକରା ଦେଇଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି। ୧୯୮୮ ପରେ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ କୌଣସି ଟେଷ୍ଟରେ ପ୍ରଥମଥର ପାଇଁ ଫଲୋଅନ ହୋଇଛି। କୁଲଦୀପ ଯାଦବ ୫ ଉଇକେଟ ହାସଲ କରି ଅଷ୍ଟ୍ରେଲିଆର ଏହି ବିପର୍ଯ୍ୟୟ ଘଟାଇଛନ୍ତି। ଫଲୋଅନ୍ ହୋଇଥିବାରୁ ବାଧହୋଇ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ରବିବାର ଖେଳ ବନ୍ଦ ହେବାବେଳକୁ କୌଣସି ଉଇକେଟ ନ ହରାଇ ୬ ରନ୍ ସଂଗ୍ରହ କରିଛି। ମାର୍କସ ହାରିସ ୨ ଓ ଉସ୍‌ମାନ ଖ୍ୱାଜା ୪ ରନ୍‌ରେ ଅପରାଜିତ ଅଛନ୍ତି। ୪ର୍ଥ ଦିବସ ଚା' ବିରତି ପରେ ବର୍ଷା ହେବାରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ସୋମବାର ଅନ୍ତିମ ଦିବସରେ ଅଷ୍ଟ୍ରେଲିଆକୁ ଅଲ୍‌ଆଉଟ କରିବା ଭାରତର ମୁଖ୍ୟ ଲକ୍ଷ୍ୟ ହୋଇଥିବାବେଳେ ଦିନସାରା ବ୍ୟାଟିଂ କରି କୌଣସି ମତେ ମ୍ୟାଚ୍ ଡ୍ର ରଖିବାକୁ ଅଷ୍ଟ୍ରେଲିଆ ଚେଷ୍ଟା କରିବ। ୬୨୨/୭ରେ ପ୍ରଥମ ଇନିଂସ୍ ଘୋଷଣା କରିଥିବା ଭାରତ ଏବେ ମଧ୍ୟ ୩୧୬ ରନ୍‌ରେ ଅଗ୍ରଣୀ ରହିଛି।

ରବିବାର ଦିନସାରା ରହି ରହି ବର୍ଷା ହୋଇଥିବାରୁ ଆଲୋକ କମିଯାଇଥିଲା। ଫଳରେ ଅଧିକାଂଶ ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଘରୋଇ ମାଟିରେ ୩୦ ବର୍ଷ ପରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଫଲୋଅନ୍ ହୋଇଛି। ୧୯୮୮ରେ ସିଡ୍‌ନୀରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଫଲୋଅନ୍ ଦେଇଥିଲା। ଓଭରଅଲ୍ ଦେଖିବାକୁ ଗଲେ ୨୦୦୫ରେ ଅଷ୍ଟ୍ରେଲିଆ ଶେଷଥର ପାଇଁ ନାଟିଂହାମ୍ ଟେଷ୍ଟରେ ଘରୋଇ ଇଂଲଣ୍ଡଠାରୁ ଫଲୋଅନ୍ ହୋଇଥିଲା। ବର୍ଷା ଓ ଖରାପ ଆଲୋକ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ସୋମବାର ଅନ୍ତିମ ଦିବସରେ ୧୦ଟି ଉଇକେଟ ହାସଲ କରିବାକୁ ପଡିବ। ଏହି ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଏହି ମ୍ୟାଚ୍ ଡ୍ର ହେଲେ ମଧ୍ୟ ଭାରତ ସିରିଜ ଜିତିବ। ଫଳରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ସିରିଜ ଜିତି ଇତିହାସ ସୃଷ୍ଟି କରିବା ନିଶ୍ଚିତ ହୋଇଯାଇଛି।

ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୨୩୬/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୦୦ ରନ୍ କରି ଅଲଆଉଟ ହୋଇଥିଲା। ଖରାପ ଆଲୋକ କାରଣରୁ ସକାଳ ସେସନର ଖେଳ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା। ଅପରାହ୍ନ ୧.୫୦ ମିନିଟ୍‌ରେ ଖେଳ ଆରମ୍ଭ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡ୍ସକମ୍ବ ୨୮ରୁ ଖେଳ ଆରମ୍ଭ କରି ୩୭ ରନ୍ କରି ଯଶପ୍ରୀତ୍ ବୁମ୍ରାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ୨୫ ରନ୍‌ରୁ ଖେଳ ଆରମ୍ଭ କରିଥିବା ପ୍ୟାଟ କମିନ୍ସ ଆଉ କୌଣସି ରନ୍ ସଂଗ୍ରହ କରି ନ ପାରି ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ନାଥନ ଲିୟନ ଖାତା ଖୋଲିବା ପୂର୍ବରୁ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ଜୋଶ୍ ହାଜେଲଉଡ ୨୧ ରନ୍ କରି ଏଲବିଡବ୍ଲ୍ୟୁ ହେବା ସହ କୁଲଦୀପଙ୍କ ପଞ୍ଚମ ଶିକାର ହୋଇଥିଲେ। ମିଚେଲ ଷ୍ଟାର୍କ ୨୯ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟ ଯୋଡିରେ ହାଜେଲଉଡ ଓ ମିଚେଲ ଷ୍ଟାର୍କ ୪୨ ରନ୍ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ବୋଲିଂରେ ଭାରତ ତରଫରୁ ସ୍ପିନର କୁଲଦୀପ ସର୍ବାଧିକ ୫, ରବୀନ୍ଦ୍ର ଜାଡେଜା ୨, ସାମି ୨ ଓ ବୁମ୍ରା ଗୋଟିଏ ଉଇକେଟ ହାସଲ କରିଥିଲେ।

ଉଲ୍ଲେଖଥାଉ କି, ପୂର୍ବରୁ ଭାରତ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୩୧ ରନ୍‌ରେ ବିଜୟ ହାସଲ କରିଥିଲା। ଏହାପରେ ପର୍ଥରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନ୍‌ରେ ବିଜୟ ହାସଲ କରି ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ମେଲବୋର୍ନରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଭାରତ ୧୩୭ ରନ୍‌ରେ ବିଜୟ ହାସଲ କରି ୨-୧ରେ ସିରିଜ ଅଗ୍ରଣୀ ହାସଲ କରିଥିଲା।



ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୫ ଉଇକେଟ୍ ହାସଲ କରିଥିବା ଭାରତର କୁଲଦୀପ ଯାଦବ।

## ବିଦେଶରେ ରେକର୍ଡ

ଗତ ୮୫ ବର୍ଷ ମଧ୍ୟରେ (୧୯୩୨-୨୦୧୭ ମଧ୍ୟରେ) ବିଦେଶ ମାଟିରେ ଭାରତ ୯ଟି ଦେଶରେ ୭୯ଟି ଦ୍ୱିପାକ୍ଷିକ ସିରିଜ ଓ ଗୋଟିଏ ଏସିଆନ ଟେଷ୍ଟ ଚାମ୍ପିୟନଶିପ୍ ଖେଳିଛି। ବିଦେଶରେ ଭାରତ ୧୮ଟି ସିରିଜରେ ବିଜୟୀ ହୋଇଛି। ତେବେ ବିଦେଶରେ ଭାରତ ୧୪ଟି ସିରିଜ ଡ୍ର ରଖିଥିବା ବେଳେ ବାକି ୪୭ଟି ସିରିଜରେ ପରାଜୟ ବରଣ କରିଛି।

ମୋଟ ଉପରେ ଭାରତ ବିଦେଶରେ ୨୫୪ଟି ମ୍ୟାଚ୍ ଖେଳିଛି। ସେଥିମଧ୍ୟରୁ ୪୫ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ୧୦୬ଟି ମ୍ୟାଚ୍‌ରେ ଭାରତ ପରାଜୟ ବରଣ କରିଛି ଓ ୧୦୩ଟି ମ୍ୟାଚ ଡ୍ର ରଖିଛି।

ଭାରତ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ଫର୍ମାଟରେ ବିଜୟ ହାସଲ କରିପାରି ନାହିଁ। ଅବଶ୍ୟ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଭାରତ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ନ୍ୟୁଜିଲାଣ୍ଡ ମାଟିରେ ଭାରତ ଦୁଇଟି ସିରିଜ (୧୯୬୭-୬୮, ୨୦୦୮-୦୯)ରେ ବିଜୟ ହାସଲ କରିଥିଲା। ସେହିପରି ୱେଷ୍ଟଇଣ୍ଡିଜ୍‌ରେ ଭାରତ ୪ଥର (୧୯୭୦-୭୧, ୨୦୦୬, ୨୦୧୧, ୨୦୧୬) ସିରିଜ ହାତେଇଛି। ଅନ୍ୟପଟେ ଇଂଲଣ୍ଡରେ ଭାରତ ୩ଥର (୧୯୭୧,୧୯୮୬, ୨୦୦୭) ସିରିଜି ବିଜୟ ହାସଲ କରିଛି। ସେହିପରି ଶ୍ରୀଲଙ୍କାରେ ଭାରତ ୩ଥର (୧୯୯୩, ୨୦୧୫, ୨୦୧୭) ସିରିଜ ହାତେଇଛି। ସେହିପରି ପାକିସ୍ତାନ ମାଟିରେ ଭାରତ ୨୦୦୩-୦୪ ରେ ସିରିଜ ବିଜୟ ହାସଲ କରିଥିଲା। ଜିମ୍ବାୱେରେ ଭାରତ ୨୦୦୪-୦୫ରେ ଟେଷ୍ଟ ସିରିଜ୍ ବିଜୟ ହାସଲ କରିଥିଲା।

### ସଂକ୍ଷିପ୍ତ ସ୍କୋର

■ ଭାରତ ପ୍ରଥମ ଇନିଂସ: ୬୨୨/୭ (ଇନିଂସ ଘୋଷଣା)।

■ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୧୦୪.୫ ଓଭରରେ ୩୦୦ ଅଲଆଉଟ୍ (ହାରିସ- ୭୯, ହ୍ୟାଣ୍ଡ୍ସକମ୍ବ- ୩୭, କମିନ୍ସ- ୨୫, ଷ୍ଟାର୍କ- ୨୯*, ଲାବୁସ୍କେନ- ୩୮, ଖ୍ୱାଜା- ୨୭, କୁଲଦୀପ-୫/୯୯, ଜାଡେଜା- ୨/୭୩, ସାମି- ୨/୫୮, ବୁମ୍ରା- ୧/୬୨)।

■ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୬/୦ (ଫଲୋଅନ)।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

କାକଟପୁର, ୬।୧(ଡି.ଏନ୍.ଏ.)

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଡିସେମ୍ବର ୨୫ରୁ ଆରମ୍ଭ ହୋଇଥିବା ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ପାରାମାଉଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୧୮୧ ରନ୍ ଲେଖାଏ କରିବାରୁ ଶେଷରେ ସୁପର ଓଭରର ସାହାଯ୍ୟ ନିଆଯାଇଥିଲା। ଏଥିରେ ପାରାମାଉଣ୍ଟକୁ ୭ ରନ୍‌ରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ୍ ହରାଇ ୧୮୧ ରନ୍ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ଅପରାଜିତ ୭୦, ଅମିତାଭ ରାଉତ ୫୪ ରନ୍ କରିଥିବା ବେଳେ ରାମେଶ୍ୱରର ରାକେଶ୍ ଶର୍ମା, ତୋଫାନ ଗୌଡା, ବିଶ୍ୱଜିତ୍ ମଲ୍ଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୧ରନ୍ କରିବାରୁ ଉଭୟ ଦଳର ସ୍କୋର ସମାନ ହୋଇଯାଇଥିଲା। ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ୍ ଭୂୟାଁ ୩୨, ପ୍ରିୟବ୍ରତ ପ୍ରଧାନ ୩୦ ରନ୍ କରିଥିବା ବେଳେ ପାରାମାଉଣ୍ଟର ହିତେଶ ନାୟକ ୩ଟି ଓ ମିନାଲ ପରିଡା ୨ଟି ଉଇକେଟ ନେଇଥିଲେ। ସୁପର ଓଭରର ୬ ବଲରେ ପାରାମାଉଣ୍ଟ ୧ ଉଇକେଟ୍ ହରାଇ ୯ ରନ୍ କରିଥିବା ବେଳେ ରାମେଶ୍ୱର ୧ ଉଇକେଟ ହରାଇ ୧୬ ରନ୍ କରି ବିଜୟୀ ହୋଇଥିଲା।

### ମଙ୍ଗଳା କପ୍

ବିଜୟୀ ଦଳର ପରେଶ ପଟେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବିଶ୍ୱଜିତ୍ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାମାଉଣ୍ଟର ସୌରଭ ଗୌଡ଼ଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଅନିକେଶ୍ ତ୍ରିପାଠୀଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ତୃତୀୟ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ ପ୍ରଦ୍ୟୁମ୍ନ ସେନାପତି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ମଙ୍ଗଳା କ୍ରିକେଟ୍ କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ୍ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, କାକଟପୁର ସରପଞ୍ଚ ସୌଦାମିନୀ ବରାଳ, ରାକେଶ ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ସେକ୍ ତାରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୨୫ହଜାର ଏକ ଟଙ୍କା ସହିତ ସିଲ୍‌ଡ, ରର୍ନସ ଦଳକୁ ୧୫ହଜାର ଏକ ଟଙ୍କା ସହିତ କପ୍ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିନି ଷ୍ଟାଡିୟମର ତୋରଣ ଉଦ୍‌ଘାଟିତ ହୋଇଥିଲା। ମଙ୍ଗଳା କ୍ରିକେଟ୍ କ୍ଲବର ଉପସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ୍, ସୂର୍ଯ୍ୟକାନ୍ତ ଦୀକ୍ଷିତ୍ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। ଚୌକା ଓ ଛକା ସମୟରେ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଡିଜେ ବାଜିବା ସହିତ ଚିୟର ଗର୍ଲସଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ସ୍କୋରର ଭାବେ ସଚିନ, ତ୍ରିଲୋଚନ, ଲିଙ୍କୁନ କାର୍ଯ୍ୟ କରିଥିବା ବେଳେ ଭାଗବତ ସ୍ୱାଇଁ ଓ ଅଞ୍ଜନ ଦୀକ୍ଷିତ୍ ଧାରା ବିବରଣୀ ପ୍ରଦାନ କରିଥିଲେ।



ମଙ୍ଗଳାକପ୍ କ୍ରିକେଟ୍ ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳ ଟ୍ରଫି ସହ ।

### ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ମହିନ୍ଦ୍ରା ଓ ମହିନ୍ଦ୍ରା ସେମିରେ



ଉଦ୍‌ଘାଟନୀ ମ୍ୟାଚରେ ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

ମୁରିବାହାଲ, ୬।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରବିବାର ୨୯ତମ ସର୍ବ ଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ଉଦ୍‌ଘାଟନୀ ମ୍ୟାଚ ମହିନ୍ଦ୍ରା ଓ ମହିନ୍ଦ୍ରା ଓଡିଶା ସହ ସ୍ପୋର୍ଟସ ହଷ୍ଟେଲ ରାୟପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିନ୍ଦ୍ରା ଓ ମହିନ୍ଦ୍ରା ୩-୦ଗୋଲରେ ସ୍ପୋର୍ଟସ ହଷ୍ଟେଲ ରାୟପୁରକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ଉକ୍ତ ଖେଳରେ ମହିନ୍ଦ୍ରା ଓ ମହିନ୍ଦ୍ରା ଦଳ ତରଫରୁ ଖେଳୁଥିବା ନାଇଜେରିଆ ଖେଳାଳି ଏମାଇକାଙ୍କୁ ମ୍ୟାଚ ଅଫ୍ ଦି ପ୍ଲେୟାର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା ଓ ଆଶିଷ ଦେବସା ପରିଚାଳନା କରିଥିଲେ। ସୋମବାର ବଚେଲି(ମଧ୍ୟପ୍ରଦେଶ) ଓ ଭିଲାଇ (ଛତିଶଗଡ) ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ । ଖେଳ ପୂର୍ବରୁ ମା' ମାହେଶ୍ୱରୀ ପୀଠରୁ ଏକ ମଶାଲ ଯାତ୍ରା ଖେଳ ପଡିଆରେ ପହଞ୍ଚିବା ପରେ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ ମୁଖ୍ୟଅତିଥି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ସରାଭୋ, ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ, ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ପୀତବାସ ସାହୁ ଓ ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଣା ପ୍ରମୁଖ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଅଜିତ ତରିଆ, କାର୍ଯ୍ୟକାରୀ ସଭାପତି କେଦାର ବଡଜେନା, ସାଧାରଣ ସମ୍ପାଦକ ପ୍ରଦୀପ ବଘାର, ଉପସଭାପତି ପଦ୍ମଲୋଚନ ବାଗ, ଏସ. ବାଗ, ଭିକି ମହାରଣା, ଅଗସ୍ତି ବଘାର, ଯଦୁପତି ଅଗସ୍ତି, ରମାରଞ୍ଜନ ପାତ୍ର ପ୍ରମୁଖ ସଫଳ ଆୟୋଜନର ନେତୃତ୍ୱ ନେଉଛନ୍ତି ।

### ଫେଡେରରଙ୍କ ରେକର୍ଡ

ପର୍ଥ, ୬।୧

ହପ୍‌ମ୍ୟାନ୍ କପ୍ ଇତିହାସରେ ସୁଇଜରଲାଣ୍ଡର ଅଭିଜ୍ଞ ଟେନିସ ତାରକା ରୋଜର ଫେଡେରର ସଫଳତମ ଖେଳାଳି ବିବେଚିତ ହୋଇଛନ୍ତି। ସେ ରେକର୍ଡ ତୃତୀୟଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ହପ୍‌ମ୍ୟାନ କପ୍‌ର ମିକ୍ସଡ ଟିମ୍ ଇଭେଣ୍ଟ ଫାଇନାଲ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଜର୍ମାନୀ ବିପକ୍ଷରେ ୨-୧ରେ ଅଗ୍ରଣୀ ହେବା ସହ ବାଜି ମାରିଛି। ଏଥି ସହିତ ସୁଇଜରଲାଣ୍ଡ ମୋଟ ଉପରେ ଚତୁର୍ଥ ହପ୍‌ମାନ ଟାଇଟଲ ହାସଲ କରିଛି। ତେବେ ଆମେରିକା ୬ଟି ଟାଇଟଲ ଜିତି ସମସ୍ତଙ୍କଠାରୁ ଆଗରେ ରହିଛି।

### ଇଣ୍ଡିଆ ରେଡ୍ ଜିତିଲା ମହିଳା ଚ୍ୟାଲେଞ୍ଜର ଟ୍ରଫି

ମୂଳପଡୁ (ଆନ୍ଧ୍ରପ୍ରଦେଶ), ୬।୧

ଇଣ୍ଡିଆ ବ୍ଲୁକୁ ୧୫ ରନରେ ପରାସ୍ତ କରି ଇଣ୍ଡିଆ ରେଡ୍ ଦଳ ଏଠାରେ ଚାଲିଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଦେବୀନେନି ଭେଙ୍କଟ ରମନପ୍ରଣୀଥ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ ରେଡ୍ ଦଳ ୪୯.୨ ଓଭରରେ ୧୮୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଭେଦା କ୍ରିଷ୍ଣମୂର୍ତ୍ତୀ ସର୍ବାଧିକ ୪୬ ରନ କରିଥିଲେ। ହର୍ଲିନ ଦେଓଲ ୪୧ ଓ ଅଧିନାୟିକା ଶିଖା ପାଣ୍ଡେ ୩୧ ରନ କରିଥିଲେ। ପ୍ରତିପକ୍ଷ ଇଣ୍ଡିଆ ବ୍ଲୁ'ର ତନୁଶ୍ରୀ ସରକାର ୩ ଏବଂ ଓଡ଼ିଆ ଝିଅ ରୀମା ଲକ୍ଷ୍ମୀ ଏକ୍କା ଓ ଆଦିତି ଶର୍ମା ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ୧୮୪ ରନର ଟାର୍ଗେଟ୍‌କୁ ପିଛା କରିଥିବା ଇଣ୍ଡିଆ ବ୍ଲୁ ୪୭.୨ ଓଭରରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ଲୁ ପକ୍ଷରୁ ଭାରତୀ ଫୁଲମାଳୀ ସର୍ବାଧିକ ୬୯ ରନ କରିଥିଲେ। ଚାମ୍ପିୟନ ରେଡ୍ ପକ୍ଷରୁ ଅଧିନାୟିକା ଶିଖା ପାଣ୍ଡେ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଅଫ୍-ସ୍ପିନର ତନୁଶ୍ରୀ ପଠାନଙ୍କୁ ୩ଟି ଉଇକେଟ୍ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ ରେଡ୍-** ୧୮୩/୧୦, ୪୯.୨ ଓଭର (କ୍ରିଷ୍ଣମୂର୍ତ୍ତୀ ୪୬, ଦେଓଲ ୪୨, ତନୁଶ୍ରୀ ୩/୨୨)।

ଇଣ୍ଡିଆ ବ୍ଲୁ- ୧୬୮/୧୦, ୪୭.୨ ଓଭର (ଭାରତୀ ୬୯, ମନାଲି ଦକ୍ଷିଣୀ ୩୧, ଶିଖା ୫/୩୩)।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୭/୨୦୧୯ Sambalpur, Monday, January 7/ 2019

# ଦମ୍ଭ ଅଛି ତ'କୃଷି ଋଣ ଛାଡ଼

## ବଲାଙ୍ଗୀରରେ କଂଗ୍ରେସର ଜାଗରଣ ସମାବେଶ


ଁକଂଗ୍ରେସ ଜାଗରଣ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ ।

- ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- କଂଗ୍ରେସର ନିର୍ବାଚନୀ ବିଗୁଲ
- ବିଜେଡି ଛାଡି କଂଗ୍ରେସରେ ଯୋଗଦେଲେ ରମାକାନ୍ତ ସେଠ୍

**ବଲାଙ୍ଗୀର ଅଫିସ, ୬।୧**

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ଶୋଷଣ କରାଯାଉଛି। କାଳିଆ ଯୋଜନାରେ ଭୋଟବ୍ୟାଙ୍କ ରାଜନୀତି କରାଯାଉଛି । ପ୍ରକୃତରେ ଦମ୍ଭ ଅଛି ତ' କଂଗ୍ରେସ ସରକାର ଭଳି ଚାଷୀଙ୍କ ସମସ୍ତ ପ୍ରକାର କୃଷି ଋଣ ଛାଡ୍ କର ବୋଲି ବଲାଙ୍ଗୀରରେ ଅନୁଷ୍ଠିତ କଂଗ୍ରେସର ଜାଗରଣ ସମାବେଶରେ ଦଳୀୟ ନେତୃବୃନ୍ଦ ଭାଜପା ଓ ବିଜେଡି ସରକାରକୁ ଆହ୍ୱାନ ଦେଇଛନ୍ତି। ସମାବେଶରେ ଉଦ୍‌ବୋଧନ ଦେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର, ଏଆଇସିସି ପ୍ରବକ୍ତା ମୋହନ ପ୍ରକାଶ ବର୍ତ୍ତମାନ ମଧ ଭାଜପା ଓ ବିଜେଡିର ଭିତିରି ବୁଝାମଣା ରହିଥିବା କହିଥିଲେ। ଦୀର୍ଘ ୧୮ବର୍ଷ ହେଲା ଓଡିଶାକୁ ଓ ଦୀର୍ଘ ସାଢ଼େ ୪ବର୍ଷ ହେଲା ଦେଶର ଚାଷୀ, ଗରିବ, ଖଟିଖିଆଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶୋଷଣ କରି ଚାଲିଛନ୍ତି। ମୋଦୀଙ୍କ କଳାଧନ, ନବୀନଙ୍କ ଜଳସେଚନ କୁଆଡେ ଗଲା ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ଘରୋଇ ଶିଳ୍ପପତିଙ୍କୁ ହଜାର କୋଟିର ଟ୍ୟାକ୍ସ ଛାଡ୍ କରିଥିବା ଭାଜପା ଓ ବିଜେଡି ସରକାର ଚାଷୀଙ୍କ କୃଷି ଋଣ ଛାଡ୍ ନ କରି ପ୍ରତାରଣା କରିଛି ବୋଲି ସମାବେଶରେ କଟୁ ସମାଲୋଚନା କରାଯାଇଛି। ୨୦୧୯ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭଳି ଚାଷୀଙ୍କ ସମସ୍ତ ପ୍ରକାର କୃଷିଋଣ ଛାଡ କରିବ ଓ ଏହି ପ୍ରସଙ୍ଗକୁ ନିର୍ବାଚନୀ ଇସ୍ତାହାରରେ ଆଗୁଆ ସ୍ଥାନ ଦେବ ବୋଲି ବରିଷ୍ଠ ନେତୃବର୍ଗ ଘୋଷଣା କରିଥିଲେ।

ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିରୋଧୀଦଳ ନେତା ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କୁ କଡା ସମାଲୋଚନା କରି ଓଡିଶାର ସମସ୍ତ ଚାଷୀଙ୍କ କୃଷି ଋଣ ଛାଡ କରିବାକୁ ଦାବି କରିଥିଲେ। ବଲାଙ୍ଗୀର ଜିଲାର ୧୪ଟି ବ୍ଲକ୍, ୨ମ୍ୟୁନିସିପାଲିଟି ଓ ୩ ଏନ୍‌ଏସିକୁ ମରୁଡ଼ି ଅଞ୍ଚଳ ଘୋଷଣା ସହ ଫସଲ ବୀମା କ୍ଷତିପୂରଣ ପ୍ରଦାନ, ରୋଗପୋକ ଓ ପେଥାଇ କ୍ଷତିପୂରଣ, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ, ଲୋୟର ସୁକ୍‌ତେଲ ପ୍ରକଳ୍ପ, କଣ୍ଟାବାଞ୍ଜିରେ ୱାଗନ କାରଖାନ ପ୍ରତିଷ୍ଠା, ଏଫ୍‌ସିଆଇ ଜରିଆରେ ଚାଷୀଙ୍କ ଧାନ କିଣାଯିବା ଓ ବଲାଙ୍ଗୀରରେ ଶୀଘ୍ର ବାଇପାସ୍ ରାସ୍ତା ନିର୍ମାଣ, କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବାକୁ ଦାବି କରି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବା ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀରରୁ ରାଜତନ୍ତ୍ରର ଚେରକୁ ଉପାଡି ଫିଙ୍ଗିବାକୁ ସେ ଆହ୍ୱାନ ଦେଇଥିଲେ। ମୋଦି ବଲାଙ୍ଗୀର ଆସି ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ମିଶ୍ର କହିଥିଲେ । ପ୍ରଦେଶ କଂଗ୍ରେସ ସଭାପତି ପଟ୍ଟନାୟକ ବିଜେଡି ସରକାରକୁ କଡ଼ା ସମାଲୋଚନା କରି ପ୍ରତି ବ୍ଲକରେ ନବୀନଙ୍କ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା କୁଆଡେ ଗଲା ବୋଲି ପ୍ରଶ୍ନ କରିଥିଲେ। ଓଡ଼ିଶା ଓ ବଲାଙ୍ଗୀରର ଯୁବକମାନଙ୍କୁ ନିଯୁକ୍ତି ନ ଦେଇ ଦାଦନ ଶ୍ରମିକ ଭାବେ ପରିଚୟ ଦେଇଛନ୍ତି ବୋଲି କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଚାଷୀକୁ ପେନ୍‌ସନ, ବେକାରଙ୍କୁ କର୍ମନିଯୁକ୍ତି ଦେବା ସହ ଭତ୍ତା ଟଙ୍କା ୧ ହଜାର ଟଙ୍କା କରାଯିବ ବୋଲି ଘୋଷଣା କରିଥିଲେ। ଏଆଇସିସି ପ୍ରବକ୍ତା ମୋହନ ପ୍ରକାଶ ବକ୍ତବ୍ୟ ରଖି ଓଡ଼ିଶାକୁ ବଞ୍ଚାଇବାକୁ ହେଲେ କଂଗ୍ରେସକୁ କ୍ଷମତାକୁ ଆଣିବାକୁ କହିଥିଲେ। ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ବଲାଙ୍ଗୀରର ଦାଦନ ସମସ୍ୟା, ବେକାର ଯୁବତୀ, ଯୁବକଙ୍କୁ କର୍ମନିଯୁକ୍ତି ଦେବାରେ ବିଜେଡି ଓ ଭାଜପା ସରକାର ଫେଲ ମାରିଛି ବୋଲି କହିଥିଲେ। କଂଗ୍ରେସ ନେତା ଲକ୍ଷ୍ମଣ ମେହେର ରାଜ୍ୟ ସରକାରଙ୍କ ପିଠା ଯୋଜନାକୁ ସମାଲୋଚନା କରି ଜଳସେଚନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସଭାରେ ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଭକ୍ତ ଚରଣ ଦାସ, ପୂର୍ବତନ ବାଚସ୍ପତି କିଶୋର ପଟେଲ, ରାଜ୍ୟ କିଷାନ ସେଲ ଅଧକ୍ଷ ଅମୀୟ ପାଣ୍ଡବ, କିଷାନ ସେଲ କାର୍ଯ୍ୟକାରୀ ସଭାପତି ସୁଧୀର ପରିଚ୍ଛା, ଜିଲା କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ, ପିସିସି ସମ୍ପାଦକ ସୁଧାଂଶୁ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବତନ ବିଜେଡି ବିଧାୟକ ରମାକାନ୍ତ ସେଠ୍ କଂଗ୍ରେସରେ ଯୋଗ ଦେଇଥିଲେ । ଭାଜପା ଦଳର କର୍ମୀ ଓ ଅନ୍ୟ ଦଳର କର୍ମୀମାନେ ମଧ କଂଗ୍ରେସରେ ଯୋଗ ଦେଇଥିଲେ। ସଭାରେ ପ୍ରାୟ ୨୦ ହଜାର ଚାଷୀ ଓ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ ।




# ରାସ୍ତାରେ କଚାଡ଼ି ସ୍ତ୍ରୀକୁ ହତ୍ୟା


ଅଶୋକ ଡନସେନା।


ସୁନୀତା ଡନ୍‌ସେନାଙ୍କ ଫାଇଲ୍ ଫଟୋ।

- ଅଭିଯୁକ୍ତ ସ୍ୱାମୀ ଗିରଫ
- ଲିଫ୍ଟ ଦେଇଥିବା ବାଇକ୍ ଆରୋହୀଙ୍କୁ ଖୋଜୁଛି ପୋଲିସ

**ଲଖନପୁର, ୬।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଡେଙ୍ଗସର୍ଗି ଗ୍ରାମ ନିକଟ ରାସ୍ତାରୁ କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ଶନିବାର ବିଳମ୍ବିତ ରାତିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ମହିଳା ହେଲେ ବ୍ରଜରାଜନଗର ୨ନଂ କୁଲୁତାପଡ଼ାର ଅଶୋକ ଡନସେନାଙ୍କ ସ୍ତ୍ରୀ ସୁନୀତା (୨୫)। ମୃତଦେହ ନିକଟରେ ମୃତାଙ୍କ ସ୍ୱାମୀ ଅଶୋକ ନିଶାସକ୍ତ ଅବସ୍ଥାରେ ପଡ଼ି ରହିଥିବା ପୋଲିସ କହିଛି। ଫାଣ୍ଡିକୁ ଆଣି ପୋଲିସ ଅଶୋକଙ୍କୁ ପଚରାଉଚୁରା କରିଥିଲା। ସୁନୀତାଙ୍କୁ ରାସ୍ତାରେ କଚାଡ଼ି ହତ୍ୟା କରିଥିବା ଅଶୋକ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ସୋମବାର ଡାକ୍ତରୀ ପରୀକ୍ଷା ପରେ ଅଶୋକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ସୁନୀତାଙ୍କ ବଡ଼ବାପା ସୁବାସ ତରିଆଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଝାରସୁଗୁଡ଼ାରୁ ସାଇଣ୍ଟିଫିକ୍ ଟିମ୍ ଯାଇ ଘଟଣାସ୍ଥଳରେ ତଦନ୍ତ କରିଛି। ପୋଲିସ ସୂଚନା ଅନୁଯାୟୀ ଶନିବାର ରାତି ସାଢ଼େ ୧୨ଟାରେ ଏକ ପିକ୍‌ଅପ୍ ଭ୍ୟାନ୍ କୁମ୍ଭାରବନ୍ଧରୁ ଡେଙ୍ଗସର୍ଗି ଅଭିମୁଖେ ଯାଉଥିଲା। ରାସ୍ତାରେ ସୁନୀତା ଓ ଅଶୋକ ପଡ଼ି ରହିଥିବା ଦେଖି ଡ୍ରାଇଭର ଗାଡି ମାଲିକଙ୍କୁ ଫୋନ୍ କରି ଜଣାଇଥିଲେ। ଭ୍ୟାନ୍ ମାଲିକ ସନତ ସେନାପତି ଏ ସମ୍ପର୍କରେ କୁମ୍ଭାରବନ୍ଧ ଫାଣ୍ଡି ପୋଲିସକୁ ଅବଗତ କରିଥିଲେ। ଫାଣ୍ଡି ଅଧିକାରୀ ରାଜକିଶୋର ସାମଦ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିଲେ। ରାସ୍ତାରେ ସୁନୀତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିବା ବେଳେ ପାଖରେ ଅଶୋକଙ୍କୁ ବେହୋସ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ବ୍ରଜରାଜନଗର କୁଲୁତାପଡ଼ାର କମଳ ଡନସେନାଙ୍କ ପୁଅ ଅଶୋକ ୨୦୧୩ରେ ବୋତଲଗା ଗ୍ରାମର ସୁରେଶ ତରିଆଙ୍କ ଝିଅ ସୁନୀତାଙ୍କୁ ବିବାହ କରିଥିଲେ। ତାଙ୍କର ୫ବର୍ଷର ପୁଅ ପ୍ରହ୍ଲାଦ ଓ ୩ବର୍ଷର ଝିଅ ଶ୍ରାବଣୀ ଅଛନ୍ତି। ସ୍ୱାମୀ-ସ୍ତ୍ରୀ ଦିନମଜୁରିଆ ଭାବେ କାମ କରି ଚଳୁଥିଲେ। ପରିବାରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଅଶୋକ ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ, ସ୍ୱାମୀ-ସ୍ତ୍ରୀ ଗତ ୪ ତାରିଖରେ ଜିଲା ମହୋତ୍ସବ ଦୁଲ୍‌ଦୁଲି ଦେଖିବା ପାଇଁ ଝାରସୁଗୁଡ଼ା ଯାଇଥିଲେ। ମହୋତ୍ସବ ଦେଖିସାରି ଉଭୟ ବୃନ୍ଦାମାଳରେ ନିଜ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଶନିବାର ଅପରାହ୍ନ ୪ଟାରେ ସେମାନେ ସୁନୀତାଙ୍କ ବାପଘର ବୋତଲଗା ଗ୍ରାମକୁ ଯିବାକୁ ବାହାରିଥିଲେ। ବସ୍ ଯୋଗେ ଆସି ରାତିରେ ଇବ୍ ଥର୍ମାଲରେ ପହଞ୍ଚିଥିଲେ। ସେଠାରୁ ଲିଫ୍ଟ ମାଗି ଏକ ବାଇକ୍‌ରେ ବୋତଲଗାକୁ ଆଡ଼କୁ ଯାଇଥିଲେ। ତେବେ ବାଇକ୍ ଚାଳକ ସେମାନଙ୍କୁ ବୋତଲଗା ଗ୍ରାମ ପୂର୍ବ ଛକରେ ଛାଡ଼ିଦେଇ ପଳାଇଥିଲେ। ସେଠାରୁ ଚାଲିଚାଲି ବୋତଲଗାକୁ ଯିବାବେଳେ ଉଭୟଙ୍କ ମଧ୍ୟରେ କୌଣସି ଘଟଣାକୁ ନେଇ ପୁଣି ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଶୋକ ସୁନୀତାଙ୍କୁ ମାରପିଟ କରିଥିଲେ। ପରେ ତାଙ୍କୁ ରାସ୍ତାରେ କଚାଡ଼ି ଦେଇଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ଯୋଗାଡ଼ କରିବା ପାଇଁ ଏବେ ଲିଫ୍ଟ ଦେଇଥିବା ବାଇକ୍ ଚାଳକଙ୍କୁ ଖୋଜୁଥିବା ତଦନ୍ତକାରୀ ଅଧିକାରୀ ରାଜକିଶୋର ସାମଦ କହିଛନ୍ତି।

# ହକି ଟୁର୍ନାମେଣ୍ଟ : ମେଘପାଲ ଚାମ୍ପିୟନ

**ନାକଟିଦେଉଳ, ୬।୧(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପାଣିମୁରା ପଞ୍ଚାୟତର ଶଙ୍ଖଭାଙ୍ଗୁଣିରେ ଗତ ୩ତାରିଖଠାରୁ ଚାଲିଥିବା ଗ୍ରାମାଞ୍ଚଳ ହକି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୩୦ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ମେଘପାଲ ଏବଂ ଡାଙ୍ଗଟେକା-ସାହାବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମେଘପାଲ ୨-୦ ଗୋଲରେ ବିଜୟୀ ହୋଇଥିଲା । ନିମାସ ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ ନାକଟିଦେଉଳ ବିଡ଼ିଓ ମେଥୋଡ଼ିୟସ ଲାକ୍ରା ମୁଖ୍ୟ ଅତିଥି, ନାକଟିଦେଉଳ କଲେଜର ପୂର୍ବତନ ଅଧକ୍ଷଉଦୟନାଥ ଗଡ଼ନାୟକ ମୁଖ୍ୟବକ୍ତା, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ବିନୋଦ ଲାକ୍ରା, ଫାଦର ଯୁଗଳକିଶୋର ହରୋ, ସୁଧୀର ବୁଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଜେତା ଏବଂ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଟଫାର ସୋରେନ ଏବଂ ଆସିମ ଖାଲକୋ ଖେଳ ପରିଚାଳନା କରିଥିଲେ। ବେନେଦିକ ଲାକ୍ରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ



## ସଂକ୍ଷେପରେ

### ରାଧାକଥା ପ୍ରବଚନ ଆରମ୍ଭ

**ଭେଡ଼େନ, ୬।୧ (ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ବାବା ସିଦ୍ଧେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶନିବାର ସନ୍ଧ୍ୟାରେ ରାଧାକଥା ପ୍ରବଚନ ଆରମ୍ଭ ହୋଇଛି। ଆର୍ଟ ଅଫ ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରବଚନ କାର୍ଯ୍ୟକ୍ରମରେ ସ୍ୱାମୀ ଦିବ୍ୟାନନ୍ଦ ଜୀ ମହାରାଜ ପ୍ରବଚକ ଭାବେ ଯୋଗଦେଇ ଭକ୍ତ ଓ ଭଗବାନଙ୍କ ଅମୂଲ୍ୟ ବାର୍ତ୍ତା ସମ୍ପର୍କରେ ପ୍ରବଚନ ପ୍ରଦାନ କରୁଛନ୍ତି । ଆସନ୍ତା ୯ ତାରିଖରେ ଏହା ଉଦ୍‌ଯାପିତ ହେବ ।

### ଚୋରାମଦ କାରବାର ବିରୋଧରେ ଫେରାଦ

**ବରଗଡ଼ ଅଫିସ୍,୬।୧:** ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମର ମହିଳାମାନେ ପୁଣି ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ଗ୍ରାମର ମହିଳାଙ୍କ ଏଭଳି ଆନ୍ଦୋଳନ ଯୋଗୁ ପୂର୍ବରୁ ଗ୍ରାମରେ ଚୋରାମଦ କାରବାର ବନ୍ଦ ରହିଥିଲା । ମାତ୍ର ଗ୍ରାମରେ ଚୋରାମଦ ବେପାରୀମାନେ ପୁଣି ସକ୍ରିୟ ହୋଇ ପଡ଼ିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ମହିଳାମାନେ ଶନିବାର ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ। ଗ୍ରାମରେ ଚାଲିଥିବା ଚୋରାମଦ କାରବାର ବନ୍ଦ କରିବା ପାଇଁ ସେମାନେ ସ୍ମାରକପତ୍ରରେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି ।

### ଶିଶୁ ମନ୍ଦିରର ବନବିହାର

**ଝାରବନ୍ଧ, ୬।୧ (ଡି.ଏନ.ଏ):** ବରଗଡ ଜିଲା ଝାରବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ବନବିହାର ଓ ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଝାରବନ୍ଧ ନିକଟସ୍ଥ ଐତିହାସିକ ଗୁମ୍ଫା ଶିମୁଳିଖୋଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ପରିଚାଳନା କମିଟି ସଭାପତି ମୋହନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ । ଶିକ୍ଷାବିକାଶ ସମିତି ପଶ୍ଚିମ ସମ୍ଭାଗର ସଦସ୍ୟ ରାମଚନ୍ଦ୍ର ତନସନା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନଆଚାର୍ଯ୍ୟ ଘନଶ୍ୟାମ ବନଛୋର ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ବ୍ରଜକିଶୋର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।



### ଗୌରାଙ୍ଗ ମଠରେ ବକୁଳ ଯାତ୍ରା ଉଦ୍‌ଯାପିତ

**ଗଣ୍ଡତୁରୁମ, ୬।୧ (ଡି.ଏନ.ଏ):** ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶରିପାଲି ସ୍ଥିତ ଗୌରାଙ୍ଗ ମଠରେ ବକୁଳ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଯାଇଛି । ମଠ ମହନ୍ତ ଗଙ୍ଗାଧର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟହ ରାମାୟଣ ପାରାୟଣ ବ୍ୟାସ ରୋଶନ ପୁରୋହିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଚନ୍ଦ୍ରଶେଖର ଦାଶ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅଷ୍ଟ ପ୍ରହର ନାମଯଜ୍ଞରେ ଭାଙ୍ଗକୁଦ ଏବଂ ଭବାନିପାଲି ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । ଏହି ଅବସରରେ ସୁନାରୀ ବେର୍ଣ୍ଣି ମଠର ମହନ୍ତ ତ୍ୟାଗୀ ମହାରାଜ, ଅନନ୍ତ ଦାଶ, ଗୋପାଳ ଦାଶ, ଭଗବାନ ଦାଶ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଗ୍ରାମର ଦୃତିଆ ସେଟ, ଆନନ୍ଦ ଦାଶ, ଦାଶରଥି ପରିଡା, ତୁଳସୀ ଦାଶ, ମନବୋଧ ସାହୁ, ସୁରଥ ସାହୁ ପ୍ରମୁଖ ସହଯୋଗ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

■ ୪ ଦିନ ପରେ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା

# ଶେଷ ପର୍ଯ୍ୟାୟରେ ରିହର୍ସାଲ

**ବରଗଡ଼ ଅଫିସ୍,୬।୧**

ଆଉ ମାତ୍ର ୪ ଦିନ ପରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ। ମହୋତ୍ସବରେ ଏଥର ଶ୍ରୀକୃଷ୍ଣ, ବଳରାମ ଓ ଶ୍ରୀରାଧା ଭୂମିକାରେ ନବାଗତ ଶିଶୁ କଳାକାରମାନେ ଅଭିନୟ କରିବେ । ସେହିପରି ଯଶୋଦା, ଦେବକୀ, ଇନ୍ଦୁମତୀ, ପଦ୍ମାବତୀ, ହେତୀ, ପ୍ରହେତୀ ଭଳି ନାରୀ ଚରିତ୍ରର କଳାକାରମାନେ ମଧ୍ୟ ନବାଗତ । ଫଳରେ ନବାଗତ କଳାକାରଙ୍କୁ ନେଇ ଅଭିନୟର ପୂର୍ବାଭ୍ୟାସକୁ ଏବେଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହି କ୍ରମରେ ନବାଗତ ଶିଶୁ କଳାକାର ଆୟୁଷ ବିର୍ତ୍ତିଆ(ଶ୍ରୀକୃଷ୍ଣ) ଏବଂ ଆଶୁତୋଷ କୁମାର ବିର୍ତ୍ତିଆ(ବଳରାମ) ରବିବାର ବରଗଡ଼ ଗାନ୍ଧୀଛକ ନିକଟ କଲ୍ୟାଣମଣ୍ଡପକୁ ଆସି କଂସବଧ ଦୃଶ୍ୟର ପୂର୍ବାଭ୍ୟାସ କରିଥିଲେ । କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ଏବଂ ଅନ୍ୟ କଳାକାରମାନେ ଉପସ୍ଥିତ ଥିବାବେଳେ କଳାକାର ସମନ୍ୱୟ ସମିତିର ଉପଦେଷ୍ଟା ନକୁଳ ବାଦୀ କଂସବଧ ଅଭିନୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା କଳାକାରଙ୍କୁ ଦିଗଦର୍ଶନ ଦେଇ ଆସୁଥିବାବେଳେ ଏଥର ମହୋତ୍ସବରେ କିଛି ନୂତନ ଦୃଶ୍ୟାଭିନୟ କରିବାର ଲକ୍ଷ୍ୟ ରହିଥିବା ସେ କହିଛନ୍ତି ।



ବରଗଡ଼ ଧନୁଯାତ୍ରା ପାଇଁ ଆଖଡ଼ାଶାଳରେ କଂସବଧ ଦୃଶ୍ୟର ରିହର୍ସାଲ ଚାଲିଛି ।

# ଭାଜପାର ଓଡ଼ିଶା ମାଗୁଛି ଜବାବ ରଥର ଶୁଭାରମ୍ଭ

**ପଦ୍ମପୁର, ୬।୧ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଯମଲା ଗ୍ରାମରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଦ୍ୱାରା ରାଜ୍ୟ ବ୍ୟାପୀ ଚାଲିଥିବା ଓଡିଶା ମାଗୁଛି ଜବାବ କାର୍ଯ୍ୟକ୍ରମ ରଥର ଶୁଭାରମ୍ଭ ହୋଇଛି । ଏହାକୁ ବିଧାୟକ ପ୍ରଦୀପ ପୁରୋହିତ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶାରେ ଶାସନ କରି ଆସୁଥିବା ବିଜୁ ଜନତା ଦଳ ସରକାରର ଅପାରଗତା, ଦୁର୍ନୀତି, ରାଜ୍ୟରେ ଅରାଜକତା, ବେରୋଜଗାରୀ, ନାରୀ ନିର୍ଯାତନା, ଚାଷୀ ଆତ୍ମହତ୍ୟା ଆଦି ପ୍ରସଙ୍ଗକୁ ନେଇ ଜନସାଧାରଣଙ୍କୁ ସଚେତନ କରାଯାଉଛି । ବରଗଡ ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରିତେଶ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ ଜିଲା ପରିଷଦ ସଦସ୍ୟ ସନ୍ତୋଷ ମେହେର, ସମିତି ସଭ୍ୟ ଟୁନା ଦନସନା, ଗୋପାଳ ମହାପାତ୍ର, ମଣ୍ଡଳ ସଭାପତି ନିରାକାର ବରିହା, ଶ୍ରୀକାନ୍ତ ପାଣିଗ୍ରାହୀ, ନଗର ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ମେହେର, ରାହାସ ବିହାରୀ ସାହୁ, ରାଜେଶ ବହିଦାର, ସରୋଜ ସାମଲ, ଭାରତ ମେହେର, ସତ୍ୟବାନ ପ୍ରଧାନ, ଗହଳ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# କୁଳିତା ସମାଜର ବାର୍ଷିକସଭା

**ଝାରବନ୍ଧ, ୬।୧ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଚଣ୍ଡିଭଟା କେନ୍ଦ୍ର କୁଳିତା ସମାଜର ବାର୍ଷିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଭଟା ରାମଚଣ୍ଡି ଭବନଠାରେ ଅନୁଷ୍ଠିତ ସଭାରେ ଚଣ୍ଡିଭଟା କେନ୍ଦ୍ର ସଭାପତି ବାସୁଦେବ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ କୋତନା କେନ୍ଦ୍ରର ସଭାପତି ତୁଳସୀରାମ ପ୍ରଧାନ, ଛୋଟଅନକି କେନ୍ଦ୍ରର ଉପେନ୍ଦ୍ର ବାରିକ, ହେମନ୍ତ ସାହୁ, ଭୁବନେଶ୍ୱର ପ୍ରଧାନ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ପାଦକ ସୁରେନ୍ଦ୍ର ପ୍ରଧାନ ବିବରଣୀ ପଠନ କରିଥିବା ବେଳେ ସହ ସମ୍ପାଦକ ଦୁର୍ବାଦଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସମାଜରେ ଶିକ୍ଷାର ଉନ୍ନତି, ସାମାଜିକ ସଂସ୍କାର, କୁସଂସ୍କାର ଦୂରିକରଣ ବିଷୟରେ ଆଲୋଚନା ହୋଇଥିଲା ।

# କୁଲିଆରିରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗ ଦେଇଥିବା ସାଧୁସନ୍ଥମାନେ ।

**ଗାଇସିଲେଟ, ୬।୧ (ଡି.ଏନ.ଏ)**

ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ କୁଲିଆରି ଗ୍ରାମରେ ୧୦୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହା ଗତ ତାରିଖରେ ସ୍ୱାମୀ ବଳେଶ୍ୱରାନନ୍ଦଜୀ ସରସ୍ୱତୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜଗତ୍‌ଗୁରୁ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ସମେତ ନବ ପ୍ରଭାତ ଆଶ୍ରମ, ଛତିଶଗଡ କୁଶରଙ୍ଗି ଗୁରୁକୁଳ ଆଶ୍ରମ ସହଯୋଗ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, ଗୀତିନାଟ୍ୟ, ସଞ୍ଚାର, ପ୍ରବଚନ ହୋଇଥିଲା। ଯଜ୍ଞକାର୍ଯ୍ୟରେ ସ୍ୱାମୀ ଚେତନାନନ୍ଦ ସରସ୍ୱତୀ, ବଳଦେବାନନ୍ଦ ସରସ୍ୱତୀ, କୁଞ୍ଜଦେବ ମନୀଷୀ, ଆଚାର୍ଯ୍ୟ କୃଷ୍ଣଦେବ ଯୋଗଦେଇ ଯଜ୍ଞକର୍ତ୍ତାମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସେହିପରି ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ପୂଜକ ଲଳିତ କୁମାର ପଣ୍ଡାଙ୍କ ଉଦ୍ୟମରେ ପଞ୍ଚକୁଣ୍ଡୀୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଉଦ୍ଧବ ତ୍ରିପାଠୀ ମୁଖ୍ୟ ପୁରୋହିତ, ପଣ୍ଡିତ ସରୋଜ ପାଣିଗ୍ରାହୀ, ସନ୍ତୋଷ ପୁରୋହିତ, ରାମଚନ୍ଦ୍ର ପୁରୋହିତ, ପରୀକ୍ଷିତ ପୁରୋହିତ, ନବିନ ତ୍ରିପାଠୀ ଆହୁତି ପ୍ରଦାନ କରିଥିଲେ । ପ୍ରଶାନ୍ତ ପୁରୋହିତ, ନିରୋଜ ପାଢୀ, ଆଦିତ୍ୟ ପଣ୍ଡା, ଦେବାନନ୍ଦ ପୁରୋହିତ, ଲେକୃ ଡୁଡୁକା, ବଂଶୀଧର ସାହୁ, ଶରତ ସାହୁ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସୁନ୍ଦରାକାଣ୍ଡ ପରାୟଣରେ ରାମଚନ୍ଦ୍ର ପୁରୋହିତ ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ । ଜଗଦାନନ୍ଦ ପଣ୍ଡା, ଅମ୍ବିକା ତ୍ରିବେଦୀ, ହରିହର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ୧୯୯୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ବିଜେପୁର, ୬।୧ (ଡି.ଏନ.ଏ)**

ବିଜେପୁର ବ୍ଲକ ଯୋଖିପାଲି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ରବିବାର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୧୯୯୭ ମ୍ୟାଟ୍ରିକ ବ୍ୟାଚ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରଧାନଶିକ୍ଷକ ଧର୍ମରାଜ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର କୁମାର ଦାଶ, ସୁବାଷ ଚନ୍ଦ୍ର ପଟେଲ, ଶଙ୍କର ସାହୁ, ସରୋଜ ସାହୁ, ବଲ୍ଲଭ ସାହୁ, ମନୋଜ ଖମାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜୁ ବାଗ ସ୍ୱାଗତ ଭାଷଣ, ସୁଶାନ୍ତ ଦାଶ ଉଦ୍ଦେଶ୍ୟ ଜ୍ଞାପନ ଓ ଦେବେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଯୁବକବି କୁମର ମହାନନ୍ଦ କବିତା ମାଧ୍ୟମରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ନିରଞ୍ଜନ ବାଗ, ଦିଲୀପ ମହାନନ୍ଦ, ସୁଶାନ୍ତ ଭୋଇ, ରାଜୁ ବାଗ, ନୀଳିମା ମହାପାତ୍ର, ସସ୍ମିତା ଦାଶ, ଗୀତାଞ୍ଜଳି ବାରିକ, ଗୀତା ସାହୁ ପ୍ରମୁଖ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସଂଯମତା ସହକାରେ ସାଧନା ଓ ଅଧ୍ୟବସାୟ ଅବ୍ୟାହତ ରହିଲେ ଲକ୍ଷ୍ୟ ହାସଲ ସୁନିଶ୍ଚିତ ବୋଲି ମତପ୍ରକାଶ ପାଇଥିଲା । ନିରୋଜ ସାହୁ ମଞ୍ଚ ପରିଚାଳନା ଓ ସୁବିଧା ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅତାବିରାରେ ଜନପରାମର୍ଶ ପଦଯାତ୍ରା




ଭାଜପା ନେତା ଓ କର୍ମୀମାନେ ପଦଯାତ୍ରାରେ ବାହାରିଛନ୍ତି ।

**ଜାମଟିକ୍ରା, ୬।୧ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡା ପଞ୍ଚାୟତର କୁଲୁଣ୍ଡା, ବାବେବିରା ଓ ପଲସାପାଲି ଗ୍ରାମରେ ଭାଜପା ଅତାବିରା ମଣ୍ଡଳ ପକ୍ଷରୁ ଜନପରାମର୍ଶ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଯୋଜନା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯିବା ସହ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଦଳୀୟ କର୍ମୀ ଲୋକଙ୍କୁ ସଚେତନ କରୁଛନ୍ତି । ଏହି ପଦଯାତ୍ରାରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଭାଜପା ଜିଲା ଉପସଭାପତି ଉର୍କୁଲୁ ତାଣ୍ଡି, ପୂର୍ବତନ ବ୍ଲକ ଚେୟାରମ୍ୟାନ ଚିତ୍ତରଞ୍ଜନ ଭୋଇ, ପ୍ରମୋଦ ରଥ, ଦଶରଥ ଭୋଇ, ଯୁବରାଜ ପଧାନ, ସୁଦାମ ଭୋଇ ପ୍ରମୁଖ ସାମିଲ ଥିଲେ ।




ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ସତଲମା କଲେଜର ରୌପ୍ୟଜୟନ୍ତୀ ଉଦ୍‌ଘାଟିତ

**ବରପାଲି, ୬।୧ (ଡି.ଏନ.ଏ)**

ବରପାଲି ବ୍ଲକ ଅନ୍ତର୍ଗତ ସତଲମା କଲେଜର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ ଦିନିଆ ରୌପ୍ୟ ଜୟନ୍ତୀ ମହୋତ୍ସବ ରବିବାର ସକାଳେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଛାତ୍ରମାନେ ଏକ ଶୋଭାଯାତ୍ରାରେ ବରପାଲି ସମଲେଶ୍ୱରୀ ମନ୍ଦିରରୁ ମଶାଲ ଆଣି ଉତ୍ସବ ସ୍ଥଳରେ ସ୍ଥାପନ କରିବା ପରେ ଜୟନ୍ତ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ବତନ କଲେଜ ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଏମ୍‌ପି ଡ. ପ୍ରଭାସ ସିଂ ମୁଖ୍ୟଅତିଥି, ବିଧାୟିକା ରୀତା ସାହୁ, ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର ସମ୍ମାନୀତ ଅତିଥି ଓ ପ୍ରାକ୍ତନ ଅଧ୍ୟାପକ ଘନଶ୍ୟାମ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଲୋକବନ୍ଧୁ ପଧାନଙ୍କ ସଂଯୋଜନାରେ ଅଧ୍ୟାପିକା ଚେତନା ପଧାନ ବିବରଣୀ ପାଠ କରିଥିଲେ । ଶିକ୍ଷାର ବିକାଶ ଓ ଅଗ୍ରଗତି ଉପରେ ଅତିଥିମାନେ ମତାମତ ଦେଇଥିଲେ । ମହୋତ୍ସବର ଦ୍ୱିତୀୟ ଅଧିବେଶନରେ ଆଧ୍ୟାତ୍ମିକତା ଆଧାରିତ ସାମାଜିକ ସଂସ୍କାର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟା ବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତା ଓ ପ୍ରାକ୍ତନ ପ୍ରଫେସର ତଥା ସ୍ତମ୍ଭକାର ଛାୟାକାନ୍ତ ଷଡଙ୍ଗୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସୋହେଲା ସରକାରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସୋହେଲା,୬।୧(ଡି.ଏନ.ଏ)**

ସୋହେଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ସ୍କୁଲର ଖେଳ ପଡିଆଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଛାତ୍ରମାନେ ଶୋଭାଯାତ୍ରାରେ ଦୁର୍ଗାମନ୍ଦିରରୁ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ । ଏହାପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଛାତ୍ରମାନଙ୍କ ମଧ୍ୟରେ ଦଶମ ଶ୍ରେଣୀର ଛାତ୍ର ଶମ୍ଭୁ ସେଠ ଚାମ୍ପିୟନ ହୋଇଥିବାବେଳେ ମ୍ୟୁଜିକ ଚେୟାରରେ ଶିକ୍ଷୟିତ୍ରୀ ଅନୁରାଧା ସ୍ୱାଇଁ ବିଜୟିନୀ ହୋଇଥିଲେ । ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ହେମସାଗର ମହାନନ୍ଦ ସଭାପତିତ୍ୱ କରିଥିଲେ । ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ମୁଖ୍ୟଅତିଥି ଏବଂ ବରିଷ୍ଠ ନାଗରିକ ଟଙ୍କଧର ଝାଙ୍କର, ସ୍କୁଲର ଅଭିଭାବକ ଏବଂ ଶିକ୍ଷକ ସଂଘ ସଭାପତି ସୁଦୀପ୍ତ ସିଂ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସ୍କୁଲର ଖେଳ ଶିକ୍ଷକ ସୁଦାମ ପଧାନ ଖେଳ ପରିଚାଳନା କରିଥିଲେ । ମଧୁପୁର ଖ୍ରୀଷ୍ଟଜ୍ୟୋତି ହାଇସ୍କୁଲର ଖେଳ ଶିକ୍ଷକ ମୀନକେତନ ପାଣିଗ୍ରାହୀ ଓ ଗର୍ଭଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳ ଶିକ୍ଷକ ଗୋପାଳ ସାହୁ ସହଯୋଗ କରିଥିଲେ । ପୁରସ୍କାର ବିତରଣ ପରେ ଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# କ୍ରିକେଟ: କଳାମାଟି ଦଳ ଚାମ୍ପିୟନ

**ଭେଡ଼େନ, ୬।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅରେଇଗୁଡ଼ି ଠାରେ ଚାଲିଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଳାମାଟି ଦଳ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍‌ରେ ଏହି ଦଳ ମହାକୁରଟିକ୍ରା ଦଳକୁ ୪୯ ରନରେ ପରାସ୍ତ କରି ଏହି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କଳାମାଟି ଦଳ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ କରିଥିଲା । ଜବାବରେ ମହାକୁରଟିକ୍ରା ଦଳ ୧୦ ଓଭରରେ ୪ ଉଇକେଟ ହରାଇ ୫୯ ରନ କରିବାକୁ ସମର୍ଥ ହୋଇଥିଲା। ଏହାପୂର୍ବରୁ ଖେଳା ଯାଇଥିବା ପ୍ରଥମ ସେମିଫାଇନାଲରେ ମହାକୁରଟିକ୍ରା ଦଳ ଦେକୁଲବା ଦଳକୁ ପରାସ୍ତ କରିଥିଲା । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦେକୁଲବା ଦଳ ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ କରିଥିଲା। ଏହାର ଜବାବରେ ମହାକୁରଟିକ୍ରା ଦଳ ୯.୫ ଓଭରରେ ୪ ଉଇକେଟ ହରାଇ ୮୫ ରନ୍ କରି ମ୍ୟାଚ୍ ଜିତିଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲରେ କଳାମାଟି ଦଳ ଅରେଇଗୁଡ଼ିକୁ ହରାଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କଳାମାଟି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୯୧ରନ କରିଥିଲା। ଏହାର ଜବାବରେ ଅରେଇଗୁଡ଼ି ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୮୧ରନ କରିବାକୁ ସମର୍ଥ ହୋଇଥିଲା । ବିଜୟୀ ଦଳର ସୁଜିତ ବାଗଙ୍କୁ ମ୍ୟାନ ଅଫ ଦି ଫାଇନାଲ, ସୁଜିତ ଡ଼ାକୁଆଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରମେଶ କର୍ଣ୍ଣ ମୁଖ୍ୟଅତିଥି, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ସରପଞ୍ଚ ସୁନୀଲ କୁମାର ମେହେର, ରାଜେଶ କରନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ ।

**ମହେନ୍ଦ୍ର ମେମୋରିଆଲ**
- ସୁଜିତ ବାଗ ମ୍ୟାନ ଅଫ ଦି ଫାଇନାଲ
- ସୁଜିତ ଡାକୁଆ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ



ଅରେଇଗୁଡ଼ିରେ ଖେଳା ହୋଇଥିବା ମହେନ୍ଦ୍ର ମେମୋରିଆଲ କ୍ରିକେଟ ମ୍ୟାଚର ଅତିଥି ଓ ଖେଳାଳି ।



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଚାଷୀଙ୍କ ପାଖରେ ପହଞ୍ଚୁନି କୃଷି ଜ୍ଞାନକୌଶଳ

**ସଂଘିଯୁବା, ୬।୧ (ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୭୮ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନଚାଷ ମୁଖ୍ୟ ଫସଲ। ହେଲେ ଅଞ୍ଚଳର କୃଷକମାନଙ୍କୁ କୃଷିଭିତ୍ତିକ ତାଲିମ୍ ଓ ବୈଷୟିକ ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ପାରମ୍ପରିକ ପ୍ରକ୍ରିୟାରେ ଚାଷକୁ ଆପଣାଇ ଚାଷ ଜାରି ରଖିଥିବା ବେଳେ ଆଧୁନିକ କୃଷି ପଦ୍ଧତିର ସୁଫଳ ପାଇ ପାରୁନାହାଁନ୍ତି। ବହୁବର୍ଷ ହେଲା ଏଠାରେ ଗ୍ରାମସେବକ ପଦପଦବୀମାନ ଖାଲି ପଡଛି । ଫଳରେ ସ୍ଥାନୀୟ କୃଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ କୃଷିକର୍ମଣ ତାଲିମ କାର୍ଯ୍ୟକ୍ରମ ଦିଆଯାଇ ପାରୁନାହିଁ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଧାନ ଓ ଅନ୍ୟାନ ଫସଲ କରିବା ପାଇଁ ପ୍ରୋତ୍ସାହିତ କରୁଛୁ। ମାତ୍ର ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ବୃହତ୍ ଅଞ୍ଚଳର ହଜାର ହଜାର ଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ଓ ଜ୍ଞାନକୌଶଳ ଯୋଗାଇ ଦେବା କଷ୍ଟକର ହେଉଛି । ଏଣୁ ଖାଲିଥିବା ପଦବୀଗୁଡିକ ଯଥାଶୀଘ୍ର ପୂରଣ କରାଗଲେ ଚାଷୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ।



### ବର୍ଷୀୟାନ କଂଗ୍ରେସ ନେତାଙ୍କ ପରଲୋକ

**ବୀରମହାରାଜପୁର, ୬।୧ (ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲାର ବର୍ଷୀୟାନ କଂଗ୍ରେସ ନେତା ଝଗଡୁ କର୍ମୀଙ୍କର ରବିବାର ପରଲୋକ ହୋଇଛି। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମଭାବେ ପରିଚିତ ଉଲୁଣ୍ଡା ବ୍ଲକ କଳାପଥରସ୍ଥିତ ବାସଭବନରେ ୯୪ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣରୁ ଗତ କିଛିମାସ ଧରି ସେ ଶଯ୍ୟାଶାୟୀ ଥିଲେ। ବହୁ ସାମାଜିକ କାର୍ଯ୍ୟରେ ଜଡିତ ଥିବା ଝଗଡୁ କର୍ମୀ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜ ପ୍ରତିଷ୍ଠାତା ସଭାପତି ଏବଂ ବୀରମହାରାଜପୁର କଲେଜର ପ୍ରତିଷ୍ଠାତା ସଭ୍ୟ ଥିଲେ। ଏହା ସାଙ୍ଗକୁ କଳାପଥର ଗ୍ରାମ ପଞ୍ଚାୟତର ସେ ସରପଞ୍ଚଭାବେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ କର୍ମୀ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମଣ ଶତପଥୀ ଓ ସ୍ୱର୍ଗତ ରାମଚନ୍ଦ୍ର ଶତପଥୀ ଏବଂ ପରବର୍ତ୍ତୀ ସମୟରେ ବୀରମହାରାଜପୁର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ହୃଷିକେଶ ହୋତାଙ୍କର ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଥିଲେ। ତାଙ୍କର ପରଲୋକ ଖବର ପାଇ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ସହ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ତାଙ୍କ ଶବାଧାରରେ ସାମିଲ ହୋଇଥିଲେ। ଗାଁ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ବିଜୁ ପଟ୍ଟନାୟକ ମହିଳା କଲେଜର ରୌପ୍ୟ ଜୟନ୍ତୀ ସମାରୋହ

# ଭାରତୀୟ ସମାଜରେ ନାରୀର ସ୍ଥାନ ଉଚ୍ଚରେ

**ସୋନପୁର, ୬।୧ (ନି.ପ୍ର.)**



କଲେଜ ରୌପ୍ୟ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଛାତ୍ରୀଙ୍କ ସହିତ ମତ ବିନିମୟ କରୁଛନ୍ତି ।

ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଛାତ୍ରୀଙ୍କ ସହିତ ମତ ବିନିମୟ କରିଥିଲେ। ରାଜ୍ୟପାଳ କହିଥିଲେ ଭାରତୀୟ ସମାଜରେ ନାରୀର ସ୍ଥାନ ବହୁ ଉଚ୍ଚରେ। ପୁରାତନ ସମୟରୁ ଏହି ପରମ୍ପରା ରହିଛି। ଆମ ଦେଶ ନାରୀଙ୍କୁ ସବୁବେଳେ ସମ୍ମାନ ଦେଇ ଆସିଛି। ନାରୀ ଅତ୍ୟାଚାରୀଙ୍କୁ କଠୋର ଦଣ୍ଡ ମିଳିଛି। ରାମାୟଣ ଓ ମହାଭାରତର ଉଦାହରଣ ଦେଇ ରାଜ୍ୟପାଳ ଏହା ଦର୍ଶାଇଥିଲେ। ବର୍ତ୍ତମାନ ସମାଜରେ ନାରୀ ବହୁ ଆଗକୁ ଗଲେଣି। ନାରୀ ଉଚ୍ଚ ଶିକ୍ଷିତ ଓ ଆତ୍ମନିର୍ଭରଶୀଳ ହେଲେ ଦେଶ ଆହୁରି ବିକାଶ କରିବ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ରାଜ୍ୟପାଳଙ୍କ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ଜିଲାପାଳ ମଧୁସୂଦନ ମିଶ୍ର, ଜୁନିୟର କଲେଜ ପରିଚାଳନା ପରିଷଦ ସଭାପତି ଅଭିମନ୍ୟୁ କୁଶଳ, ଜୁନିୟର କଲେଜ ଅଧ୍ୟକ୍ଷା କିରଣବାଳା ଦାସ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷା ବୈଜୟନ୍ତୀ ନାୟକ ମଞ୍ଚାସୀନ ଥିଲେ। ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ, ଶିକ୍ଷାବିତ୍ ହରପ୍ରସାଦ ରଥ, ଅଭିମନ୍ୟୁ କୁଶଳ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ ଓ ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ ସଭାପତି ଲକ୍ଷ୍ମୀନାରାୟଣ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଲେଜର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କଲେଜର ବର୍ତ୍ତମାନର ଛାତ୍ରୀ ଓ ପୁରାତନ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଶୃଙ୍ଖଳିତ ଶିକ୍ଷା ହିଁ ଉତ୍ତମ ଚରିତ୍ର ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସେହିପରି ଗୁରୁଶିଷ୍ୟ ପରମ୍ପରା ବଜାୟ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଭିନେତ୍ରୀ ବିଦୁସ୍ମିତା ଅତିଥି କଳାକାରଭାବେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ହଜାର ହଜାର ଛାତ୍ରୀ ଓ ସହରବାସୀ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। କଲେଜର ଛାତ୍ରୀ, ପୁରାତନ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ବୃନ୍ଦ ଉତ୍ସବ ଆୟୋଜନରେ ସକ୍ରୀୟ ସହଯୋଗ କରିଥିଲେ ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଲୋଇସିଂହା,୬।୧ (ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କୁଟାସିଂହା ଗ୍ରାମର ଜଣେ ୩୫ ବର୍ଷିୟା ବିବାହିତା ମହିଳାଙ୍କ ଶନିବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅର ମୃତ୍ୟୁକୁ ସନ୍ଦେହ କରି ବାପା ବୃନ୍ଦବନ ରାଏ ଲୋଇସିଂହା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ମଧ୍ୟାହ୍ନରେ ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ଅଧୀନ ବୁରୋଭାଡି ଗ୍ରାମର ବୃନ୍ଦବନ ରାଏଙ୍କ ଝିଅ ମୁକ୍ତା ରାଏଙ୍କୁ କୁଟାସିଂହା ଗ୍ରାମର ଜଗନ୍ନାଥ ଧରୁଆଙ୍କ ପୁଅ ସୁରେନ୍ଦ୍ର ୧୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୧୧ ବର୍ଷର ଗୋଟିଏ ଝିଅ ଅଛନ୍ତି। ତେବେ ବିବାହର କିଛି ବର୍ଷ ପରେ ମୁକ୍ତାଙ୍କୁ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନ ପାରି ସେ ବାପା ଘରକୁ ଚାଲି ଆସିଥିଲେ। ସମାଜ ପକ୍ଷରୁ ଆପୋସ ବୁଝାମଣା ପରେ ସେ ଶାଶୁ ଘରକୁ ଯାଇଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୫ ଆରୋହୀ ଗୁରୁତର

**ବୀରମହାରାଜପୁର, ୬।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରୁ ମୁଷୁଣ୍ଡୀ ଦେଇ ସୁବଳୟା ଯାଇଥିବା ରାସ୍ତାରେ ରବିବାର ଘଟିଥିବା ଏକ ସଡକ ଦୁର୍ଘଟଣାରେ ୫ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ବୁର୍ଲା ଭୀମ୍‌ସାର୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାମତେ ସ୍ଥାନୀୟ ଏକ ଫଟୋ ଷ୍ଟୁଡିଓ ମାଲିକ ବସନ୍ତ ବିଶ୍ୱାଳ(୪୫) ଏକ ବାଇକ୍‌ରେ ତାଙ୍କର ଦୁଇ ପୁଅ ଶିବାଜୀ (୧୩) ଓ ବିଶ୍ୱଜିତ (୧୪)ଙ୍କୁ ନେଇ ନିଜ ଗ୍ରାମ କୁଡାପଡାକୁ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଧକ୍କା ଦେଇଥିବା ବାଇକ୍‌ରେ ଜଟେସିଂଘା ଗ୍ରାମର ଲିପୁନ ଲୁହା(୧୫) ଓ ସୁଧୁ ସୁନା(୧୫) ଆରୋହୀ ଥିଲେ। ବାଇକ୍ ଦୁଇଟି ଧକ୍କା ହେବାପରେ ଉଭୟ ଗାଡିର ୫ଜଣ ଯାକ ଆରୋହୀ ଇତଃସ୍ତତଃ ହୋଇ ଛିଟିକି ପଡିଥିଲେ। ସୁବଳୟା ଥାନା ଅଧିନ କୁଡାପଡା-ତେନ୍ତୁଲିମହଦା ଛକ ନିକଟରେ ଘଟିଥିବା ଏହି ଦୁର୍ଘଟଣା ନେଇ ପଥଚାରୀ ମାନଙ୍କଠାରୁ ଖବର ପାଇବା ପରେ ବୀରମହାରାଜପୁର ଦମକଳ ବାହିନୀଙ୍କ ସହ ବୀରମହାରାଜପୁର, ରେଢାଖୋଲ ଓ ସୋନପୁରରୁ ତିନୋଟି ୧୦୮ ଆମ୍ବୁଲାନ୍ସ ଗାଡି ପହଞ୍ଚିଥିଲା। ଆହତମାନଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥା ରେ ଉଦ୍ଧାର କରାଯାଇ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ବାଇକ ଚାଳକ ବସନ୍ତ ବିଶ୍ୱାଳ ଓ ଲିପୁନ ଲୁହାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ତୁରନ୍ତ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ପରେ ଅନ୍ୟ ୩ଗୁରୁତରଙ୍କୁ ମଧ୍ୟ ପଠାଯାଇଥିବା ବୀରମହାରାଜପୁର ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଖବର ପ୍ରସ୍ତୁତ କରାଯିବା ପର୍ଯ୍ୟନ୍ତ(ରାତି ୮ଟା ସୁଦ୍ଧା) ସୁବଳୟା କିମ୍ବା ବୀରମହାରାଜପୁର ଥାନାରେ କୋଣସି ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି।

ଉଲୁଣ୍ଡା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

# ଅସୀମ ପରାକାଷ୍ଠାରେ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ

**ଉଲୁଣ୍ଡା, ୬।୧ (ଡି.ଏନ.ଏ.)**




ଉଦ୍‌ଯାପନୀ ସନ୍ଧ୍ୟା ସଭାରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ବକ୍ତବ୍ୟ ରଖୁଛନ୍ତି।

ବିଚାରର ଅସୀମ ପରାକାଷ୍ଠାରେ ବ୍ୟକ୍ତିତ୍ୱର ବିକାଶ ହୋଇଥାଏ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଷୀ ଲାଲ। ସେ ତାଙ୍କ ବକ୍ତବ୍ୟରେ ଆହୁରି କହିଛନ୍ତି ଯେ, ଶିଶୁମାନଙ୍କ ଭିତରେ ଜଗନ୍ନାଥ ଅଛନ୍ତି । ସତ୍ୟ, ପ୍ରେମ ଓ କରୁଣାର ଅବତାର କୋମଳମତୀ ଛାତ୍ରୀଛାତ୍ରମାନେ ଅନୁପମ, ଅଦ୍ୱିତୀୟ ଓ ଅଦ୍ଭୁତ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାହାରୀ କାର୍ଯ୍ୟକ୍ରମରେ ଯୋଗଦେଇ କଷ୍ଟୋପାର୍ଜିତ ଶିକ୍ଷାକୁ ରାଷ୍ଟ୍ରହିତରେ ଲଗାଇଲେ ଗୁରୁଋଣ ପରିଶୋଧ ହୋଇଥାଏ ବୋଲି କହିଥିଲେ। ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ଦାଶ ଅନ୍ୟତମ ଅତିଥିଭାବେ ଯୋଗଦେଇ ବହୁ ଭଲ ମଣିଷ ତିଆରି କରିଥିବା ସଦର ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ପଦ୍ମଶ୍ରୀ ନୀଳମାଧବ ପଣ୍ଡା, ହାଇକୋର୍ଟ ବିଚାରପତି ଚିତ୍ତରଞ୍ଜନ ଦାଶ, ପୂର୍ବତନ ବିଧାୟକ ରବିନାରାୟଣ ପାଣିଗ୍ରାହୀ, କଳାକାର ଶତୃଘ୍ନ ଲୁହା ପ୍ରମୁଖଙ୍କୁ ରାଜ୍ୟପାଳ ଗଣେଶୀଲାଲ ସମ୍ମାନିତ କରିଥିଲେ । ଏହା ସହିତ ବିଦ୍ୟାଳୟର ଅଙ୍କିତା ମିଶ୍ର, ପୂଜା ସାହୁ, ଶିବାନୀ ମିଶ୍ର, ସଂଗ୍ରାମ ପୂଜାହାରୀ, ଜୟପ୍ରକାଶ ବେହେରାଙ୍କୁ ସର୍ବୋଚ୍ଚ ନମ୍ବର ରଖିଥିବାରୁ ପୁରସ୍କୃତ କରାଯାଇଥିଲା। ଷ୍ଟୁଡେଣ୍ଟ ଅଫ୍ ଦି ଇୟର୍ ଭାବେ ରାକ୍ଷୀରାଣୀ ମାଝୀ, ଶ୍ରେଷ୍ଠ ସ୍ୱାସ୍ଥ୍ୟରେ ସ୍ମୃତିକା ମହାକୁର, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ର ଅଜିତ ମିଶ୍ର, ଶ୍ରେଷ୍ଠ ଉପସ୍ଥାନରେ ଅଜିତ ମେହେରଙ୍କୁ ପୁରସ୍କାର ଦିଆଯାଇଥିଲା । ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ପୂଜାହାରୀ ବିବରଣୀ ପାଠ କରିଥିବା ବେଳେ ପ୍ରଦୀପ ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଦେବରାଜ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କଳାକାର ଶତୃଘ୍ନ ଲୁହା ଓ ସଙ୍ଗୀତ ନିର୍ଦ୍ଦେଶକ ବ୍ରହ୍ମା କୁମ୍ଭାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# 'ସତ୍ ସାହିତ୍ୟ ସମାଜରେ ପରିବର୍ତ୍ତନ ଆଣେ'

**ସୋନପୁର,୬।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର ରୌପ୍ୟ ଜୟନ୍ତୀ ସମାରୋହ ଭୀମଭୋଇ କଳା ମଣ୍ଡପଠାରେ ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା, ସାହିତ୍ୟ ଓ ପରମ୍ପରା ଏକ ଜାତିର ପରିଚୟ। ତେବେ ସତ୍ ସାହିତ୍ୟ ସମାଜରେ ବ୍ୟାପକ ପରିବର୍ତ୍ତନ ଆଣେ । ସାହିତ୍ୟିକଙ୍କ ଲେଖନୀ ଚାଳନା ମଣିଷ ମଣିଷ ଭିତରେ ଭେଦଭାବ ଦୂର କରେ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ । ଜିଲାପାଳ ମଧୁସୂଦନ ମିଶ୍ର, ପ୍ରାକ୍ତନ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଦେବେନ୍ଦ୍ର କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସାହିତ୍ୟ ସଂସଦର ସଭାପତି ନାଟ୍ୟଶ୍ରୀ ଗଦାଧର ବାରିକ୍ ସଭାରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ସଞ୍ଜିବ୍ କୁମାର ନାୟକ ସ୍ୱାଗତ ଭାଷଣ ଓ ୨୫ ବର୍ଷର ଗୌରବମୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିକାରୀ ଚରଣ ପଧାନଙ୍କୁ ମହାନଦୀ ନାଟ୍ୟ ସମ୍ମାନ, କୁମାର ଚନ୍ଦ୍ର ମହାପାତ୍ରଙ୍କୁ ମହାନଦୀ ଯୁବ ପ୍ରତିଭା ସମ୍ମାନ, ଡ. ଦେବୀପ୍ରସାଦ ମିଶ୍ର, କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ରୌପ୍ୟ ଜୟନ୍ତୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂସଦର ମୁଖପତ୍ର ପତ୍ରିକା ଓଜସ୍‌କୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ।




ରାଉରକେଲାର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ଓଜସ୍‌ର ସମ୍ପାଦକ କ୍ଷିରୋଦ ବିହାରୀ ବିଶ୍ୱାଳ ଓ ମୁଖ୍ୟ ସମ୍ପାଦକ ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ଉପସ୍ଥିତ ଥିଲେ। ପରେ ସାମୂହିକ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ପୂର୍ବାହ୍ନରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଡ. ପ୍ରଦୀପ ପଣ୍ଡା, ଡ. ପ୍ରହଲ୍ଲାଦ ଶତପଥୀ ଓ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ଅତିଥି ଭାବେ ଯୋଗ ଦେଇଥିଲେ। କବି ଲକ୍ଷ୍ମୀନାରାୟଣ ସାହୁ, ରାଜୀବ ଲୋଚନ ଆଚାଯରୟ ଓ କ୍ଷିରୋଦ ବିହାରୀ ବିଶ୍ୱାଳ ପାଠୋତ୍ସବକୁ ସଂଯୋଜନା କରିଥିଲେ। ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ ଓ ସମ୍ବଲପୁର ଜିଲାର ୫୦ ରୁ ଉର୍ଦ୍ଧ କବି ସ୍ୱରଚିତ କବିତା ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହରବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ।

### ଗଣ୍ଡଗୋଳରୁ ମାରପିଟ୍

**ସମ୍ବଲପୁର,୬।୧(ବ୍ୟୁରୋ)**

ସମ୍ବଲପୁର ଜିଲା ସଦର ଥାନା ମାନେଶ୍ୱର ଗ୍ରାମରେ ଦୁଇ ଜଣଙ୍କ ମଧ୍ୟରେ ମାଡପିଟ ହୋଇଛି । ସଦର ଥାନାରେ ଉଭୟ ପକ୍ଷର ଅଭିଯୋଗ କ୍ରମେ ୫/୧୮ ଓ ୬ /୧୮ରେ ମଦନ ପୂଜାରୀ ଓ ଗୋପି ପୂଜାରୀଙ୍କ ନାମରେ ପୃଥକ ପୃଥକ ୨ଟି ମାମଲା ରୁଜୁ ହୋଇଛି । ମାନେଶ୍ୱର ଗ୍ରାମରେ ମାନଧାତା ବାବା ମନ୍ଦିରରେ ନଡିଆ ବିକ୍ରି ଉପରେ ବୈଠକ ହେବାର ଥିଲା । ଏହି ବୈଠକରେ ଯୋଗ ଦେବା ପୂର୍ବରୁ ନଡିଆ ବିକ୍ରି କରୁଥିବା ଗୋପି ଓ ଫେନି ଦୋକାନ କରିଥିବା ମଦନଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏଥିରେ ଗୋପିଙ୍କ ମୁହଁରେ ଆଘାତ ଲାଗିଛି। ପୋଲିସ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଚିକିତ୍ସା କରାଇଛି।

# ବକୁଳ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଉଲୁଣ୍ଡା, ୬।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତର ବାଘପାଲି ସିଦ୍ଧସାଧକ ସାଧୁ ଚନ୍ଦ୍ରମଣୀ ଦାଶଙ୍କ ପବିତ୍ର ସମାଧି ପୀଠରେ ପାରମ୍ପରିକ ବକୁଳ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩୦ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ କଳସ ସ୍ଥାପନ ପରେ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ସେହି ଦିନଠାରୁ ପ୍ରତ୍ୟେକ ଦିନ ଭାଗବତ ପାରାୟଣ ସହ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ପ୍ରଭୃତି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଅନୁଷ୍ଠାନ ତରଫରୁ ଶନିବାର ଅଷ୍ଟପ୍ରହର ନାମଯଜ୍ଞର ଆୟୋଜନ କରାଯାଇଥିଲା। ଏଥିରେ କୋଟସମଲାଇ, ଜଉଁରାଭଉଁରା, ତେନ୍ତୁଲିଖୋଲ, ଝାରବାହାଲି, ସାଗଜୁରୀ ଏବଂ ଖୁଂଟୁଲାପାଲିର ସଂକୀର୍ତ୍ତନ୍ୟ ଦଳ ଭାଗ ନେଇଥିଲେ। ପୁରାତନ କଳା ଉପରେ ଆଧାରିତ ରାସମନ୍ଦାର ଦଣ୍ଡନୃତ୍ୟ ଏବଂ ତୁଳସୀ ସଙ୍ଗୀତ ଏକାଡେମୀ ଭୁବନେଶ୍ୱରର ଆସାମକୁଲ ବାରିକଙ୍କ ଭଜନ ସମାରୋହ ବେଶ ଆକର୍ଷଣୀୟ ହୋଇଥିଲା। ପରେ ମୁକୁନ୍ଦ ଧରୁଆଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଭକ୍ତଭଙ୍ଗା ଦାଶ, ମୂରଲୀଧର ଭୋଇ, ଜାନକୀରାମ ଦେହୁରୀ, ଆଇନଜୀବୀ ମନୋଜ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ପରିଚାଳନା ପରିଷଦ ସମ୍ପାଦକ ରଞ୍ଜିତ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।




ବକୁଳ ଯାତ୍ରା ଉଦ୍‌ଯାପନୀ ଦିବସରେ ଶ୍ରଦ୍ଧାଳୁଙ୍କ ଭିଡ଼।

### ଚାଲୁନାହିଁ ଖୁଚୁରା ମୁଦ୍ରା, ସାଧାରଣ ଲୋକ ହୀନସ୍ତା

**ବୀରମହାରାଜପୁର, ୬।୧(ଡି.ଏନ୍.ଏ.)**

ବୀରମହାରାଜପୁର ବଜାରରେ ଏବେ ୧ ଟଙ୍କା ଏବଂ ୨ ଟଙ୍କା ମୂଲ୍ୟର ମୁଦ୍ରା ଚାଲୁନାହିଁ । ବ୍ୟବସାୟୀମାନେ ଖୁଚୁରା ମୁଦ୍ରା ଗ୍ରହଣ କରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧ ହୋଇ ସେମାନେ ୫ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଜିନିଷ କିଣିବାକୁ ବାଧ ହେଉଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କୁ ବଜାରରେ ହିନସ୍ତା ହେବାକୁ ପଡୁଥିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ କେଉଁ କାରଣରୁ ଏଭଳି ସ୍ଥିତି ଉପୁଜିଛି ତାହା ଜଣା ପଡୁ ନଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ତଥା ପ୍ରଶାସନ ସ୍ପଷ୍ଟ କରିବା ସଙ୍ଗେସଙ୍ଗେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଭୀମ ଭୋଇ ପୀଠ ବୁଲିଲେ ରାଜ୍ୟପାଳ

**ସୋନପୁର, ୬।୧ (ନି.ପ୍ର.)**

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ରବିବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତ କରି ଫେରି ଯାଇଛନ୍ତି। ଉଲୁଣ୍ଡା ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେବା ପରେ ରାଜ୍ୟପାଳ ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ଦର୍ଶନ କରିଥିଲେ। ସର୍କିଟ୍ ହାଉସରେ ବିଶ୍ରାମ ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷକୁ ଯାଇ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ମତ ବିନିମୟ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ପାଇଁ ପରାମର୍ଶ ଦେଇଥିଲେ। ବିଶେଷ କରି ଜିଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ଜନ୍ମରୁ ୫ ବର୍ଷ ବୟସର ଶିଶୁଙ୍କ ଯତ୍ନ ଓ ସମସ୍ତ ଶିଶୁ ସ୍କୁଲ ଯିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ପରେ ଶିଳ୍ପୀଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ମନମୁଣ୍ଡାସ୍ଥିତ ବୟନ ବିହାରକୁ ଯାଇ ବାନ୍ଧକଳାର ସୂକ୍ଷ୍ମ କାରୁକାର୍ଯ୍ୟ ବୁଲି ଦେଖିଥିଲେ। ଅପରାହ୍ନରେ ସନ୍ଥ କବି ଭୀମଭୋଇଙ୍କ ଖଲିଆପାଲିସ୍ଥିତ ସିଦ୍ଧି, ସାଧନା ଓ ସମାଧୀ ପୀଠକୁ ଯାଇ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଫେରିବା ରାସ୍ତାରେ ରୁଗୁଡିପାଲି ଅଙ୍ଗନୱାଡି କେନ୍ଦ୍ରରେ ମାତୃ କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହିତ ମତ ବିନିମୟ କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ସମୟରେ ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀ ପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ପିଡି ଡିଆରଡିଏ ସୂର୍ଯ୍ୟ ନାରାୟଣ ଦାଶ, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ ବେହେରା, ଭୀମଭୋଇ ଟ୍ରଷ୍ଟର ଛତ୍ରଧାରୀ ଅଗ୍ରୱାଲା ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ। - **ସନ୍ଥ କବୀର ଦାସ**



**ସଂକ୍ଷେପରେ**

## ବୌଦ୍ଧ ଭାଜପାର ବନ୍ଧୁମିଳନ

**ବୌଦ୍ଧ,୬ା୧(ସ୍ୱ.ପ୍ର):** ବୌଦ୍ଧ ଜିଲା ପୁରୁଣାକଟକ ଶିବ ମନ୍ଦିର ପରିସରରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଚ୍ଚିଦାନନ୍ଦ ଦଲାଲଙ୍କ ଆବାହକତ୍ୱରେ ଦଳୀୟ ନେତା ଓ କର୍ମୀମାନଙ୍କୁ ନେଇ ଏକ ବନ୍ଧୁମିଳନର ଆୟୋଜନ କରାଯାଇଥିଲା । ଏହି ବୈଠକରେ ଦଳ ପକ୍ଷରୁ ଯାହାକୁ ପ୍ରାର୍ଥୀ ଚୟନ କରାଗଲେ ସମସ୍ତେ ମିଳିତ ଭାବେ ତାଙ୍କୁ ଜିତେଇବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବନ୍ଧୁ ମିଳନରେ ଜିଲା ପ୍ରଭାରୀ ସବିତା ନନ୍ଦ, ଜିଲା ସଭାପତି ସୌମିତ୍ରୀ ନାୟକ, ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯୁଗଳ ସାହୁ, ସୁଶାନ୍ତ ପ୍ରଧାନ, ସଂଯୁକ୍ତା ନାୟକ, ଉପ ସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ ବାଘ, ମଣ୍ଡଳ ସଭାପତି ସତ୍ୟାନନ୍ଦ ପାଣ୍ଡେ, ସଞ୍ଜୟ ମେହେର, ସୁଶୀଲ ଦେହୁରୀ, ସରୋଜ ପ୍ରଧାନ, ଦେବେନ୍ଦ୍ର ନାଥ ଗୁରୁ, ସ୍ୱାଧୀନ ପ୍ରଧାନ ପ୍ରମୁଖ ନିଜ ନିଜ ମତ ଉପସ୍ଥାପନ କରିଥିଲେ ।

## ଜିଲା ଟାଏକୋଣ୍ଡୋ କଲର ବେଲ୍ଟ ଟେଷ୍ଟ

**ବରଗଡ଼ ଅଫିସ୍,୬ା୧:** ବରଗଡ଼ ଗୁଜୁରାତି ଧର୍ମଶାଳାରେ ରବିବାର ଦ୍ୱିତୀୟ ଟାଏକୋଣ୍ଡୋ କଲର ବେଲ୍ଟ ଟେଷ୍ଟ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲା ଟାଏକୋଣ୍ଡୋ ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ବାଳିକା, ବାଳକ ଖେଳାଳି ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବେଲ୍ଟ ତଥା ୟେଲୋ, ଗ୍ରୀନ, ବ୍ଲୁ, ରେଡ୍ ଏବଂ ବ୍ଲାକ୍ ବେଲ୍ଟ ପରୀକ୍ଷା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି ଏବଂ ଓଡ଼ିଶା ଟାଏକୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥଲେ । ବରଗଡ଼ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକ ବିଜୟ କୁମାର ଭୋଇ, ସଦସ୍ୟ ସମୀର ଷଡ଼ଙ୍ଗୀ, ବିପ୍ଳବ ସୁରଜାଲ, ଦିନେଶ ଶର୍ମା, ପ୍ରୟାସ ବଘାର, ସାଧୁଚରଣ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ କୃଷି ମହୋତ୍ସବ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ...



ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହନୁମାନ ଚାଳିଶା ।



ବୌଦ୍ଧ ଗେହ୍ଲା ମା କଳା ପରିଷଦର ଫ୍ୟୁଜନ ନୃତ୍ୟ ।



ଫୁଲବାଣୀର ନଟରାଜ କଳା ପରିଷଦ କଳାକାରଙ୍କ ନୃତ୍ୟ ।



ବଲାଙ୍ଗୀର ଜିଲା ଲୋଇସିଂହା ଶଙ୍କର ପାର୍ଟି ଦ୍ୱାରା ଭାଇଜୁଁଏଁତିଆ ନୃତ୍ୟ ।

# ସଂସ୍କୃତି ବିକଶିତ ହେଲେ ଦେଶର ଉନ୍ନତି ହେବ

**ବୌଦ୍ଧ,୬ା୧(ସ୍ୱ.ପ୍ର)**

ଦୀର୍ଘ ୫ ଦିନ ଧରି ବୌଦ୍ଧ କଚେରୀ ପଡିଆରେ ମହାସମାରୋହରେ ଚାଲିଥିବା ବୌଦ୍ଧ ମହୋତ୍ସବ –୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପାଇଁ ବୌଦ୍ଧ ଜିଲା ହେବାର ସୁଯୋଗ ପାଇଛି। ଯେଉଁ ଦେଶର ସଂସ୍କୃତି ଯେତେ ବିକଶିତ, ସେ ଦେଶ ସେତେ ଉନ୍ନତ ବୋଲି ସେ ମତବ୍ୟକ୍ତ କରିଥିଲେ। ବୌଦ୍ଧ ଜିଲାକୁ ୨୫ ବର୍ଷ ପୂରିଛି। ଜିଲାର ବିକାଶ ପାଇଁ ସମସ୍ତେ ହାତକୁ ହାତ ମିଳାଇ କାର୍ଯ୍ୟ କଲେ ଜିଲା ଆହୁରି ଆଗକୁ ଯାଇପାରିବ ବୋଲି ମୁଖ୍ୟଅତିଥି ସାମଲ ପ୍ରକାଶ କରିଥିଲେ।

**ବୌଦ୍ଧ ମହୋତ୍ସବ- ୨୦୧୯ ଉଦ୍‌ଯାପିତ**




ବୌଦ୍ଧ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଓ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନେ ମହୋତ୍ସବ ଦ୍ୱାରା କଳା, ସଂସ୍କୃତି, ପରମ୍ପରା ବଞ୍ଚାଯାଇପାରିବ ବୋଲି କହିଥିଲେ । ଏହି ଅବସରରେ ବୌଦ୍ଧ ମହୋତ୍ସବ ସ୍ମରଣିକା–୨୦୧୯କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ, ହାଡିବନ୍ଧୁ ମହାକୁଡ ସଭା ପରିଚାଳନା ଏବଂ ମୃତ୍ୟୁଞ୍ଜୟ ମିଶ୍ର, ପ୍ରମୋଦ କୁମାର ପ୍ରଧାନ ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନଟରାଜ କଳା ପରିଷଦ କନ୍ଧମାଳ ଦ୍ୱାରା ଓଡ଼ିଶୀ, ଆକୃତି ବୌଦ୍ଧ ଦ୍ୱାରା ଇଣ୍ଡିଆନ କ୍ଲାସିକାଲ ଫ୍ୟୁଜନ, ଗଡମେକର କେନ୍ଦ୍ରାପଡା ଦ୍ୱାରା ସିଂହ ବାହିନୀ, ଲୋଇସିଂହା ଶଙ୍କର ପାର୍ଟି ଦ୍ୱାରା ଭାଇଜୁଁଏଁତିଆ, ପୁରୀର ଗୋଟିପୁଅ, ଆସାମର ବିହୁ, କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ହନୁମାନ ଚାଳିଶା, ୱେଷ୍ଟବେଙ୍ଗଲର ବେଙ୍ଗଲି ଓ ଶଙ୍କର ପାର୍ଟି ଲୋଇସିଂହା ଦ୍ୱାରା ଚୁଟକୁଚୁଟା ଲୋକନୃତ୍ୟ ଲୋକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

## ଜାତୀୟସ୍ତରକୁ ୨ ଛାତ୍ରୀଛାତ୍ର ମନୋନୀତ

**ବରଗଡ଼ ଅଫିସ୍,୬ା୧**

ଜାତୀୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ତଥା ଇନସ୍ପାୟାର ଆୱାର୍ଡ଼ ମାନକ୍ ପାଇଁ ବରଗଡ଼ ଜିଲାର ୨ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ମନୋନୀତ ହୋଇଛି । କୃତୀ ଦୁଇ ଛାତ୍ରୀଛାତ୍ର ହେଲେ ଝରାପାଲି ବି.ପି ହାଇସ୍କୁଲର ସୀମା ମିଶ୍ର ଏବଂ ଚକରକେନ୍ଦ ୟୁଜିୟୁପି ସ୍କୁଲର ରୂପକ ରଣବୀର ପ୍ରଧାନ । ପୁରୀ ଜିଲା ସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସୀମାଙ୍କ ପ୍ରକଳ୍ପ ଇକୋ ଫ୍ରେଣ୍ଡଲି ଷ୍ଟୋଭ ଏବଂ ରୂପକଙ୍କ ପ୍ରକଳ୍ପ ମଲ୍ଟି ପର୍ପୋଜ୍ ଫାର୍ମିଂ କିଟ୍ ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛି । ବରଗଡ଼ ଜିଲାରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ୭ଟି ପ୍ରକଳ୍ପ ଯାଇଥିବାବେଳେ ସେଥିମଧ୍ୟରୁ ଜାତୀୟସ୍ତରକୁ ଉପରୋକ୍ତ ୨ଟି ପ୍ରକଳ୍ପ ମନୋନୀତ ହୋଇଥିଲା । ରାଜ୍ୟରେ ସମୁଦାୟ ୨୮ଟି ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଥିବାବେଳେ ସେଥିମଧ୍ୟରେ ଉକ୍ତ ୨ଟି ପ୍ରକଳ୍ପ ରହିଛି ।

# ସଚେତନତା ଲାଗି ୬ ହଜାର କି.ମି. ସାଇକେଲରେ ବୁଲିଲେ

**ବରଗଡ଼ ଅଫିସ୍,୬ା୧**

ନାଁ ତାକର ସାୟଦ ଫଇଜାନ ଅଲ୍ଲୀ(୬୨)। କଟକ ବକ୍ସିବଜାରରେ ତାକର ଘର। ହେଲେ ଇ ବୁଢ଼ା ବେଲେ ବି ତାକର ମଜବୁତ ମନ୍‌ବଲ ଆଘେ ହାରମାନିଛେ ବଏସ୍। ଏକତାର ବାରତା ନେଇ ସେ ସାଇକେଲରେ ଦେଶସାରା ବୁଲୁଛନ୍। ଶନିବାର ସୟଦ୍ ବରଗଡ଼ ସହରରେ ପୁହୁଁଚିଥିଲେ। ଏକତା, ସଡ଼କ ସୁରକ୍ଷା, ନିଶା ନିବାରନ, ପ୍ରଦୂଷଣ ନିୟନ୍ତ୍ରଣର ସଚେତନତା ବାରତା ନେଇ ସେ ଗଲା ନଭେମ୍ବର ୩ ତାରିଖରୁ ସାଇକେଲରେ ବାହାରିଛନ୍। ଇତାର ଭିତରେ ସେ ବାଙ୍ଗାଲୋର, ଗୋଆ, ମୁମ୍ବାଇ, ନାଗପୁର, ଛତିଶଗଡ଼ ଆଦି ପାଖାପାଖି ୬ ହଜାର କି.ମି. ଅଂଚଲ ସାଇକେଲରେ ବୁଲିଛନ୍। ଇ ସମିଆରେ ସେ ସବୁଜାଗାରେ ଲୁକ୍‌କୁ ତାକର ବୁଲବାର ଉଦେଶ ବାବ୍‌ଦେ ସଚେତନ କରିଥିବାର କହିଛନ୍। ବରଗଡ଼ ଗାନ୍ଧୀଛକ୍‌ରେ ପୁହୁଁଚିଲା ଉତାରୁ ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ 'ଫର୍'ର ସଭାପତି ଇଂ ଦେବବ୍ରତ ମିଶ୍ର, ଶେକ୍ ନଜିମୁଦ୍ଦିନ, ନିଲୁ ପାଣିଗ୍ରାହୀ ଆର ଉନିଆ ସ୍ୱେଚ୍ଛାସେବୀମାନେ ତାହାକୁ ସମରଧିତ୍ କରବାର ସଂଗେ ସାଇକେଲ ଯାତ୍ରାର ଶୁଭକାମନା କରିଥିଲେ।




ବରଗଡ଼ ଗାନ୍ଧୀଛକେ ଅଲ୍ଲୀକୁଁ ସମରଧିତ୍ କରାଯାଉଛେ ।

# ବୌଦ୍ଧ ମହୋତ୍ସବ ପାଠଚକ୍ର, କର୍ମଶାଳା ଉଦ୍‌ଯାପିତ

**ବୌଦ୍ଧ, ୬ା୧(ସ୍ୱ.ପ୍ର)**

ବୌଦ୍ଧ ମହୋତ୍ସବ ଉପଲକ୍ଷେ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ପାଠଚକ୍ର ଓ କର୍ମଶାଳାର ରବିବାର ଥିଲା ଅନ୍ତିମ ଦିବସ । ଅନ୍ତିମ ଦିବସରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମହୋତ୍ସବ ସମୟରେ ପାଠଚକ୍ର ଓ କର୍ମଶାଳା ଆୟୋଜନ କରି ଲୋକଙ୍କୁ ବିଭିନ୍ନ ଯୋଜନା ବିଷୟରେ ସଚେତନ କରିବାର ପ୍ରୟାସକୁ ମୁଖ୍ୟଅତିଥି ପ୍ରଶଂସା କରିଥିଲେ। ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ତଥା ସଫଳ ରୂପାୟନ ପାଇଁ ବିଭାଗୀୟ କର୍ମଚାରୀ ଏବଂ ଜନ ପ୍ରତିନିଧି ମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ନିଜ ନିଜର କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ କଲେ ପ୍ରକୃତ ହିତାଧିକାରୀ ଉପକୃତ ହେବେ ବୋଲି ସେ ମତବ୍ୟକ୍ତ କରିଥିଲେ । ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଜିଲାପାଳ ସୀତାଂଶୁ କୁମାର ରାଉତ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କୃଷକ ଓ କୃଷିର ବିକାଶ ପାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଲାଭ ଉଠାଇ କୃଷି କ୍ଷେତ୍ରରେ ଜିଲାକୁ ଅଗ୍ରଣୀ କରିବାରେ ସହାୟକ ହେବାକୁ ସେ ନିବେଦନ କରିଥିଲେ । ଏହି ଆଲୋଚନାଚକ୍ରରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷା ରେବତୀ ମହାଲିକ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମଞ୍ଚାସୀନ ଥିଲେ। ପରେ ଡିଡିଏ ମନୋରଂଜନ ମଲିକ ରାଜ୍ୟରେ କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଦିଗରେ ସହାୟ ହେବା ପାଇଁ ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାଳିଆ ଯୋଜନା ଉପରେ ସୂଚନା ଦେଇଥିଲେ । ଜିଲା ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ କିଶୋର ମନୋହରୀ ଜିଲାକୁ ବାହ୍ୟ ମଳମୁକ୍ତ କରିବା ଦିଗରେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଇଂ. ସୟ କୁମାର ପଣ୍ଡା ଅନ୍ୟତମ ବକ୍ତା ଭାବେ ଯୋଗଦେଇ ବର୍ଷାପାଣି ସଂରକ୍ଷଣ ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ବୌଦ୍ଧ ମହୋତ୍ସବ ପାଠଚକ୍ର ଓ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

# କ୍ରିକେଟ: କୁରୁକୁପା ଚାମ୍ପିୟନ

**ଘଣ୍ଟାପଡା,୬ା୧(ଡି.ଏନ.ଏ.)**

**ରେଗଡୋଲ କ୍ରିକେଟ ଟୁର୍ନାମେଣ୍ଟ**

କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ରେଗଡୋଲର କୁପେନ ଡୁଙ୍ଗୁରି ଖେଳ ପଡିଆରେ ରେଗଡୋଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି । ରବିବାର ଜାମୁଟ ଓ କୁରୁକୁପା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କୁରୁକୁପା ଦଳ ନିର୍ଦ୍ଧାରିତ ୮ ଓଭରରେ ୬୪ ରନ ସଂଗ୍ରହ କରିଥିଲା । ଜବାବରେ ଜାମୁଟ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୯ ରନ କରି ପରାଜିତ ହୋଇଥିଲା । ମାଁ ଖଜୁର ଗୁରେନ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ଦିବସରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି, ଜିଲା ସାଧାରଣ ସମ୍ପାଦକ ଚିତ୍ତରନ ପାତ୍ର, ନୀଳାଞ୍ଚଳ ଭୋଇ, ପୁରନ୍ଦର ମହାକୁଡ, ବୁଧୁ ରଣା, ଦେବେନ୍ଦ୍ର ରଣା ଏବଂ ସୁଧାଂଶୁ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମାୟାଧର ବିଭାର ଓ ପ୍ରସନ୍ନ ପୁଟା ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ବିଭାର, ଜୟ କଅଁର ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଲବର ରୁଷୁଭ ନାଗ, ଧରଣୀଧର ପଟ୍ଟନାୟକ, ଠାକୁର କଅଁର, ବରୁଣ ଭୋଇ, ବିଦେଶୀ ରଣା, ଯଦୁ ନାଗ ଓ ଦୁମନ ବିଭାର ସହଯୋଗ କରିଥିଲେ ।

# କ୍ରିକେଟ: ଖଇରପାଲି ଚାମ୍ପିୟନ

**ପଦ୍ମପୁର, ୬ା୧ (ଡି.ଏନ.ଏ)**

ପଦ୍ମପୁର ବ୍ଲକ ସିଂହନପୁରର ମାଁ ଲଙ୍କେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଜେଲ୍ ଛକ ପଡିଆରେ ଅନୁଷ୍ଠିତ ୧୦ତମ ଦୈତାରୀ ସାହୁ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ଖଇରପାଲି ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଏହି ଦଳ ପୁରେନାକୁ ୪୦ ରନରେ ପରାସ୍ତ କରିଛି। ପ୍ରଥମେ ଖଇରପାଲି ଦଳ ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭରରେ ୧୦୪ ରନ କରିଥିଲା। ୧୦୫ ରନ୍‌ର ବିଜୟ ପିଛା କରି ପୁରେନା ଦଳ ମାତ୍ର ୬୪ ରନ କରିବାରେ ସମର୍ଥ ହୋଇଥିଲା । ଫାଇନାଲ ମ୍ୟାଚ୍‌ରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚର ଶ୍ରେଷ୍ଠ ଖେଳାଳି ଖଇରପାଲି ଦଳର ସୁବାଷ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଦେବଙ୍କୁ ପୁରସ୍କୃତ କରାଯାଇଥିଲା । ରାଜୁ ମେହେର ଓ ଅମିତ ପୁରୋହିତ ମ୍ୟାଚ୍ ପରିଚାଳନା କରିଥିଲେ । ରୋହିଣୀ ପାଣ୍ଡେ, ସୁଶାନ୍ତ ପ୍ରଧାନ, ପୁଷ୍ପକାନ୍ତ ସାହୁ, ମଣ୍ଟୁ ପାଣ୍ଡେ ଧାରା ବିବରଣୀ ଏବଂ ମାନସ ସାହୁ ସ୍କୋରର ଥିଲେ । ଶେଷରେ କ୍ଲବର ସଭାପତି ସତ୍ୟବାନ ସାହା ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୭ ଜାନୁୟାରୀ, ୨୦୧୯



କାୟ, ମନ, ବଚନରେ କାହାରିକୁ ପୀଡ଼ା ଦେବନାହିଁ, ନିଜ ମାତାପିତା ଓ ବଡ଼ ଭାଇଙ୍କର ଆଜ୍ଞାକାରୀ ହେବ।
- ମହର୍ଷି ନାରଦ



## ସଂକ୍ଷେପରେ

### ରେଙ୍ଗାଲିରେ ଶ୍ୟାମ ମହୋତ୍ସବ

ରେଙ୍ଗାଲି, ୬।୧ (ଡି.ଏନ.ଏ)

ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଶ୍ୟାମ ମହୋତ୍ସବ ଆୟୋଜନ କରାଯାଇଥିଲା । ରେଙ୍ଗାଲି ଶ୍ୟାମ ମିତ୍ର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଶ୍ୟାମ ମହୋତ୍ସବରେ ଶ୍ୟାମ ମହାପ୍ରଭୁଙ୍କୁ ପୂଜା କରାଯାଇଥିଲା । ଏହି ଅବସରରେ ନିଶାନ ଶୋଭାଯାତ୍ରା ବାହାରି ରେଙ୍ଗାଲି ସହର ପରିକ୍ରମା କରିଥିଲା ।

### ଦେଓଗାଁରେ ମହିଳା କଂଗ୍ରେସ ମହାସଭା

ଧମା, ୬।୧ (ଡି.ଏନ.ଏ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଦେଓଗାଁଠାରେ ରବିବାର ମହିଳା କଂଗ୍ରେସର ଏକ ମହାସଭା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା କଂଗ୍ରେସ ସମ୍ପାଦିକା ଆଡଭୋକେଟ ସୁରଜିନି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମହାସଭାରେ ଅଞ୍ଚଳର ଏକହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ। ଆଶଫ ଅଲ୍ଲି ଖାନ୍ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଦେଓଗାଁ ପଞ୍ଚାୟତ କଂଗ୍ରେସ ସଭାପତି ଦାମ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଝାରୁ କୁମ୍ଭାର, ଜୋନ-୨ ମହିଳା କଂଗ୍ରେସ ସଭାନେତ୍ରୀ ଝରଣା ଭୋଇ, ଧରଣୀ ସାହୁ, ଶ୍ରୀକାନ୍ତ ବାଦି, ଭାଗୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୫୦ରୁ ଊର୍ଦ୍ଧ୍ୱ ନୂତନ କର୍ମୀଙ୍କୁ ଫୁଲତୋଡା ଦେଇ ଦଳରେ ଯୋଗଦାନ ପାଇଁ ସ୍ୱାଗତ କରାଯାଇଥିଲା।

# ଜୋଙ୍କ ସେଚ ପ୍ରକଳ୍ପରୁ ଜଳ ଯୋଗାଣ ଘଟଣା
# ଶାନ୍ତି କମିଟି ବୈଠକ ବିଫଳ

ନୂଆପଡା ଅଫିସ,୬।୧

ନୂଆପଡା ଜିଲା ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ରବି ଚାଷ ପାଇଁ ପାଣି ଯୋଗାଣକୁ ନେଇ ଦୁଇ ମୁଣ୍ଡର ଚାଷୀଙ୍କ ମଧ୍ୟରେ ଏକ ପ୍ରକାର ଟଣାଓଟରା ପରିସ୍ଥିତି ଚରମ ସୀମାରେ ପହଞ୍ଚିଛି । ଗତ ମାସ ୨୫ ତାରିଖଠାରୁ ପାଣି ଛଡାଯିବାକୁ ଥିବାବେଳେ ଏହା ଦିନ ଗଡିଚାଲିଛି । ଏହାକୁ ନେଇ ରବିବାର ଜିଲା ପ୍ରଶାସନ ଉପର ମୁଣ୍ଡ ଏବଂ ତଳ ମୁଣ୍ଡର ଚାଷୀମାନଙ୍କୁ ନେଇ ଶାନ୍ତି କମିଟି ବୈଠକ କରିଥିଲେ ମଧ୍ୟ ଗୋଟିଏ ମଞ୍ଚରେ ଦୁଇ ପକ୍ଷ ବସି ନ ଥିବାରୁ କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ଏହା ବିଫଳ ହୋଇଛି ।
ପ୍ରକାଶ ଯେ, ଗତ ୨୫ ତାରିଖଠାରୁ ରବି ଋତୁ ଜଳ ସେଚନ ସକାଶେ ପାଣି ଛଡାଯିବାର ଥିଲା । ହେଲେ ଠିକ ସେହି ଦିନ ଉପର ମୁଣ୍ଡର ଚାଷୀମାନେ କେନାଲ ମୁଣ୍ଡରେ ଧାରଣାରେ ବସିଛନ୍ତି । ଅପରପକ୍ଷେ ପାଣି ଶୀଘ୍ର ଛାଡିବା ଦାବିରେ ଶନିବାର ଜାତୀୟ ରାଜପଥ ୩୫୩କୁ ତଳ ମୁଣ୍ଡ ଚାଷୀମାନେ ଅବରୋଧ କରିଥିଲେ । ଏହାକୁ ଗୁରୁତ୍ୱର ସହ ବିଚାର କରି ଜିଲାପାଳ ଡା. ପୋମା ଟୁଡୁ ପ୍ରଶାସନକୁ ଏକ ଶାନ୍ତି କମିଟି ବୈଠକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ପୂର୍ବାହ୍ନ ସାଢେ ୧୧ଟାରେ ସ୍ଥାନୀୟ ଜିଲାପାଳଙ୍କ



ଶାନ୍ତି କମିଟି ବୈଠକରେ ମଞ୍ଚାସୀନ ଅଧିକାରୀବୃନ୍ଦ ।

### ଏକାଠି ବସିଲେନି ଦୁଇ ପକ୍ଷ

ସଦଭାବନା ସଭାଗୃହରେ ପିଡି ଡିଆରଡିଏ ବୃଷଭ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବୈଠକ ବସିଥିଲା । ଏଥିରେ ଏଏସପି ସୁନୀଲ କୁମାର ଆଚାର୍ଯ୍ୟ, ଉପଜିଲାପାଳ ତରଣୀସେନ ନାଏକ, ସୁପରିଟେଣ୍ଡିଂ ଇଞ୍ଜିନିୟର ଶିଶିର କୁମାର ଶତପଥୀ, ଜୋଙ୍କ ଜଳ ସେଚନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସାହୁ, ନୂଆପଡା ଥାନାଧିକାରୀ ବିବେକାନନ୍ଦ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚନା କରିବାକୁ ଦୁଇ ପକ୍ଷ ଏକାଠି ବସିବାକୁ ମନା କରିଦେଇଥିଲେ । ଦୁଇ ପକ୍ଷଙ୍କୁ ଭିନ୍ନ ସମୟରେ ଡାକି ଆଲୋଚନା କରାଯାଇଥିଲା । ଏଥିରେ ଦୁଇ ପକ୍ଷ ନିଜର ପକ୍ଷକୁ ନେଇ ଅଟଳ ରହିଥିଲେ । ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା ହୋଇଥିଲେ ହେଁ କୌଣସି ସମାଧାନର ସୂତ୍ର ବାହାରି ନ ଥିଲା । ଶେଷରେ ଦୁଇ ପକ୍ଷ ଚାଲିଯାଇଥିଲେ। ଏହା ଉପରେ ପିଡି ଡିଆରଡିଏ ନାଏକଙ୍କୁ ପଚାରିବାରୁ ଆମେ ପ୍ରଶାସନ ତରଫରୁ ଚାଷୀଙ୍କ ସ୍ୱାର୍ଥକୁ ନେଇ ତତ୍ପରତା ପ୍ରକାଶ କରିଛି। ଦୁଇ ପକ୍ଷଙ୍କୁ ଡାକି ଆଲୋଚନା କରି ସମାଧାନର ସୂତ୍ର ବାହାର କରିବାକୁ ଚାହୁଁଥିଲୁ । ହେଲେ ଚାଷୀ ନେତାମାନଙ୍କ ସହଯୋଗ ମିଳି ନ ଥିବାରୁ ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ସୂଚନାଯୋଗ୍ୟ ଯେ, ସୋମବାର ଉପର ମୁଣ୍ଡର ଚାଷୀମାନେ ବନ୍ଦ ପାଳନ କରିବାକୁ ଘୋଷଣା କରିଛନ୍ତି । ଏଥିରେ ଧରମବନ୍ଧା, ସାରାବଙ୍ଗ, ଭେରାଇ, ଚୁଲାଭାଟ, ମୋଟା ନୂଆପଡା ଆଦି ଗ୍ରାମପଞ୍ଚାୟତର ସବୁଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ । ଅନ୍ୟପକ୍ଷେ ତଳମୁଣ୍ଡ ଚାଷୀମାନେ ମଧ୍ୟ ଆନ୍ଦୋଳନକୁ ବ୍ୟାପକ କରିବାକୁ ସଜବାଜ ହୋଇଥିବା କମିଟି ସୂତ୍ରରୁ ପ୍ରକାଶ।

# ଡୁମାଲ ସମାଜର ବାର୍ଷିକ ଉତ୍ସବ

ସମ୍ବଲପୁର, ୬।୧ (ବ୍ୟୁରୋ)

ସମ୍ବଲପୁର ଡୁମାଲ ସମାଜର ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ରବିବାର ଗୁଡେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମାଁ ମାହେଶ୍ୱରୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ସନ୍ତୋଷ କୁମାର ପ୍ରଧାନ ପୂଜାକାର୍ଯ୍ୟ ତୁଲାଇଥିଲେ । ଏହାପରେ ଚିତ୍ରାଙ୍କନ, ରଙ୍ଗୋଲି, ମ୍ୟାଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନ ସଭାପତି ଶିବ ପ୍ରଧାନଙ୍କ ଅଧ୍ୟକ୍ଷତା ଓ କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା । ସୂର୍ଯ୍ୟକୁମାର ମେଣ୍ଡୋଲି, ଡ. ରବି କର୍ମୀ, ବାମନଚରଣ ପ୍ରଧାନ, ରଞ୍ଜନ କୁମାର ଡାଙ୍ଗ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଶ୍ୱନାଥ ପ୍ରଧାନ, କଳ୍ପେଶ୍ୱର ପ୍ରଧାନ, ଫକୀର ପ୍ରଧାନ, ସୁଶାନ୍ତ କୁମାର ମହାକୁଡ, ହରିହର ଡାଙ୍ଗ, ଫକୀର ମେଣ୍ଡୋଲି, ପ୍ରଦୀପ ପ୍ରଧାନ, ଶଙ୍କର ମହାକୁଡ, ରବି ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଜସ୍ମିନ ନାୟକ, ପ୍ରତିଭା ଖମାରୀ, ରାଜନନ୍ଦନ ମହାକୁଡ, ଶ୍ୱେତାଞ୍ଜଳି ଗାଇଗରିଆ, ନମିତା ପ୍ରଧାନ, ତୃପ୍ତି ପ୍ରଧାନ, ଐଶ୍ୱର୍ଯ୍ୟା ପ୍ରଧାନ ଓ ସସ୍ମିତା ପ୍ରଧାନ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା ।

# ଖୃଣ୍ଡା ରାମମନ୍ଦିର ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ବୈଠକ

ଧମା,୬।୧(ଡି.ଏନ.ଏ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଧମା ପଞ୍ଚାୟତର ଖୃଣ୍ଡା ଗ୍ରାମରେ ରାମମନ୍ଦିରର ନୂତନ ବିଗ୍ରହ ପ୍ରତିଷ୍ଠା ସକାଶେ ରବିବାର ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉଦ୍ଧବ ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠା ଉତ୍ସବ ପରିଚାଳନା ପାଇଁ ଏହି ଅବସରରେ ଏକ ଏକର କମିଟି ଗଠନ କରାଯାଇଥିଲା । ଏଥିରେ କୋଷାଧ୍ୟକ୍ଷ ଭାବେ ସାହେବ ଭୋଇ ଓ ଯାଦବ ସେଠଙ୍କୁ ଚୟନ କରାଯାଇଛି। ସଦସ୍ୟ ଭାବେ ଗଙ୍ଗାଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଗିରିଗୋବର୍ଦ୍ଧନ ପଣ୍ଡା, କମଳଲୋଚନ ପଣ୍ଡା, ଭଗବାନ ପୁରୋହିତ, ଭକ୍ତବନ୍ଧୁ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମହାପାତ୍ର, ରାମ ଷଡଙ୍ଗୀ, ଶଙ୍କରଲାଲ ଅଗ୍ରୱାଲ, ବୁଦ୍ଧଦେବ ସିଂ, ମଦନଲାଲ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

# ଆନ୍ଦୋଳନ ପାଇଁ ବୁଡି ଅଞ୍ଚଳବାସୀଙ୍କ ସଜବାଜ

ନୂଆପଡା ଅଫିସ,୬।୧

### ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ

- ପ୍ରତିଶ୍ରୁତିର ଦୀର୍ଘ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚର ପ୍ରସ୍ତୁତି

୯ ଦଫା ଦାବି ନେଇ ଲୋୟର ଇନ୍ଦ୍ର ଜନ ସଚେତନ ମଞ୍ଚ ତରଫରୁ ଗତ ଅଗଷ୍ଟରେ ଜାତୀୟ ଆନ୍ଦୋଳନ କରାଯାଇଥିଲା । ଦାବିଗୁଡିକ ଉପରେ ମାସକ ମଧ୍ୟରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଇତି ମଧ୍ୟରେ ୪ ମାସ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ମଞ୍ଚ ପୁଣି ଥରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଶନିବାର ଏକ ଉଚ୍ଚସ୍ତରୀୟ ବୈଠକରେ ଏହିନିଷ୍ପତ୍ତି ନେଇଛି ।
ଲୋୟର ଇନ୍ଦ୍ରଜନସଚେତନ ମଞ୍ଚ କୋନାବିରା ସଭାପତି କିଶୋର କୁମାର କଠାରଙ୍କ ସଭାପତିତ୍ୱରେ ସ୍ଥାନୀୟ ବୋଡାଛାପର ଫ୍ୟାକ୍ଟ୍ରି ପରିସରରେ ଅନୁଷ୍ଠିତ ସଭାରେ ବୁଡି ଅଞ୍ଚଳର ସବୁଗାଁରୁ ବାସଚ୍ୟୁତ ପରିବାର ଲୋକମାନେ ଏକତ୍ର ହୋଇଥିଲେ । ସରକାର ୨୦୦୦ରୁ କାମ ଆରମ୍ଭ କରିଥିଲେ। ବିସ୍ଥାପିତଙ୍କ ଥଇଥାନ ଅପେକ୍ଷା ଡ୍ୟାମ ନିର୍ମାଣରେ ଅଧିକ ଧ୍ୟାନ ଦେଇଥିଲେ। ବର୍ତ୍ତମାନ ଡ୍ୟାମ କାମ ଶେଷ ହେଲାଣି ଅଥଚ ଲୋକେ ଥଇଥାନ ହୋଇନାହାନ୍ତି। ଏଥିପାଇଁ



ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚ ବୈଠକରେ ସଭ୍ୟମାନେ ବସି ଆଲୋଚନା କରୁଛନ୍ତି।

ଗତ ଅଗଷ୍ଟରେ ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚ ତରଫରୁ ବୋଡାଛାପର ନିକଟରେ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ସେତେବେଳେ ୯ଟି ଦାବି କରାଯାଇଥିଲା। ସେଗୁଡିକ ମଧ୍ୟରେ ୧୯୯୪ ଥଇଥାନ ନୀତି ମୁତାବକ ୨୯୩୭ ମୂଳ ବିସ୍ଥାପିତ ପରିବାରବର୍ଗଙ୍କୁ ବିଭାଗୀୟ କର୍ତ୍ତୃପକ୍ଷ ପଲିସି ବାହାରେ ମନମୁଖୀ ୪ କିସ୍ତିରେ ଟଙ୍କା ବଣ୍ଟନ କରୁଥିବାରୁ ବିସ୍ଥାପିତମାନେ ଜମି କିଣି ନ ପାରି ସର୍ବହରା ହୋଇପଡିଛନ୍ତି । ତେଣୁ କରି ଲୋକେ ଗାଁ ଛାଡି ଅନ୍ୟତ୍ର ଯାଇପାରୁନାହାନ୍ତି । ତେଣୁ କରି ବିସ୍ଥାପିତମାନଙ୍କୁ ଦ୍ୱିତୀୟ ଥର ସାନୁଗ୍ରହ ରାଶି ପ୍ରଦାନ କରାଯିବା ଆଦି ଦାବି ରହିଛି । ଆନ୍ଦୋଳନ ବେଳେ ଡ୍ୟାମ କର୍ତ୍ତୃପକ୍ଷ ଏଠାକୁ ଆସି ମାସକ ସମୟ ମାଗିଥିଲେ । ସେହି ଦିନ ସମସ୍ତ ଦାବିଗୁଡିକୁ ଗୋଟି ଗୋଟି କରି ସମାଧାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବର୍ତ୍ତମାନ ସମସ୍ତ ବୁଡି ଗ୍ରାମର ମହିଳାପୁରୁଷମାନେ ପୁଣିଥରେ ଆନ୍ଦୋଳନ କରିବାକୁ ପ୍ରସ୍ତାବ ରଖିଛନ୍ତି । ଆଗାମୀ ଦିନରେ କୌଣସି ପ୍ରକାର ଅଘଟଣ ଘଟେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାଇ ଦିଆଯାଇଛି । ସରକାରଙ୍କ ସହ ନିଜ ହକ ପାଇଁ ଲଢେଇ କରିବାକୁ ଏକ ୧୦ ଜଣିଆ କୋର କମିଟି ଗଠନ କରାଯାଇଛି । ସଭାପତି କିଶୋର କଠାର ଏବଂ ସମ୍ପାଦକ ପିରିତରାମ ରାଉତଙ୍କ ସମେତ ହରେରାମ କଠାର, ଜଗନ୍ନାଥ ମାଝି, ବୃନ୍ଦାବନ ମହାନନ୍ଦ, ମଙ୍ଗଳା ବର୍ଗେ, ତୁକାରାମ ସଗରିଆ, କ୍ଷମାସିଂ ନିଆଲ, ମକାରୁ ମୁଣ୍ଡି, ଦୁର୍ଗାପ୍ରସାଦ ସିଂ, ଗୌତମ ବାଗ, ହରି ମାଝି ପ୍ରମୁଖ ସଦସ୍ୟ ରହିଛନ୍ତି ।

ଭାଲୁ ଚଞ୍ଚରା ନକ୍‌ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଲାଞ୍ଜିଗଡ଼ ଓଆଇଏସ୍‌ଏଫ୍ ଚାମ୍ପିୟନ

ଲାଞ୍ଜିଗଡ,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଭାଲୁଚଞ୍ଚରାଠାରେ ବ୍ୟାପି ଚାଲିଥିବା ଭାଲୁ ଚଞ୍ଚରା ନକ୍‌ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଭାଲୁ ଚଞ୍ଚରା ସାନ୍ଦୁଲନଦୀ ପଡିଆଠାରେ ଆୟୋଜିତ ଏହି ଆନ୍ତଃଜିଲା ଟୁର୍ଣ୍ଣାମେଣ୍ଟରେ କଳାହାଣ୍ଡି ଓ ରାୟଗଡା ଜିଲାର ୧୬ଟି ଦଳ ଭାଗ ନେଇଥିଲେ । ରାମଚନ୍ଦ୍ରପୁର ବି ଏବଂ ଲାଞ୍ଜିଗଡ ଓଆଇଏସ୍‌ଏଫ୍ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା । ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିଣି ଲାଞ୍ଜିଗଡ ଦଳ ବ୍ୟାଟିଂ କରି ୯ ଉଇକେଟ୍ ବିନିମୟରେ ୧୪୩ ରନ୍ ସଂଗ୍ରହ କରିଥିଲା । ରାମଚନ୍ଦ୍ରପୁର ବି ଦଳ ୧୪୪ ରନର ବିଜୟ ଲକ୍ଷ୍ୟର ପିଛା କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୧୨୧ ରନରେ ସୀମିତ ରହିଥିଲା । ଫଳରେ ଲାଞ୍ଜିଗଡ ଓଆଇଏସ୍‌ଏଫ୍ ଦଳ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌ର ପୁରସ୍କାର ବିତରଣୀ ସମାରୋହରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ



ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଇଂ. ଫକୀରମୋହନ ମାଝି, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଟଙ୍କଧର ମାଝି, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି, ସମିତି ସଦସ୍ୟ ଚିତ୍ରସେନ ମାଝି, ସାମାଜିକ କର୍ମୀ ଚନ୍ଦ୍ରଶେଖର ମହାପାତ୍ର, ବରିଷ୍ଠ ନାଗରିକ ପ୍ରସନ୍ନ କୁମାର ପରିଡା, ବାଟି ମାଝି ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଏହାସହ ଲାଞ୍ଜିଗଡ ଦଳର ଭିକି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ସୁବାସ ପୁରସ୍କୃତ ହୋଇଥିଲେ । ରାମସାଗର ମାଝି ଓ ଶଙ୍କର ମାଝି ଅମ୍ପାୟାର ଦାୟିତ୍ୱ ତୁଲାଇଥିବାବେଳେ ପ୍ରମୋଦ ମାଝି ସ୍କୋରର ଦାୟିତ୍ୱ ତୁଲାଇଥିଲେ । ଦୈତାରୀ ମାଝି ଓ ଚୈତନ୍ୟ ମିର୍ଦ୍ଧା ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଆୟୋଜକ କମିଟି ଅମର ମିର୍ଦ୍ଧାଙ୍କ ସମେତ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁ ମିଳନ

ନୂଆପଡା ଅଫିସ,୬।୧

ସ୍ଥାନୀୟ ଧାମନପୁରିସ୍ଥିତ ଏକ ଫାର୍ମରେ ନୂଆପଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାମାନଙ୍କ ନୂତନ ଇଂରାଜୀ ବର୍ଷ ସକାଶେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବଶ୍ରୀ ବେଣୁଧର ସାହୁ ସଭାପତିତ୍ୱ କରିଥିବାବେଳେ ସୁରେଶ ସାହୁ, ସନ୍ତୋଷ ସିଂ ଠାକୁର, ଅହିଂସା ରଞ୍ଜନ ପଟ୍ଟନାୟକ, ଅମିଲାଲ ଶବର, ଜିତେନ୍ଦ୍ର ଖମାରୀ, କିଶୋର ପ୍ରଧାନ, ଭୁପେଶ ପଟେଲ, କାନ୍ତିଲାଲ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶିକ୍ଷକତା ଏକ ପ୍ରେରଣା ଟିଏ ଶିର୍ଷକ ଆଲୋଚନାଚକ୍ର ଉପରେ ବିଶେଷ ଆଲୋଚନା ହୋଇଥିଲା । ଶିକ୍ଷକ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟା ଏବଂ ସଫଳତା ଉପରେ ବରିଷ୍ଠ ଶିକ୍ଷକମାନେ ନିଜର ଅନୁଭୂତି ବଖାଣିଥିଲେ । ଶିକ୍ଷକ ମକରଧ୍ୱଜ ବାରିକ ଶିକ୍ଷକ ସଂଘ ଭାଇଚାରା ଉତମ ଶୈକ୍ଷିକ ପରିବେଶ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ । ଶେଷ ପର୍ଯ୍ୟାୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ସୁତୀକ୍ଷ୍ଣ ଯୋଷୀ ଏବଂ କିଶୋର କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏଥିରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରମୋଦ ମିଶ୍ର, କଳ୍ପତରୁ ସ୍ୱାଇଁ, ପ୍ରଶାନ୍ତ ଶତପଥୀ, ପ୍ରଶାନ୍ତ ନାଥ, ପ୍ରଫୁଲ୍ଲ ବାରିକ, ବାଳରାମ ଚନ୍ଦ୍ରକାର, ଧ୍ରୁବଚରଣ ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଟୁଲୁ ଭାଇ ଧନ୍ୟବାଦ ଦେଇଥିଲେ।



ପ୍ରାଥମିକ ଶିକ୍ଷକ ସଂଘର ବନ୍ଧୁମିଳନ ଅବସରରେ ଶିକ୍ଷକମାନେ।

କୋଶଲୀ ଧନୁଯାତ୍ରାର ୫ମ ସନ୍ଧ୍ୟା

# ଲୋକଙ୍କ ସ୍ୱାର୍ଥ ପାଇଁ କୋଶଳ ରାଜ୍ୟ ଆବଶ୍ୟକ






ମଞ୍ଚରେ ଉପସ୍ଥିତ ଥିବା ଅତିଥିବୃନ୍ଦ (ବାମ)। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ନୂଆପଡା ଅଫିସ,୬।୧

ଦିନେ ଓଡିଶା ରାଜ୍ୟ ଗଠନ ସକାଶେ ଆମ ପୂର୍ବସୂରୀମାନେ ସଂଘର୍ଷ କରିଥିଲେ। ଗଡଜାତ ରାଜ୍ୟରୁ ଏହାକୁ ଆଣି ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା । ହେଲେ ଯେଉଁ ସ୍ୱାର୍ଥ ଏବଂ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଯାଇଥିଲା । ତାହା ବର୍ତ୍ତମାନ ସାଧନ ହୋଇପାରିନାହିଁ । ଆମ ଲୋକ ବିଭିନ୍ନ ପ୍ରକାର ରାଜନୈତିକ ଏବଂ ଭୌଗୋଳିକ ସମସ୍ୟାରେ ଛନ୍ଦି ହେଉଛନ୍ତି । ଏହି ଅଞ୍ଚଳର ସାମଗ୍ରୀକ ବିକାଶ ସକାଶେ କୋଶଲୀ ଭାଷାକୁ ରାଜ୍ୟ ସରକାର ମାନ୍ୟତା ଦେବା ସହ ପ୍ରଦେଶ ଗଠନରେ ସହାୟକ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ରବିବାର କୋଶଲୀ ଧନୁଯାତ୍ରାର ୫ମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ । ଧନୁଯାତ୍ରା ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଏଭି.ସ୍ୱାମୀ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ସତ୍ୟ ଭୁଷଣ ସାହୁ, ଯଦୁମଣୀ ପାଣିଗ୍ରାହୀ, ଖାମସିଂ ମାଝି, ସୁରେଶ ଅଗ୍ରୱାଲ, ଈଶ୍ୱର ନାଏକ, ସଞ୍ଜୁ ପୁରୋହିତ, ଟୁଲୁ ପାଢୀ, ସୁଶାନ୍ତ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଶରତ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଟିଟୁ ପଣ୍ଡା ଧନ୍ୟବାଦ ଦେଇଥିଲେ । ପ୍ରକାଶ ଯେ, କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏହାକୁ ଜୟଶ୍ରୀ ଦଣ୍ଡସେନା, ଶିଶୁ ଉପସ୍ଥାପିକା ଆଦ୍ୟାଶା ଭୋଇ, ଆରୁଷି ପାଣି ପରିଚାଳନା କରିଥିଲେ। ଏହି ଅବସରରେ ଦେଶର ସୀମାନ୍ତ କାରଗୀଲ, ଲଦାଖ ଭଳି ଦୁର୍ଗମ ଜାଗାରେ ଦୁଃସାହିକତା ଦେଖାଇଥିବା ଯବାନ କୃଷ୍ଣାର୍ଜୁନ ସିଂ, ଶରତ କୁମାର ସାହୁ, ଅଗିରାମ ସାହୁ, ଦୁବରାଜ ସାହୁ, ନିତେଶ କୁମାର ପଟେଲ, ରାସ ବିହାରୀ ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଧନୁଯାତ୍ରାରେ ଗୋପପୁରରେ ଅଷ୍ଟମଲ୍ଲ ବଧ ମୁଖ୍ୟଆକର୍ଷଣ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡ ଜମିଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସୁରଜିତ ସିଂ ମହାରଥା, ପ୍ରବୋଧ ହୋତା, ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ଅବନୀ ରଞ୍ଜନ ଯୋଷୀ, ଫକୀର ପାଢୀ, ଜୟମାଧବ ହୋତା ପ୍ରମୁଖ ସହଯୋଗ କରିଥିଲେ।

### ଅଷ୍ଟମଲ୍ଲ ବଧ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ଚାଷୀଙ୍କ ପାଖରେ ପହଞ୍ଚୁନି କୃଷି ଜ୍ଞାନକୌଶଳ

ସିଂଘିଯୁବା, ୬।୧ (ଡି.ଏନ୍.ଏ.)- ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୭୮ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନଚାଷ ମୁଖ୍ୟ ଫସଲ। ହେଲେ ଅଞ୍ଚଳର କୃଷକମାନଙ୍କୁ କୃଷିଭିତ୍ତିକ ତାଲିମ୍ ଓ ବୈଷୟିକ ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ପାରମ୍ପରିକ ପ୍ରକ୍ରିୟାରେ ଚାଷକୁ ଆପଣାଇ ଚାଷ ଜାରି ରଖିଥିବା ବେଳେ ଆଧୁନିକ କୃଷି ପଦ୍ଧତିର ସୁଫଳ ପାଇ ପାରୁନାହାଁନ୍ତି। ବହୁବର୍ଷ ହେଲା ଏଠାରେ ଗ୍ରାମସେବକ ପଦପଦବୀମାନ ଖାଲି ପଡଛି। ଫଳରେ ସ୍ଥାନୀୟ କୃଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ କୃଷିକର୍ମଣ ତାଲିମ କାର୍ଯ୍ୟକ୍ରମ ଦିଆଯାଇ ପାରୁନାହିଁ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଧାନ ଓ ଅନ୍ୟାନ ଫସଲ କରିବା ପାଇଁ ପ୍ରୋତ୍ସାହିତ କରୁଛୁ। ମାତ୍ର ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ବୃହତ୍ ଅଞ୍ଚଳର ହଜାର ହଜାର ଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ଓ ଜ୍ଞାନକୌଶଳ ଯୋଗାଇ ଦେବା କଷ୍ଟକର ହେଉଛି। ଏଣୁ ଖାଲିଥିବା ପଦବୀଗୁଡିକ ଯଥାଶୀଘ୍ର ପୂରଣ କରାଗଲେ ଚାଷୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ।

# ନାତିର ଭବିଷତ୍ ଚିନ୍ତାରେ କପିଳ

**ଲୋଇସିଂହା ବ୍ଲକ**

- ୫ ବଛର ହେଲା ବିହାରି ପୁଓ ଲାପତା
- ବିଷ୍‌ପିଇ ଜୀବନ୍ ହାରିଦେଲେ ବହ ଉର୍ମିଳା

ଲୋଇସିଂହା,୬।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଁଚେତର କର୍ଲିପାଟ ଗାଁର କପିଳ ପଧାନ(୮୦)। ତାକର ୫ ପୁଓ ଭିତରେ କୁଶ ହେଉଛନ୍ ସବୁନୁ ସାନ। ୨୦୦୯ ସାଲେ କୁଶ ଗାଁର ଟୁକେଲ ଉର୍ମିଳାକୁଁ ପେମକରି ବିହା ହେଇଥିଲେ। ୨୦୧୩ ସାଲେ ଉର୍ମିଳା ଆର କୁଶର ପୁଓ ଆଦିତ୍ୟ ଜନମ ହେଇଥିଲେ। ଇ ସମିଆରେ କୁଶ କାମ୍‌ଧଁଦା ଲାଗି ତାମିଲନାଡୁ ଦାଦନ ଖଟି ଯାଇଥିଲେ। ସେ ଘରୁ ଗଲାପରେ ନିଜର କୁଟୁମ ସଂଗେ କେହେନ୍‌ସି ପରକାର ଯୋଗାଯୋଗ ନାଇଁରଖି। ଏନ୍‌ତାଥି ଉର୍ମିଳା କାମଧଁଦା କରବାକେ ଘରୁ ଗୋଡ଼ କାଢ଼ିଥିଲେ। ପହେଲା ସେ ଲୋଇସିଂହାରେ ତିଆର ହେଉଥିବାର କୋର୍ଟ ଘରେ ରେଜା କାମ୍ କରିଥିଲେ। ସେଠାନେ ପଶ୍ଚିମବଙ୍ଗର ଗୁଟେ ରାଜମିସ୍ତ୍ରୀ ଆଜିମଗର କିଷାନ ମଦଲାକଁର ସଂଗେ ତାକର ପେମ୍ ହେଇଥିଲା। ଦୁହେ ୨୦୧୭ ଦଶରା ବେଳେ ପୁଓ ଆଦିତ୍ୟକେ ଧରି କିଷାନକଁର ଗାଁକେ ପଲେଇଥିଲେ। ସେଠାନେ ମାସକେତେ ରହେଲା ଉତାରୁ ଉର୍ମିଳା ବିଷ ପିଇ ଜୀବନ୍ ହାରି ଦେଇଥିଲେ। କୋର୍ଟ ଘରେ କାମ୍ କରୁଥିବାର ଉନିଆ କୁଲି ମାନକରନୁ ଆଦିତ୍ୟର ପରିବାର ଲୋକ୍ ଘଟନା ବାବ୍‌ଦେ ଖବର ପାଇଥିଲେ। ଏନ୍‌ତାଥି ଗଲା ଜୁନମାସେ ପରିବାର ଲୋକ୍ ଥାନୀୟ ପୁଲିସର ସାହାଯ୍ ନେଇ ଆଦିତ୍ୟର ବଡ଼ବାପା ଲବ ପଧାନ, ମାମୁ ରଞ୍ଜନ ପଧାନ, ଆପ ସଂଯୋଜକ ଲାଲମନ ନାଗ ଆର ଦୀପକ ବାରିକ ପରମୁଖ ପଶ୍ଚିମବଙ୍ଗ ଯାଇ ଆଦିତ୍ୟକେ ଠାବ୍ କରିଥିଲେ। ସେଠାନେ ଆଦିତ୍ୟ ରହୁଥିବାର ପରିବାର ଲୋକ୍ ଉର୍ମିଳା ବିଷ୍ ପିଇ ଜୀବନ୍ ହାରିଥିବାର କଥା କହିଥିଲେ। ସେଠାନୁ ପରିବାର ଲୋକ୍ ଆଦିତ୍ୟକେ ଧରି ଗାଁକେ ଫିରିଥିଲେ। ଏହେଦେ ଆଦିତ୍ୟ ନିଜର ଅଜାର ପାସେ ରହୁଥିଲା ବେଲେ ବଡ଼ମା' ବାପା ତାକର ଯତନ୍ କରୁଛନ୍। ହେଲେ ଗୁଟେପରକାର ମା'ବାପ୍ ଛେଉଁଡ଼ ଆଦିତ୍ୟର ଅଭିଷତ୍ କାଣା ହେବା ବଲି ଅଜା କପିଳ ସବୁବେଲେ ଲହ ଗଡ଼ଉଛନ୍। ମୁଇଁ ତ ଦିନାକେତେର ଲୋକ୍, ମୁଇଁ ଆଏଁଖ୍ ମୁଜଲେ ମୋର ନାତିର କାଣା ହେବା, ଏନ୍‌ତାଥି ପରଶାସନ ମୋର ନାତିର ଉପରେ ଦ୍ରୁଷ୍ଟି ଦେଇ ତାର ଥଇଥାନ ଦିଗେ ଚିନ୍‌ତା କରବାର କଥା ବଲି କହି ସେ କାଁଦି ପକେଇଥିଲେ। ଜିଲା ପରଶାସନ ଆଦିତ୍ୟର ଉପରେ ଦ୍ରୁଷ୍ଟି ଦେଇ ତାର ଥଇଥାନ ଦିଗେ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



ନିଜର ଅଜାର ସଂଗେ ମା' ଛେଉଁଡ଼ ଆଦିତ୍ୟ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉପକୃତ ଶତ୍ରୁଦ୍ୱାରା ଶତ୍ରୁକୁ ଉଦ୍ଧାରି**
**ପାଦକୁ କଣ୍ଟାରେ କଣ୍ଟା କାଢ଼ି ଦେଲା ପରି**
**ସଂସାରେ କେହି କାହାର ନୁହେଁ ଶତ୍ରୁମିତ୍ର**
**ଶତ୍ରୁ ମିତ୍ର କାର୍ଯ୍ୟ ହେତୁ ହୁଅନ୍ତି ଚିହ୍ନିତ।**

କଣ୍ଟାକୁ କଣ୍ଟାରେ କାଢ଼ିଲା ପରି ଉପକୃତ ଶତ୍ରୁ ଦ୍ୱାରା ଶତ୍ରୁ ସହ ମୁକାବିଲା କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସଂସାରରେ କେହି କାହାର ଜନ୍ମରୁ ଶତ୍ରୁ କି ମିତ୍ର ହୋଇ ନ ଥାନ୍ତି। କାର୍ଯ୍ୟ କରିବାର ଧାରା ବା ଶୈଳୀ ଦ୍ୱାରା ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହ ଶତ୍ରୁ କି ମିତ୍ର ରୂପେ ବିବେଚିତ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ପଡ଼ିଲା ଖଇଞ୍ଚ**
**କିଏ ସେ କହେ ଖାଇଯାଇଛି**
**ମୁହଁଟା ଫୁଲାଇ ଦେଇଛି।**

କେତେକ ବ୍ୟକ୍ତି ସଦାବେଳେ ମୁହଁଟାକୁ ଓହଳେଇ ବସିଥାନ୍ତି। ସତେ ଯେମିତି ତାଙ୍କର କିଏ କ'ଣ ଖାଇଯାଇଛି କି ନେଇଯାଇଛି। ତୁଚ୍ଛାକଥା ଶୁଣି ମୁହଁ ଫୁଲେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## କଂଗ୍ରେସର ଜାଗରଣ ସମାବେଶ ଏପାଖ ସେପାଖ...

### ବିଜୁ ପୁଅଙ୍କୁ ରୋଜଗାର, ଓଡ଼ିଶା ପୁଅ ବେକାର

ବଲାଙ୍ଗୀର ଅଫିସ, ୬।୧

ଦୀର୍ଘ ୧୮ବର୍ଷ ହେଲା ବିଜୁବାବୁଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ରୋଜଗାର ଦେଇ ଓଡିଶାବାସୀ ନିଜର ଲକ୍ଷାଧିକ ଶିକ୍ଷିତ ପୁଅଙ୍କୁ ବେକାର କରିଛନ୍ତି। ଓଡ଼ିଶାରେ ଶିକ୍ଷିତ ଯୁବତୀ, ଯୁବକଙ୍କୁ ନିଯୁକ୍ତି ନାହିଁ। ଶିକ୍ଷାନୁଷ୍ଠାନରେ ଶିକ୍ଷକ ନାହିଁ। ଡାକ୍ତରଖାନାରେ ଡାକ୍ତର ନାହିଁ। ଚାଷୀ ନ୍ୟାୟ ପାଉନାହିଁ। ପରିଶ୍ରମୀ ମଜୁରିଆ ଉଚିତ୍ ମଜୁରୀ ପାଉନାହିଁ। ଚାକିରୀ ଖଣ୍ଡେ ପାଇଁ ଅନ୍ୟ ରାଜ୍ୟକୁ ଯାଇ ନିର୍ଯାତିତ ହେଉଛି। ହେଲା ସତ୍ତ୍ୱେ ଓଡିଶାବାସୀ ବିଜୁ ବାବୁଙ୍କ ପୁଅକୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀ କରିବା ବାସ୍ତବିକ ବିଚିତ୍ର ଲାଗୁଛି ବୋଲି କଂଗ୍ରେସ ଜାଗରଣ ସମାବେଶରେ ଦିଲ୍ଲୀରୁ ଆସିଥିବା ବରିଷ୍ଠ କଂଗ୍ରେସ ପ୍ରବକ୍ତା ମୋହନ ପ୍ରକାଶ କହିଥିଲେ।

### ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କର

ବଲାଙ୍ଗୀରରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା କରିବାକୁ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଦାବି କରଛନ୍ତି। କଂଗ୍ରେସ ଜାଗରଣ ସମାବେଶରେ ହାଇକୋର୍ଟ ବେଞ୍ଚ ଦାବି ସପକ୍ଷରେ କହି ସେ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ଏହା ସହିତ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, କଣ୍ଟାବାଞ୍ଜିରେ ୱାଗନ କାରଖାନା, ବଲାଙ୍ଗୀର ବାଇପାସ୍, ଏଫ୍‌ସିଆଇ ଜରିଆରେ ଧାନ ସଂଗ୍ରହ କରିବାକୁ ଦାବି କରିଥିଲେ।

### ଅପ୍‌କି ବାର୍ ଦୂର୍ ସେ ନମସ୍କାର୍

ଅପ୍‌କି ବାର୍ ମୋଦୀ ସରକାର ନାରା ଦେଇ କ୍ଷମତା ଦଖଲ କରିବା ପରେ ଦେଶକୁ ବିକ୍ରି କରିବାକୁ ଚାଲିଥିବା ନରେନ୍ଦ୍ର ମୋଦୀ ଦେଶର ଅଗଣିତ ଚାଷୀ, ଗରିବ, ନିଷ୍ପେସିତ, ମଜୁରିଆ, ଶିକ୍ଷିତ ଯୁବବର୍ଗଙ୍କୁ କେବଳ ପ୍ରତାରଣା ଛଡା ଆଉ କିଛି ଦେଇନାହାନ୍ତି ବୋଲି କହିଥିଲେ। ଏଥର ୨୦୧୯ରେ ପୁଣି ଲୋକଙ୍କୁ ଠକିବା ପାଇଁ ଯୋଜନା କରୁଛନ୍ତି। ଏଣୁ ଏଥର ମୋଦୀ ନିର୍ବାଚନୀ ପ୍ରଚାରରେ ଆସିଲେ ଅପ୍‌କୀ ବାର୍ ଦୂର ସେ ନମସ୍କାର କରିଦେବ ବୋଲି ଜାଗରଣ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ କଂଗ୍ରେସ ନେତା ମୋହନ ପ୍ରକାଶ କହିଥିଲେ।

### ନିରଞ୍ଜନ ହେବେ କଂଗ୍ରେସର ଆଗାମୀ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର ଜାଗରଣ ସମାବେଶରେ ଯୋଗଦେଇଥିବା ବହୁ କଂଗ୍ରେସ ନେତା ୨୦୧୯ ନିର୍ବାଚନରେ କଂଗ୍ରେସ ରାଜ୍ୟ କ୍ଷମତାକୁ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିଛି ନେତା ଅତି ଉତ୍ସାହିତ ହୋଇ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ନାରାବାଜି କରିଥିଲେ। ନେତାଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ଖୋଦ୍ ନିରଞ୍ଜନ ଖୁସିରେ ଗଦ୍‌ଗଦ୍ ହେଉଥିବା ଦେଖାଯାଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ ନେତାଙ୍କ ଏଭଳି ଉକ୍ତିକୁ ନେଇ କିଛି କଂଗ୍ରେସ କର୍ମୀ ଭିନ୍ନ ମତ ଦେଇ ଏପ୍ରସଙ୍ଗରେ ଏବେଠୁ ଅଯଥା ଷଣ୍ଢ ପୂରାଯାଉଛି ବୋଲି ଆଲୋଚନା କରାଯାଉଥିବା ଦେଖାଯାଇଥିଲା।

### ମୋଦି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ

ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାକୁ ଆସି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ବିରୋଧୀଦଳ ନେତା ନରସିଂହ ମିଶ୍ର ଆହ୍ୱାନ କରିଥିଲେ। ପଛୁଆ ଅଞ୍ଚଳ ଭାବେ ପରିଗଣିତ ବଲାଙ୍ଗୀର ଜିଲାର ଉନ୍ନତି ପାଇଁ ସ୍ପେଶାଲ ପ୍ୟାକେଜ୍ ଘୋଷଣା କଲେ ଅଞ୍ଚଳର ବିକାଶ ହେବ ବୋଲି ସେ କହିଥିଲେ।

### ସମରେନ୍ଦ୍ର କଲେ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ

ଏଆଇସିସି ସଦସ୍ୟ ତଥା ବିଧାୟକ ନରସିଂହ ମିଶ୍ରଙ୍କ କନିଷ୍ଠ ପୁଅ ଆଜିର ଜାଗରଣ ସମାବେଶରେ ନିଜ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ସ୍ଥାନରୁ ଲୋକଙ୍କୁ ସଙ୍ଗଠିତ କରି ସୁଚାରୁରୂପେ ସମାବେଶ କରାଯାଇଥିବାରୁ ବରିଷ୍ଠ କଂଗ୍ରେସ ନେତାମାନେ ସମରେନ୍ଦ୍ରଙ୍କ ନେତୃତ୍ୱକୁ ସ୍ୱୀକୃତି ଦେଇ ପ୍ରଶଂସା କରିଥିଲେ। ଏହି ପ୍ରଶଂସା ଭିତରେ ତାଙ୍କ ଆଗାମୀ ନିର୍ବାଚନରେ ଲଢ଼ିବାକୁ ଏକ ପ୍ରକାଶ ସମ୍ମତି ଓ ସମର୍ଥନ କରାଯାଉଥିବା ସ୍ପଷ୍ଟ ବାରି ହୋଇପଡୁଥିଲା।

### ବିଜେଡିରୁ କଂଗ୍ରେସକୁ ଡେଇଁଲେ ରମା

ବିଜେଡି ପ୍ରାର୍ଥୀ ଭାବେ ରମାକାନ୍ତ ସେଠ୍ ୨୦୦୯ରେ ଲୋଇସିଂହା ବିଧାୟକ ହୋଇଥିଲେ। ତେବେ ୨୦୧୪ରେ ତାଙ୍କ ସ୍ଥାନରେ ଯୋଗେନ୍ଦ୍ର ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ରାମାକାନ୍ତଙ୍କ ରାଜନୈତିକ ଜୀବନ ଶେଷ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ପ୍ରାୟ ସାଢ଼େ ୪ ବର୍ଷର ନିରବତା ପରେ ହଠାତ୍ ରମାକାନ୍ତ ବିଜେଡି ଛାଡି କଂଗ୍ରେସର ଜାଗରଣ ସମାବେଶକୁ ଆସି ବିଧିବଦ୍ଧ ଭାବେ ଦଳରେ ଯୋଗଦେଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରମାକାନ୍ତଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ତେବେ ୨୦୧୯ ନିର୍ବାଚନରେ ତାଙ୍କର କ'ଣ ଭୂମିକା ରହିବ ତାହା ଚର୍ଚ୍ଚାର ବିଷୟ ହୋଇଛି।

### ସମାବେଶକୁ ନେଇ ବିଜେଡି, ଭାଜପା ଶିବିରରେ ଛନକା

କଂଗ୍ରେସର ଜାଗରଣ ସମାବେଶ ୨୦୧୯ ନିର୍ବାଚନୀ ମାହୋଲକୁ ସରଗରମ କରିଦେଇଛି। ସହସ୍ରାଧିକ ଲୋକ ଓ ବରିଷ୍ଠ ନେତାଙ୍କ ସମାଗମ କଂଗ୍ରେସ ଶିବିରରେ ଉତ୍ସାହ ଆଣିଥିବା ବେଳେ ପ୍ରତିପକ୍ଷ ଭାଜପା ଓ ବିଜେଡି ଶିବିରରେ ଶିହରଣ ଖେଳାଇ ଦେଇଛି। ବିଶେଶ କରି ଜାନୁୟାରୀ ମାସରେ ବଲାଙ୍ଗୀର ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନଙ୍କ କାର୍ଯ୍ୟକ୍ରମ ଥିବାରୁ ଉଭୟ ଭାଜପା ଓ ବିଜେଡି ଶିବିରରେ ଭିନ୍ନ ଆଲୋଚନା ହେଉଛି। କଂଗ୍ରେସ ସମାବେଶରେ କେତେ ଜନସମାବେଶ ହୋଇଥିଲା ତାକୁ ନେଇ ଗଣିତ କରିବାରେ ବ୍ୟସ୍ତ ହୋଇପଡିଛନ୍ତି।

### ରାଜତନ୍ତ୍ରର ଚେରକୁ ଉପାଡି ଫିଙ୍ଗି ଦିଆଯିବ

ବଲାଙ୍ଗୀରର ବିକାଶ ବିରୋଧୀ ରାଜତନ୍ତ୍ରର ଚେରକୁ ବଲାଙ୍ଗୀରରୁ ଉପାଡି ଫିଙ୍ଗି ଦିଆଯିବ ବୋଲି ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଜାଗରଣ ସମାବେଶରେ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠାରେ ବାଧା ଉପୁଯାଉଥିବା ଶକ୍ତି ଏବେ ବଲାଙ୍ଗୀରର ଜୀବନରେଖା ଲୋୟର ସୁକ୍‌ତେଲ ପ୍ରକଳ୍ପ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମାତ୍ର ସେମାନେ ଏହାକୁ ଅଟକାଇ ପାରିବେ ନାହିଁ। ମେଡିକାଲ କଲେଜ ଭଳି ବଲାଙ୍ଗୀରରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନିଶ୍ଚିତ କାର୍ଯ୍ୟକାରୀ କରାଯିବ। ଆଗକୁ ବଲାଙ୍ଗୀରର ବିକାଶରେ ବାଧା ଉପୁଯାଇବାକୁ ଚେଷ୍ଟା କଲେ ପରିଣତି ଭୟାବହ ହେବ ବୋଲି ମିଶ୍ର ଖୋଲା ଚେତାବନୀ ଦେଇଛନ୍ତି।

## ଦ୍ୱିତୀୟ ଦିନରେ ବଲାଙ୍ଗୀର ବହି ହାଟ

ବଲାଙ୍ଗୀର ଅଫିସ,୬।୧

୧୪ତମ ବଲାଙ୍ଗୀର ବହିହାଟର ଦ୍ୱିତୀୟ ସନ୍ଧ୍ୟାରେ ଜେଆଇଟିଏମ୍ କଲେଜ ଛାତ୍ରୀଛାତ୍ରଙ୍କ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ସହ ମନୋନୀତ କବିଙ୍କ କବିତା ପାଠ ସମସ୍ତଙ୍କ ମନମୋହିଥିଲା। କବି ପ୍ରଦଲ୍ଲାଦ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କବିତା ଆସରରେ କବୟିତ୍ରୀ ମୁକୁଲ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ବିଜୟ ପ୍ରଧାନ, ବିନତୀ ଶତପଥୀ, ରଞ୍ଜିତା ପଣ୍ଡା, ସୁଶାନ୍ତ ବାଗ ଯୋଗଦେଇ କବିତା ପାଠ କରିଥିଲେ। ମଳୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୋବର୍ଦ୍ଧନ ଭୋଇ ଧନ୍ୟବାଦ ଦେଇଥିଲେ।




ବହିହାଟ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ କବି।

## ପରିବାର ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା
# ଥାନା ଘେରିଲେ ପଡ଼ାବାସୀ

ବଲାଙ୍ଗୀର ଅଫିସ,୬।୧

ବଲାଙ୍ଗୀର ସହରର ତେଲିଗୋଠପଡାରେ ଶନିବାର ଅପରାହ୍ନରେ ଓଡ଼ିଶା ମହିଳା କ୍ରିକେଟ୍ ଦଳର କ୍ରିକେଟିୟର ସରିତା ମେହେରଙ୍କ ପରିବାର ଉପରେ ଏକ ନିର୍ଦ୍ଦିଷ୍ଟ ପଡାର ୪୦ଣୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ଟାଙ୍ଗିଆରେ ଆକ୍ରମଣ କରି ପରିବାରର ୫ଜଣ ସଦସ୍ୟଙ୍କୁ ଆହତ କରିବା ପରେ ୩ଟି ବାଇକ୍ ଭାଙ୍ଗି ଦେଇଥିଲେ। ହେଲେ ପୋଲିସ ବିଳମ୍ବରେ ଆସିବାରୁ ପଡାବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ଘଟଣାରେ ପୋଲିସ ମାତ୍ର ୨ ଅଭିଯୁକ୍ତ ଟମାଟୋ ନାଏକ ଓ ଆନନ୍ଦ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିଲା। ଶନିବାର ରାତିରେ ପୋଲିସ ସମ୍ପୃକ୍ତ ଘର ସମ୍ମୁଖରେ ପହଁରା ଦେଇଥିଲା। ତେବେ ପୋଲିସ ଉପସ୍ଥିତିରେ ସେହି ନିର୍ଦ୍ଦିଷ୍ଟ ପଡାର ମହିଳା ଓ ପିଲାମାନେ କମେଣ୍ଟ କରିବା ସହ ଦୁର୍ବ୍ୟବହାର ଜାରି ରଖିବାରୁ ରବିବାର ତେଲିଗୋଠପଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ପଡାବାସୀ ବୈଠକ କରିବା ପରେ ଟାଉନ୍ ଆଦର୍ଶ ଥାନାକୁ ଯାଇ ଘେରାଉ କରିଥିଲେ। ଅଭିଯୋଗ ପତ୍ରରେ ଅନ୍ୟମାନଙ୍କ ସହ ୧୭ ଜଣ ଅଭିଯୁକ୍ତଙ୍କ ନାଁ ଦିଆଯିବା ସତ୍ତ୍ୱେ ପୋଲିସ କେଉଁ କାରଣରୁ ମାତ୍ର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଗିରଫ କରି ନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁ ଥାନାରେ ଉପସ୍ଥିତ ନ ଥିବାରୁ ପଡାବାସୀ ସବ୍‌ଇନ୍‌ସପେକ୍ଟରଙ୍କୁ ପ୍ରଶ୍ନ କରିଥିଲେ। ଅଭିଯୁକ୍ତମାନଙ୍କ ଦୁର୍ବ୍ୟବହାରକୁ ନେଇ ଆପତ୍ତି ଜଣାଇଥିଲେ। ପୋଲିସ ଜାଣିଶୁଣି ଘଟଣାକୁ ସମାଧାନ କରିବା ପରିବର୍ତ୍ତେ ଉସୁକାଉଛି ବୋଲି ଅଭିଯୋଗ କହିଥିଲେ। ଏଭଳି ଅବହେଳା ପ୍ରତିବାଦରେ ସୋମବାର ପଡାବାସୀ ଏସ୍‌ପି ଅଫିସ ଘେରାଉ କରିବେ ବୋଲି କହି ଫେରିଆସିଥିଲେ। ଅନ୍ୟପକ୍ଷେ ପୋଲିସର ଅବହେଳା କାରଣରୁ ପୀଡିତ ମେହେର ପରିବାର ଭୟରେ ଘରୁ ବାହାରୁ ନ ଥିବା ଜଣାପଡିଛି।

## ଦେଓଗାଁ ୧୩ ନଂ. ଜୋନ ବିଜେଡି କର୍ମୀ ସମାବେଶ

ଦେଓଗାଁ, ୬।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଉଡାର ପଞ୍ଚାୟତ ମାଲିପାଲିଛକରେ ରବିବାର ୧୩ନମ୍ବର ଜୋନର ୧୩ଟି ପଞ୍ଚାୟତକୁ ନେଇ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ପ୍ରତିନିଧି ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂ ଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଓଗାଁ ବ୍ଲକ ସଭାପତି ତଥା ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଛାତ୍ର ସଭାପତି ରାଜେନ୍ଦ୍ର ହୋତା, ଗୁରୁଦେବ ରଣା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବକ୍ତବ୍ୟ ଦେଇଥିଲେ। ଏପରି କି କେନ୍ଦ୍ରସରକାରଙ୍କ ଅବହେଳା ଏବଂ ବିରୋଧି କଂଗ୍ରେସ ଦଳର ଅପାରଗତା ଉପରେ କହିଥିଲେ। ଏହି ଅବସରରେ ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, କୈଳାସ ମହାନ୍ତି ପ୍ରମୁଖ ମତ ଉପସ୍ଥାପନ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।

- ରବର୍ଟ ବର୍ଟନ

## ସଂକ୍ଷେପରେ

### ଗଣ୍ଡଗୋଳରୁ ମାରପିଟ୍

ସମ୍ବଲପୁର,୬।୧(ବ୍ୟୁରୋ)- ସମ୍ବଲପୁର ଜିଲା ସଦର ଥାନା ମାନେଶ୍ୱର ଗ୍ରାମରେ ଦୁଇ ଜଣଙ୍କ ମଧ୍ୟରେ ମାଡପିଟ ହୋଇଛି । ସଦର ଥାନାରେ ଉଭୟ ପକ୍ଷର ଅଭିଯୋଗ କ୍ରମେ ୫/୧୮ ଓ ୬ /୧୮ରେ ମଦନ ପୂଜାରୀ ଓ ଗୋପି ପୂଜାରୀଙ୍କ ନାମରେ ପୃଥକ ପୃଥକ ୨ଟି ମାମଲା ରୁଜୁ ହୋଇଛି । ମାନେଶ୍ୱର ଗ୍ରାମରେ ମାନଧାତା ବାବା ମନ୍ଦିରରେ ନଡିଆ ବିକ୍ରି ଉପରେ ବୈଠକ ହେବାର ଥିଲା । ଏହି ବୈଠକରେ ଯୋଗ ଦେବା ପୂର୍ବରୁ ନଡିଆ ବିକ୍ରି କରୁଥିବା ଗୋପି ଓ ଫେନି ଦୋକାନ କରିଥିବା ମଦନଙ୍କ ମଧ୍ୟରେ ମାଡପିଟ ହୋଇଥିଲା। ଏଥିରେ ଗୋପିଙ୍କ ମୁହଁରେ ଆଘାତ ଲାଗିଛି। ପୋଲିସ ତାଙ୍କୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ଚିକିତ୍ସା କରାଇଛି। ସଦର ଥାନା ଅଧିକାରୀ ସୁରେଶ ସାହୁ କହିଛନ୍ତି ଯେ ଉଭୟ ପକ୍ଷର ଅଭିଯୋଗ କ୍ରମେ ୨ଟି ମାମଲା ରୁଜୁ ହୋଇଛି ।

### ଦେଓଗାଁ ପେକ୍ସରେ ଅଚଳାବସ୍ଥା

# ୧୧ ଦିନହେଲା ମଣ୍ଡି ବନ୍ଦ

■ ସମ୍ପାଦକଙ୍କୁ ନିଲମ୍ବନ ପରେ ଅନିଶ୍ଚିତତାରେ ଧାନ କିଣା

ଦେଓଗାଁ, ୬।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ କୃଷି ସେବା ସମବାୟ ସମିତିରେ ଅଚଳାବସ୍ଥା ଜାରିରହିଛି । ଫଳରେ ୧୧ ଦିନ ହେଲା ଧାନମଣ୍ଡି ବନ୍ଦ ରହିଛି। ଏଣୁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି। ପେକ୍ସ ସମ୍ପାଦକ ଓ ପରିଚାଳନା ବୋର୍ଡ ମଧ୍ୟରେ ତାଳମେଳ ରହୁ ନ ଥିବାରୁ ଚଳିତ ବର୍ଷ ଖରିଫ ଋଣ ବଣ୍ଟନ ବେଳେ ସମ୍ପାଦକଙ୍କ ବିରୋଧରେ ବୋର୍ଡସଭ୍ୟ ଅଭିଯୋଗ ଉଠାଇଥିଲେ । ସେତିକିବେଳେ ବିଭାଗ ପକ୍ଷରୁ ସମସ୍ୟାର ସ୍ଥାୟୀ ସମାଧାନ ନ କରି ମଣ୍ଡି ଆରମ୍ଭ ହୋଇଥିଲା। କିଛି ଦିନ ଧାନ କିଣା ପରେ ପୁଣି ସମ୍ପାଦକ ଓ ପରିଚାଳନା ବୋର୍ଡ ମଧ୍ୟରେ ବିବାଦ ଦେଖାଦେବା ସହ ୧୧ଦିନ ହେଲା ଧାନମଣ୍ଡି ବନ୍ଦ ହୋଇଯାଇଛି। ବିଭାଗୀୟ ସୂଚନା ମୁତାବକ, ସମ୍ପାଦକ ହିଂମାଂଶୁ ପଟ୍ଟନାୟକଙ୍କୁ ବିଭାଗ ନଲମ୍ବିତ କରି ଦେଓଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ସୁପରଭାଇଜର ଭଗବାନ ସାହୁଙ୍କୁ ଦାୟିତ୍ୱ ନେବା ପାଇଁ ପତ୍ର ମାଧ୍ୟମରେ ଜଣାଯାଇଛି। ହେଲେ ସୁପରଭାଇଜର ସାହୁ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ କର୍ମଚାରୀ ଏନେଇ ତାଙ୍କୁ ବ୍ୟାଙ୍କ ପକ୍ଷରୁ ନିର୍ଦ୍ଦେଶନାମା ନ ମିଳିବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ନେଇପାରିବେ ନାହିଁ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ, ଦେଓଗାଁ ପେକ୍ସରେ ଉକ୍ତ ବିବାଦ ଫଳରେ ଅଦ୍ୟାବଧି ୫ ଦିନ ଧାନ କ୍ରୟ କରାଯାଇଛି। ପେକ୍ସ ଅନ୍ତର୍ଗତ ଦେଓଗାଁ ଓ ଗାଇବାହାଲ ପଞ୍ଚାୟତର ୧୦ଟି ଗାଁରୁ ୧୦୬ଜଣ ଚାଷୀଙ୍କ ନିକଟରୁ ମାତ୍ର ୪ହଜାର ୯୨୮କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡିଛି। ଏନେଇ ଏଆର୍‌ସିଏସ୍ ଗଜେନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ବୋର୍ଡର ଅଭିଯୋଗ ଆସିବା ପରେ ସମ୍ପାଦକ ଓ ସମସ୍ତ କର୍ମଚାରୀଙ୍କୁ ମଣ୍ଡି ସୁଚାରୁ ରୂପେ ଚାଲୁରଖିବା ପାଇଁ ତାଗିଦ କରିଥିଲୁ। ହେଲେ ତାହା ସମ୍ଭବ ନ ହେବାରୁ ସମ୍ପାଦକ ହିଂମାଂଶୁ ପଟ୍ଟନାୟକଙ୍କୁ ନିଲମ୍ବିତ କରି ବ୍ୟାଙ୍କ ସୁପରଭାଇଜର ଭଗବାନ ସାହୁଙ୍କୁ ଦାୟିତ୍ୱ ନେବାପାଇଁ ଚିଠି କରିଛୁ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶ ହେଲେ ସେ ଦାୟିତ୍ୱ ନେଇ ମଣ୍ଡି ଆରମ୍ଭ କରିବେ ବୋଲି କହିଥିଲେ । ସେହିପରି ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କୁ ପଚାରିବାରୁ ଚିଠି ପାଇବାପରେ ତୁରନ୍ତ ବ୍ୟାଙ୍କ ତରଫରୁ ସୁପରଭାଇଜର ସାହୁଙ୍କୁ ଦାୟିତ୍ୱ ନେଇ ମଣ୍ଡି ଚାଲୁ କରିବା ପାଇଁ ନିର୍ଦ୍ଦେଶ କରାଯିବ ବୋଲି କହିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଲୋଇସିଂହା,୬।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ କୁଟାସିଂହା ଗ୍ରାମର ଜଣେ ୩୫ ବର୍ଷୀୟା ବିବାହିତା ମହିଳାଙ୍କ ଶନିବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅର ମୃତ୍ୟୁକୁ ସନ୍ଦେହ କରି ବାପା ବୃନ୍ଦବନ ରାଏ ଲୋଇସିଂହା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ମଧ୍ୟାହ୍ନରେ ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ଅଧୀନ ବୁରୋଭାଡି ଗ୍ରାମର ବୃନ୍ଦବନ ରାଏଙ୍କ ଝିଅ ମୁକ୍ତା ରାଏଙ୍କୁ କୁଟାସିଂହା ଗ୍ରାମର ଜଗନ୍ନାଥ ଧରୁଆଙ୍କ ପୁଅ ସୁରେନ୍ଦ୍ର ୧୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୧୧ ବର୍ଷର ଗୋଟିଏ ଝିଅ ଅଛନ୍ତି। ତେବେ ବିବାହର କିଛି ବର୍ଷ ପରେ ମୁକ୍ତାଙ୍କୁ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ । ନିର୍ଯାତନା ସହି ନ ପାରି ସେ ବାପା ଘରକୁ ଚାଲି ଆସିଥିଲେ। ସମାଜ ପକ୍ଷରୁ ଆପୋସ ବୁଝାମୁଣା ପରେ ସେ ଶାଶୁ ଘରକୁ ଯାଇଥିଲେ। ହେଲେ ଶନିବାର ସନ୍ଧ୍ୟାରେ ମୁକ୍ତା ଗୁରୁତର ହୋଇପଡିଥିବା ବାପ ଘର ଲୋକଙ୍କୁ ଖବର ମିଳିଥିଲା। ଏନେଇ ବାପଘର ଲୋକେ କୁଟାସିଂହାରେ ପହଞ୍ଚିବା ପରେ ଝିଅର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷେ ମୁକ୍ତା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଛନ୍ତି। ଏପରି କି ମୁକ୍ତାର ଶାଶୁ ଦଉଡି ଦେଇଥିବା ରଶିକୁ କାଟି ମୃତଦେହକୁ ଓହ୍ଲାଇଥିବା ପୋଲିସ କହିଛି। ହେଲେ ପୋଲିସ ଉକ୍ତ ରଶି ଓ ଦା'କୁ ଜବତ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖୁବ୍ ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ଆଇଆଇ ଏଲ୍.ଏଲ୍. ବାର୍ଲା କହିଛନ୍ତି।




ରବିବାର ଧାରଣାରେ ସାମିଲ ହୋଇଥିବା ଆନ୍ଦୋଳନକାରୀ।

### କଣ୍ଟାବାଞ୍ଜି ଜିଲା ଦାବିରେ ଆନ୍ଦୋଳନ ୫୧ ଦିନରେ

## ହେମାଲ ସଂଘ, ଖୁଚୁରା କିରାନା ବ୍ୟବସାୟୀ ସଂଘ ସାମିଲ

କଣ୍ଟାବାଞ୍ଜି,୬।୧ (ଡି.ଏନ୍.ଏ.)

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ଏନ୍‌ଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ଏକ ସ୍ୱତନ୍ତ୍ର ନୂତନ ରାଜସ୍ୱ ଜିଲା ଦାବି ଆନ୍ଦୋଳନ ଜୋର ଧରିଛି। ରବିବାର ଆନ୍ଦୋଳନ ୫୧ଦିନରେ ପହଞ୍ଚିଛି। ଏହି ଅବସରରେ ସ୍ଥାନୀୟ ଖୁଚୁରା କିରାନା ବ୍ୟବସାୟୀ ସଂଘ ଏକ ଶୋଭାଯାତ୍ରାରେ ଆସି ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ। ମନୋଜ ଶର୍ମା, ନିରୁଭାଇ ସୋମେୟା, ରାଜେଶ ଅଗ୍ରୱାଲଙ୍କ ସହ ଶତାଧିକ ବ୍ୟବସାୟୀ ଦୋକାନ ବଜାର ବନ୍ଦ କରି ଧାରଣାରେ ସାମିଲ ହୋଇଥିଲେ। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ହେମାଲ ସଂଘ ଶୋଭାଯାତ୍ରାରେ ଆସି ଧାରଣାରେ ସାମିଲ ହୋଇଥିଲା। ବଙ୍ଗୋମୁଣ୍ଡା ସଦର ପଞ୍ଚାୟତ ସରପଞ୍ଚ ଅଜିତ କୁମାର ଯୋଷୀ, ଜିଲା ପରିଷଦ ସଭ୍ୟ ତଥା ଓକିଲ ସଂଘ ସଭାପତି ଉଦ୍ଧବ ବେହେରା ପ୍ରମୁଖ ଧାରଣାରେ ବସିଥିଲେ। ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲ, ଦୁଃଖିଶ୍ୟାମ ଗୁରୁ, ସତ୍ୟନାରାୟଣ ରାଏ, ପ୍ରେମ ବାଗ, କବିରାଜ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଷପୁନି ଛେରଛେରା ଉତ୍ସବ- ୨୦୧୯

ଲୋଇସିଂହା,୬।୧ (ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ମା' ଛେଲିଆପାଟ ଗଣ୍ଡାବଜା ସାଂସ୍କୃତିକ କଳାପରିଷଦ ପୋଡପାଲି ଓ ସ୍ୱପ୍ନେଶ୍ୱର ବାବା ଶରଧାପାଲିର ମିଳିତ ଆନୁକୂଲ୍ୟରେ ଶରଧାପାଲି ଗ୍ରାମରେ ପୁଷପୁନି ଛେରଛେରା ଉତ୍ସବ-୨୦୧୯ ରବିବାର ପାଳିତ ହୋଇଯାଇଛି। ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ଏଥିରେ ଆଖପାଖ ଗ୍ରାମର ୮୦ କଳାକାର ଦଳ ଅଂଶ ଗ୍ରହଣ କରି ନୃତ୍ୟ, ଗୀତ ପ୍ରଦର୍ଶନ କରିଥିଲେ। ବିଚାରକଙ୍କ ଦ୍ୱାରା ମନୋନୀତ ଦଳକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟସରକାରଙ୍କ ପକ୍ଷରୁ ବରିଷ୍ଠ କଳାକାର ଭତ୍ତା ପାଇଥିବା ୯୦ଜଣ ସଦସ୍ୟଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। କିଶୋର ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ଓ ସମ୍ବର୍ଦ୍ଧନା ସଭାରେ ଯୁବନେତା ନିହାର ରଞ୍ଜନ ବେହେରା ମୁଖ୍ୟଅତିଥି, ବ୍ଲକ କଳାକର ସଂଘ ସଭାପତି ବଂଶୀଧର ବେହେରା, ବରିଷ୍ଠ କଳାକର ପ୍ରଭାକର ସାହୁ, ବବଲୁ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆବାହକ ଭରତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧନୁ ସାହୁ, ମହେନ୍ଦ୍ର ସାହୁ, ପ୍ରଦୀପ ସାହୁ, ଆଶୋକ ସାହୁ ଏବଂ ତାଙ୍କ ସାଥୀ ପରିଚାଳନା କରିଥିଲେ।



ପୁଷପୁନି ଛେରଛେରା ଉତ୍ସବରେ ଅତିଥିଙ୍କ ସହ ବରିଷ୍ଠ କଳାକାର।

### ଖପ୍ରାଖୋଲରେ ଭାଜପାର ସାଙ୍ଗଠନିକ ବୈଠକ

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଆଲୋଚନା

ଖପ୍ରାଖୋଲ,୬।୧ (ଡି.ଏନ.ଏ.)

ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭାଜପାର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଶଶି ପୁଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ପ୍ରଭାରୀ ପ୍ରବୋଧାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାମୟୀ ସାହୁ, ବିପ୍ର ବିଶି, ୪ ନଂ. ଜୋନ ସଭାପତି ଭରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ଆଗାମୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। କର୍ମୀମାନେ କିଭଳି କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ସେ ନେଇ ପଞ୍ଚାୟତ ପ୍ରମୁଖ, ବୁଥ ପ୍ରମୁଖମାନଙ୍କ ସହ ଆଲୋଚନା ହୋଇଥିଲା । ବୈଠକରେ କର୍ଣ୍ଣ ସିଂ ଠାକୁର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଘୁନାଥ ସିଂ ବରିହା, ସତ୍ୟାନନ୍ଦ ସେନ୍ଦ୍ରିଆ, ରବି ସାହୁ, ବାବାଜୀ ମେହେର, ସୀତାରାମ ବାଗ, ଗଣେଶ ସାହୁ, ମଧୁ ପଧାନ, ରସିକ ସାହୁ, ଡାକ୍ତର ସାହୁ, ସରୋଜ ବିଶ୍ୱାଳ, ଦେବକାନ୍ତ ପାଣିଗ୍ରାହୀ, ଉପେନ୍ଦ୍ର ଭୋଇଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

କଣ୍ଟାବାଞ୍ଜି,୬।୧(ଡି.ଏନ୍.ଏ.)

କଣ୍ଟାବାଞ୍ଜି ଏନ୍‌ଏସିସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ରବିବାର ଏନ୍‌ଏସି କନଫରେନ୍ସ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ପୌରାଞ୍ଚଳର ସରକାରୀ, ବେସରକାରୀ ସ୍କୁଲ କଲେଜର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୪ଟିସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଜୁନିୟର, ସବ୍‌ଜୁନିୟର, ସିନିୟର ଏବଂ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ର ଯୋଗଦେବେ। ଏହା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜାନୁୟାରୀ ୨୧ଓ ୨୨ତାରିଖ ଦୁଇ ଦିନ ଅନୁଷ୍ଠିତ ହେବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ସ୍ଥାନୀୟ ରେଲବାଇଷ୍ଟାଡିୟମରେ ସାଧାରଣ ତନ୍ତ୍ର ଦିବସ ପାଳନ କରାଯିବ। ଏଥିରେ ମୁଖ୍ୟଅତିଥି ବିଧାୟକ ଆୟୁବ ଖାନ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ପ୍ରସ୍ତାବ ନିଆଯାଇଛି। ପ୍ରତିଯୋଗିତାଗୁଡିକ ସତ୍ୟବ୍ରତ ମିଶ୍ର, ଜଗଦାନନ୍ଦ ପାଣିଗ୍ରାହୀ, ଦିନେଶ ମହାନନ୍ଦ, ଅମରେନ୍ଦ୍ର ବାଗ, ସୁବାସ ଚନ୍ଦ୍ର ବେହେରା, ଗୁରୁଦୟାଲ ହଂସଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ନିର୍ବାହୀ ଅଧିକାରୀ ଇଂ. ଲଛମନ ଦାସ ଠାକୁର, ନୋଡାଲ ଅଫିସର ଚନ୍ଦ୍ର ଶେଖର ଭୋଇ, ଅଗ୍ନିଶମ ଅଧିକାରୀ ଅସିତ କୁମାର ଜେନାଙ୍କ ସହିତ ସହରର ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ସାମ୍ବାଦିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

### କାର୍ଯ୍ୟାନୁଷ୍ଠାନ ନେବାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପଛଘୁଞ୍ଚା

# ମରାମତି କରି ଦୋଷ ଲୁଚାଯାଉଛି

ଲୋଇସିଂହା, ୬।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଉନ୍ନୟନ କାମ ଚାଲିଛି । ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ତଦାରଖ ଅଭାବରୁ ଉନ୍ନୟନ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । କଂକ୍ରିଟ ରାସ୍ତା ନିର୍ମାଣର ମାସ କେତେଟାରେ ରାସ୍ତା ଫାଟି ଆଁ। ପ୍ରଧାନମନ୍ତ୍ରୀ ସଡକରୁ ପିଚୁ ଉଠିଯାଉଛି ତ, ଆଉ କେଉଁଠି ନିର୍ମାଣାଧୀନ ଛାତରୁ ପାଣି ଝରୁଛି । କିନ୍ତୁ ଏଭଳି ନିମ୍ନମାନର କାମ ଉପରେ ବିଭାଗୀୟ ଉଚ୍ଚ ଅଧିକାରୀ କଠୋର ଆଭିମୁଖ୍ୟ ଗ୍ରହଣ କରିବା ପରିବର୍ତ୍ତେ ଘଟଣାକୁ ହାଲୁକା ଭାବେ ନେଉଥିବା ଅଭିଯୋଗ ହେଉଛି। ସରକାରକ ମାଲ ଦରିଆ ମେ ଡାଲ ନୀତିରେ ଅନିୟମିତତା କରାଯାଇଥିବା କାମକୁ ଥୁକ ପାଲିସ କରି ଦୋଷ ଲୁଚାଯାଉଛି। ପ୍ରକାରନ୍ତରେ ଏହା ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ସାଧାରଣରେ କୁହାଯାଉଛି। ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ମାଣ୍ଡିଆପଦର ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ବରପାଲିଆପଡାକୁ ସଂଯୋଗ ରାସ୍ତା ବିଭାଗ ପକ୍ଷରୁ କଂକ୍ରିଟ କରାଯାଇଥିଲା। ନିମ୍ନମାନର କାମ ଯୋଗୁ ନିର୍ମାଣର କେତେ ମାସ ପରେ ରାସ୍ତା ଫାଟି ଆଁ କରିଛି। ଏ ସଂକ୍ରାନ୍ତରେ ଖବର ଗତ ୪ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ତତ୍ପରତା ଦେଖାଇ ଘଟଣାସ୍ଥଳକୁ ଯାଇ ଠିକାଦାରଙ୍କ ଉପସ୍ଥିତିରେ ମରାମତି କରାଯାଇଛି । ଏହି କାମ ୨୦୧୭-୧୮ ଆର୍ଥିକ ବର୍ଷର। ସେହିପରି ଗତବର୍ଷ ୯୫ ଲକ୍ଷ ୬୯ ହଜାର ବ୍ୟୟରେ ଲୋଇସିଂହା ବ୍ଲକ ବୁର୍ଡା ୨୬ ନଂ ଜାତୀୟ ରାଜପଥଠାରୁ ସିଆଲବାହଲି ୨.୮୦ କି.ମି ରାସ୍ତା ପ୍ରଧାନମନ୍ତ୍ରୀ ସଡକ କାମ କରାଯାଇଥିଲା । ଏହି ରାସ୍ତାରେ ୧.୬୫ ପିଚୁ ରାସ୍ତା ଓ ୦.୩୫ କି.ମି ସେଲଫିଲଡ ପ୍ରକ୍ରିୟାରେ ପ୍ରଥମ କରି କଂକ୍ରିଟକରଣ କରାଯାଇଥିଲା । ହେଲେ ନିର୍ମାଣ ନ ସରୁଣୁ କଂକ୍ରିଟ ଫାଟି ପିଚୁ ଉଠି ଯାଇଥିଲା । ଉଠି ଯାଇଥିବା ପିଚୁକୁ ଗୋଡି ଦେଇ କ୍ରଶର ଗୁଣ୍ଡ ପକାଇ ଦିଆଯାଇଛି। ଏହି ରାସ୍ତା ମରାମତି ହୋଇ ପାରିନାହିଁ । ଠିକ ସେହିପରି ବିଭାଗ ପକ୍ଷରୁ ବ୍ଲକ ଅଧୀନ ଉପରବାହାଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଆରଏମଏସଏ ପାଣ୍ଠିରୁ ୪୬ ଲକ୍ଷ ବ୍ୟୟରେ ୫ କୋଠରି ନିର୍ମାଣ କରାଯାଇଛି। ଏହା ୩ମହଲା ବିଶିଷ୍ଟ । ତେବେ ନିମ୍ନମାନର ଛାତ କାମ ହୋଇଥିବାରୁ କୋଠା ନିର୍ମାଣାଧୀନ ସମୟରେ ବର୍ଷା ଦିନରେ ତଲମହଲା ଛାତରୁ ପାଣି ଝରୁଥିଲା । ଏହି ଘଟଣାକୁ ଠିକାଦାର ଓ ସ୍କୁଲ କର୍ତ୍ତୃପକ୍ଷ ଚପାଇ ଦେଇ ପାଣି ଲିକ ଛାତରେ ଗ୍ରିଡିଂ ପକାଇ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ । ପରବର୍ତ୍ତୀ ସମୟରେ ଗ୍ରାମର ଡୋଳାମଣୀ ବିଶ୍ୱାଳ, ନେହେରୁ ବିଶ୍ୱାଳ, ବନମାଳୀ ସାହୁ, ଲଳିତ ସାହୁ ଓ ଡୋଳାମଣୀ ବନଗୋଲାଙ୍କ ସମେତ ଗ୍ରାମବାସୀ ଘଟଣା ଜାଣି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନୁରୂପ ଭାବେ ଏହି ଘଟଣାରେ ମଧ୍ୟ ଠିକାଦାରକୁ ବିଭାଗୀୟ ଅଧିକାରୀ ଅନୁଗ୍ରହ ଦେଖାଦେଉଥିବା ଉପରବାହାଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବଲାଙ୍ଗୀର ଆରଡି ବିଭାଗର ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ ପରେ ଅନିୟମିତତା ହୋଇଥିଲେ ଆବଶ୍ୟକ ପଦକ୍ଷେପ ନେବି ବୋଲି କହିଛନ୍ତି।



ଫାଟ ହୋଇଥିବା ବରପାଲିଆପଡା ରାସ୍ତା । ମରାମତି କରାଯାଇ ଫାଟ ବନ୍ଦ କରାଯାଇଛି।

## ଜିଲା ରାମଲୀଳା କଳାକାର ସଂଘର ବନ୍ଧୁମିଳନ

ଦେଓଗାଁ,୬।୧ (ଡି.ଏନ୍.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ବରକାନୀ ନିକଟରେ ରବିବାର ଜିଲା ରାମଲୀଳା କଳାକାର ସଂଘର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୀଳାଞ୍ଚଳ ମେହେରଙ୍କ ଆବାହକତ୍ୱ ତଥା ରାମଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶରତ କୁମାର ପୁଟେଲ ସଂଯୋଜନା କରିଥିଲେ। ଏହି ଅବସରରେ ମଞ୍ଚକଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ହିତାଧିକାରୀଙ୍କ ବୟସ ସୀମା କୋହଳ କରିବାକୁ ମତପ୍ରକାଶ ପାଇଥିଲା। ଏପରି କି ବଞ୍ଚିତ ବରିଷ୍ଠ କଳାକାରଙ୍କୁ ତୁରନ୍ତ ଚିହ୍ନଟ କରି ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ ରବିଚନ୍ଦ୍ର କୁଅଁର, ଆର୍ତ୍ତତ୍ରାଣ ନାଗ, ସତ୍ୟବାନ ପୁଟେଲ, ସମାରୁ ମେହେର, ରମାକାନ୍ତ ମିଶ୍ର, ଅର୍ଜୁନ ରାଉତ ପ୍ରମୁଖ କଳାକାରମାନଙ୍କ ପରିବାର ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଜୀବନବୀମା ଓ ସ୍ୱାସ୍ଥ୍ୟବୀମା ରହିବା କଥା ବୋଲି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ନରସିଂହ ନାୟକ, ଅଶ୍ୱିନୀ ଜେନା, ସଚ୍ଚିଦାନନ୍ଦ ବିଶ୍ୱାଳ, ଡୋଳା ବିଶ୍ୱାଳ, ଡୋଳାମଣି କଳତା ପ୍ରମୁଖ ସହଯୋଗ କରିଥିବା ବେଳେ ସୁରଥ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



ରାମଲୀଳା କଳାକାର ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ବାରବନ୍ଧା ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା

ବାରବନ୍ଧା,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ବାରବନ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ବାରବନ୍ଧା ସରପଞ୍ଚ ରମଣୀ ଛତ୍ରିଆ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଯୁବନେତା ରାଜେଶ କୁମାର ପାଠକ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ନାଏକ ସରପଞ୍ଚ ସାର ସା, ପିଇଓ ରାଶି ମାଝି, ଭିଏଡବ୍ଲ୍ୟୁ, ଏଲଆଇ, ବିଭିନ୍ନ ୱାର୍ଡର ୱାର୍ଡମେମ୍ବର, ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସୁରେନ୍ଦ୍ର କୁମାର ପାଠକ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜୁନିୟର, ସବଜୁନିୟର ଓ ସିନିୟର ଗ୍ରୁପର ରଚନା, ସଙ୍ଗୀତ, କୁଇଜ୍, ଚିତ୍ରାଙ୍କନ, ଡିବେଟ୍, ପ୍ରତିଯୋଗିତାମାନ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ପ୍ରତିଯୋଗିତାଗୁଡିକରେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗ୍ରୁପ ଡ୍ୟାନ୍ସ, ମହିଳାମାନଙ୍କ ଦ୍ୱାରା ହୁଳହୁଳି ଏବଂ ଝୋଟି ପ୍ରତିଯୋଗିତା ଏବଂ ହାଣ୍ଡିପାଟ ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ଥିଲା ।

# ବଳଦିଆମାଲରେ ଝାଡ଼ାବାନ୍ତି: ୨୩ ଆକ୍ରାନ୍ତ

ଜୁନାଗଡ,୬।୧(ଡି.ଏନ.ଏ./ସ୍ୱ.ପ୍ର.)

■ ସ୍ଥିତି ଅନୁଧାନ ପାଇଁ ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ
■ ଦୁଷିତ ପାଇପ ପାଣିରୁ ବ୍ୟାପିଥିବା ଅନୁମାନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଲ ଗ୍ରାମରେ ଶନିବାର ଓ ରବିବାର ୨ ଦିନରେ ଗ୍ରାମରେ ପ୍ରାୟ ୨୩ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସମସ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଜଣେ ରୋଗୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନେ ହେଲେ ବଳଦିଆମାଲର ସରୋଜ କୁମାର ମାଝି (୨୦), ମିକି ମେହେର(୨୫), ଲିଜିଲି ମେହେର (୯), ସୁବାଷିନୀ ବେହେରା (୬୫), ସରିତା ପ୍ରଧାନୀ (୧୪), ଯଶୋଦା ମେହେର (୫୦), ଦିଗାମ୍ବର ମେହେର (୬୫), ସୁଷମା ଲହଜଲ(୨୨), ଗିରିଧାରୀ ମେହେର (୩୮), ନୈମିଶ ମେହେର (୧୮), ଅଭିରାମ ମେହେର (୫୫), ଲାଲୁ ବୈଠାରୁ (୫୫), ରିଙ୍କି ମେହେର (୧୮), ନଳିନୀ ଦଣ୍ଡସେନା (୧୭), ପୁଷ୍ପାଞ୍ଜଳି ବରଗାର୍ତ୍ତୀ (୪୮), ଘାସିରାମ ମାଝି (୭୦), ଲକ୍ଷ୍ମଣ କୁମାର (୬୦), ସସ୍ମିତା ମେହେର(୩୦), ସ୍ନେହଲତା ପ୍ରଧାନୀ (୫୦), ଝୁରଲି ବିଶ୍ୱାଲ (୫୦), ସଙ୍ଗୀତା ଲହଜଲ (୨୮) ପ୍ରମୁଖ ରହିଛନ୍ତି। ବଦ୍ରିନାଥ ପ୍ରଧାନୀ (୧୭) ଅବସ୍ଥା ଗୁରୁତର ହେବାରୁ ଶନିବାର ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି କେଳିଆ ଗ୍ରାମର ଫାଲଗୁନି ହଂସ (୧୦) ତାଙ୍କ ଅଜା ଘର ବଳଦିଆମାଲକୁ ଆସି ସେ ମଧ ଏଥିରେ ଶିକାର ହୋଇଛନ୍ତି। ଅନ୍ୟପକ୍ଷରେ ବଳଦିଆମାଲରେ ଯୋଗାଣ ହେଉଥିବା ପାଇପ ପାଣି ଦୁଷିତ ହେବା ଯୋଗୁ ଏପରି ହୋଇଥିବା ଅନୁମାନ କରାଯାଉଛି। ରବିବାର ମଧାହ୍ନରେ ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୌତିଷ୍କ ମହାପାତ୍ର, ଡାକ୍ତର ସୁଶିଲ ରଥ ଓ ମୋବାଇଲ ହେଲଥ୍ ଟିମ ସ୍ଥିତି ଅନୁଧାନ ପାଇଁ ଗାଁରେ ପହଞ୍ଚିଥିଲେ। ଏହି ସମୟରେ ସେମାନେ ସ୍ଥାନୀୟ ଲୋକଙ୍କୁ ଝାଡ଼ାବାନ୍ତି ଉପରେ ପଚାରି ବୁଝିବା ସହ ବିଭିନ୍ନ ସ୍ଥାନର ପାଣିର ନମୁନା ସଂଗ୍ରହ କରିଥିଲେ। ଜୁନାଗଡ ଡାକ୍ତରଖାନାରେ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ଉପସ୍ଥିତିରେ ରୋଗୀଙ୍କ ଚିକିତ୍ସା ଚାଲିଥିବା ଜଣାପଡିଛି। ତେବେ ଦୁଷିତ ପାଣି ଯୋଗୁ ଏପରି ହୋଇଥିବା ଡାକ୍ତର ପଣ୍ଡା ଅନୁମାନ କରିଛନ୍ତି। ସେପଟେ ରୋଗୀ ସଂଖ୍ୟା ବଢୁଥିବା ମଧ ଦେଖିବାକୁ ମିଳିଛି।







ଜୁନାଗଡ ଡାକ୍ତରଖାନାରେ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଛନ୍ତି (ବାମ)। ସ୍ୱାସ୍ଥ୍ୟ ବିଭାଗ ଗାଁରେ ପହଞ୍ଚି ସ୍ଥିତି ଅନୁଧାନ କରୁଛନ୍ତି ।

### ଡୁଡୁକାରଞ୍ଜା ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା

ବାରବନ୍ଧା,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅଧୀନ ଡୁଡୁକାରଞ୍ଜା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଶନିବାର ପାଳିତ ହୋଇଯାଇଛି । ଏଥିରେ ଡୁଡୁକାରଞ୍ଜା ସରପଞ୍ଚ ନମିତା ପାତ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଚୈତନ୍ୟ ପ୍ରସାଦ ମାଝି, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ସୋମନାଥ ପାତ୍ର, ସମ୍ମାନିତ ଅତିଥି ନାଏକ ସରପଞ୍ଚ ରଜନୀ ପାତ୍ର, ପିଇଓ, ଭିଏଡବ୍ଲ୍ୟୁ, ଏଲଆଇ, ବିଭିନ୍ନ ୱାର୍ଡର ୱାର୍ଡମେମ୍ବର, ଏସଏଚଜିର ସଦସ୍ୟା, ବିଭିନ୍ନ ବିଦ୍ୟାଳୟ ଶିକ୍ଷକବୃନ୍ଦ ଯୋଗଦେଇଥିଲେ। ଉତ୍ସବରେ ବତନ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଜୁନିୟର, ସବଜୁନିୟର, ସିନିୟର ଗ୍ରୁପରେ ଭାଗ କରି ରଚନା, କୁଇଜ୍, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଡିବେଟ ଆଦି ପ୍ରତିଯୋଗିତା କରାଯାଇଥିଲା । ଉଦଯାପନୀ ଉତ୍ସବରେ ପ୍ରତିଯୋଗିତାଗୁଡିକରେ ୧ମ, ୨ୟ, ୩ୟ, ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ରେକର୍ଡ ଡ୍ୟାନ୍ସ ମୁଖ୍ୟ ଆକର୍ଷଣ ଥିଲା ।

## କଳାହାଣ୍ଡିରେ ଭୁଶୁଡ଼ି ଯାଇଛି ମଣ୍ଡି ବ୍ୟବସ୍ଥା: ଭାଜପା କୃଷକ ମୋର୍ଚ୍ଚା

ଧର୍ମଗଡ,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଧାନର ଅଭାବି ବିକ୍ରି ଲାଗି ରହିଥିବା ବେଳେ ଆଜି ବି ଏହାକୁ ରୋକିବାରେ ପ୍ରଶାସନ ଓ ସରକାର ବିଫଳ ହୋଇଛି । ମଣ୍ଡିଗୁଡ଼ିକରେ ଚାଲିଛି ମିଲର୍ସଙ୍କ ରାଜ ଏବଂ ଏହାକୁ ପରୋକ୍ଷରେ ପ୍ରଶ୍ରୟ ଦେଉଛି ପ୍ରଶାସନ । ଫଳରେ ଚାଷୀ ଆଜି ମଣ୍ଡିରେ କୁଇଣ୍ଟାଲ ପିଛା ୭ ରୁ ୧୦ କିଲୋ ପର୍ଯ୍ୟନ୍ତ କଟନିର ଶିକାର ହେଉଛି। ଏହି ସମସ୍ୟାର ଯଦି ସମାଧାନ କରା ନ ଯାଏ ତାହେଲେ କୃଷକଙ୍କ ଏହି ସମସ୍ୟାକୁ ନେଇ ଭାଜପା ରାଜରାସ୍ତାକୁ ଓହ୍ଲାଇବା ସହ ସରକାରୀକଳକୁ ଅଚଳ କରିଦେବ ବୋଲି କଳାହାଣ୍ଡି ଜିଲା ଧର୍ମଗଡ଼ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧୀର ରଞ୍ଜନ ପାଙ୍ଗଯୋଷୀ କହିଛନ୍ତି ।

ମଣ୍ଡିଗୁଡ଼ିକରେ ନିୟୋଜିତ ପ୍ୟାକ୍ସ ଅଧିକାରୀଙ୍କ ଭୂମିକା ସନ୍ଦେହ ଜନକ ରହିଛି । ସେହିପରି ଧର୍ମଗଡ ଉପଖଣ୍ଡ ଆଜି ଚାଷ ପାଇଁ ସମଗ୍ର ରାଜ୍ୟରେ ୧ ନମ୍ବର ରହିଥିବା ବେଳେ ଏଠାରେ ଜଳ ସେଚନର ସୁବିଧା କରିବାରେ ରାଜ୍ୟ ସରକାର ଫେଲ ମାରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଇନ୍ଦ୍ରାବତୀ ଜଳ ଭଣ୍ଡାରର ଗଛିତ ପାଣି ହାତୀ ନଦୀ ଦେଇ ଅନ୍ୟ ରାଜ୍ୟ ତଥା ଅନ୍ୟ ଜିଲାକୁ ଯାଉଥିବା ବେଳେ ନିଜ ଜିଲାର ଚାଷୀ ଆଜି ପାଣି ପାଇଁ ହାହାକାର ହୋଇପଡୁଛି । ଜିଲାରେ ଆଜି ଦିନକୁ ଦିନ ଚାଷୀ ଆତ୍ମହତ୍ୟା ମଧ୍ୟ ବଢିବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟି ବୋଲି କହିଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀ ଗତ ୨୦୧୫ରେ ବରଗଡଠାରେ ଚାଷୀଙ୍କୁ ବୋନସ ଦେବା ପାଇଁ ଘୋଷଣା କରିଥିଲେ। ତେବେ ତାଙ୍କ ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଜବାବ ମାଗିଛି କୃଷକ ମୋର୍ଚ୍ଚା। ଓଡିଶା ସରକାର ନିରୀହ ଚାଷୀମାନଙ୍କୁ ବିଭିନ୍ନ ସମୟରେ ମିଥ୍ୟା ପ୍ରତିଶ୍ରୁତି ଦେଇ ଖେଳ ଖେଳୁଛନ୍ତି । ବର୍ତ୍ତମାନ ନିର୍ବାଚନ ଆସୁଥିବା ବେଳେ ରାଜ୍ୟର ଚାଷୀମାନଙ୍କୁ ଭୁଆଁ ବୁଲାଇବା ପାଇଁ କାଳିଆ ଯୋଜନା କରିଛନ୍ତି । କିନ୍ତୁ କାଳିଆ ଯୋଜନାରେ କାହାକୁ ସାମିଲ କରାଯିବ ଏବଂ କେତେ ଚାଷୀ ଏଥିରେ ସାମିଲ ହେବ ତାହାର ମଧ୍ୟ ତାଙ୍କ ପାଖରେ ତାଲିକା ନାହିଁ। ଏହି ସବୁ ଘଟଣାକୁ ନେଇ ବଜେଡି ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ଆସନ୍ତା ମଙ୍ଗଳବାର ରାଜ୍ୟର ସମସ୍ତ ୩୦ ଜିଲାର ଚାଷୀମାନଙ୍କୁ ନେଇ ସଚିବାଳୟ ଘେରାଉ ଏବଂ ମୁଖ୍ୟମନ୍ତ୍ରୀଙ୍କ ବସଭବନ ଘେରାଉ ସହ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଯୁବ ମୋର୍ଚ୍ଚା ସଭାପତି ହିମାଂଶୁ ପଣ୍ଡା, କୋକସରା କୃଷକ ମୋର୍ଚ୍ଚା ସଭାପତି ତ୍ରିନାଥ ଶବର, ଗୌର ଚନ୍ଦ୍ର ପଣ୍ଡା, ଜୟଶଙ୍କର ମୁଣ୍ଡ, ସରୋଜ ଶବର, ଦୁର୍ଗା ପ୍ରସାଦ ପ୍ରଧାନୀଙ୍କ ସମେତ ବିଭିନ୍ନ ବ୍ଲକରୁ ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଭାଜପାର ଅଭିଯୋଗ ଉପରେ କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପଚାରିବାରୁ ଆଜିଯାଏ ଚାଷୀମାନଙ୍କ ପାଇଁ ଯାହାବି ସୁବିଧା କରାଯାଇଛି ସେଇଟା କେବଳ ରାଜ୍ୟ ସରକାର ହିଁ କରିଛନ୍ତି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତି ଯୋଗୁ ଆଜି ପେଡି ସରପ୍ଲସ ରାଜ୍ୟଗୁଡ଼ିକ ଇଚ୍ଛା ଥାଇ ସୁଦ୍ଧା ବୋନସ୍ ପ୍ରଦାନ କରି ପାରୁନାହାନ୍ତି, ଯେହେତୁ କେନ୍ଦ୍ର ସରକାର ଘୋଷଣା କଲେ ଯେ, ଯେଉଁ ରାଜ୍ୟ ବୋନସ ପ୍ରଦାନ କରିବ ସେହି ରାଜ୍ୟର ଏଫ୍‌ସିଆଇ ଚାଉଳ ଉଠାଇବ ନାହିଁ। ଏଭଳି ପରିସ୍ଥିତିରେ ବୋନସ ଘୋଷଣାରେ ବାଧା ସୃଷ୍ଟି ହେଉଛି। କାଳିଆ ଯୋଜନାରେ ରାଜ୍ୟର ବହୁ ଚାଷୀ ଉପକୃତ ହେବେ। ଏହାକୁ ଭାଜପା ସହ୍ୟ କରିପାରୁ ନାହିଁ ଓ ଭୟଭୀତ ହୋଇଯାଉଛି। ସେହିଭଳି ଉତ୍ପାଦନ ଦ୍ରବ୍ୟର ମୂଲ୍ୟ ଦେଢ଼ଗୁଣ ବଢ଼ାଇବା ପାଇଁ କେନ୍ଦ୍ର ସରକାର ଘୋଷଣା କରି ଉପହାସ କଲାଭଳି ୨୦୦ ଟଙ୍କା ବଢ଼ାଇଲେ। ଏହା ଭାଜପାର ଔଷଧ ବିକଳରେ ତାଟିଆ କାମୁଡ଼ିବା ଭଳି ବୋଲି ଜିଲା ବିଜେଡି ସଭାପତି ସିଂଦେଓ କହିଛନ୍ତି।





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କୃଷକ ମୋର୍ଚ୍ଚା କର୍ମକର୍ତ୍ତା ।

## ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯

ଲାଞ୍ଜିଗଡ,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ପଞ୍ଚାୟତସ୍ତରୀୟ ପଞ୍ଚାୟତରେ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ମହାସମାରୋହରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅଭିଭକ୍ତ କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜ କୁଳାଧକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ପୂର୍ବତନ ସଭାପତି ବିନୋଦ ଗଉଡ, ଲାଞ୍ଜିଗଡ ସମିତି ସଦସ୍ୟ ପ୍ରଦୀପ ମାଝି, ଶ୍ରୀମୁଖ ଅଗସ୍ତି, ପରେଶ କୁମାର ନାୟକ, ବରିଷ୍ଠ ଶିକ୍ଷକ ମୁରଲୀଧର ଗଉଡ, ଶିକ୍ଷକ ଜମ୍ବେଶ୍ୱର ମାଝି, ବୃଷଧ୍ୱଜ ମାଝି, ଯୋଗାଣ ସହାୟକ ରାଜେନ୍ଦ୍ର କୁମାର ମହାକୁଡ ପ୍ରମୁଖ ଯୋଗଦେଇଥିଲେ । ସରପଞ୍ଚ ମଣି ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା । ପଞ୍ଚାୟତ ନିର୍ବାହୀ ଅଧିକାରୀ ପରମେଶ୍ୱର ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ନାରାୟଣ ନାଗ ପରିଚାଳନା କରିଥିବାବେଳେ ମୀନକେତନ ସୁନା ସହଯୋଗ କରିଥିଲେ। ଏଥିରେ ପଞ୍ଚାୟତ ଅଞ୍ଚଳ ସମସ୍ତ ୱାର୍ଡସଭ୍ୟ ଓ ସଭ୍ୟା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦେଇଥିଲେ ।



କଳାହାଣ୍ଡି ଉତ୍ସବ ଘୁମୁରା ଉତ୍ସବରେ ମଞ୍ଚାସୀନ ଅତିଥି ।

## ଓଡ଼ିଶା ସାଇନିଙ୍ଗ ଆଇକନରେ ଟାଇଟଲ ଜିତିଲେ କଳାହାଣ୍ଡିର ନିତିଶ

ଭବାନୀପାଟଣା,୬।୧(ସ୍ୱ.ପ୍ର.)

ରାଉରକେଲାଠାରେ ଅନୁଷ୍ଠିତ ଓଡିଶା ସାଇନିଙ୍ଗ ଆଇକନ ୨୦୧୮ ସିଜନ ୦୧ର ଗ୍ରାଣ୍ଡ ଫାଇନାଲରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଶୋଶିଆ ଗ୍ରାମର ନିତିଶ ଜୋଷୀ (୨୫) ଟପ୍ ୦୯ ମଧ୍ୟରୁ ପ୍ରଥମ ସ୍ଥାନ ପାଇ ସମ୍ମାନିତ ହେବା ସହ ଟାଇଟଲ ଜିତିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡିଶାର ୫ଟି ସହରରୁ ଚୟନ ହୋଇ ଆସିଥିବା ମଡେଲମାନଙ୍କୁ ନେଇ ଗ୍ରାଣ୍ଡ ଫାଇନାଲ ହୋଇଥିଲା । ଏଥିରେ କଳାହାଣ୍ଡି ଜିଲାରୁ ନିତିଶ ଭାଗ ନେଇ ସଫଳତା ପାଇଥିଲେ । ତାଙ୍କର ଏହି ସଫଳତାରେ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ବର୍ଗରୁ ତାଙ୍କୁ ଶୁଭେଚ୍ଛା ବାର୍ତ୍ତା ସୁଅ ଛୁଟିଛି।



ନିତିଶଙ୍କୁ ସମ୍ମାନିତ କରାଯାଉଛି।

### ଲମ୍ବୋଦର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

## ଛୋରିଆଗଡ଼ ଚାମ୍ପିୟନ

ଜୁନାଗଡ,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଓ ନୂଆଗୁଡା ମଧ୍ୟରେ ଥିବା ତାରା ତାରେଣୀ ପଡିଆଠାରେ ଚାଲିଥିବା ଲମ୍ବୋଦର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଖନାତରା ଓ ଛୋରିଆଗଡ ମଧ୍ୟରେ ହୋଇଥିଲା। ଖନାତରା ଦଳ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୧୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ମୋରିଆଗଡ ଦଳ ୧୩.୨ ଓଭରରେ ୬ ଉଇକେଟ ହରାଇ ୯୪ ରନ୍ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ ଅଫ୍ ଦ ମ୍ୟାଚ୍ ଭାବେ ବବ୍ବୃ ଓ ମ୍ୟାମନ ଅଫ୍ ଦି ସିରିଜ ଭାବେ ହରେ ମନୋନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌କୁ ବିମଳେନ୍ଦୁ ମେହେର ଓ କପିଳାସ ମେହେର ପରିଚାଳନା କରିଥିଲେ। ଫରେଷ୍ଟର ଶୁଭେନ୍ଦୁ କୁମାର ବିଷି ଧାରାବିବରଣି ଦେଇଥିଲେ। କିଶାନ ଧଙ୍ଗଡା ମାଝି ସହଯୋଗ କରିଥିଲେ। ଟୁର୍ନାମେଣ୍ଟର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ମେହେର, ସମ୍ମାନିତ ଅତିଥି ଭାବେ ଘନଶ୍ୟାମ ମେହେର, ଅବିନ ମେହେର, ପ୍ରଦ୍ୟୁମ୍ନ ମେହେର ପ୍ରମୁଖ ଯୋଗଦେଇଥିଲେ। ଚିଚୈଗୁଡା ପଲ୍ଲୀ ମଙ୍ଗଳ ଯୁବ ସମିତି ଏହି ଟୁର୍ନାମେଣ୍ଟକୁ ଆୟୋଜନ କରିଥିବାବେଳେ ରେଡ୍ ରିବନ କ୍ଲବ ସହଯୋଗ କରିଥିଲା। ଏହି ଟୁର୍ନାମେଣ୍ଟରେ ରାଜେନ୍ଦ୍ର ମେହେର, ଜନ୍ମେଜୟ ମେହେର, ଦିନେଶ ମେହେର, ବିକି ମେହେର, ଜିନୁ ମେହେର, ଚାଣକ୍ୟ ମେହେର, ନବଘନ ମେହେର, ବିକାଶ ମେହେର, ମହେନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ। ଗତ ଡିସେମ୍ବର ୧୫ ତାରିଖଠୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୨୦ଟି ଦଳ ଭାଗ ନେଇଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଛୋରିଆଗଡ ଦଳର ଖେଳାଳି ।

## ଚାରବାହାଲକୁ ନୂତନ ବ୍ଲକ ଦାବି

ଜୁନାଗଡ,୬।୧(ଡି.ଏନ.ଏ.)

**ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୋଭାଯାତ୍ରା ସହ ସଭା**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚାରବାହାଲକୁ ନୂତନ ବ୍ଲକ ଦାବି ନେଇ ରବିବାର ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୋଭାଯାତ୍ରା କରାଯିବା ସହ ଏକ ସଭା କରାଯାଇଛି। ଆରମ୍ଭରେ ମଞ୍ଚର କର୍ମକର୍ତ୍ତାମାନେ ମା' ମାନପୁରିଆଣି ମନ୍ଦିରଠାରେ ପୂଜାର୍ଚ୍ଚନା ପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବଜାର ପଡିଆକୁ ପହଞ୍ଚିଥିଲେ। ସେଠାରେ ହୃଷୀକେଶ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାନକୀରାମ ପାନ, ନରେଶ ଚଳାନ, ରୋଚେନ ବାଗ, ଆଶିଷ କୁମାର ପଣ୍ଡା, ଦିନେଶ କୁମାର ପଣ୍ଡା, ମୋହନ ହଂସ, ରାମ ନାରାୟଣ ପଣ୍ଡା, ମାନସ ରଞ୍ଜନ ସିଂହ, ସୁରେଶ ଚଳାନ, ବଂଶି କାଣ୍ଡ, ବିଶ୍ୱ ସିଂହ, ରଜନୀକାନ୍ତି ସମରଲିଆ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଜୁନାଗଡ ବ୍ଲକର ଚାରବାହାଲ, କାଲୋପଲା, ମହିଚଲା, ମାଲିଗୁଡା, ସନ୍ୟାସୀକୁଣ୍ଡାମାଲ ହାବସପୁର, ଗୌଡଛେଣ୍ଡିଆ, ଦାସିଗାଁ, ମୁଣ୍ଡରାଗୁଡା କୋକସରା ବ୍ଲକର ଡହଗାଁ, ମୋଟେର, ଜୟପାଟଣା ବ୍ଲକର ବଡ ଟେମରି, ଧର୍ମଗଡ ବ୍ଲକର ତରାପୁର ଆଦି ୧୩ଟି ପଞ୍ଚାୟତକୁ ନେଇ ଚାରବାହାଲକୁ ନୂତନ ବ୍ଲକ ପାଇଁ ଦାବି କରାଯାଇଥିଲା। ଜାନକୀରାମ ପାନ ସଭା ପରିଚାଳନା କରିଥିବା ବେଳେ ସଚେତନ ନାଗରିକ ମଞ୍ଚ ଆବାହକ ମିନକେତନ ଦଳପତି ଧନ୍ୟବାଦ ଦେଇଥିଲେ। ସରକାର ଯଦି ଏହି ଦାବିକୁ ଅଣଦେଖା କରନ୍ତି ତାହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି । ଗତ କିଛିଦିନ ହେଲା ଜୁନାଗଡକୁ ଜିଲା, ସଦର ମହକୁମା ଓ ଧର୍ମଗଡକୁ ଜିଲା ମାନ୍ୟତା ଦାବି ନେଇ ସ୍ଥାନୀୟ ଅଧିବାସୀ ଆନ୍ଦୋଳନ ଚଳାଇଥିବା ବେଳେ ଏବେ ଚାରବାହାଲକୁ ନୂତନ ବ୍ଲକ ମାନ୍ୟତା ଦାବି ସ୍ଥାନୀୟ ଅଧିବାସୀ ଆନ୍ଦୋଳନ କରୁଥିବାରୁ ଜିଲାରେ ଭୁକୁଞ୍ଚନ ସୃଷ୍ଟି ହୋଇଛି।





ଚାରବାହାଲକୁ ନୂତନ ବ୍ଲକ ଦାବିରେ ଶୋଭାଯାତ୍ରା କରାଯାଉଛି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଲୋଇସିଂହା,୬।୧ (ଡି.ଏନ.ଏ.)-** ଲୋଇସିଂହା ଥାନା ଅଧୀନ କୁଟାସିଂହା ଗ୍ରାମର ଜଣେ ୩୫ ବର୍ଷୀୟା ବିବାହିତା ମହିଳାଙ୍କ ଶନିବାର ଅପରାହ୍ନରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଝିଅର ମୃତ୍ୟୁକୁ ସନ୍ଦେହ କରି ବାପା ବୃନ୍ଦବନ ରାଏ ଲୋଇସିଂହା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ମଧ୍ୟାହ୍ନରେ ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତ ଅଧୀନ ବୁରୋଭାଡି ଗ୍ରାମର ବୃନ୍ଦବନ ରାଏଙ୍କ ଝିଅ ମୁକ୍ତା ରାଏଙ୍କୁ କୁଟାସିଂହା ଗ୍ରାମର ଜଗନ୍ନାଥ ଧରୁଆଙ୍କ ପୁଅ ସୁରେନ୍ଦ୍ର ୧୫ ବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୧୧ ବର୍ଷର ଗୋଟିଏ ଝିଅ ଅଛନ୍ତି। ତେବେ ବିବାହର କିଛି ବର୍ଷ ପରେ ମୁକ୍ତାଙ୍କୁ ସ୍ୱାମୀ, ଶାଶୁ ଓ ନଣନ୍ଦ ମିଶି ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନ ପାରି ସେ ବାପା ଘରକୁ ଚାଲି ଆସିଥିଲେ। ସମାଜ ପକ୍ଷରୁ ଆପୋସ ବୁଝାମଣା ପରେ ସେ ଶାଶୁ ଘରକୁ ଯାଇଥିଲେ। ହେଲେ ଶନିବାର ସନ୍ଧ୍ୟାରେ ମୁକ୍ତା ଗୁରୁତର ହୋଇପଡିଥିବା ବାପ ଘର ଲୋକଙ୍କୁ ଖବର ମିଳିଥିଲା। ଏନେଇ ବାପଘର ଲୋକେ କୁଟାସିଂହାରେ ପହଞ୍ଚିବା ପରେ ଝିଅର ମୃତ୍ୟୁ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଅନ୍ୟପକ୍ଷେ ମୁକ୍ତା ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଛନ୍ତି। ଏପରି କି ମୁକ୍ତାର ଶାଶୁ ଦଉଡି ଦେଇଥିବା ରଶିକୁ କାଟି ମୃତଦେହକୁ ଓହ୍ଲାଇଥିବା ପୋଲିସ କହିଛି। ହେଲେ ପୋଲିସ ଉକ୍ତ ରଶି ଓ ଦା'କୁ ଜବତ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଏବିଭିପି ପକ୍ଷରୁ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

■ ଏବିଭିପିର ୬୪ତମ ରାଷ୍ଟ୍ରୀୟ ଅଧିବେଶନ

# ଶିକ୍ଷା, ସାମାଜିକ ସ୍ଥିତିକୁ ନେଇ ୩ ପ୍ରସ୍ତାବ ଆଗତ

**ରାଉରକେଲା ଅଫିସ,୬।୧**

ଗତ ସପ୍ତାହରେ ଗୁଜରାଟର କର୍ଣ୍ଣବତୀଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ୬୪ତମ ରାଷ୍ଟ୍ରୀୟ ଅଧିବେଶନ ଅନୁଷ୍ଠିତ ହୋଇଛି। ୪ଦିନିଆ ଏହି ଅଧିବେଶନରେ ସମଗ୍ର ଦେଶରୁ ୪ ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ୧୨୦ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ଗୁଜରାଟ ରାଜ୍ୟପାଳ ଓମପ୍ରକାଶ କୋହଲି, ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. କରଣକୁମାର ଅତିଥି ରୂପେ ମଞ୍ଚାସୀନ ଥିଲେ। ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ସୁଦେୟାଙ୍କ ଅଧ୍ୟକ୍ଷତାରେ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଆଶିଷ ଚୌହାନଙ୍କ ନେତୃତ୍ୱରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ସାମାଜିକ, ରାଜନୈତିକ ସ୍ଥିତି ଉପରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର, ଅଧ୍ୟାପକ, ଶିକ୍ଷାବିତଙ୍କୁ ନେଇ ୩ଟି ପ୍ରସ୍ତାବ ଆଗତ କରାଯାଇଥିଲା। ସ୍ନାତକ ଶିକ୍ଷାର ସୁଧାର, ସର୍ବାଙ୍ଗୀନ ବିକାଶ ଦିଗରେ ବଢୁଥିବା ଭାରତ ସମ୍ମୁଖରେ ସମସ୍ୟା ସହ ସାଧାରଣ ଜନତାଙ୍କ ଆସ୍ଥା ପ୍ରତି ସୁପ୍ରିମକୋର୍ଟ ଦୃଷ୍ଟିଦେବାର ଆବଶ୍ୟକତା ନେଇ ଚର୍ଚ୍ଚା କରାଯାଇଥିଲା। ଅଧିବେଶନ ସ୍ଥଳରେ ଏବିଭିପି ଓଡ଼ିଶା ପ୍ରାନ୍ତର ୪୩ତମ ରାଜ୍ୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭାପତି ଭାବେ ଅଧ୍ୟାପକ ଭାଗୀରଥି ପୁଷ୍ଟି, ସମ୍ପାଦକ ଶଶିକାନ୍ତ ମିଶ୍ର, ଉପସଭାପତି ରୂପେ ଗାର୍ଗୀ ବାନାର୍ଜୀ, ଅଧ୍ୟାପକ ଶିବପ୍ରସାଦ ତ୍ରିପାଠୀ ଓ ଅଧ୍ୟାପକ ବ୍ରଜବନ୍ଧୁ ନନ୍ଦଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିଭଳି ରାଜ୍ୟ ସହସମ୍ପାଦକ ରୂପେ ବୁଦ୍ଧଦେବ ବାଘ, ସାଉନା ମାଝି, ଭବାନୀଶଙ୍କର ଦାସ, ଲକ୍ଷ୍ମୀନାରାୟଣ ଦାସ, ରତନ ଦିଗଲ ଓ ସଙ୍ଗୀତା ପଣ୍ଡାଙ୍କୁ ଚୟନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ହେମାନନ୍ଦ ଦାସ, ଜଗନ୍ନାଥ ତାଣ୍ଡିଆ, ଦୀପ୍ତି ଭୂମିଜ, ବିକି ବାଘ ଓ ଅଶୋକ ପାତ୍ରଙ୍କୁ ନିର୍ବାଚିତ କରାଯାଇଛି। ଏହାବ୍ୟତୀତ ସଙ୍ଗଠନର ରାଷ୍ଟ୍ରୀୟ ସମ୍ପାଦକ ରୂପେ ଅଭିଳାଷ ପଣ୍ଡା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୂପେ ସମୀର ରାଉତ, ରାଜ୍ୟ ଥିଙ୍କ ଇଣ୍ଡିଆ ସଂଯୋଜକ ରୂପେ ଓମ୍ ପ୍ରିୟଦର୍ଶିନୀ ଛୋଟରାୟଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ରବିବାର ସନ୍ଧ୍ୟାରେ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏଥିରେ ସମୀର ରାଉତ, ଓମ୍ ପ୍ରିୟଦର୍ଶିନୀ ଛୋଟରାୟ, ହେମାନନ୍ଦ ଦାସ, ସୌମ୍ୟରଞ୍ଜନ ପ୍ରଧାନ ଓ ଆଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ରାଉରକେଲା ଅଫିସ,୬।୧**

ଲକ୍ଷ୍ୟ ଓଡ଼ିଶୀ ଏକାଡେମୀର ପ୍ରଥମ ବାର୍ଷିକ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ସେକ୍ଟର-୨୦ ଏନ୍‌ଏସ୍‌ସି (ଏସ୍‌ଟି) ସରକାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଏକାଡେମୀ ଅଧ୍ୟକ୍ଷା ଝୁନୁ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି, ସାମାଜିକ କର୍ମୀ ସୁଜ୍ଞାନୀ ରାୟ ଓ ଶୈଳବାଳା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ଅନ୍ତର୍ନିହିତ କଳା ପ୍ରତିଭାର ପରିପ୍ରକାଶ ଘଟିଥାଏ। ଏମାନେ ଆଗାମୀ ଦିନରେ ଜଣେ ଜଣେ ଶିଳ୍ପୀ ହେବା ଅସମ୍ଭବ ନୁହେଁ ବୋଲି ଅତିଥିମାନେ ମତ ଦେଇଥିଲେ। ସଂଗଠନର ସାମାଜିକ ପ୍ରତିବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଏଥିରେ କୁହାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ୪ ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅନୁଷ୍ଠାନ କର୍ମକର୍ତ୍ତା କୁନମୁନ ପୃଷ୍ଟି, ଭାଗୀରଥି ନାୟକ, ବନସ୍ମିତା ସାମଲ, ଆଶିଷ ସ୍ୱାଇଁ, ଗିରିଧାରୀ ମହନ୍ତ, ସର୍ବରାଜ ପୃଷ୍ଟି, ଅନୁଜ କଂସାରୀ ଓ ବୋଧାୟନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।




ଲକ୍ଷ୍ୟ ଓଡ଼ିଶୀ ଏକାଡେମୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି ଅତିଥି।

# ସେଲ୍ ଅଧିକାରୀ-ଅବସରପ୍ରାପ୍ତ କର୍ମଚାରୀ ଆଲୋଚନା

**ରାଉରକେଲା ଅଫିସ,୬।୧**

ଡିସେମ୍ବର ୨୯ରେ ରାଞ୍ଚିଠାରେ ଥିବା ଏମ୍‌ଟିଆଇ ପରିସରରେ ସେଲ୍ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଏକ ପ୍ରତିନିଧି ମଣ୍ଡଳୀ ଏହାର ଉଚ୍ଚ ଅଧିକାରୀଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଏକ ବିବୃତିରେ କୁହାଯାଇଛି। ଏହି ବୈଠକରେ ମହାସଂଘ ଅଧ୍ୟକ୍ଷ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ୟା ନେଇ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାସଂଘକୁ ସ୍ୱୀକୃତି ପ୍ରଦାନ, ଅବସର ପରେ କର୍ମଚାରୀ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ପ୍ରତି ୟୁନିଟରେ ଏନେଇ ଏକ ବିଭାଗ ସୃଷ୍ଟି କରିବାକୁ ନିବେଦନ କରିଥିଲେ। କୋଲକାତାଠାରେ ଅବ୍ୟବହୃତ ଭାବେ ପଡ଼ି ରହିଥିବା ସେଲ୍ କର୍ତ୍ତୃପକ୍ଷଙ୍କ ଏକ କୋଠାକୁ ମହାସଂଘ କାର୍ଯ୍ୟାଳୟ ନିମନ୍ତେ ଉତ୍ସର୍ଗ କରିବାକୁ ସଂଘ କର୍ମକର୍ତ୍ତା ଦାବି କରିଥିଲେ। ଲିଜ୍ ବା ଲାଇସେନ୍ସ ମାଧ୍ୟମରେ ଗୃହ ଯୋଗାଣ ବ୍ୟବସ୍ଥାର ସରଳୀକରଣ, ସେଲ୍‌ର ସମସ୍ତ ୟୁନିଟରେ ଉନ୍ନତ ସ୍ୱାସ୍ଥ୍ୟସେବା ସହ ଡାକ୍ତର ଏବଂ ଔଷଧ ଉପଲବ୍ଧ କରାଇବା, ମେଡିକ୍ଲେମ ବିଲ୍ ପେମେଣ୍ଟକୁ ତ୍ୱରାନ୍ୱିତ କରିବା ଭଳି କେତେକ ଦାବି ଉପରେ ସଂଘ କର୍ମକର୍ତ୍ତା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉପରୋକ୍ତ ସମସ୍ୟା ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀ, ଇଡି ଡି.କେ. ମହାନ୍ତି, ମହାପ୍ରବନ୍ଧକ ଅମରେନ୍ଦୁ ପ୍ରକାଶ, ମାନସ ରଥ, ଉପ ମହାପ୍ରବନ୍ଧକ (ପି ଆଣ୍ଡ ଏ) ପ୍ରମୁଖ ଉପସ୍ଥିତ ଥିଲେ। ମହାସଂଘ ପକ୍ଷରୁ ଅଧ୍ୟକ୍ଷ ଭି.ଏନ୍. ଶର୍ମା, ଜେ.ଏସ୍. ନାଗଭୂଷଣ, ଉପାଧ୍ୟକ୍ଷ ଏମ୍.ପି. ସିଂ, ପ୍ରେମାନନ୍ଦ ସାମଲ ଏବଂ ଅରବିନ୍ଦ ମିତ୍ର ପ୍ରମୁଖ ଯଥାକ୍ରମେ ବୋକାରୋ, ରାଉରକେଲା ଓ ବର୍ଣ୍ଣପୁର ପ୍ରତିନିଧି ଭାବେ ଆଲୋଚନାରେ ଭାଗ ନେଇଥିଲେ।



ସେଲ୍ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସେଲ୍ ଅଧିକାରୀଙ୍କ ସହ ରାଞ୍ଚିଠାରେ ଆଲୋଚନା କରାଯାଉଛି।

## ଗାୟତ୍ରୀ ପ୍ରଜ୍ଞାପୀଠରେ ନୂତନ ଟ୍ରଷ୍ଟ ଗଠିତ

**ସୁନ୍ଦରଗଡ,୬।୧(ଡି.ଏନ୍.ଏ.)**

ଗାୟତ୍ରୀ ପ୍ରଜ୍ଞାପୀଠ ସୁନ୍ଦରଗଡ ପ୍ରାଙ୍ଗଣରେ ରବିବାର ବରିଷ୍ଠ ଗାୟତ୍ରୀ ପରିଜାନ ବାଲ୍ମୀକି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗାୟତ୍ରୀ ପ୍ରଜ୍ଞାପୀଠର ନୂତନ ଟ୍ରଷ୍ଟ ଗଠନ କରାଯାଇଛି। ଏଥିରେ ସ୍ଥାନୀୟ ବହୁ ଗାୟତ୍ରୀ ପରିଜନ ସହ ଜିଲାର ଅନ୍ୟାନ୍ୟ ଗାୟତ୍ରୀ ମଣ୍ଡଳରୁ ସାଧକମାନେ ଯୋଗଦେଇଥିଲେ । ଏହା ପୂର୍ବରୁ ଗତ ୩୦ତାରିଖରେ ପୂର୍ବମୁଖ୍ୟ ଟ୍ରଷ୍ଟି ଜନ୍ମେଜୟ ମହାପାତ୍ର ନିଜ ପଦବୀରୁ ଇସ୍ତଫା ଦେଇ ଟ୍ରଷ୍ଟକୁ ଭଙ୍ଗ କରିଥିଲେ । ରବିବାର ଅନୁଷ୍ଠିତ ବୈଠକରେ ଉପେନ୍ଦ୍ର ମିଶ୍ରଙ୍କୁ ମୁଖ୍ୟ ଟ୍ରଷ୍ଟି ଭାବେ ମନୋନୀତ କରାଯାଇଛି । ସେହିପରି ଆଡଭୋକେଟ ସ୍ନେହଲତା ପଟେଲଙ୍କ ଆଇନ ବିଭାଗ, ଦୀନବନ୍ଧୁ ବେହେରାଙ୍କୁ କୋଷାଧ୍ୟକ୍ଷ, ସଚ୍ଚିନ୍ଦ୍ର ବୁଖରା ଓ ହିମାଂଶୁ ନାଏକଙ୍କୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି କାଳୀପଦ ସାମଲ, ଶୀଲା ସାହୁ, ଭାଗ୍ୟବତୀ ସାହୁ, ଦିଲୀପ ସାହୁ, ବବିତା ସାହୁ, ରାମାନନ୍ଦ ସାହୁ, ବାଞ୍ଛାନିଧି ନାଏକ, ସଞ୍ଜୟ ଚୌଧୂରୀ ଓ ଯୁଧୀଷ୍ଠିର ନାଏକ ପ୍ରମୁଖଙ୍କୁ ଟ୍ରଷ୍ଟର ସଭ୍ୟ ଭାବେ ମନୋନୀତ କରାଯାଇଛି ।

# ସାରନା ନବଯୁବକ ସଂଘର ବାର୍ଷିକ ପତ୍ରିକା ଉନ୍ମୋଚିତ

**ରାଉରକେଲା ଅଫିସ,୬।୧**

ସହରର ଅଗ୍ରଣୀ ଯୁବ ସଂଗଠନ ସାରନା ନବଯୁବକ ସଂଘର ବାର୍ଷିକ ପତ୍ରିକା ଜଗଦାସ୍ଥିତ ଏହାର ନିଜସ୍ୱ କାର୍ଯ୍ୟାଳୟରେ ରବିବାର ଉନ୍ମୋଚିତ ହୋଇଛି। ପତ୍ରିକା ହରିୟାରୀର ମୁଖ୍ୟ ସମ୍ପାଦକ ପ୍ରଦୀପ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହରସେବା ବିଭାଗ ଉପ ମହାପ୍ରବନ୍ଧକ ପି.ସି. ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ କହିଥିଲେ, ହରିୟାରୀ ପତ୍ରିକାରେ ହୃଦୟକୁ ଛୁଇଁଲା ପରି ଲେଖା ପ୍ରକାଶିତ ହୋଇଛି। ଏହା ସର୍ବଜନ ଅଦୃତ ହୋଇପାରିବ। ତେବେ ପୁସ୍ତକ ପଠନ ପ୍ରତି କିଭଳି ଆନ୍ତରିକାତ ବୃଦ୍ଧି ପାଇବ ସେ ଦିଗରେ ଚେଷ୍ଟା ଜାରି ରଖିବାକୁ ଦାସ ପରାମର୍ଶ ଦେଇଥିଲେ। ଆଦିବାସୀ କଳା ସଂସ୍କୃତି ଓ ପରମ୍ପରା ଉପରେ ହରିୟାରୀ ଏକ ମାଇଲ ଖୁଣ୍ଟ ହୋଇରହିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କାଲା ସିଂଙ୍କୁ ଚଳିତବର୍ଷ ହରିୟାରୀ ସାହିତ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ସୁଶିଲ ଲାକ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ନାଏକୋ କୁଜୁର, କୋଷାଧ୍ୟକ୍ଷ ବୁଦ୍ଧୁ କେର୍କେଟା, ନିହାର ରାୟ, ଧନେଶ୍ୱର ତିର୍କୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସହରର ବହୁ ପ୍ରତିଷ୍ଠିତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସାରନା ନବଯୁବକ ସଂଘ ପକ୍ଷରୁ ଆୟୋଜିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଛାତ୍ର କଂଗ୍ରେସ ବୈଠକ

**ରାଉରକେଲା ଅଫିସ,୬।୧**

ସେକ୍ଟର-୨୧ ଜିଲା କଂଗ୍ରେସ ଭବନରେ ହିତେଶ ଦେହୁରୀଙ୍କ ଅଧ୍ୟକ୍ଷତାରେ ଶନିବାର ଛାତ୍ର କଂଗ୍ରେସର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲା କଂଗ୍ରେସ ସଭାପତି ରବି ରାୟ ଓ ସମ୍ମାନିତ ଅତିଥି ଭାବେ ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଦେଶ ସଂଯୋଜକ ତଥା ସୁନ୍ଦରଗଡ଼ ଜିଲା ଛାତ୍ର କଂଗ୍ରେସ ପ୍ରଭାରୀ ଆଦିତ୍ୟ ପ୍ରୀତମ ଦାସ ଯୋଗଦେଇଥିଲେ। ଜିଲା ସଭାପତି ରାୟ ବକ୍ତବ୍ୟ ରଖି କହିଥିଲେ, ଅଖିଳ ଭାରତୀୟ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଉତ୍ତମ ଭାରତ ଓ ଉତ୍ତମ ଓଡ଼ିଶା ଗଠନ କଂଗ୍ରେସର ଲକ୍ଷ୍ୟ। ଛାତ୍ରୀଛାତ୍ର ନିଜ ବଳକା ସମୟକୁ ଏଥିରେ ବିନିଯୋଗ କଲେ ଏହା ସଫଳ ହୋଇପାରିବ ବୋଲି ରାୟ ମତ ପ୍ରକାଶ କରିଥିଲେ। ଅତୀତରେ କଂଗ୍ରେସ ସରକାର ଶିକ୍ଷିତ ଯୁବଗୋଷ୍ଠୀଙ୍କ ନିମନ୍ତେ ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି। ଯୁବତୀ ଯୁବକଙ୍କ ନିଯୁକ୍ତି ଚିନ୍ତା କରିଛନ୍ତି। ହେଲେ ଏବେ କେନ୍ଦ୍ରରେ କ୍ଷମତାସୀନ ମୋଦି ସରକାର ସମ୍ପୂର୍ଣ୍ଣ ଭାବେ ଏ ନେଇ ଆଖି ବୁଜି ଦେଇଛନ୍ତି। ଏପରି ଅବସ୍ଥାରେ ଉଚ୍ଚ ଶିକ୍ଷା ଲାଭ କରି ଛାତ୍ରୀଛାତ୍ର ବେକାରି ବୋଝ ବୋହିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ ବୋଲି ରାୟ କହିଥିଲେ। ରାଜ୍ୟ ସଂଯୋଜକ ଦାସ ରାହୁଲ ଗାନ୍ଧୀଙ୍କ ଆହ୍ୱାନକୁ ସାକାର କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ର ନେତା ସୌମ୍ୟ ନାୟକ ଓ ଅବିନାଶ ଖାଖାଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନେତା ଅଜିତ ସାମଲ, ବରିୟମ ସିଂ, ପୁରୁଷୋତ୍ତମ ପାତ୍ର, ସୁମିତ କଂସାରୀଙ୍କ ସମେତ ଛାତ୍ର କଂଗ୍ରେସ ପକ୍ଷରୁ ନିକିତା ନାୟକ, ପଦ୍ମିନୀ ସମାସୀ, ଅଞ୍ଜଳି କୁଲୁ, ପ୍ରେମାଞ୍ଜଳି ଡୁଙ୍ଗଡୁଙ୍ଗ, ପୁଷ୍ପା ଲେଙ୍କା, ସୂର୍ଯ୍ୟକାନ୍ତ ବାରିକ, ସଦାବ ଅହମ୍ମଦ, ବିଷ୍ଣୁ ନାଗ, ଅମର ଖଟେଇ, ଅଜିତ ଏକ୍କା, ରୋହିତ ନାଗ ଓ ବୁବୁ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଘଟକୁ ସିପିଆଇ, ଶ୍ରମିକ ପଞ୍ଚାୟତର ସମର୍ଥନ

**ରାଉରକେଲା ଅଫିସ,୬।୧**

ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଆସନ୍ତା ୮ ଓ ୯ ତାରିଖ ଦୁଇ ଦିନିଆ ଧର୍ମଘଟକୁ ସମର୍ଥନ ଜଣାଇଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ଏହାର ଶ୍ରମିକ ସଂଗଠନ ଏଆଇଟିୟୁସି ଓ ଶ୍ରମିକ ପଞ୍ଚାୟତ। ସିପିଆଇର ଜିଲା କାର୍ଯ୍ୟାଳୟ ହରିବନ୍ଧୁ ଭବନରେ ସଦାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିପିଆଇ ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତି, ଏଆଇଟିୟୁସି ଶ୍ରମିକ ନେତା ପ୍ରଭାତ ମିଶ୍ର, ରାଜ୍ୟ ସହସମ୍ପାଦକ ବିଜୟ ଜେନା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ଶ୍ରମିକ, ଚାଷୀ, ବ୍ୟବସାୟୀ, ଯୁବଛାତ୍ର ବିରୋଧୀ ନୀତି ବିରୋଧରେ ଡାକରା ଦିଆଯାଇଥିବା ଏହି ୪୮ ଘଣ୍ଟିଆ ଧର୍ମଘଟକୁ ସଫଳ କରିବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ବିଦେଶରୁ କଳାଧନ ଅଣାଯାଇ ପ୍ରତ୍ୟେକ ବ୍ୟାଙ୍କ ଆକାଉଣ୍ଟରେ ୧୫ଲକ୍ଷ ଲେଖାଏଁ ଟଙ୍କା ଜମା କରାଯିବ ବୋଲି କ୍ଷମତାକୁ ଆସିବା ପୂର୍ବରୁ ମୋଦି ପ୍ରତିଶ୍ରୁତି ଦେଇଥିଲେ। ଦରଦାମ ବୃଦ୍ଧି ରୋକାଯିବ। ବଳାଧନ ଓ କଳା ବେପାରୀଙ୍କୁ ଧରାଯିବ। ବର୍ଷକୁ ୨କୋଟି ଯୁବତୀ ଯୁବକ ନିଯୁକ୍ତି ପାଇବେ ବୋଲି ପ୍ରତିଶ୍ରୁତି ଦେଇ ଭାଜପା କ୍ଷମତାକୁ ଆସିଥିଲା। ହେଲେ ଇତିମଧ୍ୟରେ ପ୍ରାୟ ୫ ବର୍ଷ ବିତିଯାଇଥିଲେ ମଧ୍ୟ ମୋଦି ସରକାର ଆଜିପର୍ଯ୍ୟନ୍ତ ଗୋଟିଏ ସୁଦ୍ଧା ପ୍ରତିଶ୍ରୁତି ପାଳନ କରିନାହାନ୍ତି ବୋଲି ଏଥିରେ ମଞ୍ଚାସୀନ ସିପିଆଇ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏପରି ଅବସ୍ଥାରେ ବ୍ୟାଙ୍କ ସମେତ କଳ କାରଖାନା ରୁଗ୍‌ଣ ହେବାକୁ ବସିଲାଣି। ବେକାରୀ ସମସ୍ୟା ଉତ୍କଟ ହୋଇଥିବା ବେଳେ ଚାଷୀ ଆତ୍ମହତ୍ୟା କାହାକୁ ଅଛପା ନାହିଁ। ଏପରି ଅବସ୍ଥାରେ ଧର୍ମଘଟର ପ୍ରାସଙ୍ଗିକତା ରହିଛି ବୋଲି ଏଥିରେ କୁହାଯାଇଥିଲା। ବୈଠକରେ ପଞ୍ଚାନନ ସୁନା, ଦୁର୍ଗା ପ୍ରସାଦ, ଅପର୍ଣ୍ଣା ରାଉତରାୟ, ଦୀପିକା ବେହେରା, କାର୍ତ୍ତିକ ନାୟକ, ଅରୁଣ ବୋଇ ଓ ଶମ୍ଭୁ ବଡ଼ାଇକ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଧର୍ମଘଟକୁ ସମର୍ଥନ କରିବ ବୋଲି ରାଉରକେଲା ଶ୍ରମିକ ପଞ୍ଚାୟତ ମଧ୍ୟ ଘୋଷଣା କରିଛି। ଧର୍ମଘଟକୁ ସଫଳ କରିବାକୁ ପଞ୍ଚାୟତ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସହରବାସୀ ଏହି ଧର୍ମଘଟକୁ ସମର୍ଥନ ଜଣାଇବେ ବୋଲି ୟୁନିୟନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ନନ୍ଦ ଆଶା ବ୍ୟକ୍ତ କରିଛନ୍ତି।




ଧର୍ମଘଟକୁ ସମର୍ଥନ ଜଣାଇ ସିପିଆଇ ପକ୍ଷରୁ ଆୟୋଜିତ ବୈଠକରେ ମଞ୍ଚାସୀନ କର୍ମକର୍ତ୍ତା।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ

## ସଂକ୍ଷେପରେ

### ଚାଷୀଙ୍କ ପାଖରେ ପହଞ୍ଚୁନି କୃଷି ଜ୍ଞାନକୌଶଳ

**ସଂଘିଯୁବା, ୬।୧ (ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ୭୮ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନଚାଷ ମୁଖ୍ୟ ଫସଲ। ହେଲେ ଅଞ୍ଚଳର କୃଷକମାନଙ୍କୁ କୃଷିଭିତ୍ତିକ ତାଲିମ୍ ଓ ବୈଷୟିକ ପରାମର୍ଶ ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ପାରମ୍ପରିକ ପ୍ରକ୍ରିୟାରେ ଚାଷକୁ ଆପଣାଇ ଚାଷ ଜାରି ରଖିଥିବା ବେଳେ ଆଧୁନିକ କୃଷି ପଦ୍ଧତିର ସୁଫଳ ପାଇ ପାରୁନାହାଁନ୍ତି। ବହୁବର୍ଷ ହେଲା ଏଠାରେ ଗ୍ରାମସେବକ ପଦପଦବୀମାନ ଖାଲି ପଡଛି। ଫଳରେ ସ୍ଥାନୀୟ କୃଷକମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ବିଭିନ୍ନ କୃଷିକର୍ମଣ ତାଲିମ କାର୍ଯ୍ୟକ୍ରମ ଦିଆଯାଇ ପାରୁନାହିଁ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋଚନ ମାଝୀଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀଙ୍କୁ ଉନ୍ନତ ପ୍ରଣାଳୀରେ ଧାନ ଓ ଅନ୍ୟାନ ଫସଲ କରିବା ପାଇଁ ପ୍ରୋତ୍ସାହିତ କରୁଛୁ। ମାତ୍ର ଆବଶ୍ୟକ କର୍ମଚାରୀ ନ ଥିବାରୁ ଏହି ବୃହତ୍ ଅଞ୍ଚଳର ହଜାର ହଜାର ଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ଓ ଜ୍ଞାନକୌଶଳ ଯୋଗାଇ ଦେବା କଷ୍ଟକର ହେଉଛି। ଏଣୁ ଖାଲିଥିବା ପଦବୀଗୁଡିକ ଯଥାଶୀଘ୍ର ପୂରଣ କରାଗଲେ ଚାଷୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ।

# ନାତିର ଭବିଷତ୍ ଚିନ୍ତାରେ କପିଳ

**ଲୋଇସିଂହା,୬।୧ (ଡି.ଏନ.ଏ)**

**ଲୋଇସିଂହା ବ୍ଲକ**
- ୫ ବଛର ହେଲା ବିହାରି ପୁଓ ଲାପତା
- ବିଷ୍‌ପିଇ ଜୀବନ୍ ହାରିଦେଲେ ବହ ଉର୍ମିଲା

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଁଚେତର କର୍ଲିପାଟ ଗାଁର କପିଳ ପଧାନ(୮୦)। ତାକର ୫ ପୁଓ ଭିତରେ କୁଶ ହେଉଛନ୍ ସବୁନୁ ସାନ। ୨୦୦୯ ସାଲେ କୁଶ ଗାଁର ଟୁକେଲ ଉର୍ମିଲାକୁଁ ପେମକରି ବିହା ହେଇଥିଲେ। ୨୦୧୩ ସାଲେ ଉର୍ମିଲା ଆର କୁଶର ପୁଓ ଆଦିତ୍ୟ ଜନମ ହେଇଥିଲେ। ଇ ସମିଆରେ କୁଶ କାମ୍‌ଧଁଦା ଲାଗି ତାମିଲନାଡୁ ଦାଦନ ଖଟି ଯାଇଥିଲେ। ସେ ଘରୁ ଗଲାପରେ ନିଜର କୁଟୁମ ସଂଗେ କେହେନ୍‌ସି ପରକାର ଯୋଗାଯୋଗ ନାଇଁରଖି। ଏନ୍‌ତାଥି ଉର୍ମିଲା କାମଧଁଦା କରବାକେ ଘରୁ ଗୋଡ଼ କାଢ଼ିଥିଲେ। ପହେଲା ସେ ଲୋଇସିଂହାରେ ତିଆର ହେଉଥିବାର କୋର୍ଟ ଘରେ ରେଜା କାମ୍ କରିଥିଲେ। ସେଠାନେ ପଶ୍ଚିମବଙ୍ଗର ଗୁଟେ ରାଜମିସ୍ତ୍ରୀ ଆଜିମଗର କିଷାନ ମଦଲାକଁର ସଂଗେ ତାକର ପେମ୍ ହେଇଥିଲା। ଦୁହେ ୨୦୧୭ ଦଶରା ବେଲେ ପୁଓ ଆଦିତ୍ୟକେ ଧରି କିଷାନକଁର ଗାଁକେ ପଲେଇଥିଲେ। ସେଠାନେ ମାସକେତେ ରହେଲା ଉତାରୁ ଉର୍ମିଲା ବିଷ ପିଇ ଜୀବନ୍ ହାରି ଦେଇଥିଲେ। କୋର୍ଟ ଘରେ କାମ୍ କରୁଥିବାର ଉନିଆ କୁଲି ମାନକରନୁ ଆଦିତ୍ୟର ପରିବାର ଲୋକ୍ ଘଟନା ବାବ୍‌ଦେ ଖବର ପାଇଥିଲେ। ଏନ୍‌ତାଥି ଗଲା ଜୁନମାସେ ପରିବାର ଲୋକ୍ ଥାନୀୟ ପୁଲିସର ସାହାଯ୍ ନେଇ ଆଦିତ୍ୟର ବଡ଼ବାପା ଲବ ପଧାନ, ମାମୁ ରଞ୍ଜନ ପଧାନ, ଆପ ସଂଯୋଜକ ଲାଲମନ ନାଗ ଆର ଦୀପକ ବାରିକ ପରମୁଖ ପଶ୍ଚିମବଙ୍ଗ ଯାଇ ଆଦିତ୍ୟକେ ଠାବ୍ କରିଥିଲେ। ସେଠାନେ ଆଦିତ୍ୟ ରହୁଥିବାର ପରିବାର ଲୋକ୍ ଉର୍ମିଲା ବିଷ୍ ପିଇ ଜୀବନ୍ ହାରିଥିବାର କଥା କହିଥିଲେ। ସେଠାନୁ ପରିବାର ଲୋକ୍ ଆଦିତ୍ୟକେ ଧରି ଗାଁକେ ଫିରିଥିଲେ। ଏହେଦେ ଆଦିତ୍ୟ ନିଜର ଅଜାର ପାସେ ରହୁଥିଲା ବେଲେ ବଡ଼ମା' ବାପା ତାକର ଯତନ୍ କରୁଛନ୍। ହେଲେ ଗୁଟେପରକାର ମା'ବାପ୍ ଛେଉଁଡ଼ ଆଦିତ୍ୟର ଅଭିଷତ୍ କାଣା ହେବା ବଲି ଅଜା କପିଳ ସବୁବେଲେ ଲହ ଗଡ଼ଉଛନ୍। ମୁଇଁ ତ ଦିନାକେତେର ଲୋକ୍, ମୁଇଁ ଆଏଁଖି ମୁଜଲେ ମୋର ନାତିର କାଣା ହେବା, ଏନ୍‌ତାଥି ପରଶାସନ ମୋର ନାତିର ଉପରେ ଦୁରୁଷଟି ଦେଇ ତାର ଥଇଥାନ ଦିଗେ ଚିନ୍ତା କରବାର କଥା ବଲି କହି ସେ କାଁଦି ପକେଇଥିଲେ। ଜିଲା ପରଶାସନ ଆଦିତ୍ୟର ଉପରେ ଦୁରୁଷ୍ଟି ଦେଇ ତାର ଥଇଥାନ ଦିଗେ ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।



ନିଜର ଅଜାର ସଂଗେ ମା' ଛେଉଁଡ଼ ଆଦିତ୍ୟ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପକୃତ ଶତ୍ରୁଦ୍ୱାରା ଶତ୍ରୁକୁ ଉଦ୍ଧାରି**
**ପାଦକୁ କଣ୍ଟାରେ କଣ୍ଟା କାଢ଼ି ଦେଲା ପରି**
**ସଂସାରେ କେହି କାହାର ନୁହେଁ ଶତ୍ରୁମିତ୍ର**
**ଶତ୍ରୁ ମିତ୍ର କାର୍ଯ୍ୟ ହେତୁ ହୁଅନ୍ତି ଚିହ୍ନିତ।**

କଣ୍ଟାକୁ କଣ୍ଟାରେ କାଢ଼ିଲା ପରି ଉପକୃତ ଶତ୍ରୁ ଦ୍ୱାରା ଶତ୍ରୁ ସହ ମୁକାବିଲା କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସଂସାରରେ କେହି କାହାର ଜନ୍ମରୁ ଶତ୍ରୁ କି ମିତ୍ର ହୋଇ ନ ଥାନ୍ତି। କାର୍ଯ୍ୟ କରିବାର ଧାରା ବା ଶୈଳୀ ଦ୍ୱାରା ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହ ଶତ୍ରୁ କି ମିତ୍ର ରୂପେ ବିବେଚିତ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ପଡ଼ିଲା ଖଇଞ୍ଚ**
**କିଏ ସେ କହେ ଖାଇଯାଇଛି**
**ମୁହଁଟା ଫୁଲାଇ ଦେଇଛି।**

କେତେକ ବ୍ୟକ୍ତି ସଦାବେଳେ ମୁହଁଟାକୁ ଓହଳେଇ ବସିଥାନ୍ତି। ସତେ ଯେମିତି ତାଙ୍କର କିଏ କ'ଣ ଖାଇଯାଇଛି କି ନେଇଯାଇଛି। ତୁଚ୍ଛାକଥା ଶୁଣି ମୁହଁ ଫୁଲେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

### ପରିବାର ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ଥାନା ଘେରିଲେ ପଡ଼ାବାସୀ

**ବଲାଙ୍ଗୀର ଅଫିସ,୬।୧**

ବଲାଙ୍ଗୀର ସହରର ତେଲିଗୋଠପଡାରେ ଶନିବାର ଅପରାହ୍ନରେ ଓଡ଼ିଶା ମହିଳା କ୍ରିକେଟ୍ ଦଳର କ୍ରିକେଟିୟର ସରିତା ମେହେରଙ୍କ ପରିବାର ଉପରେ ଏକ ନିର୍ଦ୍ଦିଷ୍ଟ ପଡାର ୪୦ଣୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ସଂଘବଦ୍ଧ ଆକ୍ରମଣ କରିଥିଲେ। ଟାଙ୍ଗିଆରେ ଆକ୍ରମଣ କରି ପରିବାରର ୫ଜଣ ସଦସ୍ୟଙ୍କୁ ଆହତ କରିବା ପରେ ୩ଟି ବାଇକ୍ ଭାଙ୍ଗି ଦେଇଥିଲେ। ହେଲେ ପୋଲିସ ବିଳମ୍ବରେ ଆସିବାରୁ ପଡାବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ଘଟଣାରେ ପୋଲିସ ମାତ୍ର ୨ ଅଭିଯୁକ୍ତ ଟମାଟୋ ନାଏକ ଓ ଆନନ୍ଦ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ନ ଥିଲା। ଶନିବାର ରାତିରେ ପୋଲିସ ସମ୍ପୃକ୍ତ ଘର ସମ୍ମୁଖରେ ପହଁରା ଦେଇଥିଲା। ତେବେ ପୋଲିସ ଉପସ୍ଥିତିରେ ସେହି ନିର୍ଦ୍ଦିଷ୍ଟ ପଡାର ମହିଳା ଓ ପିଲାମାନେ କମେଣ୍ଟ କରିବା ସହ ଦୁର୍ବ୍ୟବହାର ଜାରି ରଖିବାରୁ ରବିବାର ତେଲିଗୋଠପଠାରେ ଥିବା ରାଧାକୃଷ୍ଣ ମନ୍ଦିରରେ ପଡାବାସୀ ବୈଠକ କରିବା ପରେ ଟାଉନ୍ ଆଦର୍ଶ ଥାନାକୁ ଯାଇ ଘେରାଉ କରିଥିଲେ। ଅଭିଯୋଗ ପତ୍ରରେ ଅନ୍ୟମାନଙ୍କ ସହ ୧୭ ଜଣ ଅଭିଯୁକ୍ତଙ୍କ ନାଁ ଦିଆଯିବା ସତ୍ତ୍ୱେ ପୋଲିସ କେଉଁ କାରଣରୁ ମାତ୍ର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଅନ୍ୟମାନଙ୍କୁ ଗିରଫ କରି ନାହିଁ ବୋଲି ପ୍ରଶ୍ନ କରିଥିଲେ। ତେବେ ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁ ଥାନାରେ ଉପସ୍ଥିତ ନ ଥିବାରୁ ପଡାବାସୀ ସବ୍‌ଇନ୍ସପେକ୍ଟରଙ୍କୁ ପ୍ରଶ୍ନ କରିଥିଲେ। ଅଭିଯୁକ୍ତମାନଙ୍କ ଦୁର୍ବ୍ୟବହାରକୁ ନେଇ ଆପତ୍ତି ଜଣାଇଥିଲେ। ପୋଲିସ ଜାଣିଶୁଣି ଘଟଣାକୁ ସମାଧାନ କରିବା ପରିବର୍ତ୍ତେ ଉସୁକାଉଛି ବୋଲି ଅଭିଯୋଗ କହିଥିଲେ। ଏଭଳି ଅବହେଳା ପ୍ରତିବାଦରେ ସୋମବାର ପଡାବାସୀ ଏସ୍‌ପି ଅଫିସ ଘେରାଉ କରିବେ ବୋଲି କହି ଫେରିଆସିଥିଲେ। ଅନ୍ୟପକ୍ଷେ ପୋଲିସର ଅବହେଳା କାରଣରୁ ପୀଡିତ ମେହେର ପରିବାର ଭୟରେ ଘରୁ ବାହାରୁ ନ ଥିବା ଜଣାପଡିଛି।

## କଂଗ୍ରେସର ଜାଗରଣ ସମାବେଶ ଏପାଖ ସେପାଖ...

### ବିଜୁ ପୁଅଙ୍କୁ ରୋଜଗାର, ଓଡ଼ିଶା ପୁଅ ବେକାର

**ବଲାଙ୍ଗୀର ଅଫିସ, ୬।୧**

ଦୀର୍ଘ ୧୮ବର୍ଷ ହେଲା ବିଜୁବାବୁଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ରୋଜଗାର ଦେଇ ଓଡିଶାବାସୀ ନିଜର ଲକ୍ଷାଧିକ ଶିକ୍ଷିତ ପୁଅଙ୍କୁ ବେକାର କରିଛନ୍ତି। ଓଡ଼ିଶାରେ ଶିକ୍ଷିତ ଯୁବତୀ, ଯୁବକଙ୍କୁ ନିଯୁକ୍ତି ନାହିଁ। ଶିକ୍ଷାନୁଷ୍ଠାନରେ ଶିକ୍ଷକ ନାହିଁ। ଡାକ୍ତରଖାନାରେ ଡାକ୍ତର ନାହିଁ। ଚାଷୀ ନ୍ୟାୟ ପାଉନାହିଁ। ପରିଶ୍ରମୀ ମଜୁରିଆ ଉଚିତ୍ ମଜୁରୀ ପାଉନାହିଁ। ଚାକିରୀ ଖଣ୍ଡେ ପାଇଁ ଅନ୍ୟ ରାଜ୍ୟକୁ ଯାଇ ନିର୍ଯାତିତ ହେଉଛି। ହେଲା ସତ୍ତ୍ୱେ ଓଡିଶାବାସୀ ବିଜୁ ବାବୁଙ୍କ ପୁଅକୁ ଭୋଟ୍ ଦେଇ ମୁଖ୍ୟମନ୍ତ୍ରୀ କରିବା ବାସ୍ତବିକ ବିଚିତ୍ର ଲାଗୁଛି ବୋଲି କଂଗ୍ରେସ ଜାଗରଣ ସମାବେଶରେ ଦିଲ୍ଲୀରୁ ଆସିଥିବା ବରିଷ୍ଠ କଂଗ୍ରେସ ପ୍ରବକ୍ତା ମୋହନ ପ୍ରକାଶ କହିଥିଲେ।

### ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କର

ବଲାଙ୍ଗୀରରେ ହାଇକୋର୍ଟର ବେଞ୍ଚ ପ୍ରତିଷ୍ଠା କରିବାକୁ ବିରୋଧୀଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଦାବି କରଛନ୍ତି। କଂଗ୍ରେସ ଜାଗରଣ ସମାବେଶରେ ହାଇକୋର୍ଟ ବେଞ୍ଚ ଦାବି ସପକ୍ଷରେ କହି ସେ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ଏହା ସହିତ ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, କଣ୍ଟାବାଞ୍ଜିରେ ୱାଗନ କାରଖାନା, ବଲାଙ୍ଗୀର ବାଇପାସ୍, ଏଫ୍‌ସିଆଇ ଜରିଆରେ ଧାନ ସଂଗ୍ରହ କରିବାକୁ ଦାବି କରିଥିଲେ।

### ଅପ୍‌କି ବାର୍ ଦୂର୍ ସେ ନମସ୍କାର୍

ଅପ୍‌କି ବାର୍ ମୋଦୀ ସରକାର ନାରା ଦେଇ କ୍ଷମତା ଦଖଲ କରିବା ପରେ ଦେଶକୁ ବିକ୍ରି କରିବାକୁ ଚାଲିଥିବା ନରେନ୍ଦ୍ର ମୋଦୀ ଦେଶର ଅଗଣିତ ଚାଷୀ, ଗରିବ, ନିଷ୍ପେସିତ, ମଜୁରିଆ, ଶିକ୍ଷିତ ଯୁବବର୍ଗଙ୍କୁ କେବଳ ପ୍ରତାରଣା ଛଡା ଆଉ କିଛି ଦେଇନାହାନ୍ତି ବୋଲି କହିଥିଲେ। ଏଥର ୨୦୧୯ରେ ପୁଣି ଲୋକଙ୍କୁ ଠକିବା ପାଇଁ ଯୋଜନା କରୁଛନ୍ତି। ଏଣୁ ଏଥର ମୋଦୀ ନିର୍ବାଚନୀ ପ୍ରଚାରରେ ଆସିଲେ ଅପ୍‌କୀ ବାର୍ ଦୂର ସେ ନମସ୍କାର କରିଦେବ ବୋଲି ଜାଗରଣ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ କଂଗ୍ରେସ ନେତା ମୋହନ ପ୍ରକାଶ କହିଥିଲେ।

### ନିରଞ୍ଜନ ହେବେ କଂଗ୍ରେସର ଆଗାମୀ ମୁଖ୍ୟମନ୍ତ୍ରୀ

ବଲାଙ୍ଗୀର ଜାଗରଣ ସମାବେଶରେ ଯୋଗଦେଇଥିବା ବହୁ କଂଗ୍ରେସ ନେତା ୨୦୧୯ ନିର୍ବାଚନରେ କଂଗ୍ରେସ ରାଜ୍ୟ କ୍ଷମତାକୁ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିଛି ନେତା ଅତି ଉତ୍ସାହିତ ହୋଇ କଂଗ୍ରେସ କ୍ଷମତାକୁ ଆସିଲେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ନାରାବାଜି କରିଥିଲେ। ନେତାଙ୍କ ମୁହଁରୁ ଏଭଳି କଥା ଶୁଣିବା ପରେ ଖୋଦ୍ ନିରଞ୍ଜନ ଖୁସିରେ ଗଦ୍‌ଗଦ୍ ହେଉଥିବା ଦେଖାଯାଇଥିଲା। ତେବେ କିଛି ନିର୍ଦ୍ଦିଷ୍ଟ ନେତାଙ୍କ ଏଭଳି ଉକ୍ତିକୁ ନେଇ କିଛି କଂଗ୍ରେସ କର୍ମୀ ଭିନ୍ନ ମତ ଦେଇ ଏପ୍ରସଙ୍ଗରେ ଏବେଠୁ ଅଯଥା ଷଣ୍ଢ ପୂରାଯାଉଛି ବୋଲି ଆଲୋଚନା କରାଯାଉଥିବା ଦେଖାଯାଇଥିଲା।

### ମୋଦି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ

ଆସନ୍ତା ୧୫ ତାରିଖରେ ବଲାଙ୍ଗୀର ଆସିବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାକୁ ଆସି ସ୍ପେଶାଲ ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ବିରୋଧୀଦଳ ନେତା ନରସିଂହ ମିଶ୍ର ଆହ୍ୱାନ କରିଥିଲେ। ପଛୁଆ ଅଞ୍ଚଳ ଭାବେ ପରିଗଣିତ ବଲାଙ୍ଗୀର ଜିଲାର ଉନ୍ନତି ପାଇଁ ସ୍ପେଶାଲ ପ୍ୟାକେଜ୍ ଘୋଷଣା କଲେ ଅଞ୍ଚଳର ବିକାଶ ହେବ ବୋଲି ସେ କହିଥିଲେ।

### ସମରେନ୍ଦ୍ର କଲେ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ

ଏଆଇସିସି ସଦସ୍ୟ ତଥା ବିଧାୟକ ନରସିଂହ ମିଶ୍ରଙ୍କ କନିଷ୍ଠ ପୁଅ ଆଜିର ଜାଗରଣ ସମାବେଶରେ ନିଜ ସାଙ୍ଗଠନିକ ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ସ୍ଥାନରୁ ଲୋକଙ୍କୁ ସଙ୍ଗଠିତ କରି ସୁଚାରୁରୂପେ ସମାବେଶ କରାଯାଇଥିବାରୁ ବରିଷ୍ଠ କଂଗ୍ରେସ ନେତାମାନେ ସମରେନ୍ଦ୍ରଙ୍କ ନେତୃତ୍ୱକୁ ସ୍ୱୀକୃତି ଦେଇ ପ୍ରଶଂସା କରିଥିଲେ। ଏହି ପ୍ରଶଂସା ଭିତରେ ତାଙ୍କ ଆଗାମୀ ନିର୍ବାଚନରେ ଲଢ଼ିବାକୁ ଏକ ପ୍ରକାଶ ସମ୍ମତି ଓ ସମର୍ଥନ କରାଯାଉଥିବା ସ୍ପଷ୍ଟ ବାରି ହୋଇପଡୁଥିଲା।

### ବିଜେଡିରୁ କଂଗ୍ରେସକୁ ଡେଇଁଲେ ରମା

ବିଜେଡି ପ୍ରାର୍ଥୀ ଭାବେ ରମାକାନ୍ତ ସେଠ୍ ୨୦୦୯ରେ ଲୋଇସିଂହା ବିଧାୟକ ହୋଇଥିଲେ। ତେବେ ୨୦୧୪ରେ ତାଙ୍କ ସ୍ଥାନରେ ଯୋଗେନ୍ଦ୍ର ବେହେରାଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ରାମାକାନ୍ତଙ୍କ ରାଜନୈତିକ ଜୀବନ ଶେଷ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ପ୍ରାୟ ସାଢ଼େ ୪ ବର୍ଷର ନିରବତା ପରେ ହଠାତ୍ ରମାକାନ୍ତ ବିଜେଡି ଛାଡି କଂଗ୍ରେସର ଜାଗରଣ ସମାବେଶକୁ ଆସି ବିଧିବଦ୍ଧ ଭାବେ ଦଳରେ ଯୋଗଦେଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରମାକାନ୍ତଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ତେବେ ୨୦୧୯ ନିର୍ବାଚନରେ ତାଙ୍କର କ'ଣ ଭୂମିକା ରହିବ ତାହା ଚର୍ଚ୍ଚାର ବିଷୟ ହୋଇଛି।

### ସମାବେଶକୁ ନେଇ ବିଜେଡି, ଭାଜପା ଶିବିରରେ ଛନକା

କଂଗ୍ରେସର ଜାଗରଣ ସମାବେଶ ୨୦୧୯ ନିର୍ବାଚନୀ ମାହୋଲକୁ ସରଗରମ କରିଦେଇଛି। ସହସ୍ରାଧିକ ଲୋକ ଓ ବରିଷ୍ଠ ନେତାଙ୍କ ସମାଗମ କଂଗ୍ରେସ ଶିବିରରେ ଉତ୍ସାହ ଆଣିଥିବା ବେଳେ ପ୍ରତିପକ୍ଷ ଭାଜପା ଓ ବିଜେଡି ଶିବିରରେ ଶିହରଣ ଖେଳାଇ ଦେଇଛି। ବିଶେଶ କରି ଜାନୁୟାରୀ ମାସରେ ବଲାଙ୍ଗୀର ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନଙ୍କ କାର୍ଯ୍ୟକ୍ରମ ଥିବାରୁ ଉଭୟ ଭାଜପା ଓ ବିଜେଡି ଶିବିରରେ ଭିନ୍ନ ଆଲୋଚନା ହେଉଛି। କଂଗ୍ରେସ ସମାବେଶରେ କେତେ ଜନସମାବେଶ ହୋଇଥିଲା ତାକୁ ନେଇ ଗଣିତ କରିବାରେ ବ୍ୟସ୍ତ ହୋଇପଡିଛନ୍ତି।

### ରାଜତନ୍ତ୍ରର ଚେରକୁ ଉପାଡି ଫିଙ୍ଗି ଦିଆଯିବ

ବଲାଙ୍ଗୀରର ବିକାଶ ବିରୋଧୀ ରାଜତନ୍ତ୍ରର ଚେରକୁ ବଲାଙ୍ଗୀରରୁ ଉପାଡି ଫିଙ୍ଗି ଦିଆଯିବ ବୋଲି ବିରୋଧୀଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଜାଗରଣ ସମାବେଶରେ ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ମେଡିକାଲ କଲେଜ ପ୍ରତିଷ୍ଠାରେ ବାଧା ଉପୁଯାଉଥିବା ଶକ୍ତି ଏବେ ବଲାଙ୍ଗୀରର ଜୀବନରେଖା ଲୋୟର ସୁକ୍‌ତେଲ ପ୍ରକଳ୍ପ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମାତ୍ର ସେମାନେ ଏହାକୁ ଅଟକାଇ ପାରିବେ ନାହିଁ। ମେଡିକାଲ କଲେଜ ଭଳି ବଲାଙ୍ଗୀରରେ ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ନିଶ୍ଚିତ କାର୍ଯ୍ୟକାରୀ କରାଯିବ। ଆଗକୁ ବଲାଙ୍ଗୀରର ବିକାଶରେ ବାଧା ଉପୁଯାଇବାକୁ ଚେଷ୍ଟା କଲେ ପରିଣତି ଭୟାବହ ହେବ ବୋଲି ମିଶ୍ର ଖୋଲା ଚେତାବନୀ ଦେଇଛନ୍ତି।

# ଦ୍ୱିତୀୟ ଦିନରେ ବଲାଙ୍ଗୀର ବହି ହାଟ

**ବଲାଙ୍ଗୀର ଅଫିସ,୬।୧**

୧୪ତମ ବଲାଙ୍ଗୀର ବହିହାଟର ଦ୍ୱିତୀୟ ସନ୍ଧ୍ୟାରେ ଜେଆଇଟିଏମ୍ କଲେଜ ଛାତ୍ରୀଛାତ୍ରଙ୍କ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ସହ ମନୋନୀତ କବିଙ୍କ କବିତା ପାଠ ସମସ୍ତଙ୍କ ମନମୋହିଥିଲା। କବି ପ୍ରଦଲ୍ଲାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରରେ କବୟିତ୍ରୀ ମୁକୁଳ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ବିଜୟ ପ୍ରଧାନ, ବିନତୀ ଶତପଥୀ, ରଞ୍ଜିତା ପଣ୍ଡା, ସୁଶାନ୍ତ ବାଗ ଯୋଗଦେଇ କବିତା ପାଠ କରିଥିଲେ। ମଳୟ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗୋବର୍ଦ୍ଧନ ଭୋଇ ଧନ୍ୟବାଦ ଦେଇଥିଲେ।




ବହିହାଟ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ କବି।

# ଦେଓଗାଁ ୧୩ ନଂ. ଜୋନ ବିଜେଡି କର୍ମୀ ସମାବେଶ

**ଦେଓଗାଁ, ୬।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଉଡାର ପଞ୍ଚାୟତ ମାଲିପାଲିଛକରେ ରବିବାର ୧୩ନମ୍ବର ଜୋନର ୧୩ଟି ପଞ୍ଚାୟତକୁ ନେଇ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ପ୍ରତିନିଧି ଉମା ଶଙ୍କର ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂ ଦେଓ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେଓଗାଁ ବ୍ଲକ ସଭାପତି ତଥା ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଶୁଶିଳ କୁମାର ଚାନ୍ଦ, ଜିଲା ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଛାତ୍ର ସଭାପତି ରାଜେନ୍ଦ୍ର ହୋତା, ଗୁରୁଦେବ ରଣା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବକ୍ତବ୍ୟ ଦେଇଥିଲେ। ଏପରି କି କେନ୍ଦ୍ରସରକାରଙ୍କ ଅବହେଳା ଏବଂ ବିରୋଧି କଂଗ୍ରେସ ଦଳର ଅପାରଗତା ଉପରେ କହିଥିଲେ। ଏହି ଅବସରରେ ବ୍ଲକ ସରପଞ୍ଚ ସଂଘ ସଭାପତି ଦୟାନିଧି ଖମାରୀ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, କୈଳାସ ମହାନ୍ତି ପ୍ରମୁଖ ମତ ଉପସ୍ଥାପନ କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରଥମେ ବିହନ ଫୋପାଡ଼ି ଦେଇ ପରେ ଶସ୍ୟ ସଂଗ୍ରହ କଲାପରି,
ପ୍ରଥମେ ପରର ଉପକାର କରିଗଲେ ଶେଷରେ ନିଜର ଉପକାର ହୁଏ।
- ସେନେକା

କୋଶଲୀ ଧନୁଯାତ୍ରାର ୫ମ ସନ୍ଧ୍ୟା

# ଲୋକଙ୍କ ସ୍ୱାର୍ଥ ପାଇଁ କୋଶଲ ରାଜ୍ୟ ଆବଶ୍ୟକ






ମଞ୍ଚରେ ଉପସ୍ଥିତ ଥିବା ଅତିଥିବୃନ୍ଦ (ବାମ)। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ନୂଆପଡା ଅଫିସ,୬।୧**

ଦିନେ ଓଡିଶା ରାଜ୍ୟ ଗଠନ ସକାଶେ ଆମ ପୂର୍ବସୂରୀମାନେ ସଂଘର୍ଷ କରିଥିଲେ। ଗଡଜାତ ରାଜ୍ୟରୁ ଏହାକୁ ଆଣି ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା । ହେଲେ ଯେଉଁ ସ୍ୱାର୍ଥ ଏବଂ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଯାଇଥିଲା । ତାହା ବର୍ତ୍ତମାନ ସାଧନ ହୋଇପାରିନାହିଁ । ଆମ ଲୋକ ବିଭିନ୍ନ ପ୍ରକାର ରାଜନୈତିକ ଏବଂ ଭୌଗୋଳିକ ସମସ୍ୟାରେ ଛନ୍ଦି ହେଉଛନ୍ତି। ଏହି ଅଞ୍ଚଳର ସାମଗ୍ରୀକ ବିକାଶ ସକାଶେ କୋଶଲୀ ଭାଷାକୁ ରାଜ୍ୟ ସରକାର ମାନ୍ୟତା ଦେବା ସହ ପ୍ରଦେଶ ଗଠନରେ ସହାୟକ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ରବିବାର କୋଶଲୀ ଧନୁଯାତ୍ରାର ୫ମ ସନ୍ଧ୍ୟାରେ ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ । ଧନୁଯାତ୍ରା ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏ.ଏଭି.ସ୍ୱାମୀ ମୁଖ୍ୟଅତିଥି, ପୂର୍ବତନ ବିଧାୟକ ସତ୍ୟ ଭୁଷଣ ସାହୁ,

**ଅଷ୍ଟମଲ୍ଲ ବଧ ଧନୁଯାତ୍ରାର ମୁଖ୍ୟ ଆକର୍ଷଣ**

ଯଦୁମଣୀ ପାଣିଗ୍ରାହୀ, ଖାମସିଂ ମାଝି, ସୁରେଶ ଅଗ୍ରୱାଲ, ଈଶ୍ୱର ନାଏକ, ସଞ୍ଜୁ ପୁରୋହିତ, ଟୁଲୁ ପାଢୀ, ସୁଶାନ୍ତ ପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଶରତ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଟିଟୁ ପଣ୍ଡା ଧନ୍ୟବାଦ ଦେଇଥିଲେ । ପ୍ରକାଶ ଯେ, କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏହାକୁ ଜୟଶ୍ରୀ ଦଣ୍ଡସେନା, ଶିଶୁ ଉପସ୍ଥାପିକା ଆଦ୍ୟାଶା ଭୋଇ, ଆରୁଷି ପାଣି ପରିଚାଳନା କରିଥିଲେ। ଏହି ଅବସରରେ ଦେଶର ସୀମାନ୍ତ କାରଗୀଲ, ଲଦାଖ ଭଳି ଦୁର୍ଗମ ଜାଗାରେ ଦୁଃସାହିକତା ଦେଖାଇଥିବା ଯବାନ କୃଷ୍ଣାର୍ଜୁନ ସିଂ, ଶରତ କୁମାର ସାହୁ, ଅଗିରାମ ସାହୁ, ଦୁବରାଜ ସାହୁ, ନିତେଶ କୁମାର ପଟେଲ, ରାସ ବିହାରୀ ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ଧନୁଯାତ୍ରାରେ ଗୋପପୁରରେ ଅଷ୍ଟମଲ୍ଲ ବଧ ମୁଖ୍ୟଆକର୍ଷଣ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ଅଞ୍ଚଳର ହଜାର ହଜାର ଲୋକଙ୍କ ଭିଡ ଜମିଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ସୁରଜିତ ସିଂ ମହାରଥା, ପ୍ରବୋଧ ହୋତା, ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ, ଅବନୀ ରଞ୍ଜନ ଯୋଷୀ, ଫକୀର ପାଢୀ, ଜୟମାଧବ ହୋତା ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ସରସ୍ୱତୀ ଶିଶୁମନ୍ଦିରରେ ଶିଶୁ, ବାଳ, କନ୍ୟା ଶିବିର

**ଲଖନପୁର,୬।୧(ଡି.ଏନ୍.ଏ.)**-ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ଶିଶୁ, ବାଳ ଓ କନ୍ୟା ଶିବିର ସାଙ୍ଗକୁ ଜେଜେମାଆ, ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଚିତ୍ରରେ ରଙ୍ଗ ଭରିବା, ନାଚ, ଗୀତ, ଇଂଲିଶ ୱାର୍ଡ ଗେମ୍, କୌତୁକବେଶ, ପାଦରେ ଅଳତା, ହାତରେ ମେହେନ୍ଦି, କଳସ ସଜାଇବା, ସାଲାଡ୍ ସଜାଇବା ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ମାନସିକ, ଶାରୀରିକ, ଚତୁରତା, ପର୍ଯ୍ୟବେକ୍ଷଣ, ବାମହାତରେ ସଂଖ୍ୟା ଓ ଅକ୍ଷର ଲେଖିବା ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୪ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିବରକୁ ଆର୍ଏସ୍ଏସ୍ ଜିଲା ସଂଯୋଜକ ଯୁଧିଷ୍ଠିର ବେହେରା ଉଦ୍ଘାଟନ କରିଥିଲେ। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ବିଜୟ ଦାସ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ରବୀନ୍ଦ୍ର ଗିରି, ସମ୍ପାଦକ ଯୋଗେଶ ପ୍ରଧାନ, ଯୁଗ୍ମସମ୍ପାଦକ ଶରତ ପ୍ରଧାନ, ମାତୃମଣ୍ଡଳୀ ଅଧକ୍ଷା ମମତା ବାବୁ, ଉପାଧକ୍ଷ ସୁବର୍ଣ୍ଣ ବୁଢିଆ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟକୃଷ୍ଣ ପଟେଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିଭଳି ଜେଜେମାଆ ଓ ଜେଜେବାପା ସମ୍ମିଳନୀରେ ୧୧୦ଜଣ ଅଭିଭାବକ ଯୋଗଦେଇଥିଲେ।

## ସଂଘବଦ୍ଧ ଆକ୍ରମଣରେ ଯୁବକ ମୃତ

**ଝାରସୁଗୁଡ଼ା ଅଫିସ,୬।୧**

ସଂଘବଦ୍ଧ ଆକ୍ରମଣରେ ଝାରସୁଗୁଡ଼ା ବିଟିଏମ୍ ଫାଣ୍ଡି ଅଧୀନ ଏକାତାଲି ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ଧ୍ରୁବଚରଣ ଦାସ (୩୩)। ଏ ବାବଦରେ ଝାରସୁଗୁଡ଼ା ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଧ୍ରୁବଚରଣଙ୍କ ଭାଇ ଡମ୍ବରୁଧର ଥାନାରେ କରିଥିବା ଅଭିଯୋଗ ମୁତାବକ, ଜାନୁୟାରୀ ୧ରେ ଧ୍ରୁବ ମଦ୍ୟପାନ କରି ବାହାରେ ବୁଲୁଥିଲେ। ଏକାତାଲି ରୋଡ୍‌ରେ ଥିବା ଏକ ଦୋକାନ ନିକଟରେ କେତେଜଣ ଯୁବକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ଧ୍ରୁବ ଆହତ ହୋଇଥିଲେ। ଶନିବାର ତାଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିବା ଡମ୍ବରୁଧର ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।



ଆରଆଣ୍ଡଆର କଲୋନୀ ଉଦ୍ଘାଟନୀ ଅବସରରେ ଯୋଗଦେଇଥିବା ଅଧିକାରୀ।

## ଏନ୍‌ଟିପିସିର ଆର୍‌ଆଣ୍ଡଆର କଲୋନୀ ଉଦ୍‌ଘାଟିତ

**ହେମଗିର,୬।୧(ଡି.ଏନ.ଏ.)**

ତୁଲିଙ୍ଗା କୋଇଲା ଖଣି ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରମାନଙ୍କ ପାଇଁ ଏନଟିପିସି ନିର୍ମାଣ କରିଥିବା ଆରଆଣ୍ଡଆର କଲୋନୀ ଉଦ୍‌ଘାଟିତ ହୋଇଛି । ଏହାକୁ କମ୍ପାନୀର ବାଣିଜ୍ୟିକ ନିର୍ଦ୍ଦେଶକ ଏକେ ଗୁପ୍ତା ଖଣି ପରଦର୍ଶନ ଗସ୍ତରେ ଆସି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଖଣି ଦ୍ୱାରା ତୁଲିଙ୍ଗା, ବେଲଡିହି, ମଝାପଡା ଓ ଖପୁରକଛାର ଗ୍ରାମ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେଉଛି । ଏଥିପାଇଁ କମ୍ପାନୀ କଳାମେଘାଠାରେ ପ୍ରାୟ ୪୦୦କ୍ୱାଟର ବିସ୍ଥାପିତ ପରିବାରଙ୍କ ପାଇଁ ନିର୍ମିତ କରୁଛି । ପ୍ରଥମ ପର୍ଯ୍ୟାୟରେ ମଝାପଡା ଗ୍ରାମବାସୀଙ୍କୁ କମ୍ପାନୀର ନିର୍ଦ୍ଦେଶକ ଗୁପ୍ତା କ୍ୱାଟରର ଚାବି ହସ୍ତାନ୍ତର କରିଛନ୍ତି । ନିକେର୍ଦ୍ଦଶକ କ୍ୱାର୍ଟର ଗୁଡିକ ଦେଖି ଉନ୍ନତ ମାନର ହୋଇଥିବା ହେତୁ ଜିଜିଏମ ଚିତ୍ତରଞ୍ଜନ ବାରିକଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଅବସରରେ ଖଣିମୁଖ୍ୟ ସାରିପୁତ ମିଶ୍ର, ମହାପ୍ରବନ୍ଧକ ସିଆର ବାରିକ, ଜିଏମ ଏସକେ ରାୟ, ଡିଜିଏମ ଏକେ ମିଶ୍ର, ସିନିୟର ମ୍ୟାନେଜର ଅମରେଶ ରାଉଳ, ଆଲୋକ ରଣବିର, ଅରବିନ୍ଦ ପଟ୍ଟନାୟକ, ସୁବୋଧ କୁମାର ତଥା କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଷଡ଼ବଂଶୀୟ ଗୋଁଡ ସମାଜ ଜିଲା କମିଟି ଗଠିତ

**ଝାରସୁଗୁଡ଼ା ଅଫିସ,୬।୧**

ଝାରସୁଗୁଡ଼ା ବୃନ୍ଦାମାଲ ଗୁଡ଼ି ପ୍ରାଙ୍ଗଣରେ ରବିବାର ଷଡ଼ବଂଶୀୟ ଗୋଁଡ ସମାଜର ନୂତନ ଜିଲା କମିଟି ଗଠନ କରାଯାଇଛି। ଜୟପୁର ଷ୍ଟେଟ୍ ସଭାପତି ଯୋଗେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଝାରସୁଗୁଡ଼ା ଜିଲାର ୫ଟି ବ୍ଲକର ସମସ୍ତ ଗୁଡ଼ି ସଭ୍ୟଙ୍କୁ ନେଇ ଏହି କମିଟି ଗଠନ ହୋଇଛି। ଜଗନ୍ନାଥ ଭୋଇ ସଭାପତି, ଟଙ୍କଧର ନାଏକ, ଗୋପୀନାଥ ମାଝି, ଟଙ୍କଧର ନାଏକ, ଦୁର୍ଗାଚରଣ ଭୋଇ ଉପସଭାପତି, ତପି ମରେଇ, ଗୌରଚନ୍ଦ୍ର କାଲୋ, ବିଦ୍ୟାଧର ଭୋଇ ସମ୍ପାଦକ, ଶ୍ୟାମ କୁମାର ପ୍ରଧାନ କୋଷାଧକ୍ଷ, ପୁରୁଷୋତ୍ତମ ନାଏକ ସହସମ୍ପାଦକ, ଉତ୍ତରା କୁମାର ଭୋଇ ବାର୍ତ୍ତାବହ ଏବଂ ନବୀନ ଚନ୍ଦ୍ର ନାଏକ, ଅଭିମନ୍ୟୁ ନାଏକ, କାମପାଳ ଭୋଇ ପ୍ରମୁଖ ଉପଦେଷ୍ଟା କମିଟିକୁ ମନୋନୀତ ହୋଇଛନ୍ତି। ଏହାସହ ୫୦ରୁ ଅଧିକ ବ୍ୟକ୍ତି କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଥିବା ସୂଚନା ଦିଆଯାଇଛି।



ଗୋଁଡ ସମାଜର ନୂତନ କର୍ମକର୍ତ୍ତାଙ୍କ ଗହଣରେ ଉପସ୍ଥିତ ସଦସ୍ୟଗଣ।

## ପୂର୍ବତନ ନଗରପାଳଙ୍କ ପରଲୋକ

**ସୁନ୍ଦରଗଡ,୬।୧(ଡି.ଏନ୍.ଏ.)**– ସୁନ୍ଦରଗଡର ପୂର୍ବତନ ନଗରପାଳ, ଜିଲା ଓକିଲ ସଂଘର ପୂର୍ବତନ ସଭାପତି ତଥା ସହରର ଜଣାଶୁଣା ଆଇନଜୀବୀ ବିଶେଶ୍ୱର ପୁରୋହିତଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ବର୍ଷ ବୟସ ହୋଇଥିଲା। ୧୯୩୦ରେ ଜନ୍ମିତ ସ୍ୱର୍ଗତଃ ପୁରୋହିତ ବର୍ତ୍ତମାନ ଜିଲା ବ୍ରାହ୍ମଣ ସମାଜର ସଭାପତି ଭାବେ ବେଶ ସକ୍ରିୟ ଥିଲେ । ୧୯୬୬ରେ ସୁନ୍ଦରଗଡ ଜିଲାପରିଷଦର ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ୧୯୭୩ରୁ ୧୯୭୭ ପର୍ଯ୍ୟନ୍ତ ସୁନ୍ଦରଗଡର ନଗରପାଳ ରହିଥିଲେ ।

## ମନ୍ଦିର, ପୋଖରୀ ସଫେଇ

**କିର୍ମିରା,୬।୧(ଡି.ଏନ୍.ଏ.)**

ଅର୍ଡା ପଞ୍ଚାୟତ ଚମ୍ପାପଡ଼ା ଗ୍ରାମର ଯୁବକମାନେ ମନ୍ଦିର ପରିସର, ପୋଖରୀ, ରାସ୍ତାଘାଟ ସଫେଇ କରିଛନ୍ତି। ଆଗକୁ ଅଞ୍ଚଳର ପ୍ରସିଦ୍ଧ ଗଡ଼ଦେବୀ ପୂଜା ଥିବାରୁ ଯୁବକମାନେ ଧୁତରାଗଡ଼ସ୍ଥିତ ଦେବୀ ପୀଠ ସଫା କରିଥିଲେ। ଏହାସହ ପୋଖରୀ ଟ୍ରାନ୍ସଫର୍ମର ଏବଂ ରାସ୍ତାକଡ଼ ସଫା କରି ବୃକ୍ଷରୋପଣ କରିଥିଲେ। ଝାରୁ ବାଗଙ୍କ ନେତୃତ୍ୱରେ ବିହାରୀ ବାଗ, ମନୋରଞ୍ଜନ ବାଗ, ଦୁଃଖବନ୍ଧୁ ବାଗ, ସୁନୀଲ ବାଗ, ବିକାଶ ବାଗ, ଟୁନା ବାଗ, ଗୁରଲୁ ବାଗ, ବିନୋଦ ବାଗ, ଜଗଦୀଶ ବାଗ, ଛବିଳ ବାଗ ଏବଂ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।



ଯୁବକମାନେ ବୃକ୍ଷରୋପଣ କରୁଛନ୍ତି।

## ଚୋରାମଦ କାରବାର ବିରୋଧରେ ଫେରାଦ

**ବରଗଡ଼ ଅଫିସ୍,୬।୧**

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ରେଶମ ଗ୍ରାମର ମହିଳାମାନେ ପୁଣି ମଦ ବିରୋଧୀ ଅଭିଯାନରେ ବାହାରିଛନ୍ତି । ଗ୍ରାମର ମହିଳାଙ୍କ ଏଭଳି ଆନ୍ଦୋଳନ ଯୋଗୁ ପୂର୍ବରୁ ଗ୍ରାମରେ ଚୋରାମଦ କାରବାର ବନ୍ଦ ରହିଥିଲା । ମାତ୍ର ଗ୍ରାମରେ ଚୋରାମଦ ବେପାରୀମାନେ ପୁଣି ସକ୍ରିୟ ହୋଇ ପଡ଼ିଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ମହିଳାମାନେ ଶନିବାର ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁଙ୍କୁ ଫେରାଦ ହୋଇଥିଲେ। ଗ୍ରାମରେ ଚାଲିଥିବା ଚୋରାମଦ କାରବାର ବନ୍ଦ କରିବା ପାଇଁ ସେମାନେ ସ୍ମାରକପତ୍ରରେ ଏସ୍‌ପିଙ୍କୁ ନିବେଦନ କରିଛନ୍ତି ।



ଶ୍ରେଷ୍ଠ ପୌରପାଳିକା ଭାବେ ପୁରସ୍କାର ପାଇଥିବା ଅବସରରେ ଅଧିକାରୀମାନେ।

## ସୁନ୍ଦରଗଡକୁ ପୁଣି ଶ୍ରେଷ୍ଠ ପୁରସ୍କାର

**ସୁନ୍ଦରଗଡ, ୬।୧ (ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ପୌରପାଳିକା ପୁଣି ରାଜ୍ୟସ୍ତରରେ ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ପୌରପାଳିକା ଭାବେ ପୁରସ୍କାର ଲାଭ କରିଛି । ଏ ନେଇ ସୁନ୍ଦରଗଡବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ୧୯୫୨ରେ ପ୍ରତିଷ୍ଠିତ ଏହି ପୌରପାଳିକା ନିଜର ସଫଳ କାର୍ଯ୍ୟ ପାଇଁ ୨୦୧୪–୧୫ରେ ପ୍ରଥମ ଶ୍ରେଷ୍ଠ ପୁରସ୍କାର ପାଇଥିଲା । ତେବେ ବର୍ତ୍ତମାନ ୨୦୧୫ –୧୬ବର୍ଷ ପାଇଁ ଏହି ପୌରପାଳିକା ଦ୍ୱିତୀୟ ଥର ପାଇଁ ଶ୍ରେଷ୍ଠ ପୌରପାଳିକା ଭାବେ ପୁରସ୍କୃତ ହୋଇଛି । ରାଜ୍ୟର ୧୦୮ଟି ପୌର ସଂସ୍ଥା ମଧ୍ୟରେ ପ୍ରତିବର୍ଷ ଭଲ କାମ ପାଇଁ ଶ୍ରେଷ୍ଠ ପୌର ପାଳିକା ପୁରସ୍କାର ପ୍ରଦାନ କରାଯାଇଥାଏ। ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ମିଳିବା ପରେ ପୌରପାଳିକାର କଲ୍ୟାଣ ମଣ୍ଡପ ଠାରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର, ପୌରନିର୍ବାହୀ ଅଧିକାରୀ ଡଃ ଜଗଦୀଶ ମହାନନ୍ଦ ଓ ସମସ୍ତ କର୍ମଚାରୀମାନେ ଯୋଗଦେଇଥିଲେ ।

## କ୍ରିକେଟ୍ ଟୁର୍ନାମେଣ୍ଟ: ଅଉଁଲାବାହାଲ ଚାମ୍ପିୟନ

**ଲେଫ୍ରିପଡା,୬।୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବିଲେଇବାହାଲଠାରେ ପାଞ୍ଚ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଏହାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ସଦସ୍ୟା କୁଞ୍ଜଲତା ଭିତ୍ରିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଲେଫ୍ରିପଡା ପଞ୍ଚାୟତର ସମିତି ସଭ୍ୟା ଜୟନ୍ତୀ ଗର୍ଡିଆ, ସମ୍ମାନିତ ଅତିଥି ଭାବେ ବିଜେଡି ଯୁବନେତା ଭବାନୀ ବିରଗଣ୍ଡିଆ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ଖେଳ ଅଉଁଲାବାହାଲ ଏବଂ ଗର୍ଜନବାହାଲ କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଉଁଲାବାହାଲ ଚାମ୍ପିୟନ ଏବଂ ଗର୍ଜନବାହାଲ ରନର୍ସଅପ୍ ହୋଇଥିଲେ। ପରେ ଆୟୋଜିତ କମିଟି ପକ୍ଷରୁ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଦଶ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ସାତ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ଗହଣରେ ଖେଳାଳିମାନଙ୍କୁ ପୁରସ୍କୃତ କରାଯାଉଛି।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ହ୍ୱେଲସ୍ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

**ଝାରସୁଗୁଡ଼ା ଅଫିସ,୬।୧**-ସ୍ଥାନୀୟ କକ୍ସ କଲୋନୀସ୍ଥିତ ହ୍ୱେଲସ୍ ସ୍ମାର୍ଟ ସ୍କୁଲରେ ଶନିବାର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଡା. ପ୍ରଭାତ କୁମାର ଜୈନ୍, ଡା. ସରୋଜ ମିଶ୍ର, ସୁରେଶ ବୋନ୍ଦିଆ, ମନମୋହନ ପାଣ୍ଡେ, ନରେଶ ନାଏକ, ମଦନ ମଲିକ, ନିରୋଦକାନ୍ତ ମିଶ୍ର, ସ୍ୱରନ୍ ସିଂ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜ୍ଞାନ ପ୍ରଦର୍ଶନୀ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ଉଦ୍ୟମକୁ ପ୍ରସଂଶା କରିଥିଲେ।

### ରଶିରେ ଝୁଲି ଆତ୍ମହତ୍ୟା

**କୋଲାବିରା,୬।୧(ଡି.ଏନ୍.ଏ.)**-କୋଲାବିରା ଥାନା ସମାସିଂହା ପଞ୍ଚାୟତ କୁଲିତା ସମାସିଂହା ଗ୍ରାମର ଯୁଧିଷ୍ଠିର ମଲ୍ଲିକ (୪୯) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୋଲାବିରା ଥାନାରେ ଅଭିଯୋଗ ହୋଇଛି। ରବିବାର ସକାଳ ୯ଟାରେ ଯୁଧିଷ୍ଠିର ମୃତଦେହ ଘରେ ଝୁଲୁଥିବା ତାଙ୍କ ପୁଅ ଦେଖି ପଡ଼ୋଶୀଙ୍କୁ ଡାକିଥିଲେ। ପଡ଼ୋଶୀ ଲୋକେ ରଶି କାଟି ମୃତଦେହକୁ ଓହ୍ଲାଇଥିଲେ ମଧ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡ଼ିଥିବା ପୋଲିସ କହିଛି। ହେଲେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ। ଯୁଧିଷ୍ଠିରଙ୍କ ପରିବାର ଅତ୍ୟନ୍ତ ଗରିବ। ଯୁଧିଷ୍ଠିର କିଛି କାମଧନ୍ଦା କରୁ ନ ଥିବାବେଳେ ତାଙ୍କ ସ୍ତ୍ରୀ ଦୁର୍ପଦୀ ମଲ୍ଲିକ ଦିନମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ସକାଳ ୭ଟାରେ ଜଳଖିଆ ସରିବା ପରେ ସ୍ତ୍ରୀ ଓ ପିଲାମାନେ ନିଜ ନିଜ କାମରେ ବାହାରକୁ ପଳାଇ ଯାଇଥିଲେ। ତେବେ ୯ଟାରେ ପୁଅ ଘରକୁ ଫେରି ଯୁଧିଷ୍ଠିର ଏକ ରଶି ସାହାଯ୍ୟରେ ଛାତରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସୂଚନାଯୋଗ୍ୟ ଯୁଧିଷ୍ଠିରଙ୍କ ପରିବାରରେ ବର୍ତ୍ତମାନ ତାଙ୍କ ସ୍ତ୍ରୀ ଦୁର୍ପଦୀ, ଝିଅ ଦୁଲି (କଲେଜ ପାଠ ସାରି ଘରେ ଅଛନ୍ତି) ଏବଂ ୧୦ମ ଶ୍ରେଣୀରେ ପାଠ ପଢୁଥିବା ଦୁଇ ଯମଜ ପୁଅ ଅଛନ୍ତି। ବଡ଼ଝିଅ ଦୀପାଙ୍କ ବିବାହ ହୋଇସାରିଛି। ଏହି ଗରିବ ପରିବାର ଖାଦ୍ୟସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ମାସକୁ ୨୫ କିଲୋଗ୍ରାମ ଚାଉଳ ପାଉଥିବା ସୂଚନା ମିଳିଛି।

■ ଝାରସୁଗୁଡ଼ା ଜିଲା ମହୋତ୍ସବ ଦୁଲ୍‌ଦୁଲିରେ ଅବ୍ୟବସ୍ଥା

# ପୂର୍ବତନ ଜନପ୍ରତିନିଧିଙ୍କୁ ଅଣଦେଖା

**ଲଖନପୁର,୬।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଜିଲା ଗଠନର ୨୫ ବର୍ଷ ପୂର୍ତ୍ତି ଅବସରରେ ଜିଲା ମହୋତ୍ସବକୁ ଚଳିତବର୍ଷ ଅଧିକ ଆକର୍ଷଣୀୟ କରାଯାଇଥିଲା। ଜିଲା ମହୋତ୍ସବକୁ ଚଳିତବର୍ଷ ୧୭ବର୍ଷ ପୂରିଛି। ମହୋତ୍ସବ ପରିଚାଳନା ପାଇଁ ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜନପ୍ରତିନିଧି, କଳାପ୍ରେମୀ, ସାହିତ୍ୟିକମାନଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ମହୋତ୍ସବ ପାଇଁ ବିପୁଳ ବ୍ୟୟ ବରାଦ ହୋଇଥିଲା। ତେବେ ଚଳିତବର୍ଷ ମହୋତ୍ସବରେ କେତେକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ନିମନ୍ତ୍ରଣପତ୍ର ବଣ୍ଟନରେ ତ୍ରୁଟି, ସ୍ମରଣିକା ଦୁଲ୍‌ଦୁଲି ପ୍ରକାଶନ ଅସମ୍ପୂର୍ଣ୍ଣ, ବାହାର ରାଜ୍ୟ କଳାକାରଙ୍କ ଆଗମନ ହ୍ରାସ ଭଳି ବ୍ୟତିକ୍ରମ ଦେଖାଦେଇଛି। ଜିଲାର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ନିମନ୍ତ୍ରଣପତ୍ର ପହଞ୍ଚି ନ ଥିଲା। ଯେନତେନ ଭାବରେ ନିଜ ଦାୟିତ୍ୱ ତୁଲାଇବା ପାଇଁ ଜିଲା ସଂସ୍କୃତି ବିଭାଗ ଇଣ୍ଟରନେଟ୍, ହ୍ୱାଟ୍ସଆପ୍‌ରେ ନିମନ୍ତ୍ରଣପତ୍ର ପ୍ରେରଣ କରିଥିଲା। କାର୍ଯ୍ୟକ୍ରମର ୪ର୍ଥ ଦିବସରେ ଜିଲା ଗଠନର ୨୫ବର୍ଷ ପୂର୍ତ୍ତିକୁ ନେଇ ଏକ ସେମିନାର ଆୟୋଜନ କରାଯାଇଥିଲା। ତେବେ ଏଥିରେ ଜିଲାର ପୂର୍ବତନ ଓ ବର୍ତ୍ତମାନର ଏମ୍‌ପି, ବିଧାୟକ, ଶିକ୍ଷାବିତ୍ ତଥା ବୁଦ୍ଧିଜୀବୀଙ୍କୁ ସାମିଲ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବିଧାୟକ ଅନୁପ ସାଏ, ବୀରେନ୍ଦ୍ର ପାଣ୍ଡେ, ବୃନ୍ଦାବନ ମାଝି, ବିଧାୟକ ନବକିଶୋର ଦାସ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ପ୍ରମୁଖଙ୍କ ନାମ ରହିଥିଲା। କିନ୍ତୁ କେବଳ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କୁ ଏଥିରେ ଦେଖିବାକୁ ମିଳି ନ ଥିଲା। ଏହାର କାରଣ ଜାଣିବା ପାଇଁ ଆମ ପ୍ରତିନିଧି ସେମିନାର୍‌ରେ ସାମିଲ ହେବାକୁ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଶ୍ୱାଳଙ୍କ ସହ ଯୋଗାଯୋଗ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ଜିଲା ମହୋତ୍ସବ ପାଇଁ ତାଙ୍କୁ ନିମନ୍ତ୍ରଣ କରାଯାଇନାହିଁ କି କେହି ଫୋନ୍‌ରେ ମଧ୍ୟ ଜଣାଇନାହାନ୍ତି। ସେହିଭଳି ପୂର୍ବତନ ବିଧାୟକ ସାଏ କହିଛନ୍ତି, ଚଳିତବର୍ଷ ଜିଲା ମହୋତ୍ସବ ପାଇଁ ନିମନ୍ତ୍ରଣପତ୍ର ସେ ପାଇନାହାନ୍ତି। ଚତୁର୍ଥ ଦିବସରେ ହେବାକୁ ଥିବା ସେମିନାର୍ କାର୍ଯ୍ୟକ୍ରମରେ ଯୋଗଦେବାକୁ କେତେଜଣ ଗଣମାଧ୍ୟମ ପ୍ରତିନିଧି ଫୋନ୍ ଯୋଗେ ଡାକିଥିଲେ। କିନ୍ତୁ ବିନା ନିମନ୍ତ୍ରଣରେ ସେମିନାର୍‌କୁ ଯିବା ଉଚିତ ମନେକଲି ନାହିଁ ବୋଲି ସେ କହିଛନ୍ତି। କମିଟିର ଖାମଖିଆଲ ମନୋବୃତ୍ତି ପାଇଁ ବିଗତ ବର୍ଷରେ ପୂର୍ବତନ ବିଧାୟକ ସାଏଙ୍କ ନିମନ୍ତ୍ରଣପତ୍ର ଗାନ୍ଧୀ ଛକସ୍ଥିତ ଏକ ହୋଟେଲ ଡଷ୍ଟବିନ୍‌ରେ ପଡ଼ିଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସମଗ୍ର ଜିଲାରେ ଏହାକୁ ନେଇ ଚର୍ଚ୍ଚା ହୋଇଥିଲା। ସେହିଭଳି ପୂର୍ବତନ ବିଧାୟକ ବୀରେନ ପାଣ୍ଡେ କହିଛନ୍ତି ଜିଲା ମହୋତ୍ସବକୁ ତାଙ୍କୁ କେବେ କେହି ନିମନ୍ତ୍ରଣ କରନ୍ତି ନାହିଁ। ଜିଲାର ବହୁ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ନିମନ୍ତ୍ରଣପତ୍ର ପାଇନାହାନ୍ତି। ଏ ସମ୍ପର୍କରେ କମିଟି ସଭାପତି ତଥା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି, ନିମନ୍ତ୍ରଣପତ୍ର ଛାପିବାରେ ବିଳମ୍ବ ହେଲା। ଏହାର ଦାୟିତ୍ୱ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଦାୟିତ୍ୱରେ ଥିବା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଦିଆଯାଇଥିଲା। ଅସୁବିଧା ବଶତଃ ବଣ୍ଟାଯାଇ ନ ଥିବ ବୋଲି ସେ ସ୍ୱୀକାର କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା କହିଛନ୍ତି, ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ପ୍ରତି ବ୍ଲକ ଓ ପୌରାଞ୍ଚଳକୁ ପଠାଇ ଦିଆଯାଇଥିଲା। ଲଖନପୁର ବିଡିଓ ଗୋବିନ୍ଦ ଡନ୍‌ସେନାଙ୍କୁ ପଚାରିବାରୁ କହିଲେ, ତାଙ୍କ ନିକଟକୁ କେହି ନିମନ୍ତ୍ରଣପତ୍ର ବାଣ୍ଟିବା ପାଇଁ ପଠାଇନାହାନ୍ତି। କମିଟି ସଂଯୋଜକ ତାପସରାୟ ଚୌଧୁରୀ କହିଛନ୍ତି, କମିଟି ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରୁନାହିଁ। ଫଳରେ କେହି କାହାରିକୁ ସହଯୋଗ କରୁନାହାନ୍ତି। ତେଣୁ ଏଭଳି ଅବ୍ୟବସ୍ଥା ପ୍ରତ୍ୟେକବର୍ଷ ଦେଖିବାକୁ ମିଳୁଛି। ଏହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇଲେ ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।



### ବାଇକ୍‌କୁ ଧକ୍କା ଦେଇ ଓଲଟିଲା କାର

**କିର୍ମିରା,୬।୧(ଡି.ଏନ୍.ଏ.)**

ଝାରସୁଗୁଡ଼ାରୁ କିର୍ମିରା ଫେରୁଥିବା ଏକ କାର୍ ଭାଲୁପତ୍ରା ଗ୍ରାମରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ରାତି ସାଢ଼େ ୮ଟାରେ କିର୍ମିରା ଗ୍ରାମର ସୁଦୀପ ପୂଜାରୀଙ୍କ ପୁଅ ସୌନକ (୨୨) ଝାରସୁଗୁଡ଼ାରୁ ନିଜ ଓଡି୨୩-ଏଫ୍୨୫୮୫ନଂ କାର୍‌ରେ ଘରକୁ ଫେରୁଥିଲେ। ତେବେ ଭାଲୁପତ୍ରା ଗାଁ ମୁଣ୍ଡରେ କାର୍ ଭାରସାମ୍ୟ ହରାଇ ପ୍ରଥମେ ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ପରେ ସନ୍ଦିପ୍ତ ନାଏକଙ୍କ ଦୋକାନ କାନ୍ଥରେ ବାଡ଼େଇ ହୋଇ ପାଖରେ ଥିବା ଓଡି୨୩-ଇ୫୩୭୨ନଂ ବାଇକ୍‌କୁ ଧକ୍କା ଦେବା ପରେ କାର୍‌ଟି ଓଲଟିପଡ଼ିଥିଲା। ଫଳରେ ସୌନକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଲଇକେରା ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।





ଶପଥପାଠ ଅବସରରେ ମଞ୍ଚାସୀନ ଅତିଥି।

# ପ୍ରାଥମିକ ଶିକ୍ଷକ ସଂଘ ଜିଲା କମିଟିର ଶପଥ ଉତ୍ସବ

**ଝାରସୁଗୁଡ଼ା ଅଫିସ,୬।୧**

ଝାରସୁଗୁଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ଓ ଓଷ୍ଟା ଝାରସୁଗୁଡ଼ା ଶାଖା ଆନୁକୂଲ୍ୟରେ ରବିବାର ନବନିର୍ବାଚିତ ପ୍ରଥମିକ ଶିକ୍ଷକ ସଂଘ ଜିଲା କମିଟିର ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଶାନ୍ତ ପାଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ଶପଥ ନେଇଥିଲେ। ପରେ ଆୟୋଜିତ ସାଧାରଣ ସଭାରେ ନବନିର୍ବାଚିତ ସଭାପତି ହେମସାଗର ଚୌଧୁରୀ ଆଗାମୀ ଦିନରେ ଝାରସୁଗୁଡ଼ାରେ ଶିକ୍ଷକ ଭବନ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ଶିକ୍ଷକ ସମାଜ ପାଇଁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଓଷ୍ଟା ସଭାପତି ସଦାନନ୍ଦ ଦାଶ କହିଥିଲେ। ଜିଲା ସଂଘ କାର୍ଯ୍ୟକାରୀ ସଭାପତି ସନ୍ୟାସୀ ପଟେଲ, ପ୍ରମୋଦ ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ଡିପିସି ମୀନାରାଣୀ ମଙ୍ଗଳ, ଓଷ୍ଟା ସମ୍ପାଦକ କିଶୋର ମହାନ୍ତି, ବିଇଓ ଗିରିଧାରୀ ଭୋଇ ଓ ଉଜାଗର ପ୍ରଧାନ, ବିଜ୍ଞାନ ନିରୀକ୍ଷକ ଜ୍ଞାନରଞ୍ଜନ ମିଶ୍ର, ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଏବଂ ବହୁ ସଂଖ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

### ଭାଜପା ପକ୍ଷରୁ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ବ୍ରଜରାଜନଗର,୬।୧(ଡି.ଏନ୍.ଏ.)**

ଭାଜପା ପକ୍ଷରୁ ବ୍ରଜରାଜନଗରରେ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ରଥ ଭାଜପା କାର୍ଯ୍ୟାଳୟ ପରିସରରୁ ବାହାରି ଗୋଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ଭାଜପା କର୍ମୀ ସାମିଲ ହୋଇଥିଲେ। ସେଠାରେ ଦଳୀୟ ପଦାଧିକାରୀମାନେ ଓଡ଼ିଶା ସରକାରଙ୍କ ବିଫଳତା ଉପରେ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ଜନହିତକର କାର୍ଯ୍ୟ କିପରି ରାଜ୍ୟ ସରକାରଙ୍କ ଦ୍ୱାରା ବାଟମାରଣା ହେଉଛି ସେ ଉପରେ ନେତାମାନେ ଲୋକଙ୍କୁ ଅବଗତ କରାଇଥିଲେ। ରଥ ଅଣ୍ଡାଛକ, ଗୁରୁଦ୍ୱାରା, ମାମାଛକ, ଚୁନାଭଟା, ଦୁର୍ଗାମନ୍ଦିର ଆଦି ସ୍ଥାନ ପରିକ୍ରମା କରିଥିଲା। ଯୁବମୋର୍ଚ୍ଚା ଜିଲା ଉପସଭାପତି କ୍ରିଷ୍ଣା ମୁରାରୀଙ୍କ ନେତୃତ୍ୱରେ ନୀରଜ ବାରିକ, ସ୍ଲୋପ, ବଲ୍ଲି, ଭାରତୀ ବାରିକ, ସନ୍ଦୀପ ପାଣ୍ଡେ ପ୍ରମୁଖ ସହାୟତା କରିଥିଲେ।





ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ୍‌ର ଚାମ୍ପିୟନ ଦଳ ଲିଓ ୟୁଥ ଆସୋସିଏଶନ ଖେଳାଳିଙ୍କ ସହ ମୁଖ୍ୟଅତିଥି।

ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ୍

# ଟାଇଗରକୁ ହରାଇ ଲିଓ ଚାମ୍ପିୟନ

**ବେଲପାହାଡ଼,୬।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍‌ଷ୍ଟାଡିୟମରେ ଚାଲିଥିବା ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଲିଓ ୟୁଥ ଆସୋସିଏଶନ ଓ ଟାଇଗର କ୍ଲବ ପରସ୍ପରକୁ ଭେଟିଥିଲେ। ଟାଇଗରକୁ ୧୮୮ ରନ୍‌ରେ ହରାଇ ଲିଓ ଚାମ୍ପିୟନ ହୋଇଛି। ଲିଓ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ କୌଣସି ଉଇକେଟ ନ ହରାଇ ୨୭୮ ରନ୍ ସଂଗ୍ରହ କରିଥିଲା। ଦଳର ସାଗର ରାଉତ ୬୪ ବଲରେ ୧୪୨ ଏବଂ ଏସ୍. ଲେଙ୍କା ୫୬ ବଲରେ ୧୨୬ ରନ୍ କରିଥିଲେ। ଜବାବରେ ଟାଇଗର କ୍ଲବ ୧୮ ଓଭରରେ ମାତ୍ର ୯୦ ରନ କରି ଅଲଆଉଟ ହୋଇଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଲିଓର ସାଗର ରାଉତ ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।





ଜିଲାସ୍ତରୀୟ ଚାଷୀ ସମାବେଶ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଜିଲାର ଚାଷୀମାନେ।

■ ଜିଲାସ୍ତରୀୟ ଚାଷୀ ସମାବେଶ ପ୍ରସ୍ତୁତି ବୈଠକ

# ଯୋଗଦେବେ ଜଳପୁରୁଷ ରାଜେନ୍ଦ୍ର ସିଂହ

**ଲଖନପୁର,୬।୧(ଡି.ଏନ୍.ଏ.)**

ରାଜ୍ୟର ପଶ୍ଚିମ ପ୍ରାନ୍ତରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବା ଯୋଗୁ ଚାଷ ପ୍ରଭାବିତ ହେଉଛି। ଫଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି। ଏହାର ପ୍ରତିକାର ତଥା ସାହାଯ୍ୟ ସହଯୋଗ ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ଏନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି। ଏଭଳି ସ୍ଥିତିରେ ଲଖନପୁର କୃଷକ ସଙ୍ଗଠନ ପକ୍ଷରୁ ଆସନ୍ତା ୨୬ ଓ ୨୭ ତାରିଖ ୨ଦିନ ଧରି ରେଙ୍ଗାଲି ବଜାର ପ୍ରାଙ୍ଗଣ (ପଞ୍ଚଗାଁ)ରେ ଜିଲାସ୍ତରୀୟ ବିରାଟ ଚାଷୀ ସମାବେଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂହଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଅଞ୍ଚଳରୁ ଚାଷୀନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ଦେଶୀଧାନ ବିହନ ପ୍ରଦର୍ଶନୀ ସାଙ୍ଗକୁ ଜୈବିକ କୃଷି ସମ୍ପର୍କରେ ସଚେତନତା କରାଯିବ। ଦ୍ୱିତୀୟ ଦିନରେ ଚାଷୀ ସମାବେଶ ହେବ। ଏହାକୁ ସଫଳ କରିବା ପାଇଁ ଆବାହାକ କୃଷକ ସଙ୍ଗଠନ ତରଫରୁ ରବିବାର ସିଂହାରପୁର ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ସଦସ୍ୟ ବେଣୁଧର ଭୋଇଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ସୁରେଶ ତ୍ରିପାଠୀ ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଚାଷୀମାନେ ନିଜ ମତାମତ ରଖିଥିଲେ। ଏହାକୁ ସଫଳ କରିବା ପାଇଁ ଜିଲାର ବିଭିନ୍ନ ଚାଷୀ ସଙ୍ଗଠନର ସଦସ୍ୟମାନଙ୍କୁ ନେଇ ୩୦ଜଣିଆ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି। କମିଟିରେ ବିରଞ୍ଚି ସାହୁ, ପଞ୍ଚାନନ ପ୍ରଧାନ, ସୁରେଶ ତ୍ରିପାଠୀ, ଭୂନାଥ ବଢ଼େଇ, ବାସୁଦେବ ଭୋଇ, ମନବୋଧ ପ୍ରଧାନ, ଦୟାସାଗର ପ୍ରଧାନ, ସଚ୍ଚିଦାନନ୍ଦ ନାୟକ, ହେମନ୍ତ ପଟେଲ, ସଞ୍ଜୟ ସିଂହ, ସୁରେନ୍ଦ୍ର ସାହୁ, ବିଜୟ ଦାସ, ପ୍ରଶାନ୍ତ ତ୍ରିପାଠୀ, ରାଧାକାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ବୀରେନ୍ଦ୍ର ସାହୁ, ଟଙ୍କଧର ପ୍ରଧାନ, ହିମାଂଶୁ ପ୍ରଧାନ, ଭୋଳାନାଥ ମୁଣ୍ଡା ପ୍ରମୁଖ ରହିଛନ୍ତି। ହୀରାକୁଦ ଜଳଭଣ୍ଡାରରୁ ଲଖନପୁର ତହସିଲକୁ ସମ୍ପୂର୍ଣ୍ଣ ଜଳସେଚନ କରାଯାଉ, କୋଇଲି ଘୁଘୋରରେ ଜଳସେଚନ ପ୍ରକଳ୍ପ, ଜିଲାରେ ଥିବା ନଦୀଗୁଡ଼ିକ ମଧ୍ୟରୁ ଇବ୍, ବସୁନ୍ଧରା, ତେଲେନ୍ ଓ ଭେଡେନ୍ ଆଦି ନଦୀରେ ବ୍ୟାରେଜ୍ ନିର୍ମାଣ, କୃଷିରଣ ସମ୍ପୂର୍ଣ୍ଣ ଛାଡ଼, ସ୍ୱାମୀନାଥନ୍ କମିଶନ ସୁପାରିସ ଲାଗୁ କରିବା ଇତ୍ୟାଦି ୧୧ଦଫା ଦାବି ନେଇ କୃଷକ ସଙ୍ଗଠନ ପକ୍ଷରୁ ଏହି ଚାଷୀ ସମାବେଶ କରାଯାଉଥିବା ସୂଚନା ମିଳିଛି।

### ବି.ଆର୍. ହାଇସ୍କୁଲର ଦୌଡ଼କୁଦ ପ୍ରତିଯୋଗିତା

**ବେଲପାହାଡ଼,୬।୧(ଡି.ଏନ୍.ଏ.)**–ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବି.ଆର୍ ହାଇସ୍କୁଲର ୫୦ତମ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୪୮୬ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୦ ବର୍ଷରୁ କମ୍ ବାଳିକା, ବାଳକ ବିଭାଗରେ ଯଥାକ୍ରମେ ଦୀପ୍ତିମୟୀ କିଷାନ, କିଷାନ ଲୋହାର, ୧୨ ବର୍ଷରୁ କମ୍ ବିଭାଗରେ ଶ୍ରଦ୍ଧାଞ୍ଜଳି ମହାରଣା ଓ ଅସୀମ ବେହେରା, ୧୪ ବର୍ଷରୁ କମ ବିଭାଗରେ ପ୍ରତିଭା ସାହୁ ଓ ଅଲତାଫ ରାଜା ଏବଂ ୧୬ ବର୍ଷରୁ କମ ବିଭାଗରେ ବୈଷ୍ଣବୀ ହାତୀ ଓ ଗୋବିନ୍ଦ ଦୁବେ ବ୍ୟକ୍ତିଗତ ଭାବେ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜର ଉପସଭାପତି ଏସ୍.କେ. ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ସମ୍ପାଦକ ସୁଶାନ୍ତ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଓ ପରାମର୍ଶଦାତା ରଞ୍ଜନ କୁମାର ଦାଶ ଉପସ୍ଥିତ ଥିଲେ।





ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ମାର୍ଚ୍ଚପାଷ୍ଟ କରୁଛନ୍ତି।

### ଜିଲା ପନ୍ଦରା ସମାଜର ବାର୍ଷିକ ଉତ୍ସବ

**ବ୍ରଜରାଜନଗର,୬।୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ପନ୍ଦରା ସମାଜର ବାର୍ଷିକ ଉତ୍ସବ ସ୍ଥାନୀୟ କାଳୀମନ୍ଦିରରେ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର ଜିଲା ସଭାପତି କୈଳାସ ଚନ୍ଦ୍ର ବେହେରା ମୁଖ୍ୟଅତିଥି, ଅନନ୍ତ ବେହେରା, ସନ୍ତୋଷ ଗଡ଼ତିଆ, ରୂପ ଗଡ଼ତିଆ, ଶଶିଦେବ ବେହେରା, ଉପନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ଉନ୍ନତି, ସଂଘବଦ୍ଧତା ତଥା ଯୁବଗୋଷ୍ଠୀଙ୍କୁ ଆକର୍ଷିତ କରି ସମାଜର ବିକାଶ କ୍ଷେତ୍ରରେ ନିୟୋଜିତ କରିବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୁଇଜ ଏବଂ କ୍ରୀଡ଼ା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଝାରସୁଗୁଡ଼ା ଜିଲା ସଭାପତି ରଙ୍କମଣି ଗଡ଼ତିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଗ୍ରାମ ବିକାଶର ୪୦ତମ ପ୍ରତିଷ୍ଠା ଦିବସ

**ଝାରସୁଗୁଡ଼ା ଅଫିସ,୬।୧**

ଝାରସୁଗୁଡ଼ା କେଡିଆ କଲ୍ୟାଣମଣ୍ଡପ ପ୍ରାଙ୍ଗଣରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ବିକାଶର ୪୦ତମ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଛି। ଗ୍ରାମ ବିକାଶ ସଂସ୍ଥାନ ଅଧ୍ୟକ୍ଷ ଜୋଏ ମେଥିଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଅନୁପ କୁମାର ସାଏ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟନାରାୟଣ ଦାଶ, ସେୱାର ସମ୍ପାଦକ ସୁଶିଲ ଦାଶ, ଓପିଜିସିର ମନୋଜ ଦାଶ, ଏମ୍‌ସିଏଲ୍‌ର ବି. ସାଇରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ଗ୍ରାମ ବିକାଶର କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ। ପିଆର୍‌ଆଇ ସଦସ୍ୟ ଅକ୍ଷୟ ସାହୁ, ଗ୍ରାମ ବିକାଶର ବରିଷ୍ଠ ପ୍ରବନ୍ଧକ ଗଙ୍ଗାଧର ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲିବି ଟି ଜନ୍‌ସନ୍, କ୍ଲଷ୍ଟର ମ୍ୟାନେଜର ସୁଦର୍ଶନ ଜେନା ପ୍ରମୁଖ ସଭା ପରିଚାଳନା କରିଥିଲେ। ଭିକମପାଲି ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ, ସୁରଙ୍ଗ ପ୍ରଧାନ ଦଳଗତ ସଙ୍ଗୀତ ଏବଂ ଉତ୍କଳ ରଙ୍ଗମଞ୍ଚର କଳାକାର ଗ୍ରାମ ବିକାଶର ସଫଳତା ଉପସ୍ଥାପନ କରିଥିଲେ। ସୁଦର୍ଶନ ପ୍ରଧାନ ଓ ଦୀନବନ୍ଧୁ ସ୍ୱାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଗ୍ରାମ ବିକାଶର ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।